SEPTEMBER 26, 2026
SATURDAY, BHUBANESWAR

ସେପ୍ଟେମ୍ବର ୨୬, ୨୦୨୬
ଶନିବାର, ଭୁବନେଶ୍ୱର

ବିଜ୍ଞାପନ ଓ ପ୍ରସାର ପାଇଁ ଯୋଗାଯୋଗ କରନ୍ତୁ
9937085463
akhyara.advertisement@gmail.com

# ଅକ୍ଷର
AKHYARA ODISHA ଓଡ଼ିଶା

epaper.akhyaraodisha.in
www.akhyaraodisha.in
DIGITAL MEDIA PARTNER
AKHYARA LIVE
akhyaraodisha@gmail.com

VOLUME - 2 ● ISSUE- 24 ବର୍ଷ- ୨ ● ସଂଖ୍ୟା- ୨୪ RNI REGD NO. ORIORI/25/A2226 ● DAILY EDITION ପୃଷ୍ଠା-୧୨ ● ମୂଲ୍ୟ- ୭/- PAGES - 12 ● PRICE- 7/-

## ଭୁବନେଶ୍ୱର ନୂଆ ଡିସିପି ଭାବେ ଦାୟିତ୍ୱ ନେଲେ ସର୍ବଣା ବିବେକ



ଭୁବନେଶ୍ୱର, ୨୫/୦୯ : ଭୁବନେଶ୍ୱରର ନୂଆ ଡିସିପି ଭାବେ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି ୨୦୧୫ ବ୍ୟାଚ୍‌ର ଆଇପିଏସ୍ ଅଧିକାରୀ ଡ. ସର୍ବଣା ବିବେକ ଏମ୍। ଏହା ପୂର୍ବରୁ ସେ ବ୍ରହ୍ମପୁର ଏସ୍ପି ଭାବେ କାର୍ଯ୍ୟରତ ଥିଲେ। କିଛି ଦିନ ତଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଆଇପିଏସ୍ ସ୍ତରରେ ଅଦଳବଦଳ କରାଯାଇଥିଲା। ଏଥିରେ ଡ. ସର୍ବଣା ବିବେକ ଏମ୍‌ଙ୍କୁ ଭୁବନେଶ୍ୱର ଡିସିପି ଭାବେ ବଦଳି କରାଯାଇଥିଲା। ପୂର୍ବତନ ଡିସିପି ଜଗମୋହନ ମୀନା ଚାକିରି ଛାଡ଼ିବା ପରେ ଏହି ପଦବୀ ଖାଲି ରହିଥିଲା। ନୂଆ ଦାୟିତ୍ୱ ଗ୍ରହଣ ପରେ ଡିସିପି କହିଛନ୍ତି ଯେ, ସମସ୍ତଙ୍କୁ ନେଇ ଏକ ଟିମ୍ ଭାବେ କାମ କରିବାକୁ ପଡ଼ିବ। ବର୍ତ୍ତମାନ ସାଇବର ଅପରାଧ ଏକ ବଡ଼ ଆହ୍ୱାନ ହୋଇଥିବାରୁ ଏହାର ମୁକାବିଲା ପାଇଁ ପୁଲିସ ବ୍ୟବସ୍ଥାକୁ ଆହୁରି ସଶକ୍ତ କରିବା ଆବଶ୍ୟକ ବୋଲି ସେ କହିଛନ୍ତି। ସାଇବର ଠକେଇ ଯୋଗୁଁ ଲୋକମାନେ ବହୁ ଅର୍ଥ ହରାଉଥିବାରୁ ଏ ଦିଗରେ ରୋକଥାମ ଓ ସଚେତନତାକୁ ଗୁରୁତ୍ୱ ଦିଆଯିବ ବୋଲି ସେ ସୂଚାଇଛନ୍ତି। ଏହାପୂର୍ବରୁ ଡ. ସର୍ବଣା ବିବେକ ବ୍ରହ୍ମପୁର ଏସ୍ପି ଭାବେ କାର୍ଯ୍ୟ କରୁଥିଲେ। ☞ପୃଷ୍ଠା-୨

## ସମବାୟ ସଦସ୍ୟତା ମହାଅଭିଯାନ 'ସମ୍ବନ୍ଧ'ର ଶୁଭାରମ୍ଭ

# 'ସମ୍ବନ୍ଧ' ଜରିଆରେ ଗ୍ରାମାଞ୍ଚଳରେ ଆସିବ ଆର୍ଥିକ ସମୃଦ୍ଧି

### ସମବାୟ ସଂସ୍ଥା ରାଜନୈତିକ ମଞ୍ଚ ନୁହେଁ ଅନ୍ନଦାତାଙ୍କ ଜୀବନରେଖା- ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର ୨୫/୦୯ : ଭୁବନେଶ୍ୱରସ୍ଥ ଓୟୁଏଟି କୃଷି ଶିକ୍ଷା ସଦନରେ ରାଜ୍ୟର କୃଷି ଓ ଗ୍ରାମୀଣ ଅର୍ଥନୀତି ପାଇଁ ଏକ ଐତିହାସିକ ଦିନ ଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାରେ ସମବାୟ ଆନ୍ଦୋଳନକୁ ଏକ ନୂତନ ଦିଗଦର୍ଶନ ଦେବା ଅଭିଳାଷରେ ପାକ୍ସ (PACS) ଓ ଲାମ୍ପ୍ସ (LAMPCS) ର ମେଗା ମେମ୍ବରସିପ୍ ଡ୍ରାଇଭ୍ 'ସମ୍ବନ୍ଧ' ର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ସ୍ୱଷ୍ଟ ବାର୍ତ୍ତା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସମବାୟ ସଂସ୍ଥା କୌଣସି ରାଜନୈତିକ ମଞ୍ଚ ନୁହେଁ, ବରଂ ଏହା ହେଉଛି ଆମର ଅନ୍ନଦାତା ଚାଷୀ ଭାଇଭଉଣୀଙ୍କ ଜୀବନରେଖା।ସେ ପୁଣି କହିଥିଲେ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ 'ସହକାର୍ ସେ ସମୃଦ୍ଧି' ଆହ୍ୱାନ ଏବଂ କେନ୍ଦ୍ର ସମବାୟ ମନ୍ତ୍ରୀ ଅମିତ ଶାହାଙ୍କ ମାର୍ଗଦର୍ଶନକୁ ପାଥେୟ କରି ଓଡ଼ିଶା ଆଜି ଭାରତର ପ୍ରଥମ ରାଜ୍ୟ ଭାବେ ନିଜର 'ସମବାୟ ନୀତି ୨୦୨୬' ପ୍ରଣୟନ କରିଛି। ଏହି ନୂତନ ନୀତି ଅଧୀନରେ PACS ଓ LAMPCS ଗୁଡ଼ିକୁ କେବଳ ଋଣ ପ୍ରଦାନ ମଧ୍ୟରେ ସୀମିତ ନରଖି ଗ୍ରାମାଞ୍ଚଳର 'ମଲ୍ଟି-ସର୍ଭିସ୍ ୱାନ୍-ଷ୍ଟପ୍ ସଲ୍ୟୁସନ୍' ସେଣ୍ଟରରେ ପରିଣତ କରାଯାଉଛି। ଚାଷୀମାନଙ୍କୁ ଧାନ କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କା MSP ପ୍ରଦାନ କରାଯାଉଥିବା ବେଳେ ଗୋଟିଏ ଛାତ ତଳେ ସାର, ବିହନ, ଆଧୁନିକ କୃଷି ଯନ୍ତ୍ରପାତି, ବ୍ୟାଙ୍କିଙ୍ଗ୍, ଫସଲ ବୀମା ଓ ଦୁଗ୍ଧ ସଂଗ୍ରହ ସୁବିଧା ଯୋଗାଇ ଦିଆଯାଉଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୧୮୫ଟି ରୂପାନ୍ତରିତ ମଣ୍ଡି, ୫୦ଟି କଷ୍ଟମ୍ ହାୟାରିଂ ସେଣ୍ଟର, ୨୫୦ଟି ଜନସେବା କେନ୍ଦ୍ର (CSC), ୬୦ଟି ନୂତନ Consumer Store, ୭୦ଟି ପ୍ୟାକ୍ସର ନୂତନ କାର୍ଯ୍ୟାଳୟ ଓ ଗୋଦାମ ଘର, ୨୧ଟି ପ୍ୟାକ୍ସରେ ଦୁଗ୍ଧ ସଂଗ୍ରହ କେନ୍ଦ୍ର ଉଦ୍‌ଘାଟନ କରିବା ସହିତ ୪ଟି ଆଦର୍ଶ ମଣ୍ଡି ଏବଂ ବିଶ୍ୱର ସର୍ବବୃହତ୍ ଶସ୍ୟ ସଂରକ୍ଷଣ ଯୋଜନାରେ ୩ଟି ଶସ୍ୟ ଗୋଦାମଘରର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସମବାୟ ସମିତିଗୁଡ଼ିକର କାର୍ଯ୍ୟଶୈଳୀକୁ ଅଧିକ ସ୍ୱଚ୍ଛ ଓ ଦକ୍ଷ କରିବା ପାଇଁ National PACS Softwarର ମାଧ୍ୟମରେ କୋର୍ ବ୍ୟାଙ୍କିଙ୍ଗ୍ ଓ ରିଅଲ-ଟାଇମ ସେଟେଲମେଣ୍ଟ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଏହିକ୍ରମରେ ୩୦୦ଟି ପ୍ୟାକ୍ସରେ NLPS ମାଧ୍ୟମରେ ଅନ୍‌ଲାଇନ୍ ବ୍ୟବସ୍ଥାର ଶୁଭାରମ୍ଭ କରିଥିଲେ।

ଏହି ଅବସରରେ ପ୍ରଥମ ଥର ପାଇଁ ପ୍ୟାକ୍ସ ଓ ଲ୍ୟାମ୍ପ୍ସର ଚାଷୀ-ସଦସ୍ୟମାନଙ୍କୁ ଲାଭାଂଶ ବଣ୍ଟନ ପ୍ରକ୍ରିୟା ଆରମ୍ଭ କରାଯାଇଛି । ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଲାଭାଂଶ ବଣ୍ଟନ ପ୍ରକ୍ରିୟା ଆରମ୍ଭ ହୋଇଛି । ମୁଖ୍ୟମନ୍ତ୍ରୀ ୩୨୨ଟି ପ୍ୟାକ୍ସ ଓ ଲ୍ୟାମ୍ପ୍ସର ଚାଷୀମାନଙ୍କୁ ଲାଭାଂଶ ପ୍ରଦାନ କରିଛନ୍ତି। ଏହି ପ୍ରକ୍ରିୟାରେ ୨୦୨୪-୨୫ ଆର୍ଥିକ ବର୍ଷରେ ସମୁଦାୟ ୫୦୦ରୁ ଅଧିକ ସମିତିର ପ୍ରାୟ ୮ ଲକ୍ଷ ଚାଷୀ ଲାଭାନ୍ୱିତ ହେବେ। ରାଜ୍ୟର ଆଖୁ ଚାଷୀଙ୍କ ଆୟ ବୃଦ୍ଧି ଓ ସମବାୟ ଚିନି ଶିଳ୍ପର ପୁନରୁଦ୍ଧାର ପାଇଁ ମୁଖ୍ୟମନ୍ତ୍ରୀ 'ସମବାୟ ଚିନି ଶିଳ୍ପ ଅଞ୍ଚଳରେ ଆଖୁ ☞ପୃଷ୍ଠା-୨

- ❖ ରାଜ୍ୟ ପଣ୍ୟାଗାର ନିଗମ ଓ ସମବାୟ ବିଭାଗରେ ୬୬ ଜଣଙ୍କୁ ନିଯୁକ୍ତି ପ୍ରଦାନ
- ❖ ୨୦୨୪-୨୫ ଆର୍ଥିକ ବର୍ଷରେ ୮ ଲକ୍ଷରୁ ଅଧିକ ଚାଷୀ ଉପକୃତ ହେବେ
- ❖ ଆଖୁ ଚାଷ ପ୍ରୋତ୍ସାହନ ଯୋଜନାର ଶୁଭାରମ୍ଭ
- ❖ ବଡ଼ମ୍ବା ଓ ଆସିକା ଆଖୁ ଚାଷୀଙ୍କ ପାଇଁ ଏକର ପ୍ରତି ୧୫,୦୦୦ ଟଙ୍କାର ଇନ୍‌ପୁଟ୍ ସବ୍‌ସିଡି

## ଡ୍ରୋନ୍‌ରୁ ଏଆଇ, ବଦଳୁଛି ଯୁଦ୍ଧର ରଣକୌଶଳ : ସିଡିଏସ



### ପ୍ରଯୁକ୍ତି ଏବଂ ଏଆଇ ହିଁ ଆଗାମୀ ଦିନର ସୁରକ୍ଷା କବଚ

ନୂଆଦିଲ୍ଲୀ, ୨୫/୯ : ନୂଆଦିଲ୍ଲୀରେ 'ଡିଫକନ୍' କାର୍ଯ୍ୟକ୍ରମରେ ସିଡିଏସ ଜେନେରାଲ୍ ଏନ୍. ଏସ୍. ରାଜା ସୁବ୍ରମଣି କହିଛନ୍ତି ଯେ ଡ୍ରୋନ୍ ଏବଂ ଏଆଇ ପ୍ରୟୋଗ ଯୋଗୁଁ ଯୁଦ୍ଧର ଚରିତ୍ର ସମ୍ପୂର୍ଣ୍ଣ ବଦଳି ଯାଇଛି ଏବଂ ଆଜିର ଯୁଦ୍ଧକ୍ଷେତ୍ରରେ 'କୌଣସି ସ୍ଥାନ ସୁରକ୍ଷିତ ନୁହେଁ' ।ନୂଆଦିଲ୍ଲୀରେ ଆୟୋଜିତ 'ଡିଫକନ୍' କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି ଯେ ଯୁଦ୍ଧର ଚରିତ୍ର ଦ୍ରୁତ ଗତିରେ ବଦଳୁଛି। ତେଣୁ ଭାରତ ଏକ ସମୟରେ କେବଳ ଗୋଟିଏ ପ୍ରକାର ଯୁଦ୍ଧ ପାଇଁ ପ୍ରସ୍ତୁତି କରିପାରିବ ନାହିଁ। ଦ୍ରୁତ ଶିଖିବା ଓ ☞ପୃଷ୍ଠା-୨

## କାଣ୍ଡଲା ଓ ମୁନ୍ଦ୍ରାଙ୍କ ସହ ସମକକ୍ଷ ହେଲା ପାରାଦୀପ ବନ୍ଦର



### କେନ୍ଦ୍ର ସରକାରଙ୍କ ଦ୍ୱାରା 'ମେଗା ପୋର୍ଟ' ମାନ୍ୟତା ପ୍ରଦାନ

ନୂଆଦିଲ୍ଲୀ, ୨୫।୯: କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟ ପକ୍ଷରୁ ଓଡ଼ିଶାର ପ୍ରସିଦ୍ଧ ପାରାଦୀପ ବନ୍ଦର ସମେତ ଦେଶର ୪ଟି ପ୍ରମୁଖ ବନ୍ଦରକୁ 'ମେଗା ପୋର୍ଟ' ଭାବେ ଘୋଷଣା କରାଯାଇଛି। ବିଜ୍ଞପ୍ତି ଅନୁଯାୟୀ, ଦୀନଦୟାଲ ବନ୍ଦର (କାଣ୍ଡଲା), ଜବାହରଲାଲ ନେହରୁ ବନ୍ଦର, ପାରାଦୀପ ବନ୍ଦର ଏବଂ ପ୍ରମୁଖ ବନ୍ଦର ବର୍ଗର ବାହାରେ ଥିବା ମୁନ୍ଦ୍ରା ବନ୍ଦର ମେଗା ବନ୍ଦର ଭାବେ ବର୍ଗୀକୃତ ହୋଇଛି। ଭାରତୀୟ ☞ପୃଷ୍ଠା-୨

## ଖଣି ଓ ଧାତୁ କ୍ଷେତ୍ରରେ ଆସୁଛି ସର୍ଣ୍ଣିମ ଯୁଗ

# ୨.୪୭ ଲକ୍ଷ କୋଟିର ପୁଞ୍ଜିନିବେଶ




ଭୁବନେଶ୍ୱର, ୨୫/୯ : ଭୁବନେଶ୍ୱରରେ 'ସିଆଇଆଇ ଓଡ଼ିଶା ମେଟାଲ୍ସ ଆଣ୍ଡ ମାଇନିଂ କନକ୍ଲେଭ୍-୨୦୨୬' ଅନୁଷ୍ଠିତ ହୋଇଛି, ଯାହାର ମୁଖ୍ୟ ବିଷୟବସ୍ତୁ 'ମେଟାଲ୍ସ ଆଣ୍ଡ ମାଇନିଂ: ବିକଶିତ ଓଡ଼ିଶାର ମୂଳଦୁଆ' ରହିଛି। 'ମେଟାଲ୍ସ ଆଣ୍ଡ ମାଇନିଂ: ବିକଶିତ ଓଡ଼ିଶାର ମୂଳଦୁଆ' ବିଷୟବସ୍ତୁକୁ ନେଇ ଆୟୋଜିତ ଏହି ଦୁଇଦିନିଆ ସମ୍ମିଳନୀରେ ନୀତି ନିର୍ଦ୍ଧାରକ, ଶିଳ୍ପପତି, ପ୍ରଯୁକ୍ତିବିଦ୍ ଓ ବିଶେଷଜ୍ଞମାନେ ଯୋଗଦେଇଛନ୍ତି। ସମ୍ମିଳନୀରେ ମୂଲ୍ୟ ବୃଦ୍ଧି, ଉନ୍ନତ ଉତ୍ପାଦନ, ସବୁଜ ଓ ସ୍ଥାୟୀ ଖନନ, ଡିଜିଟାଲ୍ ପ୍ରଯୁକ୍ତି, ପରିବେଶ ସୁରକ୍ଷା, ପୁନଃଚକ୍ରଣ, ଲଜିଷ୍ଟିକ୍ସ, ନୂତନ ଉଦ୍ଭାବନ, ଷ୍ଟାର୍ଟଅପ୍, ଗୁରୁତ୍ୱପୂର୍ଣ୍ଣ ଖଣିଜ ଓ ଦକ୍ଷତା ବିକାଶ ଭଳି ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି। ଉଦ୍‌ଘାଟନୀ ଅଧିବେଶନରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ଯେ, ଓଡ଼ିଶାରୁ ଉତ୍ତୋଳନ ହେଉଥିବା ଖଣିଜ ସମ୍ପଦର ଅଧିକରୁ ଅଧିକ ମୂଲ୍ୟଯୁକ୍ତ ସାମଗ୍ରୀ ରାଜ୍ୟ ମଧ୍ୟରେ ପ୍ରସ୍ତୁତ କରାଯିବା ଆବଶ୍ୟକ। ତାଙ୍କ ସୂଚନା ଅନୁସାରେ, ୧୫ଟି ଜିଲ୍ଲାରେ ପ୍ରାୟ ୨.୪୭ ଲକ୍ଷ କୋଟି ଟଙ୍କାର ୨୭ଟି ପ୍ରକଳ୍ପକୁ ମଞ୍ଜୁରି ମିଳିଛି। ଏହି ପ୍ରକଳ୍ପଗୁଡ଼ିକ ଦ୍ୱାରା ୫୦ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏଥିରେ ସୁନ୍ଦରଗଡ଼ରେ ୧୪ ହଜାର କୋଟି ଟଙ୍କାର ଇସ୍ପାତ ପ୍ରକଳ୍ପ ସହ ଆଲୁମିନିୟମ୍ କ୍ଷେତ୍ରରେ ବଡ଼ ନିବେଶ ରହିଥିବା ସେ କହିଥିଲେ। ଗୃହ, ସୂଚନା ଓ ଲୋକସମ୍ପର୍କ ଏବଂ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା କହିଥିଲେ ଯେ, ଓଡ଼ିଶା ☞ପୃଷ୍ଠା-୨

- ▲ ଦକ୍ଷିଣ ଏସିଆର ପ୍ରମୁଖ ଧାତୁ କେନ୍ଦ୍ର ହେବ ଓଡ଼ିଶା
- ▲ ୫୦ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି
- ▲ ଖଣି ଓ ଧାତୁ ଶିଳ୍ପର ଭବିଷ୍ୟତ ରୂପରେଖ ନେଇ ଚର୍ଚ୍ଚା

## ଦୁଇ ବରିଷ୍ଠ ଅଧିକାରୀ ନିଲମ୍ବିତ

ଭୁବନେଶ୍ୱର, ୨୫।୯: ଦୁଇଟି ପୃଥକ ଘଟଣାରେ ଗିରଫ ହୋଇ ଜେଲ୍‌ରେ ଥିବା ଦୁଇ ବରିଷ୍ଠ ସରକାରୀ ଅଧିକାରୀଙ୍କୁ ରାଜ୍ୟ ସରକାର ନିଲମ୍ବନ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ନିଲମ୍ବନ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ନିଲମ୍ବିତ ଅଧିକାରୀଙ୍କ ମଧ୍ୟରେ ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ସଚିବ ଅରୁଣ କୁମାର ବିଶ୍ୱାଳ ଏବଂ କଟକ ସର୍କଲ ଜେଲ୍‌ର ବରିଷ୍ଠ ଅଧୀକ୍ଷକ ସୁଜିତ କୁମାର ରାଉଳ ରହିଛନ୍ତି। ଉଭୟ ଅଲଗା ଘଟଣାରେ ଗିରଫ ହୋଇ ବର୍ତ୍ତମାନ ଜେଲ୍ କଷ୍ଟୋଡିରେ ଥିବା ସରକାରୀ ବିବୃତିରେ କୁହାଯାଇଛି। ସରକାରୀ ନିୟମ ଅନୁଯାୟୀ, ଜଣେ ସରକାରୀ କର୍ମଚାରୀ ୪୮ ଘଣ୍ଟାରୁ ଅଧିକ ସମୟ ଗିରଫ ହୋଇ ଜେଲ୍‌ରେ ରହିଲେ ତାଙ୍କୁ ନିଲମ୍ବନ କରାଯିବାର ବ୍ୟବସ୍ଥା ରହିଛି। ଏହି ନିୟମ ଅନୁସାରେ ଉଭୟ ଅଧିକାରୀଙ୍କୁ ନିଲମ୍ବନ କରାଯାଇଥିବା ସରକାରଙ୍କ ପକ୍ଷରୁ ସ୍ୱଷ୍ଟ କରାଯାଇଛି।

## ଶ୍ରୀଜଗନ୍ନାଥ ଜମି ବନ୍ଦୋବସ୍ତ ପାଇଁ ଇ-ପୋର୍ଟାଲ



ଭୁବନେଶ୍ୱର, ୨୫/୯ : ଶ୍ରୀଜଗନ୍ନାଥଙ୍କ ଜମି ବନ୍ଦୋବସ୍ତ ପ୍ରକ୍ରିୟାକୁ ଅଧିକ ଶୃଙ୍ଖଳିତ, ସରଳ ଓ ସ୍ୱଚ୍ଛ କରିବା ପାଇଁ ଇ-ପୋର୍ଟାଲ ବିକଶିତ କରାଯିବ। ଏନେଇ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ଆଇନ ବିଭାଗ ସମ୍ମିଳନୀ କକ୍ଷରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ହୋଇଛି। ଶ୍ରୀଜଗନ୍ନାଥଙ୍କ ଜମିରେ ଦୀର୍ଘଦିନ ଧରି ବସବାସ କରୁଥିବା ସେବାୟତ ଓ ଅଣସେବାୟତଙ୍କୁ ଜମି ଅଧିକାର ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ପ୍ରସ୍ତାବିତ ଇ-ପୋର୍ଟାଲରେ ଶ୍ରୀଜଗନ୍ନାଥଙ୍କ ଜମି ଭୋଗଦଖଲରେ ଥିବା ସେବାୟତ ଓ ଅଣସେବାୟତମାନେ ସେମାନଙ୍କର ଆବଶ୍ୟକ ତଥ୍ୟ ସହଜରେ ପ୍ରଦାନ କରିପାରିବେ। ଏହି ପୋର୍ଟାଲ ମାଧ୍ୟମରେ ଜମି ଭୋଗଦଖଲରେ ଥିବା ବ୍ୟକ୍ତିମାନଙ୍କ ସମ୍ପର୍କିତ ତଥ୍ୟର ଏକ ସମ୍ପୂର୍ଣ୍ଣ ଡାଟାବେସ୍ ପ୍ରସ୍ତୁତ ହେବ। ଫଳରେ ଜମି ବନ୍ଦୋବସ୍ତ ପ୍ରକ୍ରିୟା ଅଧିକ ସୁବ୍ୟବସ୍ଥିତ ଓ ସ୍ୱଚ୍ଛ ହେବା ସହ ଆବେଦନ ଓ ତଥ୍ୟ ପ୍ରଦାନ ପ୍ରକ୍ରିୟା ☞ପୃଷ୍ଠା-୨

### ୧୨ ଘଣ୍ଟା ପରେ ଦୁର୍ବଳ ହେବ ଅବପାତ

## ଆହୁରି ୨ ଦିନ ଜାରି ରହିବ ବର୍ଷା ଓ ପବନ

ଭୁବନେଶ୍ୱର, ୨୫।୮ :ବର୍ତ୍ତମାନ ଅବପାତଟି ଦକ୍ଷିଣ ଓଡ଼ିଶା ଓ ସଂଲଗ୍ନ ଦକ୍ଷିଣ ଛତିଶଗଡ଼ ଉପରେ ସକ୍ରିୟ ରହିଛି। ଆଗାମୀ ୧୨ ଘଣ୍ଟା ମଧ୍ୟରେ ଏହା କ୍ରମଶଃ ଦୁର୍ବଳ ହୋଇ ଲଘୁଚାପରେ ପରିଣତ ହେବ ବୋଲି ପାଣିପାଗ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱର ପକ୍ଷରୁ ସୂଚନା ଦିଆଯାଇଛି। ଏହା ପ୍ରଭାବରେ ଆହୁରି ୨ ଦିନ ପ୍ରବଳ ବର୍ଷା ସହ ପବନର ସମ୍ଭାବନା ଥିବା ଜଣାଯାଇଛି। ଆସନ୍ତା ୨୪ ଘଣ୍ଟାରେ କେନ୍ଦୁଝର , ସୁନ୍ଦରଗଡ, ମୟୁରଭଞ୍ଜ, ଝାରସୁଗୁଡା, ସମ୍ବଲପୁର, ବରଗଡ଼, ନୂଆପଡା ଓ ନବରଙ୍ଗପୁର ଏହି ୮ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ୫୦ ରୁ ୬୦ କିମି ପବନ ବହିବାର ସମ୍ଭାବନା ରହିଥିବାରୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ☞ପୃଷ୍ଠା-୨

- ◆ ରାଜ୍ୟରେ ମୌସୁମୀ ସ୍ୱାଭାବିକଠାରୁ ୨୯% ଅଧିକ
- ◆ ମତ୍ସ୍ୟଜୀବୀଙ୍କୁ ସମୁଦ୍ରକୁ ଯିବାକୁ ବାରଣ





## ବ୍ୟଙ୍ଗ ବିଚାର

### ଡ.ଗିରୀଶ ରଂଜନ

ସରକାରଙ୍କୁ ଏବେ ମାଡ଼ି ବସିଲାଣି
ସେପ୍ଟେମ୍ବର ବାତ୍ୟା ଭୟ
ମନ୍ତ୍ରୀ କହିଲେଣି ମୁକାବିଲା ହେଲା
ଧର୍ଯ୍ୟ ରଖି ଧର ଥୟ
ଅଫିସର କରେ ଲୟ
କେମିତି ଲୁଟିବା ରିଲିଫ୍ ଟଙ୍କାକୁ
ଜୟ ବାତ୍ୟା ଜୟ ଜୟ

# ଓଡ଼ିଶାର ସବୁଠାରୁ ବଡ଼ 'ଅଟଳ ଏକ୍ସପ୍ରେସୱେ'

- ❖ ୧୫,୦୦୦ କୋଟି ବ୍ୟୟରେ ମୋଟୁରୁ ତିରିଂ
- ❖ ଦକ୍ଷିଣରୁ ଉତ୍ତର ସଂଯୋଗ ୬ ଥାକିଆ ରାସ୍ତା
- ❖ ୨୪ ଘଣ୍ଟାର ଯାତ୍ରା ଏବେ ମାତ୍ର ୧୦-୧୨ ଘଣ୍ଟାରେ
- ❖ ଯୋଗାଯୋଗ ମାନଚିତ୍ର ବଦଳାଇବ ୯୬୯ କିମିର 'ଅଟଳ ଏକ୍ସପ୍ରେସୱେ'



ଭୁବନେଶ୍ୱର, ୨୫/୦୯ : ଓଡ଼ିଶାର ଦକ୍ଷିଣପ୍ରାନ୍ତରେ ଥିବା ମାଲକାନଗିରି ଜିଲ୍ଲାର ମୋଟୁରୁ ଉତ୍ତରରେ ଥିବା ମୟୂରଭଞ୍ଜ ଜିଲ୍ଲାର ତିରିଂ ଯାଏଁ ଦୀର୍ଘ ୯୬୯ କିମି ରାସ୍ତା ଛଅ ଥାକିଆ ରାସ୍ତାରେ ପରିଣତ ହେବ । ରାଜ୍ୟ ସରକାରଙ୍କ ନିଜସ୍ୱ ପାଣ୍ଠିରେ ୧୫ହଜାର କୋଟି ଟଙ୍କାର ବ୍ୟୟ ବରାଦରେ ହେବାକୁ ଥିବା ଏହି ପ୍ରକଳ୍ପର ନାମ ଅଟଳ ଏକ୍ସପ୍ରେସୱେ ରଖା ଯାଇଛି । ସୂଚନା ମୁତାବକ ଏହି ଏକ୍ସପ୍ରେସୱେ ଓଡ଼ିଶାର ୯ଟି ଜିଲ୍ଲା ଦେଇ ଯିବ। ଦକ୍ଷିଣରୁ ଉତ୍ତରକୁ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ବଲାଙ୍ଗିର, ବରଗଡ଼, ସମ୍ବଲପୁର, କେନ୍ଦୁଝର ଦେଇ ମୟୂରଭଞ୍ଜର ତିରିଂରେ ଏହି ପ୍ରକଳ୍ପ ଶେଷ ହେବ । ଫଳରେ ମୟୂରଭଞ୍ଜବାସୀ ସଡ଼କ ପଥରେ ସିଧା ଦକ୍ଷିଣ ଓଡ଼ିଶା ସହ ଯୋଡି ହୋଇପାରିବେ । ବର୍ତ୍ତମାନ ବାରିପଦାରୁ ମାଲକାନଗିରି ଯିବାକୁ ସମୟ ପାଖା ପାଖି ଚବିଶ ଘଣ୍ଟା ଲାଗୁଥିବା ବେଳେ ଏହି ଏକ୍ସପ୍ରେସୱେ ହେଲେ ତାହା ୧୦ ରୁ ୧୨ ଘଣ୍ଟାକୁ କମିଯିବ । ମୟୂରଭଞ୍ଜ ପାଇଁ ଏହା ଅର୍ଥନୈତିକ ମେରୁଦଣ୍ଡ ସାଜିବ । ଜିଲ୍ଲାର କୃଷି, ଖଣି ଏବଂ ବନ୍ୟଜାତ ଦ୍ରବ୍ୟ ଦକ୍ଷିଣ ଓଡ଼ିଶା ବଜାରକୁ ଶୀଘ୍ର ଯାଇପାରିବ। ଏଥିସହ ଶିମିଳିପାଳରୁ ଆରମ୍ଭ କରି ମାଲକାନଗିରି ପର୍ଯ୍ୟନ୍ତ ପର୍ଯ୍ୟଟନ ସର୍କିଟ ମଧ୍ୟ ଯୋଡି ହେବ । ସୂଚନା ମୁତାବକ ଓଡ଼ିଶାର ଦକ୍ଷିଣରୁ ଉତ୍ତର ପର୍ଯ୍ୟନ୍ତ ଯୋଗାଯୋଗ କ୍ଷେତ୍ରରେ ନୂଆ ଅଧ୍ୟାୟ ସୃଷ୍ଟି କରିବାକୁ ସବୁଠାରୁ ବଡ ସଡ଼କ ପ୍ରକଳ୍ପ ଅଟଳ ଏକ୍ସପ୍ରେସୱେ ଘୋଷଣା ପରେ ବାସ୍ତବ କାମ ଆଡକୁ ଗତି କରୁଛି । ମାଲକାନଗିରି ଜିଲ୍ଲାର ମୋଟୁରୁ ମୟୂରଭଞ୍ଜ ଜିଲ୍ଲାର ତିରିଂ ପର୍ଯ୍ୟନ୍ତ ୯୬୯ କିଲୋମିଟର ଲମ୍ବର ଏହି ଛଅ ଲେନ ବିଶିଷ୍ଟ ଏକ୍ସପ୍ରେସୱେ ପାଇଁ ଓଡ଼ିଶା ବ୍ରିଜ ଆଣ୍ଡ କନଷ୍ଟ୍ରକ୍ସନ କର୍ପୋରେସନ ୨୦୨୫ ଶେଷ ଭାଗରେ ଡିପିଆର ପ୍ରସ୍ତୁତି ନିମନ୍ତେ ଟେଣ୍ଡର ଆହ୍ୱାନ କରିଥିଲା । ଏହି ଟେଣ୍ଡର ପ୍ରକ୍ରିୟା ପରେ ଆର୍କିଟେକ୍ଟୋ ସଂସ୍ଥାକୁ ବିସ୍ତୃତ ☞ପୃଷ୍ଠା-୨

## UPI ନିୟମରେ ବଡ଼ ପରିବର୍ତ୍ତନ

ନୂଆଦିଲ୍ଲୀ, ୨୫ ।୯ : ଆସନ୍ତା ୨୦୨୬ ଅକ୍ଟୋବର ୧୫ରୁ ୟୁପିଆଇ ନିୟମରେ ପରିବର୍ତ୍ତନ ଆସୁଛି। ନୂତନ ଏମ୍‌ଡିଆର୍‌ସିଷ୍ଟମ୍ ଅଧୀନରେ କେତେକ ବ୍ୟକ୍ତି-ରୁ-ବ୍ୟବସାୟୀ ଟ୍ରାଞ୍ଜାକ୍ସନ୍ ଉପରେ ୦.୪% MDR ଲାଗୁ କରାଯିବ। ତେବେ ୭୫,୦୦୦ରୁ ଅଧିକ ଟ୍ରାଞ୍ଜାକ୍ସନ୍ ପାଇଁ MDRର ସର୍ବାଧିକ ସୀମା ଟ୍ରାଞ୍ଜାକ୍ସନ୍ ପିଛା ୩୦୦ ଧାର୍ଯ୍ୟ କରାଯାଇଛି। ସେହିପରି ୨,୦୦୦ ପର୍ଯ୍ୟନ୍ତ P2M ପେମେଣ୍ଟ ଏବଂ ସମସ୍ତ ବ୍ୟକ୍ତି-ରୁ-ବ୍ୟକ୍ତି ଟ୍ରାଞ୍ଜାକ୍ସନ୍‌କୁ ଏହି MDR ପରିସରରୁ ବାଦ୍ ଦିଆଯାଇଛି। ଯଦି ଆପଣ କୌଣସି ଦୋକାନୀ ବା ମର୍ଚାଣ୍ଟଙ୍କୁ ୬,୦୦୦ ଟଙ୍କା ଗୋଟିଏ ଥରରେ UPI ମାଧ୍ୟମରେ ଦିଅନ୍ତି ଏବଂ ତାହା MDR ପରିସରଭୁକ୍ତ ହୋଇଥାଏ, ତେବେ ୦.୪% ହାରରେ ମର୍ଚାଣ୍ଟଙ୍କ ଉପରେ ୨୪ ଟଙ୍କା MDR ଶୁଳ୍କ ଲାଗିବ। ପ୍ରସ୍ତାବିତ ଢାଞ୍ଚା ଅନୁସାରେ, MDR ପ୍ରତ୍ୟେକ ବ୍ୟକ୍ତିଗତ UPI ଟ୍ରାଞ୍ଜାକ୍ସନ୍ ମୂଲ୍ୟ ଆଧାରରେ ଗଣନା କରାଯିବ। ତେଣୁ ଯଦି କେହି ୬,୦୦୦ ବିଲ୍‌କୁ ୨,୦୦୦ ଲେଖାଏଁ ତିନୋଟି ଅଲଗା ଅଲଗା ଟ୍ରାଞ୍ଜାକ୍ସନ୍‌ରେ ପରିଶୋଧ କରନ୍ତି, ତେବେ ପ୍ରତ୍ୟେକ ଟ୍ରାଞ୍ଜାକ୍ସନ୍ ୨,୦୦୦ ସୀମା ଭିତରେ ରହିବ ଏବଂ ସେଗୁଡ଼ିକ ଉପରେ MDR ଲାଗିବ ନାହିଁ। ଫାଇନାନ୍‌ସିଆଲ୍ ଏକ୍ସପ୍ରେସ୍'ର ରିପୋର୍ଟ ☞ପୃଷ୍ଠା-୨

UPI
UNIFIED PAYMENTS INTERFACE

- ◆ ଅକ୍ଟୋବର ୧୫ରୁ ଟ୍ରାଞ୍ଜାକ୍ସନ୍ ଉପରେ ଲାଗୁ ହେବ ୦.୪% MDR
- ◆ ୨,୦୦୦ ରୁ କମ୍ ପେମେଣ୍ଟ ସମ୍ପୂର୍ଣ୍ଣ ମାଗଣା



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

## ଭୁବନେଶ୍ୱର ନୂଆ ଡିସିପି...

ଗୁରୁବାର ୨୦୧୯ ବ୍ୟାଚ୍‌ର ଆଇପିଏସ୍ ଅଧିକାରୀ ଅଭିନବ ସୋନକର ତାଙ୍କଠାରୁ ବ୍ରହ୍ମପୁର ଏସ୍ପି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ବ୍ରହ୍ମପୁରର ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାର ତଦନ୍ତ ସମୟରେ ମଧ ସର୍ବଣା ବିବେକ ଏମ୍‌ଙ୍କ ନାମ ଚର୍ଚ୍ଚାରେ ଥିଲା। ନୂଆ ଦାୟିତ୍ୱରେ ଭୁବନେଶ୍ୱରର ଆଇନଶୃଙ୍ଖଳା, ଅପରାଧ ନିୟନ୍ତ୍ରଣ ଓ ସାଇବର ଅପରାଧ ରୋକିବା ତାଙ୍କ ପାଇଁ ପ୍ରମୁଖ କ୍ଷେତ୍ର ରହିବ।

## 'ସମ୍ବନ୍ଧ' ଜରିଆରେ ଗ୍ରାମାଞ୍ଚଳରେ...

ଉତ୍ପାଦନ ପ୍ରୋତ୍ସାହନ'' ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନା ଅଧୀନରେ ପ୍ରାରମ୍ଭିକ ପର୍ଯ୍ୟାୟରେ ବଡ଼ମ୍ବା ଓ ଆସିକା ସମବାୟ ଚିନି କଳ ଅଞ୍ଚଳର ଚାଷୀମାନଙ୍କୁ ଏକର ପ୍ରତି ୧୫,୦୦୦ ଟଙ୍କାର ଇନ୍‌ପୁଟ୍ ସବ୍‌ସିଡି ପ୍ରଦାନ କରାଯିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ଆଖୁ ଚାଷୀମାନଙ୍କୁ ଉଚ୍ଚ ସୁଗାର କଣ୍ଟେଣ୍ଟ ଥିବା ଉନ୍ନତମାନର ଆଖୁ ବିହନ ଯୋଗାଇବାକୁ କୃଷି ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ ଓଡ଼ିଶା ରାଜ୍ୟ ପଣ୍ୟାଗାର ନିଗମର ୧୧ ଜଣ ସହକାରୀ ଅଧୀକ୍ଷକ, ୧୯ ଜଣ ପଣ୍ୟାଗାର ସହାୟକ ଏବଂ ୩୬ ଜଣ ସମବାୟ ନିରୀକ୍ଷକଙ୍କୁ ଆନୁଷ୍ଠାନିକ ଭାବେ ନିଯୁକ୍ତି ପତ୍ର ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମରେ ଆୟୋଜିତ ଏକ ପ୍ରଦର୍ଶନୀ ମୁଖ୍ୟମନ୍ତ୍ରୀ ବୁଲି ଦେଖିଥିଲେ। ସମବାୟ ବିଭାଗର କମିଶନର ତଥା ଶାସନ ସଚିବରାଜେଶ ପ୍ରଭାକର ପାଟିଲ କାର୍ଯ୍ୟକ୍ରମରେ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ସମବାୟ ସମିତି ସମୂହର ରେଜିଷ୍ଟ୍ରାର ମନିଷ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ପ୍ୟାକ୍ସର ଓ ଲ୍ୟାମ୍ପସ୍‌ର ସଦସ୍ୟ, ସମବାୟବିତ, ବିଭାଗୀୟ ଅଧିକାରୀ ଓ ଚାଷୀ ଭାଇଭଉଣୀ ଉପସ୍ଥିତ ଥିଲେ।

## ଡ୍ରୋନ୍‌ରୁ ଏଆଇ, ବଦଳୁଛି...

ପରିସ୍ଥିତି ସହ ଖାପ ଖୁଆଇବା ଭବିଷ୍ୟତ ଯୁଦ୍ଧରେ ଗୁରୁତ୍ୱପୂର୍ଣ୍ଣ କ୍ଷମତା ହେବ ବୋଲି ସେ କହିଛନ୍ତି। ଏହି ଅବସରରେ ସିଡିଏସ 'ବିୟୁଆଇଏଲଡି' ନାମରେ ପାଞ୍ଚସୂତ୍ରୀ ମନ୍ତ୍ର ଉପସ୍ଥାପନ କରିଥିଲେ। 'ବି'ରେ ବାଟେଲଫିଲ୍ଡ, 'ୟୁ'ରେ ଅଣ୍ଡରଷ୍ଟାଣ୍ଡିଙ୍ଗ ଦ ଇକୋନୋମିକ୍ସ ଅଫ ୱାର, 'ଆଇ'ରେ ଇଣ୍ଟିଗ୍ରେସନ, 'ଏଲ'ରେ ଲର୍ଣ୍ଣିଙ୍ଗ ଏବଂ ଆଡାପ୍ଟସନ ଏବଂ 'ଡି'ରେ ଡେଲିଭରି ଆଟ ସ୍କେଲକୁ ଗୁରୁତ୍ୱ ଦିଆଯାଇଛି। ଯୁଦ୍ଧକ୍ଷେତ୍ରର ପରିବର୍ତ୍ତନ, ଯୁଦ୍ଧର ଅର୍ଥନୀତି, ପ୍ରଯୁକ୍ତି-ଡାଟା-ଶିଳ୍ପର ସମନ୍ୱୟ, ଦ୍ରୁତ ଶିକ୍ଷଣ ଓ ବୃହତ୍ ପରିମାଣରେ ଦ୍ରୁତ ଉତ୍ପାଦନକୁ ଏହି ମନ୍ତ୍ରରେ ଗୁରୁତ୍ୱ ଦିଆଯାଇଛି। ରୁଷ-ୟୁକ୍ରେନ୍ ସଂଘର୍ଷର ଉଦାହରଣ ଦେଇ ଜେନେରାଲ୍ ସୁବ୍ରମଣି କହିଥିଲେ ଯେ ଡ୍ରୋନ୍‌ର ବ୍ୟବହାର ପାରମ୍ପରିକ ଯୁଦ୍ଧର ଚିତ୍ର ବଦଳାଇ ଦେଇଛି। ଯୁଦ୍ଧକ୍ଷେତ୍ର ଏବେ ଅଗ୍ରଭାଗରେ ସୀମିତ ନ ରହି ପଛ ଅଞ୍ଚଳ ଓ ଗଭୀର ଅଞ୍ଚଳ ପର୍ଯ୍ୟନ୍ତ ବିସ୍ତାରିତ ହେଉଛି। ଏଥିସହ ମହାକାଶ, ସାଇବର, ଇଲେକ୍ଟ୍ରୋନିକ୍ ଓ ସୂଚନା କ୍ଷେତ୍ରରେ ମଧ ଚ୍ୟାଲେଞ୍ଜ ବଢୁଥିବା ସେ କହିଛନ୍ତି। ପ୍ରତିରକ୍ଷା ଶିଳ୍ପରେ ଦ୍ରୁତ ଉତ୍ପାଦନ, କମ୍ ଖର୍ଚ୍ଚ, ପ୍ରଣାଳୀର ଶୀଘ୍ର ପରିବର୍ତ୍ତନ ଓ ଦୀର୍ଘସ୍ଥାୟୀ କ୍ଷମତା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ସିଡିଏସ କହିଛନ୍ତି। ଏଥିସହ ଏଆଇକୁ କେବଳ ପ୍ରଦର୍ଶନୀରେ ସୀମିତ ନରଖି ବାସ୍ତବ ଯୁଦ୍ଧକ୍ଷମତାରେ ବ୍ୟବହାର କରିବା ଦିଗରେ ଆଗକୁ ବଢ଼ିବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି। କାର୍ଯ୍ୟକ୍ରମରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ମଧ ଯୋଗଦେଇ ଏକବିଂଶ ଶତାବ୍ଦୀରେ ଜାତୀୟ ସୁରକ୍ଷାର ପରିସର ବ୍ୟାପକ ହୋଇଥିବା କହିଥିଲେ।

## କାଣ୍ଡଲା ଓ ମୁନ୍ଦ୍ରାଙ୍କ ସହ...

ବନ୍ଦର ଆଇନ, ୨୦୨୫ର ଧାରା ୭୩ ଅନୁଯାୟୀ କେନ୍ଦ୍ର ସରକାର ମେଗା ବନ୍ଦର ବର୍ଗୀକରଣ ପାଇଁ ମାନଦଣ୍ଡ ଧାର୍ଯ୍ୟ କରିଥିଲେ। ଉକ୍ତ ମାନଦଣ୍ଡ ପୂରଣ କରୁଥିବାରୁ ଏହି ୪ଟି ବନ୍ଦରକୁ ମେଗା ପୋର୍ଟ ଭାବେ ଘୋଷଣା କରାଯାଇଛି। ୨୫ ସେପ୍ଟେମ୍ବରରେ ଜାରି ଏହି ବିଜ୍ଞପ୍ତି ସରକାରୀ ଗେଜେଟ୍‌ରେ ପ୍ରକାଶ ପାଇବା ଦିନଠାରୁ ଲାଗୁ ହେବ। କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟର ଯୁଗ୍ମ ସଚିବ ପ୍ରବୀଣ ପି. ନାୟାରଙ୍କ ପକ୍ଷରୁ ଏହି ବିଜ୍ଞପ୍ତି ଜାରି କରାଯାଇଛି।

## ୨.୪୭ ଲକ୍ଷ କୋଟିର...

କେବଳ ଖଣି ଉତ୍ତୋଳନରେ ସୀମିତ ନରହି ଭାରତ ଓ ଦକ୍ଷିଣ ଏସିଆର ଏକ ପ୍ରମୁଖ ଧାତୁ ଶିଳ୍ପ କେନ୍ଦ୍ର ଭାବେ ଉଭା ହୋଇଛି। ଗତ ୨-୩ ବର୍ଷରେ ପ୍ରାୟ ୨୦ଟି ନୂଆ ଖଣି କାର୍ଯ୍ୟକ୍ଷମ ହୋଇଥିବାବେଳେ ଆଗାମୀ ଦିନରେ ଆହୁରି ୩୦ଟି ଖଣି ଆରମ୍ଭ ହେବାକୁ ଯାଉଛି। ଏହା ଦ୍ୱାରା ପରିବହନ ଓ ବୈଷୟିକ କ୍ଷେତ୍ରରେ ନୂଆ ସୁଯୋଗ ସୃଷ୍ଟି ହେବ। ଆଗାମୀ ୫ ବର୍ଷରେ ଓଡ଼ିଶାର ଇସ୍ପାତ ଉତ୍ପାଦନ କ୍ଷମତା ୧୫୦ରୁ ୧୮୦ ନିୟୁତ ଟନ୍‌ରେ ପହଞ୍ଚିବ ବୋଲି ସେ ଆଶା ପ୍ରକାଶ କରିଥିଲେ। କୋଲକାତାସ୍ଥିତ ବ୍ରିଟିଶ ଡେପୁଟି ହାଇକମିଶନର ଡ. ଆଣ୍ଡ୍ରୁ ଜେ. ଫ୍ଲେମିଙ୍ଗ୍ କହିଥିଲେ ଯେ, ଲିଥିୟମ୍, ଗ୍ରାଫାଇଟ୍, କୋବାଲ୍ଟ, ନିକେଲ୍ ଓ ତମ୍ବା ଭଳି ଗୁରୁତ୍ୱପୂର୍ଣ୍ଣ ଖଣିଜ କ୍ଷେତ୍ରରେ ବ୍ରିଟେନ୍ ଜ୍ଞାନକୌଶଳ, ନୂତନ ଉଦ୍ଭାବନ ଓ ପୁଞ୍ଜିନିବେଶ ମାଧ୍ୟମରେ ଭାରତ ସହ ଦୀର୍ଘମିଆଦୀ ସହଭାଗିତା ପାଇଁ ପ୍ରସ୍ତୁତ ଅଛି। ସିଆଇଆଇ ଓଡ଼ିଶା ରାଜ୍ୟ କାଉନସିଲ୍‌ର ଅଧ୍ୟକ୍ଷ ତଥା ଜେଏସଡବ୍ଲୁ ଷ୍ଟିଲ୍ ଲିମିଟେଡ୍‌ର ସଭାପତି ଅନିଲ କୁମାର ସିଂହ କହିଥିଲେ ଯେ, କେବଳ ଖଣି ଉତ୍ତୋଳନ ଯଥେଷ୍ଟ ନୁହେଁ। ମୂଲ୍ୟ ବୃଦ୍ଧି, ଉନ୍ନତ ପ୍ରକ୍ରିୟାକରଣ, ପୁନଃଚକ୍ରଣ ଓ ପରିବେଶ ଅନୁକୂଳ ପ୍ରଯୁକ୍ତି ଆପଣାଇବା ଉପରେ ଗୁରୁତ୍ୱ ଦେବାକୁ ହେବ। ଏହି ଅବସରରେ ସିଆଇଆଇ-ଆଇଟିସି ସେଣ୍ଟର ଅଫ୍ ଏକ୍ସିଲେନ୍ସ ପକ୍ଷରୁ 'ଦ ସାର୍ଥ' (ସଷ୍ଟେନେବଲ୍ ଆକ୍ସନ ଆଲାଏନ୍ସ ଫର୍ ରେଜିଲିଏଣ୍ଟ ଟୁମୋରୋ) ନାମକ ଏକ ନୂଆ ପଦକ୍ଷେପର ଶୁଭାରମ୍ଭ କରାଯାଇଥିଲା। କେନ୍ଦ୍ରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶିଖର ଜୈନ ଏହାର ରୂପରେଖ ଉପସ୍ଥାପନ କରିଥିଲେ। ଦୁଇଦିନିଆ ସମ୍ମିଳନୀରେ ଧାତୁ ଶିଳ୍ପର ଭବିଷ୍ୟତ, ସବୁଜ ଖନନ, ସ୍ମାର୍ଟ ମାଇନିଂ, କୃତ୍ରିମ ବୁଦ୍ଧିମତ୍ତା, ଡିଜିଟାଲ୍ ରୂପାନ୍ତରଣ, ଲଜିଷ୍ଟିକ୍ସ ଓ ସପ୍ଲାଏ ଚେନ୍ ସହ ଷ୍ଟାର୍ଟଅପ୍ ଉଦ୍ଭାବନ ଭଳି ବିଷୟରେ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହେଉଛି। ନିବେଶ, ପ୍ରଯୁକ୍ତି ଓ ସ୍ଥାୟୀ ବିକାଶ ମାଧ୍ୟମରେ 'ବିକଶିତ ଓଡ଼ିଶା ୨୦୩୬' ଲକ୍ଷ୍ୟ ଦିଗରେ ଖଣି ଓ ଧାତୁ ଶିଳ୍ପର ଭୂମିକା ନେଇ ମଧ ଆଲୋଚନା ଜାରି ରହିଛି।

## ଶ୍ରୀଜଗନ୍ନାଥ ଜମି ବନ୍ଦୋବସ୍ତ...

ସହଜ ହୋଇପାରିବ। ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଇ-ପୋର୍ଟାଲର ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରି ଏହାକୁ ଅଧିକ ଉପଯୋଗୀ କରିବା ପାଇଁ ଆବଶ୍ୟକ ପରାମର୍ଶ ଦେଇଥିଲେ। ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପରିଚାଳକ ତଥା ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଲ ଦେବ, ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ ଓ ଅତିରିକ୍ତ ଶାସନ ସଚିବ ଶିବପ୍ରସାଦ ମହାପାତ୍ର ଉପସ୍ଥିତ ଥିଲେ। ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଭର୍ଚୁଆଲ୍ ମାଧ୍ୟମରେ ଯୋଗ ଦେଇଥିବାବେଳେ ଓକାକ୍ ଓ ଓଏନ୍‌ଆଇସିର ବରିଷ୍ଠ ଅଧିକାରୀମାନେ ମଧ ବୈଠକରେ ସାମିଲ ହୋଇଥିଲେ।

## ଆହୁରି ୨ ଦିନ ଜାରି ରହିବ...

ସେହିପରି ବାଲେଶ୍ୱର ଭଦ୍ରକ ଯାଜପୁର,କେନ୍ଦ୍ରାପଡା, କଟକ ଜଗତସିଂହପୁର, ଢେଙ୍କାନାଳ, ଅନୁଗୁଳ, ଦେଓଗଡ ସୋନପୁର, ବଲାଙ୍ଗୀର, କଳାହାଣ୍ଡି , ରାୟଗଡା, କୋରାପୁଟ, ଓ ମାଲକାନଗିରି ରେ ବିଜୁଳି ଘଡଘଡି ସହ ପ୍ରବଳ ବର୍ଷା ଓ ୪୦ ରୁ ୫୦ କିମି ପବନ ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଙ୍ଗ ଜାରି କରିଛି ପାଣିପାଗ ବିଭାଗ। ୨୬ ତାରିଖରେ ସୁନ୍ଦରଗଡ ଝାରସୁଗୁଡା ଓ ବରଗଡରେ ପ୍ରବଳ ବର୍ଷା ସହ ୪୦ ରୁ ୬୦ କିମି ପବନ ସମ୍ଭାବନାକୁ ନେଇ ୟେଲୋ ୱାର୍ଣ୍ଣିଂ ରହିଛି। ୨୭ ରୁ ପାଗ ବଦଳିବା ସହ ବର୍ଷା କମିବ ବୋଲି ପୂର୍ବାନୁମାନ କରିଛି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି। ସେପଟେ ସମୁଦ୍ର ଉପକୂଳରେ ପବନର ବେଗ ୪୦ ରୁ ୫୦ ସର୍ବାଧିକ ୬୦ କିମି ବହିବାର ସମ୍ଭାବନା ଥିବା ବେଳେ ସମୁଦ୍ର ଆସନ୍ତା ରହିବ। ତେଣୁ ଆହୁରି ୧୨ ଘଣ୍ଟା ପାଇଁ ମତ୍ସ୍ୟଜୀବୀଙ୍କୁ ସମୁଦ୍ରକୁ ଯିବାକୁ ବାରଣ କରାଯାଇଛି।

## ଓଡ଼ିଶାର ସବୁଠାରୁ ବଡ଼...

ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିବାର ଦାୟିତ୍ୱ ପ୍ରଦାନ କରାଯାଇଥିବା ସୂଚନା ମିଳିଛି। ଆଗାମୀ ଦିନରେ ଏହି ସଂସ୍ଥା ରୁଟର ସର୍ଭେ, ଜମି ଚିହ୍ନଟ, ଜଙ୍ଗଲ ଓ ପରିବେଶ ମଞ୍ଜୁରୀ, ଆଲାଇନମେଣ୍ଟ ଫାଇନାଲ ଓ ଖର୍ଚ୍ଚ ଆକଳନ କରିବ। ଡିପିଆର ସମ୍ପୂର୍ଣ୍ଣ ହେବା ପରେ ଜମି ଅଧିଗ୍ରହଣ ଓ ନିର୍ମାଣ ପାଇଁ ପ୍ୟାକେଜ ୱାରୀ ଟେଣ୍ଡର ଡକାଯିବ। ରାଜ୍ୟ ସରକାରଙ୍କ ସବୁଠାରୁ ବଡ଼ ସଡ଼କ ପ୍ରକଳ୍ପ ଭାବେ କାର୍ଯ୍ୟାନ୍ୱୟନ ହେବାକୁ ଥିବା ଏହି ପ୍ରକଳ୍ପ ଓଡ଼ିଶାର ଯୋଗାଯୋଗ ମାନଚିତ୍ରର ରୂପ ବଦଳାଇବାକୁ ଯାଉଛି। ୨୦୨୬-୨୭ ବଜେଟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଅଟଳ ଏକ୍ସପ୍ରେସୱେ ସମ୍ପର୍କରେ ଘୋଷଣା କରି ଏହା ରାଜ୍ୟର ସବୁଠାରୁ ଲମ୍ବା ନର୍ଥ-ସାଉଥ କରିଡର ହେବ ବୋଲି କହିବା ସହ ଆମେ ଆମର ଭବିଷ୍ୟତ ପିଢ଼ି ପାଇଁ ବିଶ୍ୱସ୍ତରୀୟ ଭିତ୍ତିଭୂମି ନିର୍ମାଣ କରିବାକୁ ଯାଉଛୁ। ଅଟଳ ଏକ୍ସପ୍ରେସୱେ ସେହି ସ୍ୱପ୍ନର ମୂଳଦୁଆ ବୋଲି କହିଥିଲେ। ବଜେଟରେ ଏଥିପାଇଁ ପ୍ରାଥମିକ ଭାବେ ହଜାରେ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିଲା।

## UPI ନିୟମରେ ବଡ଼...

ଅନୁଯାୟୀ, ବର୍ତ୍ତମାନର ନିୟମରେ ଗ୍ରାହକ ଗୋଟିଏ ବଡ଼ ବିଲ୍‌କୁ ଛୋଟ ଛୋଟ UPI ଟ୍ରାଞ୍ଜାକ୍ସନ୍‌ରେ ଭାଗ କରିବା ଉପରେ କୌଣସି ସ୍ପଷ୍ଟ ପ୍ରତିବନ୍ଧକ ନାହିଁ। ଅର୍ଥାତ୍, ୬,୦୦୦ ବିଲ୍ ପାଇଁ ତିନୋଟି ୨,୦୦୦ ପେମେଣ୍ଟ କରିବା ସିଧାସଳଖ ଆଇନ ବିରୋଧୀ ନୁହେଁ।ତେବେ ଏହାର ଅର୍ଥ ନୁହେଁ ଯେ ଗ୍ରାହକ ମର୍ଚ୍ଚାଣ୍ଟଙ୍କୁ ଏକାଧିକ ପେମେଣ୍ଟ ନେବା ପାଇଁ ବାଧ କରିପାରିବେ। ମର୍ଚ୍ଚାଣ୍ଟ ନିଜର ଆକାଉଣ୍ଟିଂ, ରିଫଣ୍ଡ ଏବଂ ସେଟଲମେଣ୍ଟ ପ୍ରକ୍ରିୟାକୁ ସହଜ ରଖିବା ପାଇଁ ଗୋଟିଏ ଟ୍ରାଞ୍ଜାକ୍ସନ୍‌ରେ ପେମେଣ୍ଟ ନେବାକୁ ଜିଦ୍ କରିପାରନ୍ତି।ଅସାଧାରଣ ଟ୍ରାଞ୍ଜାକ୍ସନ୍ ସଙ୍କେତ କମ୍ ସମୟ ମଧ୍ୟରେ ଜଣେ ମର୍ଚ୍ଚାଣ୍ଟଙ୍କୁ ବାରମ୍ବାର ସମାନ ପରିମାଣର ଟ୍ରାଞ୍ଜାକ୍ସନ୍ କଲେ ବ୍ୟାଙ୍କର ସିକ୍ୟୁରିଟି ସିଷ୍ଟମ୍ ଏହାକୁ ସନ୍ଦେହଜନକ ମାନିପାରେ।ଏହା ଦ୍ୱାରା ଅସ୍ଥାୟୀ ଭାବେ UPI ସେବା ବାଧିତ କିମ୍ବା ଆକାଉଣ୍ଟ ଟ୍ରାଞ୍ଜାକ୍ସନ୍ ବ୍ଲକ୍ ହୋଇପାରେ। ବ୍ୟାଙ୍କଗୁଡ଼ିକରେ ପ୍ରତିଦିନ ନିର୍ଦ୍ଦିଷ୍ଟ ସଂଖ୍ୟକ ଟ୍ରାଞ୍ଜାକ୍ସନ୍ ସୀମା ଥାଏ। ତିନୋଟି ଅଲଗା ଅଲଗା ଟ୍ରାଞ୍ଜାକ୍ସନ୍ ଟ୍ରାକ୍ କରିବା ମର୍ଚ୍ଚାଣ୍ଟଙ୍କ ଆକାଉଣ୍ଟିଂ କାମ ବୃଦ୍ଧି କରିଥାଏ।ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି MDR ମର୍ଚ୍ଚାଣ୍ଟଙ୍କ ପେମେଣ୍ଟ ଗ୍ରହଣ କରିବାର ଖର୍ଚ୍ଚ, ଏହା ଗ୍ରାହକଙ୍କ ଉପରେ ଲାଗୁ ହେଉଥିବା ଚାର୍ଜ ନୁହେଁ। NPCI ଏବଂ ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ, କୌଣସି ଦୋକାନୀ ବା ମର୍ଚ୍ଚାଣ୍ଟ ଏହି ଶୁଳ୍କକୁ ଗ୍ରାହକଙ୍କଠାରୁ ସିଧାସଳଖ ଆଦାୟ କରିପାରିବେ ନାହିଁ। ଯଦି କୌଣସି ମର୍ଚ୍ଚାଣ୍ଟ UPI ପେମେଣ୍ଟ ପାଇଁ ଅତିରିକ୍ତ ଟଙ୍କା ଦାବି କରନ୍ତି, ତେବେ ଗ୍ରାହକ ଏହା ବିରୋଧରେ ଅଭିଯୋଗ କରିପାରିବେ।

# ଲଗାଣ ବର୍ଷାରେ ହେକ୍ଟର ହେକ୍ଟର ଚାଷ ଜମି ଜଳମଗ୍ନ



## କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଦାବି

ଖଣ୍ଡପଡ଼ା, ୨୫/୯ (ଅକ୍ଷର ଓଡ଼ିଶା) ଗତ ୩ ଦିନ ଧରି ଲଗାଣ ବର୍ଷା ପ୍ରଭାବରେ ଖଣ୍ଡପଡ଼ା ଅଞ୍ଚଳ ଦେଇ ପ୍ରବାହିତ କୁସୁମୀ,କୁଆଁରିଆ,ଆମ୍ବନାଳ ସମେତ ଶାଖା ନଦୀ ଗୁଡିକରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। କୁସୁମୀ ଓ କୁଆଁରିଆ ନଦୀର ବନ୍ୟାଜଳ କୂଳ ଲଂଘି ପାର୍ଶ୍ୱବର୍ତୀ ଅଞ୍ଚଳକୁ ମାଡି ଯିବା ଫଳରେ ହେକ୍ଟର ହେକ୍ଟର ଚାଷ ଜମି ଜଳମଗ୍ନ ହେବା ସହ ଧାନ ଓ ପନିପରିବା ଫସଲ ନଷ୍ଟ ହୋଇଯାଇଛି। ଖଣ୍ଡପଡ଼ା ସହରର ଜେଲଖାନା ଛକ ଠାରୁ କୁସୁମୀ ସେତୁ ଦେଇ ବନମାଳିପୁରକୁ ସଂଯୋଗ କରୁଥିବା ଗ୍ରାମ୍ୟ ରାସ୍ତାରେ ୩ ଫୁଟ ଉଚ୍ଚରେ କୁସୁମୀ ନଦୀର ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଉକ୍ତ ରାସ୍ତା ଦେଇ ଯାତାୟାତ ବନ୍ଦ ହୋଇଯାଇଛି। ସେହିପରି ଖଣ୍ଡପଡ଼ାରୁ କୁଞ୍ଜବିହାରୀପୁର, ସାହାସପୁର, ଶାଳଝରିଆ ଗ୍ରାମ ଦେଇ ନିକଟସ୍ଥ ଗୁଣ୍ଡୁଣି ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାର ଆନିକଟ ନିକଟରେ ବନ୍ୟାଜଳ ରାସ୍ତା ଉପରେ ପ୍ରବାହିତ ହେଉଥିବା ଜଣାପଡିଛି। କୁସୁମୀ ନଦୀର ବନ୍ୟାଜଳ ବିପଦ ସଙ୍କେତ ନିକଟତର ହୋଇଥିବାରୁ ନଦୀ ତଟବର୍ତ୍ତୀ ଅଞ୍ଚଳର ବାସିନ୍ଦାଙ୍କ ମନରେ ଭୟର ବାତାବରଣ ସୃଷ୍ଟି ହୋଇଛି।ଲଗାଣ ବର୍ଷା ଯୋଗୁଁ ଖଣ୍ଡପଡ଼ା ବ୍ଲକ ଅଞ୍ଚଳର ହଜାର ହଜାର ଚାଷୀ ପରିବାର କ୍ଷତିଗ୍ରସ୍ତ ହୋଇଥିବା ବେଳେ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଚିହ୍ନଟ କରି ଆନୁସଙ୍ଗିକ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।ଖଣ୍ଡପଡା ତହସିଲ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ଯୌତୁକ ପ୍ରଥା ନିଷେଧ ଆଇନ ଉପରେ କର୍ମଶାଳା




ସୁବର୍ଣ୍ଣପୁର:୨୫/୯(ସଂଗ୍ରାମ ମହାପାତ୍ର ) ଆଜି ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଯୌତୁକ ପ୍ରଥା ନିଷେଧ ଆଇନ, ୧୯୬୧ ଉପରେ ଏକ କର୍ମଶାଳା ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ଅଞ୍ଜଳୀନା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। ଏହି ଅବସରରେ ସୁବର୍ଣ୍ଣପୁର ଜିଲ୍ଲା କୋର୍ଟର ସରକାରୀ ଓକିଲ ଶ୍ରୀମତୀ ମଧୁମିତା ଅମାତ୍ୟ ଏବଂ ଶିଶୁ କଲ୍ୟାଣ କମିଟିର ସଦସ୍ୟ ଶ୍ରୀମତୀ ରଂଜିତା ସାହୁ ପ୍ରମୁଖ ଯୋଗଦେଇଥିଲେ। ସେମାନେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀମାନଙ୍କୁ ଯୌତୁକ ପ୍ରଥା ନିଷେଧ ଆଇନ ସମ୍ପର୍କରେ ବିସ୍ତୃତ ଭାବେ ବୁଝାଇଥିଲେ। ସମ୍ବିଧାନ, ଗଣତନ୍ତ୍ର, ଝିଅମାନଙ୍କ ଅଧିକାର ଏବଂ ଆଇନ ସମ୍ପର୍କରେ ଅବଗତ ହୋଇ ସେମାନେ କିପରି ସମାଜରେ ଘଟୁଥିବା ବିଭିନ୍ନ ପ୍ରକାରର ଅତ୍ୟାଚାରକୁ ପ୍ରତିରୋଧ କରିପାରିବେ, ସେ ବିଷୟରେ କର୍ମଶାଳାରେ ସୂଚନା ଦିଆଯାଇଥିଲା। କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ଅଞ୍ଜଳୀନା ପ୍ରଧାନ କହିଥିଲେ ଯେ, ଯୌତୁକ ପ୍ରଥା ଏବେ ମଧ ସମାଜରେ ପ୍ରଚଳିତ ରହିଛି। ଝିଅମାନେ ଶିକ୍ଷିତ ହେବା ପରେ ମଧ ଯୌତୁକ ପ୍ରଥାର ଶିକାର ହେଉଛନ୍ତି। ତେଣୁ ଏହି ପ୍ରଥା ବିରୋଧରେ ସମସ୍ତଙ୍କୁ ନିଜର ସ୍ୱର ଉତ୍ତୋଳନ କରିବା ଆବଶ୍ୟକ। ଯୌତୁକର ଶୃଙ୍ଖଳକୁ ଭାଙ୍ଗିବା ପାଇଁ ଝିଅମାନଙ୍କୁ ଆଗକୁ ଆସିବାକୁ ପଡ଼ିବ ଏବଂ ଏଥିପାଇଁ ସେମାନେ ନିଜ ଅଧିକାର ଓ ଆଇନ ସମ୍ପର୍କରେ ସଚେତନ ହେବା ଆବଶ୍ୟକ ବୋଲି ସେ କହିଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ବୀଣାପାଣି ମିଶ୍ର କର୍ମଶାଳା ଆରମ୍ଭରେ ସ୍ୱାଗତ ଭାଷଣ ଦେଇଥିଲେ। ସୁରକ୍ଷା ତଥା କାର୍ଯ୍ୟକ୍ରମ ଅଧିକାରୀ ଅଞ୍ଜନା କିସାନ କର୍ମଶାଳା ପରିଚାଳନା କରିଥିଲେ।

# ସମବାୟ ସଦସ୍ୟତା ମହା ଅଭିଯାନ 'ସମ୍ବନ୍ଧ'ର ଜିଲ୍ଲାସ୍ତରୀୟ ଉତ୍ସବ



କେନ୍ଦ୍ରାପଡ଼ା, ୨୫/୦୯.(ଗଗନ କୁମାର ପ୍ରଧାନ )ଭୁବନେଶ୍ୱର କୃଷି ଶିକ୍ଷା ସଦନରେ ଆୟୋଜିତ ରାଜ୍ୟ ସ୍ତରୀୟ ଉତ୍ସବରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ କରକମଳରେ ସମବାୟ ସଦସ୍ୟତା ମହାଅଭିଯାନ 'ସମ୍ବନ୍ଧ' ର ଶୁଭାରମ୍ଭ ହୋଇଯାଇଛି। ଆଭାସୀ ମାଧ୍ୟମରେ ପ୍ରଦର୍ଶିତ ଏହି କାର୍ଯ୍ୟକ୍ରମରେ ରାଜ୍ୟର ସମସ୍ତ ଜିଲ୍ଲା ଯୋଡ଼ି ହୋଇଥିଲେ। ଏହି ଉପଲକ୍ଷେ କେନ୍ଦ୍ରାପଡ଼ା ଜିଲ୍ଲାରେ ଆୟୋଜିତ ଜିଲ୍ଲାସ୍ତରୀୟ ଉତ୍ସବରେ ଜିଲ୍ଲାପାଳ ରଘୁରାମ ଆର୍ ଆୟର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଡି.ଆର୍.ସି.ଏସ ଶ୍ରୀ ପ୍ରଭାକର ନାୟକ, ଏ.ଆର୍.ସି.ଏସ ଯୋଗେନ୍ଦ୍ର ବିଶ୍ୱାଳ, ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଯାମିନୀ ମହାପାତ୍ର ଓ ଆର୍.ଏମ.ସି. ସମ୍ପାଦକ ବିଦ୍ୟାଧର ବେହେରା ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ବଳଦେବଜୀଉଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ଘ୍ୟ ପ୍ରଦାନ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରି ଜିଲ୍ଲାପାଳ ଓ ଅନ୍ୟ ଅତିଥିମାନେ ସଭା କାର୍ଯ୍ୟର ଶୁଭାରମ୍ଭ କରିଥିଲେ। କେନ୍ଦ୍ରାପଡ଼ା ଜିଲ୍ଲାର ଗ୍ରାମୀଣ ସାମାଜିକ ବିକାଶ କ୍ଷେତ୍ରରେ ଆଗୁଆ ଥିବା ସମବାୟରେ ମହିଳା ଏସ.ଏଚ.ଜି, ଅଙ୍ଗନୱାଡି କର୍ମୀଙ୍କ ବୃହତ୍ ଭାଗିଦାରୀ ନିମନ୍ତେ ସମସ୍ତଙ୍କ ପ୍ରୟାସ ଜରୁରୀ ବୋଲି ଜିଲ୍ଲାପାଳ କହିଥିଲେ। ଓଡ଼ିଶାରେ ସମବାୟ ଆନ୍ଦୋଳନକୁ ଅଧିକ ସୁଦୃଢ଼, ସକ୍ରିୟ ଓ ଲୋକାଭିମୁଖୀ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରାଥମିକ କୃଷି ସମବାୟ ସମିତି ଗୁଡ଼ିକର ବିକାଶ ଓ ସଶକ୍ତିକରଣ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ଗ୍ରାମୀଣ ଅଞ୍ଚଳରେ ଚଇଉଝ ଗୁଡ଼ିକୁ କୃଷକ ଓ ସାଧାରଣ ଲୋକଙ୍କୁ ସେବା ଯୋଗାଇବା ପାଇଁ ବହୁମୁଖୀ ଓ ସକ୍ରିୟ ସମବାୟ ସଂସ୍ଥା ଭାବେ ବିକଶିତ କରାଯାଉଛି। ସଦସ୍ୟତା ସଂଖ୍ୟା ବୃଦ୍ଧି କେବଳ ଆଜିର ଉଦ୍ଦେଶ୍ୟ ନ ହୋଇ ସମବାୟକୁ ଅଧିକ ସୁଦୃଢ଼, ସ୍ୱଚ୍ଛ, ଦାୟିତ୍ୱଶୀଳ ଓ ଲୋକାଭିମୁଖୀ କରିବା ଆଜି ଦିବସର ପ୍ରମୁଖ ଲକ୍ଷ୍ୟ ହେବା ଉଚିତ୍ ବୋଲି ସେ କହିଥିଲେ। ଜିଲ୍ଲାରେ ସମବାୟ ସଦସ୍ୟ ସଂଖ୍ୟା ୩.୫ ଲକ୍ଷରୁ ଉର୍ଦ୍ଧ୍ୱରୁ ହୋଇଥିବା ବେଳେ ଆମ ଜିଲ୍ଲାରେ ୬୫,୧୭୩ ଜଣ ଧାନ ବିକ୍ରୟ ପାଇଁ ରେଜିଷ୍ଟ୍ରେସନ୍ କରିଛନ୍ତି ବୋଲି ଆର୍.ଏମ୍.ସି ସମ୍ପାଦକ ସୂଚନା ପ୍ରଦାନ କରିଛନ୍ତି। ରାଜନଗର ବ୍ଲକରେ ୫ ଟି, ଆଳି ବ୍ଲକରେ ଗୋଟିଏ ଓ କେନ୍ଦ୍ରାପଡ଼ା ବ୍ଲକରେ ଗୋଟିଏ ମୋଟ ୭ ଗୋଟି ଧାନ କ୍ରୟ କେନ୍ଦ୍ରର ଭିତ୍ତିଭୂମି ବୃଦ୍ଧି ଓ କାର୍ଯ୍ୟାନ୍ୱୟନ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସ୍ୱରୂପ ଜିଲ୍ଲାପାଳ ସେହି କେନ୍ଦ୍ରଗୁଡ଼ିକର ଲୋକାର୍ପଣ ନିମନ୍ତେ ଫଳକ ଉନ୍ମୋଚନ କରିଥିଲେ। ଉକ୍ତ ବୈଠକରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଚଇଉଝ ସମ୍ପାଦକ, ସଭାପତି, କୃଷକ, ସମବାୟ ସମିତିର କର୍ମକର୍ତ୍ତା, ଡି.ଆର୍.ସି.ଏସ, ଏ.ଆର୍.ସି.ଏସ ଓ ଆର୍.ଏମ.ସିର କର୍ମକର୍ତ୍ତା, ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ। ଶେଷରେ ଆର୍.ଏମ.ସିର ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ।

## ବର୍ଷା-ପବନ ଯୋଗୁଁ ଉପୁଡ଼ିଲା ଗଛ ୩୫ ଘଣ୍ଟା ହେଲା ବିଦ୍ୟୁତ ସରାବରାହ ବିଚ୍ଛିନ୍ନ




ଖଲ୍ଲିକୋଟ, ୨୫/୦୯ (ଅକ୍ଷର ଓଡ଼ିଶା) : ଗଭୀର ଅବପାତ ପ୍ରଭାବ ଯୋଗୁଁ ବର୍ଷା-ପବନର ପ୍ରକୋପରେ ଖଲ୍ଲିକୋଟରେ ଉପୁଡ଼ିଲା ଗଛ ଓ ୩୫ ଘଣ୍ଟାରୁ ଅଧିକ ବିଦ୍ୟୁତ ବିଚ୍ଛିନ୍ନ।ସମୁଦ୍ରରେ ସୃଷ୍ଟି ହୋଇଥିବା ଗଭୀର ଅବପାତ ପ୍ରଭାବରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଗତ ୩ଦିନ ହେଲା ତୁହାକୁ ତୁହା ବର୍ଷା ସାଙ୍ଗକୁ ପ୍ରବଳ ପବନ ଲଗାତାର ଜାରି ରହିଛି। ବିଦ୍ୟୁତ ଗ୍ରୀଡ୍ ଓ ଲାଇନ୍ ତାର କ୍ଷତିଗ୍ରସ୍ତ ହେବା ଯୋଗୁଁ ବିଗତ ୩୫ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ହେବ ଅଞ୍ଚଳରେ ବିଦ୍ୟୁତ ସରବରାହ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡ଼ିଛି। ଖଲ୍ଲିକୋଟର ମୁଖ୍ୟ ରାସ୍ତାଗୁଡ଼ିକରେ ବିରାଟ ବିରାଟ ଗଛ ଉପୁଡ଼ି ପଡ଼ିବାରୁ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। -ତାଳପଡ଼ା ରୁ ପୁରୁଷୋତ୍ତମପୁର ଯାଉଥିବା ମୁଖ୍ୟ ରାସ୍ତାରେ ଏକ ବିରାଟ ଗଛ ଟ୍ରାନ୍ସଫର୍ମର ଉପରେ ଉପୁଡ଼ି ପଡ଼ିବାରୁ ଗାଡ଼ି ମୋଟର ଚଳାଚଳ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ସେହିଭଳି ଖଲ୍ଲିକୋଟ ରୁ ଆସିକା ସଂଯୋଗ କରୁଥିବା ୩୦ ନମ୍ବର ରାଜ୍ୟ ରାଜପଥ ମୁଖ୍ୟ ରାସ୍ତା କଞ୍ଚଣା ଠାରେ ମଧ ଗଛ ପଡ଼ି ଯାତାୟାତ ବନ୍ଦ ରହିଛି। ଲଗାଣ ବର୍ଷା ଓ ପ୍ରବଳ ପବନ ଯୋଗୁଁ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି।

## ଅର୍ଣ୍ଣବ ଅବପାତରେ ବୁଡ଼ିଲା ଡ଼ଙ୍ଗା, ଭାଙ୍ଗିଲା ଘର



ଅସ୍ତରଙ୍ଗ, ୨୫/୯ (ଅକ୍ଷର ଓଡ଼ିଶା)ବଙ୍ଗୋପସାଗର ରେ ସୃଷ୍ଟି ହୋଇଥିବା ଘୁର୍ଣ୍ଣିଝଡ଼ ଅର୍ଣ୍ଣବ ଦକ୍ଷିଣ ଓଡିଶାରେ ଅବପାତର ରୂପ ନେଇ ତାଣ୍ଡବ ରଚିବା ପରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁରରେ ରଚିଛି ମହାତାଣ୍ଡବ। ଏହି ଅବପାତର ପ୍ରଭାବରେ ଗୁରୁବାର ସନ୍ଧ୍ୟାରୁ ଅସ୍ତରଙ୍ଗ ଉପକୂଳ ଅଞ୍ଚଳ ରେ ୮୦ କିଲୋମିଟର ବେଗରେ ପବନ ବହିବା ସହ ତୁହାକୁ ତୁହା ବର୍ଷା ଜନଜୀବନକୁ ପ୍ରଭାବିତ କରିଛି. ମାଣ୍ଡୁକି ପଞ୍ଚାୟତ ଓଲରା ଗ୍ରାମର ପଦ୍ମଲୋଚନ ବିଶ୍ୱାଳଙ୍କ ଆଜବେଷ୍ଟ ଘର ଉପରେ ନଡ଼ିଆ ଗଛ ପଡ଼ିଥିଲା.ଏଥିରେ କେହି ଆହତ ହୋଇନଥିବା ବେଳେ ଆଜବେଷ୍ଟ ଘରଟି ନଷ୍ଟ ହୋଇଯାଇଥିଲା ସଙ୍ଗେ ସଙ୍ଗେ ଅଗ୍ନିଶମ ବାହିନୀ ଖବର ପାଇ ଶ୍ରୀ ବିଶ୍ୱାଳଙ୍କ ଘର ଉପରୁ ନଡ଼ିଆ ଗଛଟିକୁ କାଟି ବାହାରେ କରିଥିଲେ. ସେହିପରି ଛେନୁ, ତଣ୍ଡାଘର, ଡ଼ାଲୁଅକଣୀ, କେଉଟଜଙ୍ଗା ଭଳି ବାତ୍ୟା,ବନ୍ୟା ପ୍ରପୀଡ଼ିତ ଅଞ୍ଚଳ ରେ ସମୁଦ୍ର କୂଳ ଲଘିଂଥିବା ବେଳେ ଏହି ସଲଗ୍ନ ଅଞ୍ଚଳ ରେ ଲୋକ ମାନଙ୍କର ଅନେକ କ୍ଷୟକ୍ଷତି ହୋଇଛି,ଛୁରିଅନା ପଞ୍ଚାୟତ ସହନ ଗ୍ରାମ ରେ ମତ୍ସଜୀବି ମାନେ ଅବପାତକୁ ଦୃଷ୍ଟିରେ ରଖି ଘାଟ ରେ ରଶି ମାଧ୍ୟମ ରେ ଡ଼ଙ୍ଗା ଗୁଡିକ ଗଛରେ ବାନ୍ଧିରଖିଥିଲେ.ମାତ୍ର ପବନର ଭୟଙ୍କର ବେଗରେ ଗଛ ଭାଙ୍ଗିଥିବା ବେଳେ ରଶି ଗୁଡିକ ଛିଣ୍ଡି ଯାଇଥିଲା, ମତ୍ସ୍ୟଜୀବି ଙ୍କର ଦୁଇ ଗୋଟି ଯନ୍ତ୍ର ଚାଳିତ ଡ଼ଙ୍ଗା ନଦୀ ର ସୁଅ ରେ ଭାସି ବୁଡି ଯାଇଥିଲା, ଅନେକ ପରିଶ୍ରମ କରି ଗଛ କାଟି ଗୋଟେ ଡ଼ଙ୍ଗା ଉଦ୍ଧାର କରିବା ପରେ ନଦୀ ଭିତରେ ମତ୍ସ୍ୟଜୀବି ମାନେ ନଦୀରେ ଖୋଜା ଖୋଜି କରି ଉକ୍ତ ଡ଼ଙ୍ଗା କୁ ଉଦ୍ଧାର କରି କୂଳକୁ ଆଣିଥିଲେ, ସହନ ଗ୍ରାମ ର ତ୍ରିନାଥ ବେହେରା, ସଞ୍ଜୟ ବେହେରା ପିଣ୍ଟୁ ଓ ଟୁଟୁ ବେହେରାଙ୍କର ଏହି ଡ଼ଙ୍ଗା ବୁଡିବା ପରେ ଡ଼ଙ୍ଗାର କ୍ଷୟକ୍ଷତି ହୋଇଛି, ସେଥିପାଇଁ ମତ୍ସ୍ୟଜୀବି ପରିବାର ମାନେ ଏହି ଜୀବିକା ଜୀବନ ପାଇଁ ଡ଼ଙ୍ଗା ମରାମତି ନିମନ୍ତେ କ୍ଷତି ପୂରଣ ଦାବୀ କରିଛନ୍ତି।

# ସରକାରୀ ନିର୍ଦ୍ଦେଶର ଅବହେଳା ଅଭିଯୋଗ, ଲଗାଣ ବର୍ଷାରେ ଛତା ଧରି ସ୍କୁଲ ଆସିଲେ ଶିକ୍ଷାର୍ଥୀ



ଦଶମନ୍ତପୁର.୨୫/୯(କଇନ ଗରଡ଼ା) ବାତ୍ୟା 'ଅର୍ଣ୍ଣବ'କୁ ନେଇ ସାରା ରାଜ୍ୟରେ ସରକାରୀ ସ୍ତରରେ ସତର୍କତା ଅବଲମ୍ବନ କରାଯାଉଥିବା ବେଳେ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ଶିକ୍ଷାନୁଷ୍ଠାନ ବନ୍ଦ ରଖିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଜାରି ହୋଇଥିବା ସତ୍ତ୍ୱେ ଦଶମନ୍ତପୁର ବ୍ଲକର ପରଜାବାରିକଣ୍ଡା ଅଞ୍ଚଳରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି । ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତ ଅନ୍ତର୍ଗତ ପରଜାବାରିକଣ୍ଡାସ୍ଥିତ ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପି.ବାରିକଣ୍ଡାରେ ବାତ୍ୟା ଓ ଲଗାଣ ବର୍ଷା ମଧ୍ୟରେ ଛାତ୍ରଛାତ୍ରୀ ସ୍କୁଲ ସମୟରେ ବିଦ୍ୟାଳୟରେ ପହଞ୍ଚିଥିବା ନଜରକୁ ଆସିଛି । ଛାତ୍ରଛାତ୍ରୀମାନେ ବହିବସ୍ତାନି ଓ ହାତରେ ଛତା ଧରି ବର୍ଷାରେ ସ୍କୁଲରେ ପହଞ୍ଚି ଶିକ୍ଷକଙ୍କୁ ଅପେକ୍ଷା କରି ଶିକ୍ଷା ପାଇବା ଆଶାରେ ଛାତ୍ରଛାତ୍ରୀ ସ୍କୁଲରେ ପହଞ୍ଚିଥିଲେ ମଧ ସେଠାରେ ଶିକ୍ଷକମାନଙ୍କ ଦେଖା ମିଳିନଥିବା ଜଣାପଡ଼ିଛି। ଫଳରେ ଲଗାଣ ବର୍ଷା ମଧ୍ୟରେ ସ୍କୁଲକୁ ଆସିଥିବା ଛାତ୍ରଛାତ୍ରୀମାନେ ଶିକ୍ଷକଙ୍କୁ ଅପେକ୍ଷା କରି ରହିଥିବା ଚିତ୍ର ସାମ୍ନାକୁ ଆସିଛି। ସୂଚନା ଅନୁସାରେ, ଏହି ବିଦ୍ୟାଳୟରେ ୩ ଜଣ ଶିକ୍ଷକ, ଜଣେ ଶିକ୍ଷୟିତ୍ରୀ ଏବଂ ଜଣେ ଶିଶୁବାଟିକା କର୍ମଚାରୀ ରହିଛନ୍ତି। ତଥାପି ବାତ୍ୟା ଓ ପ୍ରବଳ ବର୍ଷା ପରିସ୍ଥିତିରେ ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟକୁ ନ ଆସିବା ପାଇଁ ସ୍ପଷ୍ଟ ସୂଚନା ଦିଆଯାଇନଥିବା ଅଭିଯୋଗ ହୋଇଛି। କୌଣସି ଏକ ପରୀକ୍ଷା ରହିଥିବା କହି ଜଣେ ଶିକ୍ଷକ ଫୋନ ମାଧ୍ୟମରେ ପିଲାଙ୍କୁ ସ୍କୁଲ ଆସିବାକୁ କୁହାଯାଇଥିବା ଛାତ୍ରୀ ଜଣକ କହିଛନ୍ତି କ୍ଷ ଏପରି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଛାତ୍ରଛାତ୍ରୀଙ୍କୁ ବର୍ଷା ଓ ବିପଦପୂର୍ଣ୍ଣ ପରିସ୍ଥିତିରେ ଘରୁ ବାହାରି ବିଦ୍ୟାଳୟକୁ ଆସିବାକୁ ପଡ଼ିବା ଘଟଣା ସେମାନଙ୍କ ସୁରକ୍ଷା ନେଇ ପ୍ରଶ୍ନ ଉଠାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଶିକ୍ଷାନୁଷ୍ଠାନ ବନ୍ଦ ନିର୍ଦ୍ଦେଶ ଜାରି ହୋଇଥିବା ସତ୍ତ୍ୱେ ସ୍ଥାନୀୟ ସ୍ତରରେ ଏଭଳି ଅବହେଳା କିପରି ଘଟିଲା, ତାହା ନେଇ ତଦନ୍ତର ଆବଶ୍ୟକତା ଦାବି ହେଉଛି। ଏ ସମ୍ପର୍କରେ ପ୍ରଧାନଶିକ୍ଷକ ସଂଜୀବ ଖୋସ୍ଲା କହିଛନ୍ତି ଯେ ୨୩ ଏବଂ ୨୪ ଛୁଟି ଘୋଷଣା ହୋଇଥିଲା ଏବଂ ପରବର୍ତ୍ତି ଛୁଟି ବିଳମ୍ବରେ ସୂଚନା ମିଳିଲା ନେଟୱର୍କ ଏବଂ ବିଦ୍ୟୁତ ସମସ୍ୟା ଯୋଗୁଁ ଛାତ୍ରୀଛାତ୍ର ଙ୍କୁ ଜାଣିବାରେ ଅସୁବିଧା ହେଲା ବୋଲି ସେ କହିଛନ୍ତି କ୍ଷ ଘଟଣାରେ ଜିଲ୍ଲା ପ୍ରଶାସନ ଓ ଶିକ୍ଷା ବିଭାଗ ପକ୍ଷରୁ ତୁରନ୍ତ ତଦନ୍ତ କରାଯାଇ ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଆବଶ୍ୟକ ପଦକ୍ଷେପ ନେବା ସହ ଭବିଷ୍ୟତରେ ବାତ୍ୟା, ବନ୍ୟା ଓ ଅନ୍ୟାନ୍ୟ ବିପର୍ଯ୍ୟୟ ସମୟରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ନେଇ ସ୍ପଷ୍ଟ ଓ ସମୟୋପଯୋଗୀ ସୂଚନା ପହଞ୍ଚାଇବାକୁ ଅଭିଭାବକ ଓ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ଲଗାଣ ବର୍ଷାରେ କୋରାପୁଟରେ ବନ୍ୟା ପରିସ୍ଥିତି ଗମ୍ଭୀର

- ଜଳବନ୍ଦୀ ଅଞ୍ଚଳରୁ ଲୋକଙ୍କୁ ସ୍ଥାନାନ୍ତର
- ଉଦ୍ଧାର କାର୍ଯ୍ୟରେ ଓଡ୍ରାଫ୍ ଟିମ୍
- ଘଟଣାସ୍ଥଳ ପରିଦର୍ଶନ କଲେ କୋଟପାଡ଼ ବିଧାୟକ

କୋରାପୁଟ,୨୫/୯(ଅକ୍ଷର ଓଡ଼ିଶା): ସାଇକ୍ଲୋନ୍ 'ଅର୍ଣ୍ଣବ' ପ୍ରଭାବରେ କୋରାପୁଟ ଜିଲ୍ଲାରେ ଦୀର୍ଘ ୪ ଦିନ ଧରି ଲାଗିରହିଥିବା ବର୍ଷା ଯୋଗୁଁ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବନ୍ୟା ପରିସ୍ଥିତି ଦେଖାଦେଇଛି। ଲଗାଣ ବର୍ଷା ଯୋଗୁଁ ନଦୀ, ନାଳ ଓ ଜଳଭଣ୍ଡାର ଗୁଡ଼ିକର ଜଳସ୍ତର ବୃଦ୍ଧି ପାଇବା ସହ ତଳିଆ ଅଞ୍ଚଳର ଅନେକ ଗାଁ ଜଳବନ୍ଦୀ ହୋଇପଡ଼ିଛି। ଅନ୍ୟପକ୍ଷରେ, ଦୀର୍ଘ ପ୍ରାୟ ୮ ବର୍ଷ ପରେ ଇନ୍ଦ୍ରାବତୀ ଜଳଭଣ୍ଡାରର ୪ଟି ଗେଟ୍ ଖୋଲା ଯାଇଥିବାରୁ ତଳିଆ ଅଞ୍ଚଳରେ ଏହାର ପ୍ରଭାବ ପଡ଼ିଛି। ବୋରିଗୁମ୍ମା, କୋଟପାଡ଼ ବ୍ଲକ୍‌ର ବିଭିନ୍ନ ଗ୍ରାମରେ ବନ୍ୟାଜଳ ପ୍ରବେଶ କରିବା ଫଳରେ ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି। ବନ୍ୟା ପ୍ରଭାବିତ ଅଞ୍ଚଳରେ ଜିଲ୍ଲା ଓ ବ୍ଲକ୍ ପ୍ରଶାସନ ପକ୍ଷରୁ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ଜାରି ରହିଛି।ଜଳବନ୍ଦୀରେ ଫସିଥିବା ପରିବାରଗୁଡ଼ିକୁ ଓଡ୍ରାଫ୍ ଟିମ୍ ପକ୍ଷରୁ ବୋଟ୍ ସାହାଯ୍ୟରେ ଉଦ୍ଧାର କରାଯାଇ ସୁରକ୍ଷିତ ସ୍ଥାନକୁ ନିଆଯାଉଛି। ବିଶେଷ କରି କୋଟପାଡ଼ ବ୍ଲକ୍‌ରେ ବନ୍ୟା ପରିସ୍ଥିତି ଗମ୍ଭୀର ହୋଇଛି। ଗୁଆଳି ପଞ୍ଚାୟତ ଅନ୍ତର୍ଗତ ଆସନା ଓ ବଣିଆ ଅଞ୍ଚଳରେ ବନ୍ୟାଜଳ ପ୍ରବେଶ କରିବାରୁ ଅନେକ ପରିବାର ପ୍ରଭାବିତ ହୋଇଛନ୍ତି। ଗାଁ ଭିତରକୁ ପାଣି ପଶିଥିବା ଖବର ପାଇ କୋଟପାଡ଼ ବିଧାୟକ ରଘୁ ଭତ୍ରା ଓ ସ୍ଥାନୀୟ ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚିଥିଲେ।



# ଫରେଷ୍ଟରଙ୍କ ଅବହେଳା ପାଇଁ କେନାଲରେ ପଡି ଦନ୍ତାହାତୀ ମୃତ

ଖଜୁରିଆକଟା ୨୫/୯ (ନୀଳକଣ୍ଠ ଦାସ)ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବନବିଭାଗ ସବୁବେଳେ ଚର୍ଚ୍ଚାରେ ହାତୀ ଆକ୍ରମଣରେ ମଣିଷମୃତ୍ୟୁ ସହିତ ବିଭିନ୍ନ କାରଣପାଇଁ ହାତୀ ମୃତ୍ୟୁ ଥମିବାରେ ଲାଗୁନି। କିଛି ଦିନଭିତରେ ବିଭିନ୍ନ କାରଣପାଇଁ ଅନେକ ହାତୀ ମୃତ୍ୟୁବରଣ କରିଥିବାବେଳେ ପୁଣି ଗୋଟିଏ ହାତୀର ମୃତ୍ୟୁ ଜଙ୍ଗଲ ଓ ପଶୁପ୍ରେମୀଙ୍କ ଭିତରେ ନୈରାଶ୍ୟ ଖେଳାଇଦେଇଛି। ଖବରରୁ ପ୍ରକାଶ ଢେଙ୍କାନାଳ ବନଖଣ୍ଡ ଅଧୀନ ହିନ୍ଦୋଳ ବନାଞ୍ଚଳ କର୍ଣ୍ଣପୁର ବିଟ ଅନ୍ତର୍ଗତ ନୂଆକୂଟ ଜଙ୍ଗଲରେ ଏକ ୫ବର୍ଷୀୟ ଦନ୍ତା ହାତୀ ଅସୁସ୍ଥ ଥିବାରୁ ହିନ୍ଦୋଳ ବନବିଭାଗ ପକ୍ଷରୁ ତାହାର ଚିକିତ୍ସା ଜାରି ରହିଥିଲା। ମାତ୍ର ଗତକାଲି ସନ୍ଧ୍ୟାରେ ହାତିଟି ନୂଆକୂଟ ଗ୍ରାମନିକଟରେ ଯାଇଥିବା କେନାଲ ଦିଗକୁ ଆସି କେନାଲରେ ପଡିଯାଇଥିଲା ଏବଂ ଘଟଣା ସ୍ଥଳରେ ହାତିଟି ମୃତ୍ୟୁବରଣ କରିଥିଲା। ତେବେ ଖବରପାଇ ଢେଙ୍କାନାଳ ବନଖଣ୍ଡ ଅଧିକାରୀ



ସୁମିତ କର,ହିନ୍ଦୋଳ ରେଞ୍ଜର ତ୍ରିଲୋଚନ ଦେହୁରୀ ବନବିଭାଗ କର୍ମଚାରୀ ଙ୍କ ସହିତ ପହଂଚି ମୃତ ଦେହ ଉଦ୍ଧାର କରିବାସହ ଡାକ୍ତରୀ ଟିମଦ୍ୱାରା ଶବ ବ୍ୟବଚ୍ଛେଦ କରିବାପରେ ହାତୀଟିକୁ ପୋତି ଦେଇଥିଲେ। ତେବେ ଶବବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ହାତୀ ମୃତ୍ୟୁରେ କାରଣ ଜଣାପଡିବ ବୋଲି ବନବିଭାଗ ସୂତ୍ରରୁ ପ୍ରକାଶ।ଗଣମାଧ୍ୟମ ପ୍ରତିନିଧି ଘଟଣା ସ୍ଥଳରେ ପହଂଚି ଖବର ସଂଗ୍ରହ ପାଇଁ ଉଦ୍ୟମ କରୁଥିବା ବେଳେ ଉପସ୍ଥିତ ଫରେଷ୍ଟର ବାରଣ କରିବାକୁ ଉଦ୍ୟମ କରିବା, ହାତୀ ମୃତ୍ୟୁ କାରଣ ଓ ସ୍ଥାନକୁ ଲୁଚାଇବା ଉଦ୍ୟମ ଅତ୍ୟନ୍ତ ନିନ୍ଦନୀୟ ଥିବାବେଳେ ଦାୟିତ୍ୱରେ ଥିବା ଫରେଷ୍ଟରେ ଙ୍କ ଅବହେଳା ଓ ଭୁଲ ପରିଚାଳନା ପାଇଁ ହାତିଟି ଜଙ୍ଗଲ ଦିଗକୁ ନଯାଇ କେନାଲ ଦିଗକୁ ଦୌଡ଼ି ଆସିବାରୁ ଖସିପଡି ମୃତ୍ୟୁ ବରଣ କରିଥିବା ଆଲୋଚନା ହେଉଛି।ହିନ୍ଦୋଳରେ ଅନେକ ସମୟରେ ହାତୀ ମୃତ୍ୟୁ ପାଇଁ ବୁଦ୍ଧିଜୀବୀ,ଜଙ୍ଗଲ ଓ ପଶୁପ୍ରେମୀ ମାନେ ଉଦବେଗ ପ୍ରକାଶ କରି ହାତୀ ମୃତ୍ୟୁ ଓ ହାତୀ ଆକ୍ରମଣ ଜନିତ ମଣିଷ ମୃତ୍ୟୁ ରୋକିବା, ଆବଶ୍ୟକ ସୋଲାର ଲାଇଟ ଲଗାଇବା, ସଠିକ ସଚେତନତା କରାଇବାସହ ବନବିଭାଗ କୁ ଆହୁରି କ୍ରିୟାଶୀଳ କରାଇବାକୁ ଦାୟିତ୍ୱରେ ଫରେଷ୍ଟରଙ୍କ ଅବହେଳା ପାଇଁ ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛନ୍ତି ।

# ଟ୍ରେନ ଧକ୍କାରେ ୧୫ରୁ ଉର୍ଦ୍ଧ ଗୋରୁ ମୃତ, ୨୦ ଗୁରୁତର



କାମାକ୍ଷାନଗର, ୨୫/୯ (ସୁମନ୍ତ ଜେନା) କାମାକ୍ଷାନଗର ଥାନା କନ୍ତାରିପାଟ ଗ୍ରାମ ରେ ଅଘଟଣ । ରେଳଧାରଣା ପାର ହେଉଥିବା ବେଳେ ଟ୍ରେନ ଧକ୍କା ରେ ପନ୍ଦର ରୁ ଉର୍ଦ୍ଧ୍ୱ ଗୋରୁ ମୃତ, କୋଡିଏ ଗୋରୁ ଗୁରୁତର। ବୁଢାପଙ୍କ - ଡୁବୁରୀ ରେଳଲାଇନ ର କନ୍ତାରିପାଟ ଗ୍ରାମ ରେ ଘଟିଛି ଅଘଟଣ ।ସୂଚନା ଅନୁସାରେ ସବୁଦିନ ପରି ଗ୍ରାମର ଗୋରୁ ଚରାଳି ଆଜି ସକାଳୁ ପ୍ରାୟ ଶହେ ରୁ ଉର୍ଦ୍ଧ ଗୋରୁ ଙ୍କୁ ରେଳଧାରଣା ପାର କରାଇ ଆରପଟେ ଥିବା ବିଲ କୁ ଚରାଇବାକୁ ନେଉଥିଲେ । ସେହି ସମୟରେ ଏକ ମାଲବାହୀ ଟ୍ରେନ ହଟାତ ରେଳଧାରଣା ରେ ଦ୍ରୁତଗତି ରେ ଆସିବାରୁ ଗୋରୁ ଗୁଡିକୁ ଚାପି ଦେଇଥିଲା । ଫଳରେ ଘଟଣା ସ୍ଥଳ ରେ ପନ୍ଦର ରୁ ଉର୍ଦ୍ଧ୍ୱ ଗୋରୁ ଙ୍କ ମୃତ୍ୟୁ ହୋଇଥିବା ବେଳେ କୋଡିଏ ରୁ ଉର୍ଦ୍ଧ୍ୱ ଗୋରୁ ଗୁରୁତର ହୋଇଛନ୍ତି । ତେବେ ଏହି ରେଳଧାରଣା ପାର ହୋଇ ପ୍ରତ୍ୟେକଦିନ ଗ୍ରାମବାସୀ ଧରଣା ସେ ପଟେ ଥିବା ବିଲ କୁ ଯାଉଥିବା ବେଳେ ଅନେକ ସମୟରେ ଏଠାରେ ଦୁର୍ଘଟଣା ହେଉଛି । ପୂର୍ବରୁ ମଧ୍ୟ ଏଠାରେ ରେଳ ଦୁର୍ଘଟଣା ଯୋଗୁ ଅନେକ ଗୋରୁ ଙ୍କ ମୃତ୍ୟୁ ହୋଇଥିବା ବେଳେ ଆଜି ଏକାକୀଲୀନ ବହୁ ସଂଖ୍ୟକ ଗୋରୁ ମୃତାହତ ହୋଇଛନ୍ତି ।ପୂର୍ବରୁ ଗ୍ରାମବାସୀ ମାନେ ଏଠାରେ ଏକ ଓଭରବ୍ରିଜ ନିର୍ମାଣ ପାଇଁ ଦାବି କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ସମାଧାନ ହୋଇନାହିଁ । ତେଣୁ ଗୋରୁ ମୃତ୍ୟୁ କୁ ନେଇ ସରକାରୀ ସହାୟତା ପ୍ରଦାନ ଓ ଓଭରବ୍ରିଜ ନିର୍ମାଣ ଦାବି ରେ ଗ୍ରାମବାସୀ ମାନେ ରେଳଧାରଣା ଉପରେ ରେଳରୋକ କରିଛନ୍ତି ।

## ସମବାୟ ସଦସ୍ୟତା ମହାଅଭିଯାନ 'ସମ୍ବନ୍ଧ' ଶୁଭାରମ୍ଭ

ଢେଙ୍କାନାଳ, ୨୫/୦୯ (ସୁଶାନ୍ତ କୁମାର ପାଣୀ): ଆଜି ସାରା ରାଜ୍ୟରେ ସମବାୟ ସଦସ୍ୟତା ମହାଅଭିଯାନ 'ସମ୍ବନ୍ଧ' ଶୁଭାରମ୍ଭ ହୋଇଛି। ଭୁବନେଶ୍ୱର କୃଷି ଶିକ୍ଷା ସଦନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୪ଟି ମଡେଲ ମଣ୍ଡି, ୩ଟି ବୃହତ ଶସ୍ୟ ଗୋଦାମର ଭିତ୍ତିପ୍ରସ୍ତର ସ୍ଥାପନ ଓ ୧୮୫ଟି ଧାନ କ୍ରୟ କେନ୍ଦ୍ର ସମେତ ୬୬ଟି ପ୍ୟାକ୍ସ/ଲ୍ୟାମ୍ପସ ଅଫିସ ଗୃହ ଓ ଗୋଦାମର ଉଦଘାଟନ କରିଥିଲେ। ସେଥିମଧ୍ୟରୁ ଢେଙ୍କାନାଳ ଜିଲ୍ଲାର ୨୫ଟି ଧାନ କ୍ରୟ କେନ୍ଦ୍ର ଲୋକାର୍ପିତ ହୋଇଛି।ଏହି ଅବସରରେ ଢେଙ୍କାନାଳ ଆର୍ଟ ଆଣ୍ଡ କ୍ରାଫ୍ଟ ସେଣ୍ଟରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ 'ସମ୍ବନ୍ଧ' ମାଧ୍ୟମରେ ଅଧିକ ଯୁବକ-ଯୁବତୀ ସାମିଲ ହେଲେ କୃଷି ଓ ଗ୍ରାମାଞ୍ଚଳର ଦ୍ରୁତ ବିକାଶ ହେବ ବୋଲି କହିଥିଲେ। ଅତିରିକ୍ତ ଜିଲ୍ଲାପାଳ ଲଳିତ ମୋହନ ବେହେରା ଡିଜିଟାଇଜେସନ ମାଧ୍ୟମରେ କୃଷକ ସମସ୍ୟା ସମାଧାନ ଉପରେ ଆଲୋକପାତ କରିଥିଲେ।ଉପ-ନିବନ୍ଧକ ଉମା ଶଙ୍କର ଦାସ କହିଥିଲେ, ଜିଲ୍ଲାରେ ୨ ଲକ୍ଷରୁ ଅଧିକ ଚାଷୀ ସମବାୟରେ ଅଛନ୍ତି। ୨ ମାସିଆ ଏହି ଅଭିଯାନରେ ପ୍ରତି ପରିବାରରୁ ଜଣଙ୍କୁ ସଦସ୍ୟ କରାଯିବ। ସଭାରେ ଜିଲ୍ଲାର ବହୁ ଚାଷୀ ଓ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଅବହେଳିତ ଗାଁ ହିନ୍ଦୋଳର ଗଣ୍ଡାନାଳି ଅନୁସୂଚିତ ସାହି

ଖଜୁରିଆକଟା ୨୫/୯ (ନୀଳକଣ୍ଠ ଦାସ)ଦେଶପାଳୁଛି ଅମୃତ ମହୋତ୍ସବ । ଅଥଚ ଆଜିବି ଅନେକ ଗାଁ ଗଣ୍ଡାନାଳୀ ଅନୁସୂଚିତ ସାହିରହିଛି ଯେଉଁଠିକି ବିକାଶ ପହଂଚି ପାରିନାହିଁ। ଏପରି ଏକ ଗାଁ ହେଉଛି ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ୍ ଗଣ୍ଡାନାଳୀ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଗଣ୍ଡାନାଳୀ ଗ୍ରାମର ଅନୁସୂଚିତଜାତିସାହି । ଅନୁସୂଚିତଜାତି ସଂପ୍ରଦାୟର ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ପରିବାର ସେଠାରେ ବସବାସ କରନ୍ତି। କିନ୍ତୁ ସାମାନ୍ୟତମ ବର୍ଷାହେଲେ ତାଙ୍କ ଦୁର୍ଦ୍ଦଶା କହିଲେ ନସରେ। ଟିକିଏ ବର୍ଷାହେଲେ ପଦାକୁ ବାହାରିବା ସମ୍ଭବ ହୁଏନାହିଁ। ଖାଇବା ସଉଦା ପାଇଁ ହେଉ, ବା ଛାତ୍ରଛାତ୍ରୀ ସ୍କୁଲ୍ କଲେଜକୁ ଶିକ୍ଷା ଅଧ୍ୟୟନ ପାଇଁ ହେଉ ଯିବା ଅସମ୍ଭବ ହୋଇପଡ଼େ। ତେଣୁ ବର୍ଷାହେଲେ ବାଧ୍ୟହୋଇ ଛାତ୍ରଛାତ୍ରୀ ସ୍କୁଲ୍ କଲେଜକୁ ଯିବା ବନ୍ଦ୍ କରିଦିଅନ୍ତି। ଏବଂ ସବୁଠାରୁ ଦୁଃଖର ବିଷୟ କି ଲୋକମାନଙ୍କୁ ଭୋକ ଉପାସରେ ରହିବାକୁ ପଡ଼େ। ସେଠାରେ ବସବାସ କରୁଥିବା ଲୋକମାନେ ଶ୍ରମିକଶ୍ରେଣୀର ହୋଇଥିବାରୁ ବର୍ଷାହେଲେ ସେମାନେ ବାହାରକୁ କାମଧନ୍ଦା କରିବାକୁ ଯାଇପାରନ୍ତିନାହିଁ । ଫଳରେ ପେଟରେ ଓଦାକନା ପକାଇ ଶୋଇବା ବ୍ୟତୀତ ଅନ୍ୟକୌଣସି ରାସ୍ତାନଥାଏ । ବର୍ଷା ଯେତେଦିନ



ପର୍ଯ୍ୟନ୍ତ ଲାଗିରହେ ସେତେଦିନ ପର୍ଯ୍ୟନ୍ତ ଏମିତି ଅନୁସୂଚିତଜାତିସାହି ଲୋକଙ୍କର ଦୁଃଖଦୁର୍ଦ୍ଦଶା ବଢ଼ିଚାଲେ। ବର୍ଷା ଛାଡ଼ିବାପରେ ସ୍ଥିତି ସ୍ୱାଭାବିକ ହୋଇଥାଏ । କାହିଁ କେତେକାଳରୁ ଗୋଟିଏ ଛୋଟିଆ ବ୍ରିଜ୍ ନିର୍ମାଣ ହୋଇଥିଲା। ଟିକିଏ ବର୍ଷାହେଲେ ସେ ବ୍ରିଜ୍ ଉପରେ ୩ ଫୁଟରୁ ଅଧିକ ପାଣି ଯାଉଛି। ସବୁଠାରୁ ଆଶ୍ଚର୍ଯ୍ୟର କଥାକି ସେ ବ୍ରିଜ୍ ଏବେ ବିପଦପୂର୍ଣ୍ଣ ଅବସ୍ଥାରେ। ତେଣୁ ସେହି ବ୍ରିଜ୍ ଉପରେ ଲୋକମାନେ ଚଳାଚଳ କରିବାକୁ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଏ ସଂପର୍କରେ ସ୍ଥାନୀୟ ବିଧାୟିକାଙ୍କ ଠାରୁ ଆରମ୍ଭ କରି ସରପଞ୍ଚ, ସାଂସଦ ଓ ବିଡ଼ିଓଙ୍କୁ ଲୋକମାନେ ଜଣାଇଥିଲେ ମଧ୍ୟ ଫଳଶୂନ। ତେଣୁ ଭଗବାନଙ୍କ ଭରସାରେ ଗ୍ରାମବାସୀ ଜୀବନ କାଟୁଛନ୍ତି। ପ୍ରଶାସନ ଏହାକୁ ଗୁରୁତର ସହ ନେଇ ଉଚ୍ଚ ବ୍ରିଜ୍ ନିର୍ମାଣ କରିବାକୁ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି। ଯଦି ପ୍ରଶାସନ ଏଥିପ୍ରତି ହେୟଜ୍ଞାନ କରେ ତେବେ ଆଗାମୀ ପଞ୍ଚାୟତନିର୍ବାଚନ ଗ୍ରାମବାସୀସମୂହ ବର୍ଜନ କରିବା ସହ ରାଜରାସ୍ତାକୁ ଓହ୍ଲାଇବାକୁ ଗ୍ରାମବାସୀ ପକ୍ଷରୁ ଚେତାବନୀ ଦିଆଯାଇଛି।

# ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ (ଉଲ୍ଲାସ) ଅନୁଷ୍ଠିତ

କାମାକ୍ଷାନଗର, ୨୫/୯ (ସୁମନ୍ତ ଜେନା) କାମାକ୍ଷାନଗର ବ୍ଲକ ଶିକ୍ଷା ବିଭାଗ ତରଫରୁ ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ(ଉଲ୍ଲାସ) ଅଧୀନ ରେ ଚଳିତ ବର୍ଷ ୧୫ ବର୍ଷରୁ ଉର୍ଦ୍ଧ୍ୱ ନିରକ୍ଷର ବ୍ୟକ୍ତିମାନଙ୍କୁ ସାକ୍ଷର କରିବା ନିମନ୍ତେ ପ୍ରାୟ ୭୦୦୦ ନିରକ୍ଷର ବ୍ୟକ୍ତି ଙ୍କୁ ପଞ୍ଜିକୃତ କରାଯାଇଛି । ପ୍ରଥମ ପର୍ଯ୍ୟାୟ ରେ କାମାକ୍ଷାନଗର ବ୍ଲକ ର ବିଭିନ୍ନ ବିଦ୍ୟାଳୟ ରେ ୧୩୯୫ ଜଣ ପୁରୁଷ ଓ ୨୭୯୬ ଜଣ ମହିଳା ପରୀକ୍ଷା ଦେଇଥିଲେ । ଏହି କାର୍ଯ୍ୟକ୍ରମ କୁ ସଫଳ କରିବା ପାଇଁ ଗୋଷ୍ଠୀ ଶିକ୍ଷା ଅଧିକାରୀ କବିରାଜ ଜେନା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ



କୃଷ୍ଣଚନ୍ଦ୍ର ଭୋଇ ଓ ବିଭିନ୍ନ କ୍ଲଷ୍ଟର ର ସିଆରସିସି ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ । କାର୍ଯ୍ୟକ୍ରମ ରେ ସମସ୍ତ ଭଲାଣ୍ଟିଅର ଶିକ୍ଷକ ସହଯୋଗ କରିଥିଲେ ।

## ଜିଲ୍ଲା ସ୍ତରୀୟ ଶ୍ରମ ପର୍ଯ୍ୟବେକ୍ଷଣ ସମିତି ବୈଠକ

ଢେଙ୍କାନାଳ, ୨୫/୦୯ (ସୁଶାନ୍ତ କୁମାର ପାଣୀ):



ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ବିଭାଗର ମିଳିତ ଆନୁକୂଲ୍ୟରେ ଆଜି ପୂର୍ବାହ୍ନ ୧୦ଟାରେ ସଦଭାବନା ବୈଠକ ଗୃହରେ ଜିଲ୍ଲା ସ୍ତରୀୟ ଶ୍ରମ ପର୍ଯ୍ୟବେକ୍ଷଣ ସମିତି ବୈଠକ ଅନୁଷ୍ଠିତ ହୋଇଛି ।ଶ୍ରମିକ କଲ୍ୟାଣ, ଶ୍ରମ ଆଇନ ଅନୁପାଳନ ଓ ଶିଶୁ ଶ୍ରମ ଉଚ୍ଛେଦ ନେଇ ଜନସଚେତନତା ସୃଷ୍ଟି ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଶିଶୁ ଶ୍ରମିକଙ୍କ ଉଦ୍ଧାର ଓ ପୁନର୍ବାସ, ପ୍ରବାସୀ ଶ୍ରମିକ ସୁରକ୍ଷା, ସର୍ବନିମ୍ନ ମଜୁରୀ ପ୍ରଦାନ ଓ ସରକାରୀ ଶ୍ରମ କଲ୍ୟାଣ ଯୋଜନାର ରୂପାୟନ ନେଇ ଆଲୋଚନା ହୋଇଥିଲା ।ଏହି ବୈଠକରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଉପ-ଆରକ୍ଷୀ ଅଧୀକ୍ଷକ ସୁଷମା ପ୍ରଧାନ, ପ୍ରଭାଗୀୟ ଶ୍ରମ ଆୟୁକ୍ତ ମୋନାଲିସା ନାୟକ, ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷ ଗୋଲେଖ ବିହାରୀ ପାଣିଗ୍ରାହୀଙ୍କ ସମେତ ଜିଲ୍ଲାର ବରିଷ୍ଠ ଅଧିକାରୀ, ଚାମ୍ବର ଅଫ୍ କମର୍ସ, ଟ୍ରେଡ ୟୁନିୟନ ଓ ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟମାନେ ଉପସ୍ଥିତ ଥିଲେ। ଜିଲ୍ଲା ଶ୍ରମ ଅଧିକାରୀ ତପନ କୁମାର ସୂତାର ବୈଠକ ପରିଚାଳନା କରିଥିଲେ।

# ଢେଙ୍କାନାଳରେ ଓଜନ ଓ ମାପ ବିଭାଗର ବ୍ୟାପକ ଚଢ଼ାଉ
# ୧୨ ମାମଲା ରୁଜୁ, ୧୮ ହଜାର ଜରିମାନା

ଢେଙ୍କାନାଳ, ୨୪/୯ (ବିଜ୍ଞାନ ମହାନ୍ତି ) ଓଡ଼ିଶାର ବୈଧ ମାପ ବିଜ୍ଞାନ ନିୟନ୍ତ୍ରକଙ୍କ ନିର୍ଦ୍ଦେଶକ୍ରମେ ଢେଙ୍କାନାଳ ଜିଲ୍ଲାରେ ଓଜନ ଓ ମାପ ବିଭାଗ ପକ୍ଷରୁ ବ୍ୟାପକ ଚଢ଼ାଉ କରାଯାଇଛି। ସେପ୍ଟେମ୍ବର ୧୩ ଏବଂ ୧୬ ତାରିଖ ଦୁଇ ଦିନ ଧରି ଗୋବିନ୍ଦପୁର ଓ କାମାକ୍ଷାନଗର ଅଞ୍ଚଳରେ ଏହି ସ୍ପେଶାଲ ଏନଫୋର୍ସମେଣ୍ଟ ଡ୍ରାଇଭ୍ ଅନୁଷ୍ଠିତ ହୋଇଥିଲା। ଏହି ଯାଞ୍ଚ ପ୍ରକ୍ରିୟାରେ ଢେଙ୍କାନାଳ ଜିଲ୍ଲା ଡେପୁଟି କଣ୍ଟ୍ରୋଲର ରଞ୍ଜନ ପରିଡ଼ା ଏବଂ ଆସିଷ୍ଟାଣ୍ଟ କଣ୍ଟ୍ରୋଲର ସୌମ୍ୟରଞ୍ଜନ ଘୋଷ ନେତୃତ୍ୱ ନେଇଥିଲେ।ଏହି ମିଳିତ ଚଢ଼ାଉ ସମୟରେ ବିଭାଗୀୟ ଅଧିକାରୀମାନେ ସ୍ଥାନୀୟ ଗ୍ରୋସରୀ ଦୋକାନ, ମିଠା ଦୋକାନ, ହାର୍ଡୱେର ଆଉଟଲେଟ୍, ବିଭିନ୍ନ ରାଇସ ମିଲ୍ ଏବଂ ଧାନ ବ୍ୟବସାୟୀଙ୍କ ଓଜନ ଓ ମାପ ଯନ୍ତ୍ରର ସଠିକତା ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ନିୟମ ଉଲ୍ଲଂଘନ କରିଥିବା ବ୍ୟବସାୟୀଙ୍କ ବିରୋଧରେ ସମୁଦାୟ ୧୨ଟି ମାମଲା ପଞ୍ଜିକୃତ କରାଯାଇଛି ଏବଂ ୧୮,୦୦୦ ଟଙ୍କା କମ୍ପାଉଣ୍ଡିଂ ଫାଇନ ଆଦାୟ କରାଯାଇଛି। ଗ୍ରାହକଙ୍କ ସ୍ୱାର୍ଥ ରକ୍ଷା ଏବଂ ସ୍ୱଚ୍ଛ ବ୍ୟବସାୟିକ କାରବାର



ସୁନିଶ୍ଚିତ କରିବା ପାଇଁ ଆଗକୁ ମଧ୍ୟ ଏହିଭଳି ଚଢ଼ାଉ କଡ଼ାକଡ଼ି ଭାବେ ଜାରି ରହିବ ବୋଲି ଡେପୁଟି କଣ୍ଟ୍ରୋଲର ଶ୍ରୀ ପରିଡ଼ା ପ୍ରକାଶ କରିଛନ୍ତି।

# ଆଲୁତମା ଗ୍ରାମର ବହୁ ପୁରାତନ ମହିମା ଟୁଙ୍ଗୀ ଠାରେ ନବାହ୍ନ ଭୋଜନ

କାମାକ୍ଷାନଗର, ୨୫/୯ (ସୁମନ୍ତ ଜେନା) ଭାଦ୍ରବ ମାସ ଚତୁର୍ଦ୍ଦଶୀ ତିଥିରେ ଆଲତୁମା ଗ୍ରାମର ବହୁ ପୁରାତନ ମହିମା ଟୁଙ୍ଗୀ ଠାରେ ପ୍ରାତଃ କାଳରେ ମହିମା ସ୍ୱାମୀ ଓ ଜଗତ କଲ୍ୟାଣ ଉଦ୍ଦେଶ୍ୟରେ ସାଧୁ ସନ୍ଥ ଏଂ ଭକ୍ତଙ୍କ ଗହଣରେ ଅମୁଣିଆ ଭୋଗ ପ୍ରଦାନ କରାଯାଇଥିଲା । କାମାକ୍ଷାନଗର ମାଠାଧିଶ ଶ୍ରୀମତ୍ ଖଗେଶ୍ୱର ବାବା ଜଗତ ଭଗତର କଲ୍ୟାଣ କାମନା କରି ମହିମା ଡ଼ାକ ଦେଇଥିଲେ ।ଏତତ୍ ବ୍ୟତୀତ ଗ୍ରାମର ଆରାଧ୍ୟ ଦେ୍ୱତା ଶ୍ରୀ ଶ୍ରୀ ଦଧିବାମନ ଜୀଉଙ୍କ ମନ୍ଦିରରେ ନବାହ୍ନ ଭୋଗ କରାଯାଇଥିଲା । ଗ୍ରାମ ଚୁତଃପାର୍ଶ୍ୱରେ ଥିବା ଗ୍ରାମ ଦେବତୀ ଓ ଅନ୍ୟାନ ଦେବା ଦେ୍ୱୀ ଙ୍କ ଠାରେ ମଧ୍ୟ ନ୍ୱାହ୍ନ ଭୋଗ ଅର୍ପଣ କରାଯାଇଥିଲା । ଗ୍ରାମର ଆବାଳ ବୃଦ୍ଧ୍ୱନୀତା ନ୍ୱାହ୍ନ ପ୍ରସାଦ ପାଇଥିଲେ ।ଆଲତୁମା ଗ୍ରାମର ମହିମା ଟୁଙ୍ଗୀ ଠାରେ ପ୍ରାୟ ୯୧ ବର୍ଷରୁ ଉର୍ଦ୍ଧ୍ୱ ବର୍ଷ ଧରି ନୀରନ୍ତର ଚାଲି ଆସୁଛି ।ଏହି ନବାହ୍ନ ଭୋଗ କେବଳ ଏକ ଧାର୍ମିକ କାର୍ଯ୍ୟକ୍ରମ ନୁହେଁ -ଏହା ମନ ଓ ଆତ୍ମାର ପବିତ୍ରତା, ଜୀବନ ଉପରେ ଦୈବ ଅନୁଗ୍ରହର ଅନୁଭୂତି ଓ ଜଗତ କଲ୍ୟାଣ ପାଇଁ ଏକ ନିର୍ମଳ ପ୍ରାର୍ଥନା ସହିତ ଓଡ଼ିଆ ଅସ୍ମିତାର ଏକ ଅଂଶୀଦାର



ପର୍ବ ଏଂ ଶାନ୍ତି ସେବା ଓ ସଂସ୍କୃତିର ବଡ଼ ଅସ୍ତ୍ର ।ଏହି କାର୍ଯ୍ୟକ୍ରମକୁ ମହିମା ଟୁଙ୍ଗୀ ପରିଚାଳନା କମିଟିର କର୍ମକର୍ତ୍ତା ରାଜକିଶୋର ମହାରଣା , ସନାତନ ପଟ୍ଟନାୟକ, ରବିନାରାୟଣ ମହାରଣା, ନିର୍ମଳ ବାରିକ ,ଅମୁଲ୍ୟ ବାରିକ,ଅଶୋକ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ। ଏହି ଉତ୍ସବରେ ଗ୍ରାମର ସଭାପତି ବିଭୁତି ଭୂଷଣ ମହାନ୍ତି ଓ ମନ୍ଦିର ସମ୍ପାଦକ ହେମନ୍ତ କୁମାର ଦାସ କର୍ମକର୍ତ୍ତା ସିଲୁ, ପିଲୁ, ଦିଲୁ, ବୁବୁନା, ବବୁଲୁ ସୁବାସ ପ୍ରମୁଖ ପରିଚାଳନା କରିଥିଲେ, ଏହା ଗ୍ରାମରେ ଏକ ଆନ୍ଦନମୟ ପରିବେଶ ସୃଷ୍ଟି କରିଥିଲା, ଗ୍ରାମର ଆବାଳ ବୃଦ୍ଧ୍ୱନୀତା ଉପସ୍ଥିତ ରହି୍ୱଭୂକୃପା ଲାଭ କରିଥିଲେ ।

## ନିରବିଚ୍ଛିନ୍ନ ବିଦ୍ୟୁତ କାଟ ନେଇ ବିଦ୍ୟୁତ୍ କାର୍ଯ୍ୟାଳୟ ଘେରିଲେ ଗ୍ରାମବାସୀ

ପରଜଙ୍ଗ, ୨୫ ।୯ (ଅକ୍ଷର ଓଡିଶା): ଚଳିତ ଲଗାଣ ବର୍ଷାରେ ଗଛ ଭାଙ୍ଗି ଯିବାରୁ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ଯିବାର ଦୁଇ ଦିନ ବିତିଯାଇଥିଲେ ମଧ୍ୟ ବିଦ୍ୟୁତ୍ ବିଭାଗର କର୍ମଠ ପାଇଁ ଅନ୍ଧାରରେ ଗଇଲୋ ଗ୍ରାମର ଶତାଧିକ ପରିବାର ବୋଲି ଅଭିଯୋଗ ହୋଇଛି। ସୂଚନା ମୁତାବକ ପରଜଙ୍ଗ ବ୍ଲକ ରୋଡ ପଞ୍ଚାୟତ ଗଇଲୋ ଗ୍ରାମରେ ବୁଧବାର ବର୍ଷା ପବନ ଯୋଗୁଁ ଦୁଇଟି ଗଛ ପଡ଼ିଯିବାରୁ ବିଦ୍ୟୁତ୍ ଖୁଣ୍ଟି ଉପୁଡି ପଡ଼ିଥିଲା। ଏନେଇ ଗଇଲୋ ଗ୍ରାମବାସୀ ସରପଞ୍ଚ ବିଶ୍ୱଜିତ ନାୟକ କୁ ଅବଗତ କରାଇଥିଲେ। ଏହି ସଂକ୍ରାନ୍ତରେ ସ୍ଥାନୀୟ ସରପଞ୍ଚ ଏବଂ ଗ୍ରାମବାସୀମାନେ ପରଜଙ୍ଗ ସ୍ଥିତ ବିଦ୍ୟୁତ୍ କାର୍ଯ୍ୟାଳୟ ଅଧିକାରୀ ମାନଙ୍କୁ ବାରମ୍ବାର ଯୋଗାଯୋଗ କରିଥିଲେ। ମାତ୍ର ତିନି ଦିନ ବିତିଯାଇଥିଲେ ମଧ୍ୟ ବିଭାଗୀୟ ଯନ୍ତ୍ରୀ ମାନଙ୍କ କର୍ମଠ ମନୋଭାବ ଯୋଗୁଁ ଅନ୍ଧାରରେ ଗଇଲୋ ଗ୍ରାମର ଶତାଧିକ ପରିବାର। ଏଥିରେ ଅତିଷ୍ଠ ହୋଇ ଗ୍ରାମର ଯୁବା ଗୋଷ୍ଠୀ ମାନେ ଶୁକ୍ରବାର ସନ୍ଧ୍ୟାରେ ପରଜଙ୍ଗ ବିଦ୍ୟୁତ୍ କାର୍ଯ୍ୟାଳୟରେ ପହଞ୍ଚି ଶାନ୍ତି ଶୃଙ୍ଖଳା ସହିତ ଘେରାଉ କରିଥିଲେ। ଯେ ପର୍ଯ୍ୟନ୍ତ ଗାଁ କୁ ବିଦ୍ୟୁତ ସଂଯୋଗ ହୋଇପାରିନାହିଁ ସେ ପର୍ଯ୍ୟନ୍ତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ରହିବାକୁ ଗ୍ରାମର ସିଦ୍ଧେଶ୍ୱର ନାୟକ ,ସିଟୁ ସାହୁ,ବିକାଶ ସାହୁ,ପ୍ରିୟବ୍ରତ ସାହୁ,ସିପୁନ ବେହେରା,ନିରଞ୍ଜନ ସାହୁ,ଲିଟୁ ସାହୁ, ଗଣେଶ୍ୱର ସାହୁ,କାର୍ତ୍ତିକ ସାହୁ,ଚନ୍ଦନ ସାହୁ,ସମୀର ନାୟକ, ବଣ୍ଟି ବିଶ୍ୱାଳ, ନରେନ୍ଦ୍ର ସାହୁ ବୋଲି ଦାବି କରିଛନ୍ତି।

## କପିଳାସରେ ଯୁବକ-ଯୁବତୀଙ୍କୁ ଦୁର୍ବ୍ୟବହାର ଘଟଣା, ପୁଣି ୨ ଗିରଫ

ଗଁଦିଆ, ୨୫/୦୯ ( ବେତୁଜୀ ପ୍ରସାଦ):କପିଳାସ ଫେରନ୍ତା ଜଣେ ଯୁବକ ଓ ଯୁବତୀଙ୍କୁ ରାସ୍ତାରେ ଅଟକାଇ ଅଶାଳୀନ ବ୍ୟବହାର କରିବା ଏବଂ ତାହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ କରିବା ଘଟଣାରେ ଗଁଦିଆ ପୁଲିସ କାର୍ଯ୍ୟାନୁଷ୍ଠାନକୁ ଜୋରଦାର କରିଛି। ଆଜି ଏହି ମାମଲାରେ ପୁଲିସ



ପୁଣି ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ହୋଇଥିବା ବ୍ୟକ୍ତିମାନେ ହେଲେ ଗଁଦିଆ ଥାନା ଅନ୍ତର୍ଗତ ବଣିଆ ଗ୍ରାମର ସଞ୍ଜୟ ନାୟକ (୪୨) ଏବଂ ତାଙ୍କ ବାପା ଦିଜବର ନାୟକ (୬୫)। ପୁଲିସ ସୂତ୍ରରୁ ପ୍ରକାଶ ଯେ, ଉଭୟ ବାପ-ପୁଅ ଏହି ଘଟଣାରେ ସଂପୃକ୍ତ ଥିବା ପ୍ରମାଣ ମିଳିବା ପରେ ଆଜି ସେମାନଙ୍କୁ ଗିରଫ କରାଯାଇଛି। ପ୍ରକାଶଥାଉ କି, ଏହି ନିନ୍ଦନୀୟ ଘଟଣାକୁ ନେଇ ପୂର୍ବରୁ ପୁଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଆଜିର ଏହି ନୂତନ ଗିରଫଦାରୀ ପରେ ମାମଲାରେ ମୋଟ ଗିରଫ ସଂଖ୍ୟା ୫ରେ ପହଞ୍ଚିଛି। ଏସବୁ ମଧ୍ୟରେ ଗଁଦିଆ ଥାନାରେ ଏନେଇ ମାମଲା ନଂ ୪୨୦/୨୦୨୬ ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଅନ୍ୟପକ୍ଷରେ, ଏହି ଭିଡିଓ ଭାଇରାଲ୍ ଘଟଣାକୁ ସ୍ଥାନୀୟ ଅଞ୍ଚଳରେ ତୀବ୍ର ନିନ୍ଦା କରାଯିବା ସହ ଅନ୍ୟ ସଂପୃକ୍ତ ଦୋଷୀମାନଙ୍କୁ ମଧ୍ୟ ବାଛି ବାଛି ଗିରଫ କରିବା ପାଇଁ ସାଧାରଣରେ ଦାବୀ ହେଉଛି।

# ଲକ୍ଷ୍ମୀ ବସ୍‌ରୁ ଉଡ଼ିଲା ଲୁହା ଛାତ, ଯୁବକ ଗୁରୁତର
# ସୁରକ୍ଷା ଉପରେ ପ୍ରଶ୍ନବାଚୀ

ଢେଙ୍କାନାଳ, ୨୪/୯ (ବିଜ୍ଞାନ ମହାନ୍ତି ) ରାସ୍ତାରେ ଯାଉଥିବା ଲକ୍ଷ୍ମୀ ବସ୍‌ର ଛାତ ଉପର ଲୁହା ପ୍ଲେଟ୍ ହଠାତ୍ ଉଡ଼ି ଆସି ଜଣେ ଯୁବକଙ୍କ ଉପରେ ପଡ଼ିବାରୁ ଯୁବକ ଜଣକ ଗୁରୁତର ଆହତ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ସକାଳ ସମୟରେ ଗୋବିନ୍ଦପୁର ଫାଣ୍ଡି ଅନ୍ତର୍ଗତ ପାଇକଦହିକୋର ଗ୍ରାମର ରଶ୍ମି ରଞ୍ଜନ ସ୍ୱାଇଁ ନିଜ କର୍ମକ୍ଷେତ୍ରକୁ ଯାଉଥିଲେ। ଏହି ସମୟରେ ଢେଙ୍କାନାଳ ଶିମିଳିଆ ନିକଟରେ ଦ୍ରୁତ ଗତିରେ ଯାଉଥିବା ଲକ୍ଷ୍ମୀ ବସ୍ ) ର ରୁଫ୍ ଟପ୍‌ର ଲୁହା ପ୍ଲେଟ୍ ଟି ହଠାତ୍ ପବନରେ



ଉଡ଼ି ସିଧା ରଶ୍ମିଙ୍କ ଦେହରେ ମାଡ଼ ହୋଇଥିଲା। ଏହି ମାଡ଼ରେ ରଶ୍ମିଙ୍କ ହାତ ଭାଙ୍ଗିଯାଇଥିବା ବେଳେ ଛାତିରେ ଗଭୀର ଆଘାତ ଲାଗିଛି। ସ୍ଥାନୀୟ ଲୋକେ ତୁରନ୍ତ ତାଙ୍କୁ ଉଦ୍ଧାର କରି ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ରଶ୍ମିଙ୍କ ପରିବାର ପକ୍ଷରୁ ଏ ପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ମିଳିନାହିଁ। ତେବେ ଘରୋଇ ବସ୍‌ଗୁଡ଼ିକର ଫିଟନେସ୍ ଓ ଯାତ୍ରୀ ସୁରକ୍ଷାକୁ ନେଇ ଏହି ଘଟଣା ଏବେ ଢେଙ୍କାନାଳରେ ଚର୍ଚ୍ଚାର ବିଷୟ ପାଲଟିଛି।

# ଗଜଲକ୍ଷ୍ମୀ ପୂଜା ପାଇଁ ମିଳିତ ପୂଜା କମିଟି ବୈଠକ
# ସଭାପତି ହେଲେ ରାମଚନ୍ଦ୍ର ପାତ୍ର

ଢେଙ୍କାନାଳ, ୨୫/୦୯ (ସୁଶାନ୍ତ କୁମାର ପାଣୀ): ବିଶ୍ୱ ପ୍ରସିଦ୍ଧ ଢେଙ୍କାନାଳ ଗଜଲକ୍ଷ୍ମୀ ପୂଜା-୨୦୨୬କୁ ସୁଚାରୁ ରୂପେ ପରିଚାଳନା ପାଇଁ ଗୁରୁବାର ସନ୍ଧ୍ୟାରେ ସୂର୍ଯ୍ୟ ମଣ୍ଡପଠାରେ ମିଳିତ ପୂଜା କମିଟିର ଅଧିବେଶନ ଅନୁଷ୍ଠିତ ହୋଇଛି। ମୀନା ବଜାର ପୂଜା କମିଟି ସଭାପତି ତଥା ମିଳିତ ବଜାର ଆବାହକ ରବିନାରାୟଣ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ୪୧ଟି ପୂଜା ମଣ୍ଡପର ସଭାପତି ଓ ସମ୍ପାଦକମାନେ ଉପସ୍ଥିତ ଥିଲେ।ବୈଠକରେ ମିଳିତ କମିଟି



ସମ୍ପାଦକ ପିତବାସ ସାହୁ ୨୦୨୫ ବର୍ଷର ବିବରଣୀ ପାଠ କରିଥିଲେ। ସର୍ବସମ୍ମତି କ୍ରମେ ଚଳିତ ବର୍ଷ ପାଇଁ ରାମଚନ୍ଦ୍ର ପାତ୍ରଙ୍କୁ ମିଳିତ ପୂଜା କମିଟିର ସଭାପତି ଭାବେ ମନୋନୀତ କରାଯାଇଛି। ପୂଜା ପୂର୍ବରୁ ସହରର ବିଦ୍ୟୁତ୍, ରାସ୍ତାଘାଟ ଓ ଅନ୍ୟାନ୍ୟ ସମସ୍ୟା ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ନିକଟରେ ପ୍ରସ୍ତାବ ଉପସ୍ଥାପନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ପୂର୍ବତନ ସଭାପତି ରୁଦ୍ର ନାରାୟଣ ତ୍ରିପାଠୀ ବୈଠକରେ ଉପସ୍ଥିତ ଥିଲେ।



ଚୌଧୁରୀ ରମାକାନ୍ତ ଦାସ
ମୁଖ୍ୟ ସମ୍ପାଦକ, ଅକ୍ଷର ଓଡ଼ିଶା
ଅବସରପ୍ରାପ୍ତ ଯୁଗ୍ମ ସଚିବ
ରାଜ୍ୟସଭା, ସଂସଦ ଭବନ
ନୂଆଦିଲ୍ଲୀ - ୧୧୦୦୦୧

## ମୁଖ୍ୟ ସମ୍ପାଦକଙ୍କ କଲମରୁ

# 'ମାଇଁ ଭାରତ'

ଯୁବ ବ୍ୟାପାର ଏବଂ କ୍ରୀଡା ମନ୍ତ୍ରଣାଳୟର ଯୁବ ବ୍ୟାପାର ବିଭାଗର ଜାତୀୟ ଯୁବ ସମ୍ପର୍କ ପ୍ଲାଟଫର୍ମ ମେରା ଯୁବା ଭାରତ (ମାଇଁ ଭାରତ) (MY Bharat.gov.in/) ୩ କୋଟିରୁ ଅଧିକ ପଞ୍ଜିକୃତ ଯୁବପିଢ଼ିଙ୍କ ମାଇଲଖୁଣ୍ଟ ଅତିକ୍ରମ କରିଛି। ଏହି ସଫଳତା ଭାରତର ସର୍ବବୃହତ ଯୁବ ସମ୍ପର୍କ ଇକୋସିଷ୍ଟମର ଏକ ପ୍ରମୁଖ ବିସ୍ତାରକୁ ଚିହ୍ନିତ କରେ। ଏହା ଯୁବପିଢ଼ିଙ୍କୁ ଅଭିଜ୍ଞତାମୂଳକ ଶିକ୍ଷା, ସ୍ୱେଚ୍ଛାକୃତସେବା, ନେତୃତ୍ୱ, ନାଗରିକ ସମ୍ପର୍କ ଏବଂ ଯୁବ-ନେତୃତ୍ୱାଧୀନ ପଦକ୍ଷେପରେ ଅଂଶଗ୍ରହଣ କରିବାର ସୁଯୋଗ ପ୍ରଦାନ କରେ।

୩୧ ଅକ୍ଟୋବର, ୨୦୨୩ ରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ମାଇଁ ଭାରତ ପ୍ଲାଟଫର୍ମ ଆରମ୍ଭ କରିଥିଲେ। ଏହାର ଉଦ୍ଦେଶ୍ୟ ଥିଲା ଏକ ପ୍ରଯୁକ୍ତିବିଦ୍ୟା ଆଧାରିତ ପ୍ଲାଟଫର୍ମ ସୃଷ୍ଟି କରିବା, ଯାହା ମାଧ୍ୟମରେ ଯୁବ ଭାରତୀୟମାନେ ଦେଶର ବିକାଶ ଯାତ୍ରାରେ ଅଂଶଗ୍ରହଣ କରିପାରିବେ। ଏହାର ଶୁଭାରମ୍ଭ ସମୟରେ, ପ୍ରଧାନମନ୍ତ୍ରୀ ଦେଶର ଯୁବପିଢ଼ିଙ୍କୁ ଏକ ସାଧାରଣ ପ୍ଲାଟଫର୍ମରେ ଏକାଠି କରିବା ଏବଂ ରାଷ୍ଟ୍ର ନିର୍ମାଣରେ ସେମାନଙ୍କର ଅଧିକ ଅଂଶଗ୍ରହଣକୁ ସକ୍ଷମ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ପ୍ଲାଟଫର୍ମକୁ ଏକ ଅତ୍ୟାବଶ୍ୟକୀୟ ସଂସ୍ଥାଗତ ବ୍ୟବସ୍ଥା ଭାବରେ କଳ୍ପନା କରାଯାଇଥିଲା, ଯାହା ଦ୍ୱାରା ଭାରତର ଯୁବପିଢ଼ିଙ୍କ ଶକ୍ତି, ଆକାଂକ୍ଷା ଏବଂ ସମ୍ଭାବନାକୁ ବିକଶିତ ଭାରତ @ ୨୦୪୭ ପ୍ରତି ଏକ ପ୍ରକୃତ ଅବଦାନରେ ପରିଣତ କରାଯାଇପାରିବ।

ଆରମ୍ଭ ହେବା ପରଠାରୁ ମାଇଁ ଭାରତର ଯାତ୍ରା ଦ୍ରୁତ ଗତିରେ ବୃଦ୍ଧି ପାଇଛି। ପ୍ଲାଟଫର୍ମଟି ଅକ୍ଟୋବର ୨୦୨୫ ରେ ୨ କୋଟିରୁ ଅଧିକ ପଞ୍ଜୀକରଣ ଅତିକ୍ରମ କରିଥିଲା। ପରବର୍ତ୍ତୀ ସମୟରେ ଅଗଷ୍ଟ ୨୦୨୬ ସୁଦ୍ଧା ଏହାର ପହଞ୍ଚ ୨.୪୬ କୋଟିରୁ ଅଧିକ ପଞ୍ଜୀକରଣକୁ ବିସ୍ତାର ଲାଭ କରିଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ୩ କୋଟିରୁ ଅଧିକ ସଂଖ୍ୟା ଅତିକ୍ରମ କରିବା ପ୍ଲାଟଫର୍ମରେ ଯୁବ ଅଂଶଗ୍ରହଣରେ ନିରନ୍ତର ବୃଦ୍ଧିକୁ ଦର୍ଶାଉଛି।

ମାଇଁ ଭାରତ ଆଜି ଏକ ସାଧାରଣ ଡିଜିଟାଲ୍ ପ୍ରବେଶପଥ ଭାବରେ କାର୍ଯ୍ୟ କରୁଛି ଯାହା ମାଧ୍ୟମରେ ଯୁବକମାନେ ଅଭିଜ୍ଞତାମୂଳକ ଶିକ୍ଷା କାର୍ଯ୍ୟକ୍ରମ, ସ୍ୱେଚ୍ଛାକୃତ ସେବାର ସୁଯୋଗ, କୁଇଜ୍, ନେତୃତ୍ୱ ପଦକ୍ଷେପ, ଯୁବ ସଂଳାପ ଏବଂ ସମୁଦାୟ ସହିତ ସମ୍ପର୍କ କାର୍ଯ୍ୟକଳାପରେ ପ୍ରବେଶ କରିପାରିବେ ଏବଂ ଅଂଶଗ୍ରହଣ କରିପାରିବେ। ଅଗଷ୍ଟ ୨୦୨୬ ସୁଦ୍ଧା, ୧.୨୨ ଲକ୍ଷରୁ ଅଧିକ ଯୁବକ ପ୍ରାୟ ୨୫,୦୦୦ ଅଭିଜ୍ଞତାମୂଳକ ଶିକ୍ଷା କାର୍ଯ୍ୟକ୍ରମରେ ନାମ ପଞ୍ଜୀକୃତ କରିଛନ୍ତି। ଯାହା ଯୁବପିଢ଼ିଙ୍କୁ ପାରମ୍ପରିକ ଶ୍ରେଣୀଗୃହ ବାହାରେ ଅଂଶଗ୍ରହଣ ଏବଂ ବ୍ୟବହାରିକ ଅଭିଜ୍ଞତା ହାସଲ କରିବାର ସୁଯୋଗ ପ୍ରଦାନ କରୁଛି। ଏହି ପ୍ଲାଟଫର୍ମଟି ଏହାର ପ୍ରଯୁକ୍ତିବିଦ୍ୟାକୁ ନିରନ୍ତର ଉନ୍ନତ କରିଚାଲିଛି। ଯୁବପିଢ଼ିଙ୍କୁ ବୃତ୍ତିଗତ ପ୍ରୋଫାଇଲ୍ ସୃଷ୍ଟି କରିବାରେ ସାହାଯ୍ୟ କରିବା ପାଇଁ ଏକ ଏଆଇ- ସକ୍ଷମ ସିଭି ବିଲ୍ଡର୍ ଆରମ୍ଭ କରାଯାଇଛି। ଡିଜିଟାଲ୍ ସେବା ଏବଂ ତୃଣମୂଳ ସ୍ତରରେ ପହଞ୍ଚିବା ଭଳି କାର୍ଯ୍ୟ ମାଧ୍ୟମରେ ପ୍ଲାଟଫର୍ମକୁ ସୁଦୃଢ଼ କରାଯାଉଛି। ମାଇଁ ଭାରତ ଦ୍ୱାରା ପରିଚାଳିତ ଏକ ପ୍ରମୁଖ ପ୍ରୟାସ ହେଉଛି ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ (ଭିବିୱାଇଏଲଡି) ୨୦୨୭। ଏହା ଯୁବ ଭାରତୀୟମାନଙ୍କୁ ବିକଶିତ ଭାରତ @୨୦୪୭ ର ଦୃଷ୍ଟିକୋଣ ପ୍ରତି ସେମାନଙ୍କର ଚିନ୍ତାଧାରା, ସୃଜନଶୀଳତା, ନେତୃତ୍ୱ ଏବଂ ନବସୃଜନ ପ୍ରଦର୍ଶନ କରିବା ପାଇଁ ଅନେକ ସୁଯୋଗ ପ୍ରଦାନ କରୁଛି। ଏହି ପ୍ରୟାସ ଅଗଷ୍ଟ ୧୭, ୨୦୨୬ ରେ ବିକଶିତ ଭାରତ କୁଇଜ୍ ସହିତ ଆରମ୍ଭ ହୋଇଥିଲା , ଯାହା ସେପ୍ଟେମ୍ବର ୩୦, ୨୦୨୬ ପର୍ଯ୍ୟନ୍ତ ମାଇଁ ଭାରତ ପ୍ଲାଟଫର୍ମରେ ଖୋଲା ରହିବ। ପ୍ରମୁଖ ବିକଶିତ ଭାରତ ଆହ୍ ?ାନଗୁଡିକ ଅଧୀନରେ, ଅଂଶଗ୍ରହଣକାରୀମାନେ ପ୍ରବନ୍ଧ ଚ୍ୟାଲେଞ୍ଜ, ଜିଲ୍ଲା ଚାମ୍ପିଅନସିପ୍ ଏବଂ ରାଜ୍ୟ/କେନ୍ଦ୍ର ଶାସିତ ପ୍ରଦେଶ ସ୍ତରୀୟ ପର୍ଯ୍ୟାୟ ଦେଇ ଅଗ୍ରଗତି କରିବେ, ଯାହା ଜାନୁଆରୀ ୧୦ ରୁ ୧୨, ୨୦୨୭ ରେ ନୂଆଦିଲ୍ଲୀରେ ଜାତୀୟ ବିକଶିତ ଭାରତ ଯୁବ ନେତୃତ୍ ? ସଂଳାପରେ ଶେଷ ହେବ। ଏହା ସହିତ, ଭିବିୱାଇଏଲଡି ୨୦୨୭ ରେ ପାଞ୍ଚଟି ଅତିରିକ୍ତ ଟ୍ରାକ୍ ଅଛି - ସାଂସ୍କୃତିକ ଟ୍ରାକ୍, ଡିଜାଇନ୍ ଫର୍ ଇଣ୍ଡିଆ, ହ୍ୟାକ୍ ଫର୍ ସୋସିଆଲ କଜ୍, ଯୁବ ଉଦ୍ୟୋଗୀ ଚ୍ୟାଲେଞ୍ଜ ଏବଂ ଯୁବ ସଂସଦ। ଏହା ଯୁବପିଢ଼ିଙ୍କୁ ସେମାନଙ୍କର ସାଂସ୍କୃତିକ ପ୍ରତିଭା, ସୃଜନଶୀଳ ଏବଂ ଡିଜାଇନ୍ ଚିନ୍ତାଧାରା, ପ୍ରଯୁକ୍ତିବିଦ୍ୟା-ନେତୃତ୍ୱାଧୀନ ସମାଧାନ, ଉଦ୍ୟୋଗୀ ଚିନ୍ତାଧାରା ଏବଂ ସଂସଦୀୟ ପ୍ରକ୍ରିୟାରେ ନେତୃତ୍ୱ ପ୍ରଦର୍ଶନ କରିବା ପାଇଁ ଏକ ମଞ୍ଚ ପ୍ରଦାନ କରେ। ଏହି ଟ୍ରାକଗୁଡ଼ିକରେ ମନୋନୀତ ଯୁବ ଅଂଶଗ୍ରହଣକାରୀମାନେ ନୀତି ନିର୍ଦ୍ଧାରକଙ୍କ ସହ ଜଡିତ ହେବାର ଏବଂ ଜାତୀୟ ସ୍ତରରେ ପ୍ରଧାନମନ୍ତ୍ରୀଙ୍କ ନିକଟରେ ସେମାନଙ୍କର ଚିନ୍ତାଧାରା ଉପସ୍ଥାପନ କରିବାର ସୁଯୋଗ ପାଇବେ।

ବର୍ତ୍ତମାନର ମାଇଁ ଭାରତ ଇକୋସିଷ୍ଟମରେ ଅନେକ ଯୁବ-କେନ୍ଦ୍ରିକ ପଦକ୍ଷେପ ମଧ୍ୟ ରହିଛି। ଏଥିରେ ବିକଶିତ ଭାରତ ପାଇଁ ନଶା ମୁକ୍ତ ଯୁବା, ବିକଶିତ ଭାଇବ୍ରାଣ୍ଟ ଗ୍ରାମ କାର୍ଯ୍ୟକ୍ରମ, ବିକଶିତ ଭାରତ ଯୁବ ସଂସଦ, ବିକଶିତ ଭାରତ ପଦଯାତ୍ରା, ବିକଶିତ ଭାରତ ଯୁବ ସଂଯୋଗ ଏବଂ ଖେଲୋ ଇଣ୍ଡିଆ ଡାଏଲଗ ସହିତ ଅଭିଜ୍ଞତାମୂଳକ ଶିକ୍ଷା ଏବଂ ସ୍ୱେଚ୍ଛାକୃତସେବା ସୁଯୋଗ ଅନ୍ତର୍ଭୁକ୍ତ।

ବିକଶିତ ଭାରତ ପାଇଁ ନଶା ମୁକ୍ତ ଯୁବା ଅଭିଯାନ ମାଧ୍ୟମରେ, ମାଇଁ ଭାରତ ଏକ ସୁସ୍ଥ ଏବଂ ନିଶାମୁକ୍ତ ଭାରତ ପାଇଁ ଯୁବପିଢ଼ିଙ୍କୁ ସଂଗଠିତ କରିବା ଲାଗି ଦେଶବ୍ୟାପୀ ପ୍ରୟାସରେ ମଧ୍ୟ ଅଂଶଗ୍ରହଣ କରୁଛି। ୧୦୦ ସପ୍ତାହ ଧରି ନଶା ମୁକ୍ତ ଯୁବା ଅଭିଯାନ ସେପ୍ଟେମ୍ବର ୨୦୨୬ ରେ ରାଷ୍ଟ୍ରୀୟ ସଙ୍କଳ୍ପ ସମାରୋହ ସହିତ ଆରମ୍ଭ ହୋଇଥିଲା। ଏଠାରେ ସାରା ଦେଶର ଯୁବପିଢ଼ି ସଙ୍କଳ୍ପ କରିବା, ଦସ୍ତଖତ ଅଭିଯାନ, ସୃଜନଶୀଳ କାର୍ଯ୍ୟକଳାପ ଏବଂ ଆଲୋଚନା ମାଧ୍ୟମରେ ଅଂଶଗ୍ରହଣ କରିଥିଲେ।

# ଗାନ୍ଧିଜୀ ଓ ସ୍ୱରାଜ

ଗାନ୍ଧିଜୀ ଓ ସ୍ୱରାଜ। ସ୍ୱରାଜ ଶବ୍ଦଟି ଶୁଣିଲେ ଆମ ମନରେ ପ୍ରଥମେ ଭାରତର ସ୍ୱାଧୀନତା କଥା ଆସେ। କିନ୍ତୁ ମହାତ୍ମା ଗାନ୍ଧୀଙ୍କ ପାଇଁ ସ୍ୱରାଜ କେବଳ ଇଂରେଜମାନଙ୍କୁ ଦେଶରୁ ବାହାର କରିବା ନ ଥିଲା। ତାଙ୍କ ପାଇଁ ସ୍ୱରାଜ ଥିଲା ଏକ ବହୁତ ବଡ ସ୍ୱପ୍ନ, ଏକ ସମ୍ପୂର୍ଣ୍ଣ ଜୀବନ ଦର୍ଶନ। ସେ କହୁଥିଲେ ସ୍ୱରାଜ ମାନେ କେବଳ ରାଜନୈତିକ ସ୍ୱାଧୀନତା ନୁହେଁ, ସ୍ୱରାଜ ମାନେ ନିଜ ଉପରେ ରାଜ, ନିଜ ମନ ଉପରେ ଶାସନ। ଯେ ପର୍ଯ୍ୟନ୍ତ ମଣିଷ ନିଜ ଲୋଭ, ଭୟ, ସ୍ୱାର୍ଥ ଉପରେ ଜିତି ନାହିଁ, ସେ ପର୍ଯ୍ୟନ୍ତ ସେ ସ୍ୱରାଜ ପାଇ ନାହିଁ।ଗାନ୍ଧିଜୀ ହିନ୍ଦ ସ୍ୱରାଜ ନାମକ ଏକ ଛୋଟ ବହି ଲେଖିଥିଲେ ଦକ୍ଷିଣ ଆଫ୍ରିକାରୁ ଫେରୁଥିବା ଜାହାଜରେ। ସେଥିରେ ସ୍ୱରାଜର ପ୍ରକୃତ ଅର୍ଥ ବୁଝାଇଥିଲେ। ସେ କହିଥିଲେ ପାଶ୍ଚାତ୍ୟ ସଭ୍ୟତା ଭୋଗର ସଭ୍ୟତା, ଭାରତୀୟ ସଭ୍ୟତା ତ୍ୟାଗର ସଭ୍ୟତା। ଆମେ ଯଦି କେବଳ ଇଂରେଜଙ୍କୁ ହଟାଇ ଇଂରେଜି ଭଳି ଶାସନ କରିବା, ତେବେ ତାହା ସ୍ୱରାଜ ନୁହେଁ, ତାହା ଇଂରେଜୀ ରାଜ। ପ୍ରକୃତ ସ୍ୱରାଜ ହେଉଛି ଗ୍ରାମ ସ୍ୱରାଜ। ପ୍ରତ୍ୟେକ ଗାଁ ନିଜେ ନିଜର ମାଲିକ ହେବ, ନିଜ ଖାଦ୍ୟ ନିଜେ ଫଳାଇବ, ନିଜ କପଡା ନିଜେ ବୁଣିବ, ନିଜ ଝଗଡା ନିଜେ ମେଣ୍ଟାଇବ। ବାହାର ଉପରେ ନିର୍ଭର ନ କରି ନିଜ ଗୋଡରେ ଠିଆ ହେବା ହିଁ ସ୍ୱରାଜ।ଏହି ଚିନ୍ତାରୁ ହିଁ ଆସିଲା ଚରଖା ଓ ଖଦୀ। ଆଜି ଅନେକେ ଭାବନ୍ତି ଚରଖା କେବଳ ଏକ ପ୍ରତୀକ ଥିଲା। କିନ୍ତୁ ଗାନ୍ଧିଜୀଙ୍କ ପାଇଁ ଚରଖା ଥିଲା ଅର୍ଥନୀତି, ସ୍ୱରାଜର ଅସ୍ତ୍ର। ଯେତେବେଳେ ପ୍ରତ୍ୟେକ ଭାରତୀୟ ନିଜ ସୂତା ନିଜେ କାଟିବ, ସେତେବେଳେ ମାନଚେଷ୍ଟରର ମିଲ ବନ୍ଦ ହେବ, ଇଂରେଜ ଆପେ ଚାଲିଯିବ। ଖଦୀ କେବଳ କପଡା ନ ଥିଲା, ତାହା ଥିଲା ସ୍ୱାଭିମାନ। ନିଜ ହାତରେ ତିଆରି କପଡା ପିନ୍ଧିବାର ଗର୍ବ। ଏହା ହିଁ ଆତ୍ମନିର୍ଭରତା। ଆଜି ଆମେ ଆତ୍ମନିର୍ଭର ଭାରତ କଥା କହୁଛୁ, ଏହା ଗାନ୍ଧିଜୀ ଶହେ ବର୍ଷ ପୂର୍ବେ କହି ସାରିଥିଲେ।ଗାନ୍ଧିଜୀଙ୍କ ସ୍ୱରାଜର ଆଉ ଏକ ସ୍ତମ୍ଭ ଥିଲା ସତ୍ୟ ଓ ଅହିଂସା। ସେ କହୁଥିଲେ ଅସତ୍ୟ ଓ ହିଂସା ଦ୍ୱାରା ଯେଉଁ ରାଜ ଆସିବ, ତାହା ସ୍ୱରାଜ ହୋଇ ନ ପାରେ। ଅନେକେ ତାଙ୍କୁ ପଚାରୁଥିଲେ ବିନା ରକ୍ତରେ ସ୍ୱାଧୀନତା ମିଳିବ କି ? ସେ ହସି କହୁଥିଲେ ରକ୍ତ ଦେଇ ଯଦି ସ୍ୱାଧୀନତା ଆସେ, ତାହା ରକ୍ତର ପିପାସୁ ହେବ। କିନ୍ତୁ ସତ୍ୟାଗ୍ରହ ଦ୍ୱାରା ଯେଉଁ ସ୍ୱରାଜ ଆସିବ, ତାହା ସମସ୍ତଙ୍କର ହେବ। ସେଥିପାଇଁ ସେ ଲୁଣ ସତ୍ୟାଗ୍ରହ କଲେ, ଅସହଯୋଗ କଲେ, ଭାରତ ଛାଡ ଆନ୍ଦୋଳନ କଲେ, କିନ୍ତୁ କେବେ ଲାଠି ଉଠାଇଲେ ନାହିଁ। ସେ ଜାଣିଥିଲେ ସ୍ୱରାଜ କେବଳ କ୍ଷମତା ବଦଳ ନୁହେଁ, ଏହା ହୃଦୟ ବଦଳ। ଇଂରେଜମାନେ ଯିବେ, କିନ୍ତୁ ଭାରତୀୟମାନେ ପରସ୍ପରକୁ ଭଲ ପାଇବା ଶିଖିବେ, ଏହା ହିଁ ସ୍ୱରାଜ।ତାଙ୍କ ସ୍ୱରାଜରେ ସବୁ ଧର୍ମ, ସବୁ ଜାତି ସମାନ ଥିଲେ। ସେ ରାମ ରାଜ୍ୟ କଥା କହୁଥିଲେ। ରାମ ରାଜ୍ୟ ମାନେ ହିନ୍ଦୁ ରାଜ୍ୟ ନୁହେଁ। ରାମ ରାଜ୍ୟ ମାନେ



ଦାଶରଥୀ ଶତପଥୀ
ପୂର୍ବତନ ସଚିବ, ଓଡିଶା ବିଧାନସଭା,
ଭୁବନେଶ୍ୱର, ୯୩୩୭୪୯୩୭୩

ଏପରି ରାଜ୍ୟ ଯେଉଁଠି କେହି ଦୁଃଖୀ ନାହିଁ, କେହି ଭୋକିଲା ନାହିଁ, ସମସ୍ତଙ୍କୁ ନ୍ୟାୟ ମିଳେ। ରାମାୟଣର ରାମ ଯେପରି ସବୁ ପ୍ରଜାଙ୍କୁ ପୁଅ ଭଳି ଦେଖୁଥିଲେ, ସେପରି ରାଜ୍ୟ। ସେଥିପାଇଁ ସେ ହରିଜନମାନଙ୍କ ପାଇଁ ଲଢିଲେ, ହିନ୍ଦୁ ମୁସଲମାନ ଏକତା ପାଇଁ ଅନଶନ କଲେ। ସେ କହୁଥିଲେ ଯଦି ହିନ୍ଦୁ ମୁସଲମାନ ଏକାଠି ନ ରହିବେ, ତେବେ ସ୍ୱରାଜର ଅର୍ଥ ନାହିଁ। ସ୍ୱରାଜ କେବଳ ରାଜନୈତିକ ନୁହେଁ, ଏହା ସାମାଜିକ ମଧ୍ୟ। ଅସ୍ପୃଶ୍ୟତା ଥିବା ଯାଏ ସ୍ୱରାଜ ଅସମ୍ପୂର୍ଣ୍ଣ। ନାରୀକୁ ସମ୍ମାନ ନ ମିଳିବା ଯାଏ ସ୍ୱରାଜ ଅସମ୍ପୂର୍ଣ୍ଣ।ଆଜି ଆମେ ସ୍ୱରାଜ ପାଇଛୁ, କିନ୍ତୁ ଗାନ୍ଧିଜୀଙ୍କ ସ୍ୱରାଜ ପାଇଛୁ କି ? ଆମ ଗାଁ ଆତ୍ମନିର୍ଭର ହୋଇଛି କି ? ଆମେ ନିଜ ଜିନିଷ ବ୍ୟବହାର କରୁଛୁ କି ? ଆମ ମନରେ ଅହିଂସା ଅଛି କି ? ଆମେ ହିନ୍ଦୁ ମୁସଲମାନ ଭାଇ ଭାଇ ହୋଇ ରହୁଛୁ କି ? ଏହି ପ୍ରଶ୍ନର ଉତ୍ତର ଯଦି ନାହିଁ, ତେବେ ଆମେ ଏଯାଏ ପୂରା ସ୍ୱରାଜ ପାଇ ନାହୁଁ। ଆମେ କେବଳ ରାଜନୈତିକ ସ୍ୱରାଜ ପାଇଛୁ, ସାମାଜିକ ଓ ଆର୍ଥିକ ଓ ନୈତିକ ସ୍ୱରାଜ ଏଯାଏ ବାକି ଅଛି।ମୁଁ ପ୍ରଶାସନରେ ଦେଖିଛି ସ୍ୱରାଜର ଅର୍ଥ କଣ। ଯେତେବେଳେ ଜଣେ ଗରିବ ଆଦିବାସୀ ନିଜ ଅଧିକାର ଜାଣେ ଓ ନିର୍ଭୟରେ କହେ, ସେତେବେଳେ ସ୍ୱରାଜ ଆସେ। ଯେତେବେଳେ ଜଣେ ମହିଳା ନିଜ ଗୋଡରେ ଠିଆ ହୁଏ, ସେତେବେଳେ ସ୍ୱରାଜ ଆସେ। ବିଧାନ ସଭାରେ ଯେତେବେଳେ ଗରିବର କଥା ଶୁଣାଯାଏ, ସେତେବେଳେ ସ୍ୱରାଜ ଆସେ। ସ୍ୱରାଜ କୌଣସି ବଡ ସମାରୋହ ନୁହେଁ, ଏହା ପ୍ରତିଦିନର ଛୋଟ ଛୋଟ କାମରେ ଅଛି।ଗାନ୍ଧିଜୀ ଆଜି ନାହାନ୍ତି, କିନ୍ତୁ ତାଙ୍କ ସ୍ୱରାଜର ସ୍ୱପ୍ନ ଆଜି ବି ଆମକୁ ରାସ୍ତା ଦେଖାଏ। ସେ ସ୍ୱପ୍ନ ହେଉଛି ଏପରି ଭାରତର ଯେଉଁଠି ସବୁଠାରୁ ଗରିବ ଲୋକର ମୁହଁରେ ହସ ଥିବ। ଯାହାକୁ ସେ ଅନ୍ତ୍ୟୋଦୟ କହୁଥିଲେ। ଶେଷ ଧାଡିରେ ଠିଆ ହୋଇଥିବା ଲୋକର ଉଦୟ। ଯଦି ଶେଷ ଲୋକଟି ଖୁସି ନାହିଁ, ତେବେ ସ୍ୱରାଜ ଅସମ୍ପୂର୍ଣ୍ଣ। ଆସନ୍ତୁ ଆମେ ସମସ୍ତେ ସେହି ଅନ୍ତ୍ୟୋଦୟ ପାଇଁ କାମ କରିବା। ନିଜ ଗାଁକୁ ଭଲ ପାଇବା, ନିଜ ମାଟିକୁ ଭଲ ପାଇବା, ପରସ୍ପରକୁ ଭଲ ପାଇବା। ଏହା ହିଁ ଗାନ୍ଧିଜୀଙ୍କୁ ସଚ୍ଚା ଶ୍ରଦ୍ଧାଞ୍ଜଳି ହେବ ଓ ଏହା ହିଁ ପ୍ରକୃତ ସ୍ୱରାଜ ହେବ।

# ବାଦଲ ଫଟା ବର୍ଷା ଓ ଭୂସ୍ଖଳନ : କାରଣ ଓ ପ୍ରତିକାର

ମନୁଷ୍ୟ ଓ ପ୍ରକୃତି ପରସ୍ପର ନିର୍ଭରଶୀଳ। ମାନବ ବଞ୍ଚି ରହିବା ପାଇଁ ପ୍ରକୃତି ଯେପରି ନିତାନ୍ତ ଆବଶ୍ୟକ, ସେହିପରି ପ୍ରକୃତିକୁ ସଂରକ୍ଷଣ କରିବା ଦାୟିତ୍ୱ ମଧ୍ୟ ମନୁଷ୍ୟର ରହିଛି। ତେବେ ଯାଇ ପାରିବେଶିକ ସନ୍ତୁଳନ ରକ୍ଷା ହୋଇପାରିବ। ସେଥିରେ ସାମାନ୍ୟ ମାତ୍ର ବ୍ୟତିକ୍ରମ ଦେଖାଦେଲେ ମାନବ ସମାଜର ଅଶେଷ କ୍ଷତି ସାଧିତ ହୁଏ। ବିକାଶର ଦ୍ୱାହି ଦେଇ ମନୁଷ୍ୟ ଯେଉଁପରି ଭାବେ ପ୍ରକୃତିକୁ ଧ୍ୱସ୍ତ ବିଧ୍ୱସ୍ତ କରି ଚାଲିଛି, ତାର ପରିଣାମ ସ୍ୱରୂପ ଭୂକମ୍ପ, ସୁନାମି, ଭୂସ୍ଖଳନ, ବନ୍ୟା, ବାତ୍ୟା ଆଦି ବିପର୍ଯ୍ୟୟ ର ସମ୍ମୁଖୀନ ହେଉଛି। ଧନ ଜୀବନ ହାନି ହେଉଛି।

ପାରିପାର୍ଶ୍ୱିକ ସନ୍ତୁଳନ ର ଅଭାବ ହେତୁ ଋତୁଚକ୍ରର ପରିବର୍ତ୍ତନ ଘଟେ, ଠିକ୍ ସମୟରେ ବର୍ଷା ହୁଏ ନାହିଁ। ପୁଣି କେତେବେଳେ ଜୋରରେ ବର୍ଷା ହୋଇ ଧନ ଜୀବନ ନଷ୍ଟ କରିଦିଏ। ବେଳେ ବେଳେ ଦେଖାଯାଏ ବର୍ଷା ଋତୁ ରେ ବାଦଲ ଫଟା ବର୍ଷା। ବାଦଲ ଫାଟିବା ଏକ ସାଧାରଣ ବର୍ଷା ନୁହେଁ। ଏହା ଏକ ପରିସ୍ଥିତି ଯେଉଁଥିରେ ବହୁତ କମ୍ ସମୟ ମଧ୍ୟରେ ଏକ ସୀମିତ ଅଞ୍ଚଳରେ ଅତ୍ୟନ୍ତ ପ୍ରବଳ ବର୍ଷା ହୁଏ। ଏହି ବର୍ଷା ଏତେ ପ୍ରବଳ ଯେ, ନଦୀଗୁଡ଼ିକ ପ୍ରବାହିତ ହୁଏ, ଭୂସ୍ଖଳନ ହୁଏ ଏବଂ ବନ୍ୟା ପରି ପରିସ୍ଥିତି ସୃଷ୍ଟି ହୁଏ। ଏହି ଘଟଣା ସାଧାରଣତଃ ପାହାଡ଼ିଆ ଅଞ୍ଚଳଗୁଡ଼ିକରେ ଦେଖାଯାଏ।ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ, ଘଣ୍ଟା ପ୍ରତି ୧୦୦ ମିମି କିମ୍ବା ତା'ଠାରୁ ଅଧିକ ବର୍ଷା ହେଲେ ବାଦଲ ଫାଟିବା ବୋଲି ବିବେଚନା କରାଯାଏ। ଯଦି ଏହି ବର୍ଷା ସାଧାରଣତଃ ସୀମିତ ଅଞ୍ଚଳରେ ୨ରୁ ୩ ଘଣ୍ଟା ପର୍ଯ୍ୟନ୍ତ ଜାରି ରହେ, ତେବେ ଏହାକୁ ବାଦଲ ଫଟା ବର୍ଷା କୁହାଯାଏ।ଯେତେବେଳେ ଗରମ ଏବଂ ଆର୍ଦ୍ର ପବନ ଉପରକୁ ଉଠେ ଏବଂ ଏହି ମେଘଗୁଡ଼ିକ ଥଣ୍ଡା ପବନ ସଂସ୍ପର୍ଶରେ ଆସିବା ପରେ ଦ୍ରୁତଗତିରେ ଥଣ୍ଡା ହୋଇଯାଏ ସେତେବେଳେ ବାଦଲ ଫାଟେ। ଏହି କାରଣରୁ ମେଘଖଣ୍ଡରେ ଥିବା ଜଳୀୟବାଷ୍ପ ଦ୍ରୁତଗତିରେ ଜଳ ଟୋପାରେ ପରିଣତ ହୁଏ, ଯାହା ଫଳରେ ପ୍ରବଳ ବର୍ଷା ହୁଏ। ପାହାଡ଼ିଆ ଅଞ୍ଚଳରେ ଏହି ପରିସ୍ଥିତି ଅଧିକ ବିପଦପୂର୍ଣ୍ଣ ହୋଇଯାଏ, କାରଣ ଢାଲ ଏବଂ ସଂକୀର୍ଣ୍ଣ ପଥ ପାଣିକୁ ଦ୍ରୁତ ଗତିରେ ତଳକୁ ଆଣିଥାଏ, ଯାହା ବନ୍ୟା ଏବଂ ଭୂସ୍ଖଳନର ଆଶଙ୍କା ବୃଦ୍ଧି କରେ।

ଚଳିତ ବର୍ଷ ନେପାଳ ର ବିଭତ୍ସ ଭୟଙ୍କର ଦୃଶ୍ୟ ଏବେ ବି ଜୀବନ୍ତ ହୋଇ ରହିଛି। ସେପରି ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ, କାଶ୍ମୀର, ରେ ଏହିପରି ବର୍ଷା ହୋଇ ବିପୁଳ କ୍ଷତି ଘଟାଇଛି। ସେହିପରି ଓଡ଼ିଶାର ମାଲକାନଗିରି, କୋରାପୁଟ, ଏବଂ ଗଞ୍ଜାମ - କନ୍ଧମାଳ କୁ ସଂଯୋଗ କରୁଥିବା କଳିଙ୍ଗା ଘାଟି , ହରିଶଙ୍କର ର ଗନ୍ଧମାର୍ଦନ ପର୍ବତ ରେ ବାଦଲ ଫଟା ବର୍ଷା, ଭୂସ୍ଖଳନ ସମସ୍ତଙ୍କ ମନକୁ ଦୋହଲାଇ ଦେଇଛି। ତେବେ ଏହାର କାରଣ କଣ ହେଇପାରେ ? ମଣିଷ ସବୁବେଳେ ନିଜର ସୁବିଧା ଦୃଷ୍ଟିରୁ ହେଉ କିମ୍ବା ମନର ଇଚ୍ଛାକୁ ଚରିତାର୍ଥ କରିବାକୁ ଯାଇ ପ୍ରକୃତି ର ଅଶେଷ କ୍ଷତି ଘଟାଏ। ଗମନାଗମନ ସୁବିଧା ପାଇଁ ରାସ୍ତା ନିର୍ମାଣ ଆଳରେ ଅନେକ ଜଙ୍ଗଲ ଅବାଧ ଭାବେ କାଟି ଦିଆଯାଏ। ଏହିପରି ଉକ୍ତ ରାସ୍ତାକୁ ପ୍ରଶସ୍ତ କରିବା ପାଇଁ ବ୍ୟାପକ ବୃକ୍ଷ ବଳି ପଡ଼ି ଯାଆନ୍ତି। ପାହାଡ ବା ଜଙ୍ଗଲ ର ମୃତ୍ତିକା କୁ ଜାବୁଡ଼ି ଧରି ରଖିଥିବା ବିରାଟ ବୃକ୍ଷ ଧରାଶାୟୀ ହେଲା ପରେ ସାଧାରଣ ବର୍ଷା ରେ ମଧ୍ୟ ମୃତ୍ତିକା କ୍ଷୟ ହୁଏ। ଯଦି ଜୋରରେ ବର୍ଷା ହୁଏ, ତେବେ ପରିସ୍ଥିତି ଅଣାୟତ୍ତ ହୋଇପଡେ। ଭୂସ୍ଖଳନ ହୁଏ। ପାଣିର ସ୍ରୋତରେ ବଡ ବଡ ପଥର ମଧ୍ୟ ଆସି ରାସ୍ତା ଅବରୋଧ କରେ। ସମୟେ ସମୟେ ରାସ୍ତା ବି ଧୋଇ ହୋଇ ଯାଏ। ଭୂସ୍ଖଳନର ସର୍ବାଧିକ



ବୈଷ୍ଣବ ଚରଣ ଦାଶ
ବୀରଧନଞ୍ଜୟ ପୁର , ଶାସନ ବୁଗୁଡ଼ା
ଗଞ୍ଜାମ-୯୭୭୬୫୩୪୯୩୦

ବିପଦ ଥିବା ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଭାରତ ଅନ୍ୟତମ । ଭାରତର ପ୍ରାୟ ୪.୩ ଲକ୍ଷ ବର୍ଗ କିଲୋମିଟର ପାହା ?ିଆ ଓ ପାର୍ବତ୍ୟ ଅଞ୍ଚଳରେ ଭୂସ୍ଖଳନର ବିପଦ ରହିଛି।

ଭୂସ୍ଖଳନ ଏକ ଭୂତାତ୍ତ୍ୱିକ ପ୍ରକ୍ରିୟା, ଯେଉଁଥିରେ ମାଧ୍ୟାକର୍ଷଣ ଶକ୍ତି ପ୍ରଭାବ କାରଣରୁ ଭୂମିର ଗୋଟାଏ ଗଡ଼ାଣିଆ ବା ଢାଲୁ ଅଂଶରୁ ହଠାତ୍ ଦ୍ରୁତ ବେଗରେ ଶିଳା, ମାଟି ଓ କର୍ଦ୍ଦମାଦି ତରଳ ପଦାର୍ଥ ତଳକୁ ଗ ?ିଆସେ। ବର୍ଷା, ଭୂମିକମ୍ପ, ଆଗ୍ନେୟଗିରି ଉଦ୍‌ଗୀରଣ ଏବଂ ଅନ୍ୟାନ୍ୟ କାରଣରୁ ସ୍ଥିର ଢାଲୁଆ ଭୂମି ଅସ୍ଥିର ହୋଇଯିବା ଫଳରେ ଭୂସ୍ଖଳନ ହୁଏ। ପୃଥିବୀ ଗଠନ ଉପରେ ଅଧ୍ୟୟନ କରୁଥିବା ଭୂତତ୍ତ୍ୱବିତ୍ ଓ ବୈଜ୍ଞାନିକମାନେ କହନ୍ତି ଯେ, ଭୂସ୍ଖଳନ ହେଉଛି ଶିଳା, ମୃତ୍ତିକା ଓ ଅନ୍ୟାନ୍ୟ ପଦାର୍ଥ ଆଦିର ନିମ୍ନଗାମୀ ଚଳନ। ଭୂସ୍ଖଳନର ଦୁଇଟି ପ୍ରମୁଖ କାରଣ- ପ୍ରାକୃତିକ ଓ ମନୁଷ୍ୟକୃତ। ପ୍ରାକୃତିକ କାରଣଗୁ ?ିକ ମଧ୍ୟରେ ରହିଛି ଦୁର୍ବଳ ମୃତ୍ତିକାସ୍ତର, ଭୂଭାଗ କ୍ଷୟ, ଆଗ୍ନେୟଗିରି ଉଦ୍‌ଗୀରଣ ଓ ଜଳବାୟୁ ପରିବର୍ତ୍ତନ।ଭୂବିଜ୍ଞାନୀଙ୍କ ମତରେ ପାରମ୍ପରିକ ଭାବେ ଅତ୍ୟଧିକ ବୃଷ୍ଟିପାତ ଏବଂ ଭୂମିକମ୍ପ ପରି ପ୍ରାକୃତିକ ପ୍ରକ୍ରିୟା ଯୋଗୁଁ ଅତୀତରେ ଭୂସ୍ଖଳନ ସଂଘଟିତ ହେଉଥିଲା। ମାତ୍ର ଏବେ ରାସ୍ତା ଓ କୋଠାଘର ନିର୍ମାଣ, ଖଣି ଖନନ, ଜଳବିଦ୍ୟୁତ୍ ପ୍ରକଳ୍ପ ନିର୍ମାଣ ଇତ୍ୟାଦି ମନୁଷ୍ୟକୃତ ପ୍ରକ୍ରିୟା ଭୂସ୍ଖଳନର କାରଣ ପାଲଟିଛି। ବିଶେଷତଃ ପାର୍ବତ୍ୟ ଅଞ୍ଚଳରେ କରାଯାଉଥିବା ବ୍ଲାଷ୍ଟିଙ୍ଗ୍ ଯୋଗୁ ଏପରି ଘଟୁଛି। ପାହାଡ଼ର ଢାଲୁ ଅଞ୍ଚଳ ଅଭ୍ୟନ୍ତରୀଣ ଭାବେ ଦୁର୍ବଳ ହେବା ଯୋଗୁ ଏପରି ଘଟୁଛି ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ବୃଷ୍ଟିପାତର ଧାରା ଏବଂ ବାଦଲଫାଟିବା ଭଳି ଚରମ ଜଳବାୟୁ ଘଟଣା ଭୂସ୍ଖଳନ ଲାଗି ଖୋରାକ ଯୋଗାଉଛି।

ଦକ୍ଷିଣ ପୂର୍ବ ଆରବ ସାଗରରେ କ୍ରମାଗତ ଭାବେ ବୃଦ୍ଧି ପାଉଥିବା ଉତ୍ତାପ ଯୋଗୁ ଏହା ଉପରର ବାୟୁମଣ୍ଡଳ ଅସ୍ଥିର ହେଉଛି। ବାୟୁମଣ୍ଡଳର ଏହି ଅସ୍ଥିରତା ଜଳବାୟୁ ପରିବର୍ତ୍ତନ ସହ ସଂପୃକ୍ତ ବିଭିନ୍ନ ବୈଜ୍ଞାନିକ ମଡେଲ୍ ଆଧାରରେ ଭୂବିଜ୍ଞାନ ମନ୍ତ୍ରାଳୟ ପକ୍ଷରୁ ଏହି ଅଞ୍ଚଳରେ ପ୍ରବଳ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଥିଲେ ମଧ୍ୟ ପ୍ରାକ୍ ଆକଳନ କିପରି ଭୂସ୍ଖଳନ ସତର୍କତାରେ ରୂପାୟିତ ହେବ ତାହା ହିଁ ବଡ଼ ପ୍ରଶ୍ନ। ଏକ ନିର୍ଭୁଲ ଭୂସ୍ଖଳନ ପୂର୍ବାନୁମାନ ସହିତ ସତର୍କ ସୂଚନାରେ ପରିବର୍ତ୍ତନ କରିବା ସକାଶେ ଆମେ ଏକାଧିକ ଅନୁଷ୍ଠାନକୁ ସଂପୃକ୍ତ କରି ଏକ ଢାଞ୍ଚା ପ୍ରସ୍ତୁତ କରିବା ଆବଶ୍ୟକ। ଯେତେ ଯାହା କଲେ ମଧ୍ୟ ଆମକୁ ନିଜେ ନିଜକୁ ସଜାଡି ବାକୁ ପଡ଼ିବ। ଅବାଧ ବୃକ୍ଷ ଛେଦନ ବନ୍ଦ କରିବାକୁ ପଡ଼ିବ। ବିନା କାରଣରେ ଭୂଖନନ, ଜଙ୍ଗଲ ନଷ୍ଟ ରୋକିବାକୁ ହେବ। ଦୀର୍ଘ ମିଆଦି ଯୋଜନା ପ୍ରସ୍ତୁତ କଲେ ପୃଥିବୀ ସୁରକ୍ଷିତ ରହିବ।

# ଜାତିସଂଘ ଅଛି କାହିଁକି ?

ବିଶ୍ୱ ସଭ୍ୟତା ଲାଗି ଯୁଦ୍ଧ ଜରୁରୀ କି ? ବିନା ଯୁଦ୍ଧରେ ଶାନ୍ତି ପ୍ରତିଷ୍ଠା ସମ୍ଭବ ନୁହେଁ କି ? ଯୁଦ୍ଧ ଲାଗି କାହିଁକି ସଂକଟଗ୍ରସ୍ତ ବିଶ୍ୱରେ ଏକ ମାନସିକତା ପ୍ରକାଶ ପାଉଛି ? ଶକ୍ତିଶାଳୀ ରାଷ୍ଟ୍ର କବଳରେ ପୃଥିବୀ ନା ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିବା ଲାଗି ରହିଥିବା ଅନ୍ତର୍ଜାତୀୟ ସଂସ୍ଥା ବିଫଳ ? ଇତିହାସ ଅନୁସାରେ ବିଶ୍ୱରେ ଖ୍ରୀଷ୍ଟପୂର୍ବ ୨୫୦୦ରୁ ବର୍ତ୍ତମାନ ସୁଦ୍ଧା ୧୦ ହଜାରରୁ ଅଧିକ ଯୁଦ୍ଧ ଘଟିଛି। ପ୍ରଥମ ବିଶ୍ୱଯୁଦ୍ଧ ପରଠାରୁ ପ୍ରାୟ ୩୦୦ ପ୍ରମୁଖ ଯୁଦ୍ଧ ଘଟିଛି ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ। ବର୍ତ୍ତମାନ ସୁଦ୍ଧା ସମଗ୍ର ମାନବ ଇତିହାସରେ ଯୁଦ୍ଧ ଯୋଗୁ ପ୍ରାଣ ହରାଇଲେଣି ପ୍ରାୟ ୬୦ କୋଟି ଲୋକ। ଏଥିରେ ରହିଛି ୨ଟି ବିଶ୍ୱଯୁଦ୍ଧ। ଖ୍ରୀ ୧୭୦୦ରୁ ବର୍ତ୍ତମାନ ଯାଏ ଘଟିଥିବା ଯୁଦ୍ଧରେ ଗଲାଣି ପ୍ରାୟ ୪୦ କୋଟି ଜୀବନ। ତଥାପି ବିଶ୍ୱରେ ଏବେ ରୁଷ-ୟୁକ୍ରେନ, ପଶ୍ଚିମ ଏସିଆ ସଂକଟ ଜାରି ରହିଛି। ଆହୁରି କିଛି ଦେଶରେ ଗୃହଯୁଦ୍ଧ ଲାଗି ରହିଛି। ପ୍ରଶ୍ନ ଉଠୁଛି ଯେଉ ବିଶ୍ୱର ନେତୃତ୍ୱ ନେବା ଲାଗି ବା ଶାନ୍ତି ପ୍ରତିଷ୍ଠା ଲାଗି ଜାତିସଂଘ ଗଠିତ ହୋଇଥିଲା ସେହି ସଂଗଠନ କରୁଛି କ'ଣ ? ପ୍ରାୟ ୨୦୦ ରାଷ୍ଟ୍ରର ନେତୃତ୍ୱ ନେବାକୁ ଜାତିସଂଘ କାହିଁକି ଅକ୍ଷମ ? ଏହାର ସାମଗ୍ରିକ ବିଫଳତା ମୂଳରେ ଦାୟୀ କିଏ ?

ଆନ୍ତର୍ଜାତିକ ସ୍ତରରେ ଶାନ୍ତି ପ୍ରତିଷ୍ଠା ଓ ସ୍ଥିରତା ରକ୍ଷା ଲାଗି ୨୬ ଜୁନ୍ ୧୯୪୫ରେ ଗଠିତ ହୋଇଥିଲା ମିଳିତ ଜାତିସଂଘ। ସବୁଠାରୁ ଦୁର୍ଭାଗ୍ୟଜନକ କଥା ହେଲା ବିଶ୍ୱର ସବୁଠାରୁ ଏକଛତ୍ରବାଦୀ, ପୁଞ୍ଜିବାଦୀ, ଶକ୍ତିଶାଳୀ ରାଷ୍ଟ୍ର ଆମେରିକାର ନ୍ୟୁୟର୍କରେ ରହିଛି ଏହାର ମୁଖ୍ୟାଳୟ। ଜାତିସଂଘ ଅଧୀନରେ ରହିଛି ୬ଟି ବିଭାଗ- ସାଧାରଣ ଆସେମ୍ବ୍ଲି, ନିରାପତ୍ତା ପରିଷଦ, ଅର୍ଥନୈତିକ ଓ ସାମାଜିକ ପରିଷଦ, ଅନ୍ତର୍ଜାତୀୟ ନ୍ୟାୟାଳୟ, ସେକ୍ରେଟାରିଏଟ ଓ ଟ୍ରଷ୍ଟିସିପ୍ କାଉନସିଲ। ସାଧାରଣ ଆସେମ୍ବ୍ଲି ଅଧୀନରେ ରହିଛି ୟୁନିସେଫ, ଜାତିସଂଘ ଜନସଂଖ୍ୟା ପାଣ୍ଠି ଇତ୍ୟାଦି। ବିଶ୍ୱରେ ଗତ ଚାରି ଦଶନ୍ଧି ଧରି ଦେଖାଯାଇଆସିଥିବା କୌଣସି ଗୋଟିଏ ଯୁଦ୍ଧର ଅନ୍ତ ଘଟାଇବାରେ ଜାତିସଂଘ ଭୂମିକା ନିର୍ବାହ କରିନାହିଁ। ବର୍ତ୍ତମାନ ଜାରି ରହିଥିବା ରୁଷ-ୟୁକ୍ରେନ ଯୁଦ୍ଧ, ଆମେରିକା-ଇରାନ ଯୁଦ୍ଧକୁ ଅଟକାଇବାରେ ଜାତିସଂଘ ସକ୍ଷମ ହୋଇପାରିନାହିଁ। କେବଳ ନାମକୁ ମାତ୍ର କିଛି ବିବୃତି ଦେଇ କିମ୍ବା ଏକ ପ୍ରସ୍ତାବ ଗୃହୀତ କରାଇଦେଇ ଜାତିସଂଘ ନିଜ ଭୂମିକା ଶେଷ କରୁଛି। ତଥାକଥିତ ଭିଟୋ କ୍ଷମତା ବି ଜାତିସଂଘକୁ ସମ୍ପୂର୍ଣ୍ଣ ନିଷ୍କ୍ରିୟ କରିବାରେ ସକ୍ଷମ ହୋଇଛି। ଯଦି ଯୁଦ୍ଧ ଆବଶ୍ୟକ ନାହିଁ ତେବେ କାହାରି ହାତରେ ଭିଟୋ କ୍ଷମତା ବି ଦରକାର ନାହିଁ। ସମ୍ପ୍ରତି ବିଶ୍ୱ ଏକରକମ ଦୁଇ ଭାଗରେ ବିଭକ୍ତ ହୋଇଛି। ଗୋଟିଏ ଗୋଷ୍ଠୀ ଆମେରିକା ନେତୃତ୍ୱ ଓ ଅନ୍ୟ ଏକ ଗୋଷ୍ଠୀ ଚୀନ ନେତୃତ୍ୱକୁ ଭରସା କରୁଛନ୍ତି। ତଥାପି ଆମେରିକା କୌଣସି ବଡ଼ ନିଷ୍ପତ୍ତି ବିରୋଧରେ ଚୀନ ସ୍ୱର ଉତ୍ତୋଳନ ନ କରିବା ଦୁର୍ଭାଗ୍ୟର ବିଷୟ। ଇରାନ ଉପରେ ଆମେରିକାର ହମଲା ଏବଂ ଚୀନର ନୀରବଦ୍ରଷ୍ଟା ଭୂମିକା ଏହାର ଜ୍ୱଳନ୍ତ ଉଦାହରଣ। ଭେନେଜୁଆଲା ପରି ଏକ ତୈଳ ସମୃଦ୍ଧ ତଥା ନିରୀହ ରାଷ୍ଟ୍ର ଉପରେ ଆମେରିକା ବର୍ବର ଆକ୍ରମଣ କରି ଏହାର ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କୁ ଅପରାଧୀ ସଜାଇ ନିଜ ଦେଶକୁ ନେଇଗଲା। ଭେନେଜୁଆଲାର ତଥାକଥିତ କାମଚଳା ରାଷ୍ଟ୍ରପତି ବୋଲି ଟ୍ରମ୍ପ ଲଜ୍ଜିତ ବୟାନ ଦେଲେ। ବିଶ୍ୱର ପ୍ରାଣକେନ୍ଦ୍ର କୁହାଯାଉଥିବା ହର୍ମୁଜ ପ୍ରଣାଳୀ ଆମେରିକାର ବୋଲି ଟ୍ରମ୍ପ ଦାବି କଲେ। ତଥାପି ନୀରବ ଜାତିସଂଘ, ଚୀନ, ରୁଷ, ଜର୍ମାନୀ, ଇଟାଲୀ, ଫ୍ରାନ୍ସ, ବ୍ରିଟେନ ଆଦି ଶକ୍ତିଶାଳୀ ରାଷ୍ଟ୍ର।

ବିଶ୍ୱରେ ଆଣବିକ ଅସ୍ତ୍ର ପ୍ରତିଯୋଗିତା ଶୀର୍ଷରେ ପହଞ୍ଚିଛି। ରୁଷ ନିକଟରେ ୫,୪୦୦, ଆମେରିକା ନିକଟରେ ୫,୨୦୦, ଚୀନ ନିକଟରେ ୬୦୦, ଫ୍ରାନ୍ସ ନିକଟରେ ୨୯୦, ବ୍ରିଟେନ ନିକଟରେ ୨୨୫, ଭାରତ ନିକଟରେ ୧୯୦, ପାକିସ୍ତାନ ନିକଟରେ ୧୭୦, ଇସ୍ରାଏଲ ନିକଟରେ ୯୦ , ଉତ୍ତର କୋରିଆ ନିକଟରେ ୫୦ ଆଣବିକ ଯୁଦ୍ଧାସ୍ତ୍ର ରହିଛି। ହେଲେ ନା ଜାତିସଂଘ ଏହି ପ୍ରତିଯୋଗିତା ଅଟକାଇପାରୁଛି ନା ଅନ୍ତର୍ଜାତୀୟ ଆଣବିକ ଶକ୍ତି ସଂସ୍ଥା ବା ଆଇଏଇଏ କିଛି କରିପାରୁଛି। ଜାତିସଂଘ ଗଠନ ପରେ ପରେ ୧୯୪୭ରୁ ଆରମ୍ଭ ହୋଇଥିଲା ଆମେରିକା ଓ ସୋଭିଏତ ରୁଷିଆ ମଧ୍ୟରେ ଶୀତଳ ଯୁଦ୍ଧ ଯାହା ୧୯୯୧ ଯାଏ ଚାଲିଥିଲା। ସାରା ପୃଥିବୀରେ ଏହାର ପ୍ରଭାବ ପଡ଼ିବା ସହ ଗୋପନ ଆଣବିକ ପ୍ରତିଯୋଗିତା ଚାଲିଥିଲେ ବି ନା ଜାତିସଂଘ ନା ଆଇଏଇଏ କିଛି କରିପାରିଲେ।



ବିନୋଦ ମହାରଣା,
ଭୁବନେଶ୍ୱର, ୯୪୩୭୧୬୪୭୬୪

୧୯୪୫ରୁ ଆଜିଯାଏ ବିଶ୍ୱର ୩୦ରୁ ଅଧିକ ରାଷ୍ଟ୍ର ଉପରେ ଆମେରିକା ଏକପାଖିଆ ଆକ୍ରମଣ କରିଛି। ଏସିଆ, ମଧ୍ୟପ୍ରାଚ୍ୟ, ଲାଟିନ ଆମେରିକା, ୟୁରୋପ, ଆଫ୍ରିକା ଆଦିରେ ନିଜର ସାମରିକ ଏକଛତ୍ରବାଦ ଚଳାଇଛି। ଉତ୍ତରକୋରିଆ, ଭିଏତନାମ, ଇରାକ, ଇରାନ, କୁଏତ, ଆଫଗାନିସ୍ତାନ, ସିରିଆ, ୟେମେନ, କାମ୍ବୋଡ଼ିଆ, ଲାଓସ, ପାକିସ୍ତାନ, ଲିବ୍ୟା, ଡୋମିନିକାନ, କ୍ୟୁବା, ଗୁଏଟମାଲା, କଙ୍ଗୋ, ସୁଡାନ, ବୋସନିଆ, ଏଲ ସାଲଭାଡର, ଭେନେଜୁଏଲା, ଗ୍ରେନେଡା, ନିକାରାଗୁଆ, ୟୁଗୋସ୍ଲୋଭିଆ, ସର୍ବିଆ, ପାନାମା ଆଦି ରାଷ୍ଟ୍ର ଉପରେ ଆମେରିକା ଆକ୍ରମଣ କରି ସେ ଦେଶର ଗଣତାନ୍ତ୍ରିକ ସରକାରଙ୍କୁ ଉତଖାତ କରି ନିଜର କଣ୍ଢେଇ ସରକାର ପ୍ରତିଷ୍ଠା କରିଛି। ଏହି ସବୁ ଦେଶଗୁଡ଼ିକର ପ୍ରାକୃତିକ ସମ୍ପଦ, ତୈଳ ଆଦି ନିଜ ସ୍ୱାର୍ଥରେ ବ୍ୟବହାର କରି ନିଜର ପୁଞ୍ଜି ବଜାରକୁ ଶକ୍ତିଶାଳୀ କରିଛି। ତଥାପି ଜାତିସଂଘ ନୀରବ।

ଜାତିସଂଘ ଗଠନ ବେଳେ ଯେଉ ପ୍ରମୁଖ ଘୋଷଣାନାମା ରହିଥିଲା ସେଗୁଡ଼ିକ ହେଲା- ବିଶ୍ୱରେ ଶାନ୍ତି ଓ ସ୍ଥିରତା ପ୍ରତିଷ୍ଠା, ଯୁଦ୍ଧ ବନ୍ଦ କରିବା, ସବୁ ରାଷ୍ଟ୍ରଙ୍କୁ ସମାନ ଦୃଷ୍ଟିରେ ଦେଖିବା, କୌଣସି ରାଷ୍ଟ୍ରର ସ୍ୱାଧୀନତା ବା ଭୂଖଣ୍ଡ ଲାଗି ସାମରିକ ବଳ ପ୍ରୟୋଗ ନ କରିବା, ମାନବାଧିକାରର ସୁରକ୍ଷା, ବିଶ୍ୱଶାନ୍ତି ପ୍ରତି ବିପଦ ସୃଷ୍ଟି କରୁଥିବା ପଦକ୍ଷେପରେ ନିରାପତ୍ତା ପରିଷଦ ଅବିଳମ୍ବେ ହସ୍ତକ୍ଷେପ କରିବା, ବିଶ୍ୱ ମାନବ ସମାଜର ସ୍ୱାସ୍ଥ୍ୟ, ଶିକ୍ଷାର ମାନ ବୃଦ୍ଧି କରିବା, ଦେଶ-ଦେଶ ମଧ୍ୟରେ ସୃଷ୍ଟି ହେଉଥିବା ଆଇନଗତ ବିବାଦର ସମାଧାନ ଲାଗି ଅନ୍ତର୍ଜାତୀୟ ନ୍ୟାୟାଳୟ ପ୍ରମୁଖ ଭୂମିକା ନେବା ଇତ୍ୟାଦି। ମାତ୍ର ବାସ୍ତବ ସ୍ଥିତି ଅଲଗା। ବିଶ୍ୱରେ ଯାହା ଘଟିଚାଲିଛି ତାହାର ବର୍ଣ୍ଣନା ଅନାବଶ୍ୟକ।

ଜାତିସଂଘର ବିଭିନ୍ନ ବୈଠକରେ ଭାରତ ପରି ରାଷ୍ଟ୍ରମାନେ କେବଳ ତଥାକଥିତ ନିରପେକ୍ଷ ଭୂମିକା ନିର୍ବାହ କରନ୍ତି, ମାପିଚୁପି ବୟାନ ଦେଇଥାନ୍ତି। ଏପରିକି ଯୁଦ୍ଧ ବନ୍ଦ ଲାଗି କୌଣସି ସ୍ପଷ୍ଟ ମତ ବି ଦେଇ ଥାନ୍ତି। କେବଳ ଶାନ୍ତିପୂର୍ଣ୍ଣ ଉପାୟରେ ସମାଧାନ ଚାହୁଁ ବୋଲି ଗୋଟିଏ ଧାଡ଼ି କହିଦେଇ ଦାୟିତ୍ୱ ସାରି ଦିଅନ୍ତି। ଆଶ୍ଚର୍ଯ୍ୟର କଥା କୌଣସି ରାଷ୍ଟ୍ର ଆମେରିକା ବିରୋଧରେ ଜାତିସଂଘରେ ପାଟି ଖୋଲିବା ଦେଖାଯାଏ ନାହିଁ। ଯାହା ବି ସ୍ୱର ଉଠେ ତାହା ମୂଲ୍ୟହୀନ। କେବଳ ଏତିକି ନୁହେଁ, ଖାଦ୍ୟ ଓ କୃଷି ସଂଗଠନ (ଏଫଏଓ). ଅନ୍ତର୍ଜାତୀୟ ବେସାମରିକା ବିମାନ ଚଳାଚଳ ସଂଗଠନ(ଆଇସିଏଓ), ମିଳିତ ଜାତିସଂଘ ବିକାଶ କାର୍ଯ୍ୟକ୍ରମ(ୟୁଏନଡିପି), ଅନ୍ତର୍ଜାତୀୟ କୃଷି ବିକାଶ ପାଣ୍ଠି (ଆଇଏଫଏଡି), ମିଳିତ ଜାତିସଂଘ ଶିଶୁ ପାଣ୍ଠି(ୟୁନିସେଫ), ଅନ୍ତର୍ଜାତୀୟ ଶ୍ରମ ସଂଗଠନ(ଆଇଏଲଓ), ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି(ଆଇଏମଏଫ), ଜାତିସଂଘ ଶାନ୍ତିରକ୍ଷକ(ୟୁଏନପିକେ), ବିଶ୍ୱବ୍ୟାଙ୍କ, ମିଳିତ ଜାତିସଂଘ ମହିଳାଙ୍କ ମର୍ଯ୍ୟାଦା ସଂକ୍ରାନ୍ତ କମିଶନ(ୟୁଏନସିଏସଡବ୍ଲୁ) ଆଦି ସଂଗଠନ ସର୍ବଦା ଆମେରିକା ସପକ୍ଷରେ ହିଁ କାମ କରିବା ଦେଖାଯାଉଛି। ଆମେରିକାର ବିନା ସମ୍ମତିରେ ଆଇଏମଏଫ ଟଙ୍କାଟିଏ ଖର୍ଚ୍ଚ କରିପାରି ନଥାଏ। ବଡ଼ କଥା ହେଉଛି ଜାତିସଂଘ, ବିଶ୍ୱବ୍ୟାଙ୍କ, ୟୁଏନଡିପି, ଆଇଏମଏଫ, ୟୁନିସେଫ, ୟୁଏନପିଏ. ୟୁଏନପିକେ, ୟୁଏନସିଏସଡବ୍ଲୁ ପରି ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନଗୁଡ଼ିକ କେବଳ ଆମେରିକାରେ ହିଁ ରହିଛି। ଆଣବିକ ଶକ୍ତି ସମ୍ପନ୍ନ ରାଷ୍ଟ୍ର ଉପରେ ବସ୍ତୁତଃ କାହାର ନିୟନ୍ତ୍ରଣ ନାହିଁ। ସେମାନେ ବାରମ୍ବାର ଏନପିଟି, ସିଟିବଟି ଆଦି ଚୁକ୍ତିକୁ ଅବମାନନା କରିଆସିଛନ୍ତି। ଏକ୍ଷେତ୍ରରେ ଜାତିସଂଘ ଆଉ ନୀରବଦ୍ରଷ୍ଟା ନରହି ନିଜକୁ ଶକ୍ତିଶାଳୀ କରୁ, ଭିଟୋ କ୍ଷମତାକୁ ଅନ୍ୟାନ୍ୟ ରାଷ୍ଟ୍ରକୁ ଦେବା ଦିଗରେ ପଦକ୍ଷେପ ନେଉ।

# କୋଟି କୋଟି ସମ୍ପତ୍ତିର ମାଲିକ ଧୁରନ୍ଧରର ରେହମା ଡକୈତ



ଅକ୍ଷୟ ଖାନ୍ନା ଧୁରନ୍ଧରରେ ରେହମାନ ଡେିକୟତର ଚରିତ୍ରରେ ଅଭିନୟ କରି ଏକ ଚାଞ୍ଚଲ୍ୟ ସୃଷ୍ଟି କରିଥିଲେ। ଚଳଚ୍ଚିତ୍ରର ଦ୍ୱିତୀୟ ପାର୍ଟରେ ପ୍ରଶଂସକମାନେ ନିଶ୍ଚିତ ଭାବରେ ତାଙ୍କର ଅନୁପସ୍ଥିତି ଅନୁଭବ କରିଥିଲେ। ଅକ୍ଷୟ ଯିଏ ସାଧାରଣତଃ ଲାଇମଲାଇଟ୍ରୁ ଦୂରରେ ରହନ୍ତି। ହେଲେ ଏକ ବିଳାସପୂର୍ଣ୍ଣ ଜୀବନଯାପନ କରନ୍ତି।

ବିଳାସପୂର୍ଣ୍ଣ ସମ୍ପତ୍ତି ବ୍ୟତୀତ, ତାଙ୍କର ମହଙ୍ଗା କାରର କଲେକସନ ମଧ୍ୟ ଅଛି। ଯେହେତୁ ଅକ୍ଷୟ ତାଙ୍କର ବ୍ୟକ୍ତିଗତ ଜୀବନକୁ ବହୁତ ବ୍ୟକ୍ତିଗତ ରଖନ୍ତି। ପ୍ରଶଂସକମାନେ ବହୁତ କମ୍ ଜାଣିଛନ୍ତି ତାଙ୍କର ବିଳାସପୂର୍ଣ୍ଣ ଜୀବନଶୈଳୀ ବିଷୟରେ। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଅଭିନେତାଙ୍କ ସମ୍ପତ୍ତି ପ୍ରାୟ ୧୬୭ କୋଟି ହେବ ବୋଲି ଆକଳନ କରାଯାଇଛି। ସେ ଓଲ୍ଡ ସ୍କୁଲ୍ ଆପ୍ରୋଚରେ ଜୀବନ ବିତାନ୍ତି, ଇନଷ୍ଟାଗ୍ରାମରେ ସେତେ ଆକ୍ଟିଭ୍ ନୁହଁନ୍ତି। ଲୋକମାନେ ତାଙ୍କର ଚମତ୍କାର ଘର ଏବଂ କାରର ଝଲକ ଦେଖିବାକୁ ପାଆନ୍ତି ନାହିଁ।

ଅକ୍ଷୟଙ୍କର ମୁମ୍ବାଇର କିଛି ହାଇପ୍ରୋଫାଇଲ ଅଞ୍ଚଳରେ ଘର ଅଛି। ତାଙ୍କର ଜୁହୁ, ମାଲାବାର ହିଲ୍ ଏବଂ ତାରଦେବରେ ସମ୍ପତ୍ତି ଅଛି। ରିପୋର୍ଟ ଅନୁଯାୟୀ ତାଙ୍କ କେବଳ ରିଅଲ୍ ଇଷ୍ଟେଟ୍ ପୋର୍ଟଫୋଲିଓର ମୂଲ୍ୟ ୧୦୦ କୋଟିରୁ ଅଧିକ। ଅଭିନେତାଙ୍କର ଜୁହୁରେ ୩୫ କୋଟି ମୂଲ୍ୟର ସି-ଫେସିଙ୍ଗ ଆପାର୍ଟମେଣ୍ଟ ଅଛି। ମାଲାବାର ହିଲରେ ୬୦ କୋଟି ମୂଲ୍ୟର ଏକ ପ୍ରିମିୟମ୍ ସମ୍ପତ୍ତି ଅଛି। ସେ ରିଅଲ୍ ଇଷ୍ଟେଟ୍ କ୍ଷେତ୍ରରେ ଜଣେ ଗୁରୁତ୍ୱପୂର୍ଣ୍ଣ ନିବେଶକ ଭାବରେ ଜଣାଶୁଣା।

ଅକ୍ଷୟଙ୍କର ଆଲିବାଗରେ ଏକ ବହୁ କୋଟି ଟଙ୍କାର ଫାର୍ମହାଉସ୍ ମଧ୍ୟ ଅଛି। ଧୁରନ୍ଧରର ସଫଳତା ପରେ, ସେ ଏହି ସମ୍ପତ୍ତିରେ 'ବାସ୍ତୁ ଶାନ୍ତି ହବନ' ଆୟୋଜନ କରିଥିଲେ। ପରବର୍ତ୍ତୀ ସମୟରେ ଏହି ସମାରୋହର ଫଟୋ ଗୁଡ଼ିକ ଇନଷ୍ଟାଗ୍ରାମରେ ଭାଇରାଲ ହୋଇଥିଲା। ଅଭିନେତାଙ୍କ ଏହି ବଙ୍ଗଳା ପ୍ରକୃତରେ ବହୁତ ବିଳାସପୂର୍ଣ୍ଣ। ମୁମ୍ବାଇର ଗହଳିରୁ ଦୂରରେ, ଅକ୍ଷୟ ଆଲିବାଗରେ ଥିବା ଫାର୍ମହାଉସରେ ସମୟ ବିତାଇଥାନ୍ତି।

ସେ ଏକ ସାଧାସିଧା ସରଳ ଜୀବନଯାପନ କରିବାକୁ ପସନ୍ଦ କରନ୍ତି। ତାଙ୍କୁ ମୁମ୍ବାଇର ଶ୍ରେଷ୍ଠ ସମ୍ପତ୍ତି ଧାରକଙ୍କ ମଧ୍ୟରେ ଗଣନା କରାଯାଏ।



## ୟାମୀ ଗୌତମଙ୍କୁ ୱେଡ଼ିଂ ଲେହେଙ୍ଗା ଦେବାକୁ ମନା କରିଥିଲେ ଡିଜାଇନର କାରଣ କ'ଣ...

ବଲିଉଡରେ ସମସ୍ତଙ୍କ ମୁହଁରେ ଏବେ କେବଳ ଗୋଟିଏ ନାମ। ତାହା ହେଉଛି ଆଦିତ୍ୟ ଧର। ଧୁରନ୍ଧର ଏବଂ ଧୁରନ୍ଧର-୨ - ଚଳଚ୍ଚିତ୍ରର ସଫଳତା ବଲିଉଡରରେ ଆଦିତ୍ୟଙ୍କୁ ଧୁରନ୍ଧର ପ୍ରତିଷ୍ଠିତ କରିଛି। ଉଚ୍ଚସ୍ତରୀୟ ଅଭିନେତାଙ୍କ ଠାରୁ ଆରମ୍ଭ କରି ନିର୍ଦ୍ଦେଶକ ପର୍ଯ୍ୟନ୍ତ, ସମସ୍ତେ ତାଙ୍କର ପ୍ରଶଂସା କରୁଛନ୍ତି। ବାହୁବଳୀର ନିର୍ଦ୍ଦେଶକ ଏସ.ଏସ. ରାଜମୌଳି ମଧ୍ୟ ଆଦିତ୍ୟଙ୍କ ନିର୍ଦ୍ଦେଶନା ଦକ୍ଷତାକୁ ପ୍ରଶଂସା କରିଥିଲେ।

ଆଦିତ୍ୟ ଏବଂ ତାଙ୍କ ପତ୍ନୀ ୟାମି ଗୌତମ ସେମାନଙ୍କର ସିମ୍ପଲିସିଟି ଏବଂ ଲୋ-ପ୍ରୋଫାଇଲ୍ ଲାଇଫଷ୍ଟାଇଲ ପାଇଁ ଜଣାଶୁଣା। ସେମାନଙ୍କ ବିବାହ ସମୟରେ ମଧ୍ୟ, ଏହି ଦମ୍ପତି ଅତ୍ୟନ୍ତ ସରଳ ପୋଷାକରେ ନଜର ଆସିଥିଲେ। କୌଣସି ପ୍ରକାରର ଆଡ଼ମ୍ବର ନଥିଲା ସରଳତା ହିଁ ସେମାନଙ୍କୁ ଅନ୍ୟମାନଙ୍କଠାରୁ ଭିନ୍ନ କରିଥିଲେ। ୟାମି ଗୌତମ ଥରେ ବଲିଉଡର ଜଣେ ସେଲିବ୍ରିଟି ଡିଜାଇନରଙ୍କ ବିଷୟରେ ଏକ ଆଶ୍ଚର୍ଯ୍ୟଜନକ ଖୁଲାସା କରିଥିଲେ।

ୟାମି ଗୌତମ କହିଥିଲେ ଯେ, ଥରେ ଶିଳ୍ପର ଜଣେ ପ୍ରମୁଖ ଡିଜାଇନର୍ ମନୀଷ ମଲହୋତ୍ରା ତାଙ୍କୁ ଲେହେଙ୍ଗା ଦେବାକୁ ମନା କରିଥିଲେ। ୟାମି ବର୍ଣ୍ଣନା କରିଛନ୍ତି ଯେ ଡିଜାଇନର ତାଙ୍କୁ କହିଥିଲେ ଖାସ ଲେହେଙ୍ଗା ତାଙ୍କ ପାଇଁ ନୁହେଁ। କାହିଁକି ନା ସେ ଏତେ ବଡ଼ ଅଭିନେତ୍ରୀ ନୁହଁନ୍ତି ଯେ ତାଙ୍କ ଡିଜାଇନ୍ ପୋଷାକ ପ୍ରସ୍ତୁତ ହେବ, ନାହିଁ ସେ ପିନ୍ଧିପାରିବେ। ସେ ଆହୁରି କହିଛନ୍ତି ଯେ ଶିଳ୍ପରେ କିଛି 'ବଡ଼ ଡିଜାଇନର୍' ଅଛନ୍ତି ଯେଉଁମାନେ ତାଙ୍କ କପଡା ସମସ୍ତଙ୍କୁ ଦିଅନ୍ତି ନାହିଁ। କାରଣ ଆପଣ 'ବିଶେଷ ସେଲିବ୍ରିଟି' ନୁହନ୍ତି। ସେ ଦେଖିଥିଲେ ଯେ ସମଗ୍ର ସିଷ୍ଟମ ଏହି ପ୍ରକାରେ କାର୍ଯ୍ୟ କରେ। ୟାମି ସ୍ୱୀକାର କରିଛନ୍ତି ଯେତେବେଳେ ତାଙ୍କୁ ଏସବୁ ବିଷୟରେ କୁହାଯାଇଥିଲା ତାଙ୍କୁ ବହୁତ ଖରାପ ଲାଗିଥିଲା। ତାଙ୍କ ମନ ସମ୍ପୂର୍ଣ୍ଣ ଭାଙ୍ଗିପଡିଥିଲା।

ୟାମି ପରବର୍ତ୍ତୀ ସମୟରେ ନିଷ୍ପତ୍ତି ନେଇଥିଲେ ଯାହା ପାଇଁ ତାଙ୍କୁ ଖୁବ୍ ପ୍ରଶଂସା କରାଯାଇଥିଲା। ତାଙ୍କ ବିବାହ ପାଇଁ ପ୍ରସିଦ୍ଧ ଡିଜାଇନରଙ୍କ ଦ୍ୱାରା ଲେହେଙ୍ଗା ପିନ୍ଧିବା ପରିବର୍ତ୍ତେ, ଅଭିନେତ୍ରୀ ତାଙ୍କ ମାଆଙ୍କ ବିବାହ ଶାଢ଼ି ପିନ୍ଧିବାକୁ ବାଛିଥିଲେ। ଯାହା ତାଙ୍କ ଜେଜେମା ମୂଳତଃ ତାଙ୍କ ମାଆଙ୍କୁ ଉପହାର ଦେଇଥିଲେ। ଏହି ନିଷ୍ପତ୍ତିରେ ଆଦିତ୍ୟ ତାଙ୍କୁ ପୂର୍ଣ୍ଣ ସମର୍ଥନ କରିଥିଲେ। ବିବାହ ପାଇଁ, ୟାମି ତାଙ୍କ ମାଆଙ୍କ ଶାଢ଼ି ପିନ୍ଧିଥିଲେ ଏବଂ ନିଜର ମେକଅପ୍ ନିଜେ କରିଥିଲେ। ଆଦିତ୍ୟ ମଧ୍ୟ ଜଣେ ପାରମ୍ପରିକ କାଶ୍ମୀର ପଣ୍ଡିତ ବର ଭାବରେ ନଜର ଆସିଥିଲେ। ସେମାନଙ୍କ ବିବାହ କୌଣସି ଗ୍ରାଣ୍ଡ ନଥିଲା କିନ୍ତୁ ବହୁତ ସୁନ୍ଦର ଥିଲା। ଏଥିରେ କୌଣସି ପ୍ରମୁଖ ବଲିଉଡ୍ ସେଲିବ୍ରିଟି ଉପସ୍ଥିତ ନଥିଲେ।

## ଓଡ଼ିଆ ସିନେମା 'ବୋଉ ବୁଟୁ ଭୁତ'ର ହିନ୍ଦୀ ରିମେକରେ କରନ ଜୋହର

ଭୁବନେଶ୍ୱର : ଶେଷରେ ଓଡ଼ିଆ ସିନେମା ଇଣ୍ଡଷ୍ଟ୍ରି କଣ୍ଟେଣ୍ଟ ଉପରେ ପଡିଛି ବଲିଉଡ ନଜର। ଓଡ଼ିଆରେ ସର୍ବାଧିକ ଆୟ କରିଥିବା ସିନେମା 'ବୋଉ ବୁଟୁ ଭୁତ'ର ରିମେକ ରାଇଟ୍ସ କରନ ଜୋହରଙ୍କ ଧର୍ମା। ପ୍ରଡକ୍ସନ୍ସ କିଣିବାର ପ୍ରକ୍ରିୟାରେ ଆରମ୍ଭ କରିଛି। କୋମଲ ନହଟାର 'ଫିଲ୍ମ ଇନ୍‌ଫର୍ମସେନ୍' ମ୍ୟାଗାଜିନରେ ପ୍ରକାଶିତ ନୋଟିସ୍ ?ରେ ଧର୍ମା।ର ମୁଖ୍ୟ ଆଇନୀ ଅଧିକାରୀ ରଖୀ ବାଜପେୟୀ ତିୱାରୀ ଏହା ଘୋଷଣା କରିଛନ୍ତି। ୨୦୨୫ରେ ଜୁନ୍ ୧୨ରେ ରିଲିଜ୍ ହୋଇଥିବା ଏହି କମେଡି ସିନେମାରେ ବାବୁଶାନ ମହାନ୍ତି, ଆର୍ଚିତା ସାହୁ ଓ ଅପରାଜିତା ମହାନ୍ତି ଅଭିନୟ କରିଛନ୍ତି। ରାଇଟ୍ସ ସମସ୍ତ ଭାରତୀୟ ଓ ବିଶ୍ୱର ବିଭିନ୍ନ ଭାଷାରେ ରିମେକ, ଡବିଂ, ସବଟାଇଟଲ୍ ସମେତ ସମସ୍ତ ମିଡ଼ିଆରେ ସ୍ଥାୟୀ ଅଧିକାର କରୁଛି। ତେବେ ବାବୁଶାନ ଫିଲ୍ମ୍ସ ପ୍ରାଇଭେଟ୍ ଲିମିଟେଡ୍ ମୂଳ ସିନେମାର ସମସ୍ତ ଆଇପି ମାଲିକାନା ରହିବ। ହାଉସଫୁଲ୍ ୫ ଓ ସିତାରେ ଜମୀନ୍ ପାର' ଭଳି ସିନେମାର ପ୍ରତିଯୋଗିତା ସତ୍ତ୍ୱେ ଏହା ୧୪-୧୫ କୋଟି ଟଙ୍କା ଆୟ କରି ସର୍ବା।ଧିକ ଶୀର୍ଷରେ ରହିଛି, ଯାହା ଦ୍ୱିତୀୟ ସର୍ବୋଚ୍ଚ 'ଦମନ୍'ର ଦୁଇଗୁଣ ରହିଛି।



## ଦର୍ଶକଙ୍କୁ ସରପ୍ରାଇଜ ଦେଲେ ରଣବୀର-ଦୀପିକା

ବଲିଉଡ୍ ସୁପରଷ୍ଟାର ରଣବୀର ସିଂହ ଏବଂ ଦୀପିକା ପାଦୁକାନ। ଗତ ବର୍ଷ ସେମାନଙ୍କର ଝିଅ ଦୁଆଙ୍କୁ ସ୍ୱାଗତ କରିଥିଲେ। ଏହି ଦୀପାବଳିରେ, ରଣବୀର ଏବଂ ଦୀପିକା ପ୍ରଥମ ଥର ପାଇଁ ସେମାନଙ୍କର ଝିଅ ଦୁଆ ସିଂହଙ୍କ ଫେସ୍ ରିଭିଲ କରିଥିଲେ। ଯାହାକୁ ଦେଖି ଫ୍ୟାନ୍ସ ଖୁସି ହୋଇଯାଇଛନ୍ତି । ଦୁଆଙ୍କ ଫଟୋ ସାସିଆଲ ମିଡିଆରେ ଦ୍ରୁତ ଗତିରେ ଭାଇରାଲ ହେଉଛି। ଫଟୋରେ ଦୀପିକା-ରଣବୀର ସମସ୍ତେ ଟ୍ରାଡିସନାଲ ପାଷାକ ପିନ୍ଧିଛନ୍ତି। ରଣବୀର କ୍ରିମ୍ ରଙ୍ଗର କୁର୍ତ୍ତା ପିନ୍ଧିଥିବା ବେଳେ ଦୀପିକା ଗାଢ଼ ଲାଲ୍ ରଙ୍ଗର ଶାଢ଼ୀ ଓ ଗହଣା ପିନ୍ଧିଛନ୍ତି। ଦୁଆ ମଧ୍ୟ ଲାଲ୍ ରଙ୍ଗର ଫ୍ରକ୍ ପିନ୍ଧିଛନ୍ତି। ଫଟା ସେୟାର କରି ସେମାନେ ଲେଖିଛନ୍ତି, ''ଦୀପାବଳିର ହାର୍ଦ୍ଦିକ ଶୁଭକାମନା।'' ଏହି କପଲ ଏକ ବର୍ଷ ପର୍ଯ୍ୟନ୍ତ ପାପାରାଜି କ୍ୟାମେରାରୁ ନିଜ ଝିଅକୁ ଲୁଚାଇ ରଖିଥିଲେ, ଦୀପାବଳି ଅବସରରେ ସାସିଆଲ ମିଡିଆରେ ଦୁଆଙ୍କ ପ୍ରଥମ ଝଲକ ସେୟାର କରିଥିଲେ। ଫଟା ଗୁଡ଼ିକ ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ ଦୀପିକା ଏବଂ ରଣବୀର ସିଂହଙ୍କ ଝିଅ ଅତ୍ୟନ୍ତ ସୁନ୍ଦର। ଦୀପିକା ସେପ୍ଟେମ୍ବର ୮, ୨୦୨୪ରେ ତାଙ୍କ ଝିଅ ଦୁଆଙ୍କୁ ଜନ୍ମ ଦେଇଥିଲେ।

## ରେଖାଙ୍କୁ କାହିଁକି ରିଜେକ୍ଟ କରିଥିଲେ ଅମିତାଭ



ବଲିଉଡ୍ ବାଦ୍‌ଶାହା ଅମିତାଭ ବଚ୍ଚନ ଏବଂ ରେଖାଙ୍କ ପରଦା ଉପରେ କେମେଷ୍ଟ୍ରି ଦର୍ଶକଙ୍କ ମନ ଜିତିଥିଲା। କୁହାଯାଏ, ବ୍ୟକ୍ତିଗତ ଜୀବନରେ ବି ଦୁହେଁ ପ୍ରେମରେ ପାଗଳ ଥିଲେ। ଯଦିଓ ବିଗ ବି କେବେ ଏହି କଥାକୁ ସ୍ୱୀକାର କରି ନ ଥିଲେ, କିନ୍ତୁ ରେଖା ବାରମ୍ବାର ଅମିତାଭ ବଚ୍ଚନଙ୍କ ପ୍ରତି ତାଙ୍କର ପ୍ରେମ ସ୍ୱୀକାର କରିଥିଲେ। କିନ୍ତୁ ଏମିତି କ'ଣ ହେଲା ଏହି ଯୋଡି ହଠାତ୍ ଭାଙ୍ଗି ଗଲା। ଦୁହେଁ ଏକାଠି କାମ କରିବା ବନ୍ଦ କରିଦେଲେ। ଜୟା ବଚ୍ଚନ ଥରେ ବ୍ରେକଅପ ପଛର ପ୍ରକୃତ କାରଣ ପ୍ରକାଶ କରିଥିଲେ। ଏକ ସାକ୍ଷାତକାରରେ, ଜୟା ବଚ୍ଚନ ୧୯୮୧ ଫିଲ୍ମ ସିଲସିଲା ପରେ ତାଙ୍କ ସ୍ୱାମୀ ଅମିତାଭ ରେଖାଙ୍କ ସହିତ କାମ କରିବା ବନ୍ଦ କରିବାର ନିଷ୍ପତ୍ତି ବିଷୟରେ କହିଥିଲେ। ଏହା ତାଙ୍କର ସମ୍ପୂର୍ଣ୍ଣ ବ୍ୟକ୍ତିଗତ ନିଷ୍ପତ୍ତି ଥିଲା। ମୁଁ କେବେ ଖରାପ ଭାବିନାହିଁ। କିନ୍ତୁ ମୁଁ ଭାବୁଛି ଏହା କାମ ଅପେକ୍ଷା ଅଧିକ ଚର୍ଚ୍ଚା ସୃଷ୍ଟି କରିଥିଲା। ଏହା ଦୁଖର ବିଷୟ। କାରଣ ଦର୍ଶକ ସେମାନଙ୍କୁ ଏକାଠି ଦେଖିବାର ସୁଯୋଗ ହରାଇବେ।

ୟଶ ଚୋପ୍ରାଙ୍କ ନିର୍ଦ୍ଦଶିତେ ସିଲସିଲା, ଏହାର ତ୍ରିକୋଣୀୟ ପ୍ରେମ କାହାଣୀ ପାଇଁ ବଲିଉଡର ସବୁଠାରୁ ପ୍ରସିଦ୍ଧ ଚଳଚ୍ଚିତ୍ର ଥିଲା। ଅମିତାଭ, ଜୟା ଏବଂ ରେଖାଙ୍କ ମଧ୍ୟରେ ବାସ୍ତବ ଜୀବନର ଗତିଶୀଳତା ଯୋଗୁ ଏହି ଫିଲ୍ମଟି ବହୁତ ଧ୍ୟାନ ଆକର୍ଷଣ କରିଥିଲା।

### ଅସଲ କାରଣ ଖୋଲି କହିଦେଲେ ଜୟା ବଚ୍ଚନ

ତାଙ୍କ ସ୍ୱାମୀଙ୍କ କଥିତ ସମ୍ପର୍କ ବିଷୟରେ ଗୁଜବ ଉପରେ ପ୍ରତିକ୍ରିୟା ଦେଇ ଜୟା ବଚ୍ଚନ କହିଥିଲେ, ଯଦି ଉଭୟଙ୍କ ମଧ୍ୟରେ ଏମିତି କିଛି ଥାଆନ୍ତା, ମୁଁ ଏବେ ଅନ୍ୟ କୋଉଠି ଥାନ୍ତି। ଲୋକମାନେ ସେମାନଙ୍କୁ ପରଦାରେ ଏକ ଯୋଡି ଭାବରେ ପସନ୍ଦ କରନ୍ତି। ଯଦି ମୁଁ ଏହାକୁ ଗମ୍ଭୀରତାର ସହ ନେଇଥାନ୍ତି, ତେବେ ମୋ ଜୀବନ ନର୍କ ହୋଇଥାଆନ୍ତା। ଜୟା ଅଭିଯୋଗ ଏବଂ ଗୁଜବକୁ କେବଳ ଟ୍ୟାବଲଏଡ ଗସିପ ବୋଲି ଖାରଜ କରିଦେଇଥିଲେ। କିନ୍ତୁ ନିର୍ଦ୍ଦେଶକ ୟଶ ଚୋପ୍ରା ଏକ ସାକ୍ଷାତକାରରେ ନିଆଁରେ ଘିଅ ଢାଳି କହିଥିଲେ, ତାଙ୍କ ଚଳଚ୍ଚିତ୍ରରେ ତ୍ରିକୋଣୀୟ ପ୍ରେମ ପରଦା ବାହାରେ ମଧ୍ୟ ଥିଲା।ମୁଁ ସର୍ବଦା ନର୍ଭସ ଏବଂ ଭୟଭୀତ ଥିଲି (ସିଲସିଲା ସମୟରେ)। କାରଣ ବାସ୍ତବ ଜୀବନ ପରଦାରେ ଆସୁଥିଲା। ସେମାନେ ଏକାଠି କାମ କରୁଥିବାରୁ କିଛି ବି ହୋଇପାରେ ବୋଲି ସବୁବେଳେ ଭାବୁଥିଲି।



## ବଲିଉଡ୍‌ର ସବୁଠାରୁ ଧନୀ ଅଭିନେତା

ମୁମ୍ବାଇ : ବଲିଉଡ୍‌ର 'ବାଦଶାହ' ଶାହାରୁଖ ଖାନ୍ (୫୯) ପ୍ରଥମ ଥର ପାଇଁ ଆରବପତି କ୍ଲବରେ ସାମିଲ ହୋଇଛନ୍ତି। ୨୦୨୫ ହୁରୁନ୍ ଇଣ୍ଡିଆ ରିଚ୍ ଲିଷ୍ଟରେ ସେ ୧୨,୪୯୦ କୋଟି ଟଙ୍କାର ସମ୍ପତ୍ତି ସହ ବଲିଉଡର ସବୁଠାରୁ ଧନୀ ଅଭିନେତା ଭାବେ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ୨୦୨୪ରେ ସେ ୭,୩୦୦ କୋଟି ଟଙ୍କା ସହ ଏହି ତାଲିକାରେ ପ୍ରଥମ ଥର ପାଇଁ ସ୍ଥାନ ପାଇଥିଲେ। ତାଲିକାରେ ଜୁହୀ ଚାୱଲା ଓ ତାଙ୍କ ପରିବାର ୭,୭୯୦ କୋଟି ଟଙ୍କା ସହ ଦ୍ୱିତୀୟ, ହ୍ରୀତିକ ରୋଶନ ୨,୧୬୦ କୋଟି ଟଙ୍କା ସହ ତୃତୀୟ ସ୍ଥାନରେ ରହିଛନ୍ତି। ଶାହାରୁଖ ରେଡ୍ ଚିଲିଜ୍ ଏଣ୍ଟରଟେନମେଣ୍ଟ ଓ ଆଇପିଏଲ୍ ଟିମ୍ କୋଲକାତା ନାଇଟ୍ ରାଇଡର୍ସର ସହ-ମାଲିକ ଅଟନ୍ତି। ତାଙ୍କର ଏକ୍ସରେ ୪୩.୯ ନିୟୁତ ଓ ଇନଷ୍ଟାଗ୍ରାମରେ ୪୮.୬ ନିୟୁତ ଫଲୋଅର୍ସ ଅଛନ୍ତି। ୨୦୨୩ରେ ମୁକ୍ତିଲାଭ କରିଥିବା 'ଜୱାନ' ଚଳଚ୍ଚିତ୍ର ବକ୍ସ ଅଫିସରେ ୧,୦୦୦ କୋଟି ଟଙ୍କା ଆୟ କରି ଇତିହାସ ରଚିଥିଲା। ଏହି ଚଳଚ୍ଚିତ୍ର ପାଇଁ ଶାହାରୁଖ ପ୍ରଥମ ଥର ପାଇଁ ଜାତୀୟ ପୁରସ୍କାର ହାସଲ କରିଛନ୍ତି।

### ପୁଣି ସୋନମ

ମୁମ୍ବାଇ: ବଲିଉଡ ଇଣ୍ଡଷ୍ଟ୍ରିର ବରିଷ୍ଠ ଅଭିନେତା ଅନିଲ କପୁରଙ୍କ ଝିଅ ସୋନମ କପୁର ପୁଣି ଚର୍ଚ୍ଚା।ରେ। ୨୦୧୮ ମସିହାରେ ତାଙ୍କ ଦୀର୍ଘ ଦିନର ପ୍ରେମିକ ଆନନ୍ଦ ଆହୂଜାଙ୍କୁ ବିବାହ କରିଥିଲେ। ବିବାହର ପ୍ରାୟ ୪ ବର୍ଷ ପରେ ସୋନମ ଏବଂ ଆନନ୍ଦ ଆହୂଜା ସେମାନଙ୍କର ପ୍ରଥମ ସନ୍ତାନକୁ ସ୍ୱାଗତ କରିଥିଲେ। ପୁତ୍ର ବାୟୁର ଜନ୍ମ ପରେ ସୋନମ କପୁର ତାଙ୍କ ବୈବାହିକ ଜୀବନରେ ବ୍ୟସ୍ତ ଅଛନ୍ତି। ଏବେ ସୋନମଙ୍କୁ ନେଇ ଏକ ବଡ଼ ଖବର ସାମ୍ନାକୁ ଆସିଛି। ଯାହାକୁ ନେଇ ପ୍ରଶଂସକଙ୍କ ଖୁସିର ସୀମା ନାହିଁ। ସୋନମ କପୁର ଏବଂ ଆନନ୍ଦ ଆହୂଜା କଥିତ ଭାବେ ପୁନର୍ବାର ପିତାମାତା ହେବାକୁ ପ୍ରସ୍ତୁତ ଅଛନ୍ତି। ଏହି ଖବର ପ୍ରଶଂସକଙ୍କ ମଧ୍ୟରେ ତୁରନ୍ତ ଭାଇରାଲ ହେବା ଆରମ୍ଭ ହୋଇଛି।

ପିଙ୍କଭିଲାର ଏକ ରିପୋର୍ଟ ଅନୁଯାୟୀ, ସୋନମ ଏବଂ ଆନନ୍ଦ ସେମାନଙ୍କର ଦ୍ୱିତୀୟ ସନ୍ତାନକୁ ସ୍ୱାଗତ କରିବାକୁ ଯାଉଛନ୍ତି। ସୋନମ ଏବେ ଦ୍ୱିତୀୟ ତ୍ରୈମାସିକରେ ଅଛନ୍ତି। ଦୁହେଁ ଆଗାମୀ କିଛି ଦିନ ମଧ୍ୟରେ ଏନେଇ ପ୍ରଶଂସକଙ୍କୁ ଜଣାଇପାରନ୍ତି।

ସୋନମ ଏବଂ ଆନନ୍ଦ ଏକ ପୁତ୍ର ବାୟୁର ପିତାମାତା ଅଛନ୍ତି। ବାୟୁର ଜନ୍ମ ୨୦୨୨ ମସିହାରେ ହୋଇଥିଲା। ସୋନମ କପୁରଙ୍କ ଗର୍ଭବତୀ ହେବାର ଖବର ଶୁଣିବା ପରେ ପ୍ରଶଂସକମାନେ ସୋସିଆଲ ମିଡିଆରେ ଏହି ଦମ୍ପତିଙ୍କୁ ଶୁଭେଚ୍ଛା ଜଣାଇବା ଆରମ୍ଭ କରିଛନ୍ତି। ସୋନମଙ୍କ କାର୍ଯ୍ୟକ୍ଷେତ୍ର ବିଷୟରେ କହିବାକୁ ଗଲେ, ପୁତ୍ର ବାୟୁର ଜନ୍ମ ପରେ ଅଭିନେତ୍ରୀ ଅଭିନୟଜଗତରେ ଅଧିକ ସକ୍ରିୟ ନାହାନ୍ତି। ତାଙ୍କୁ ଶେଷ ଥର ପାଇଁ 'ଦ ଜୋୟା ଫ୍ୟାକ୍ଟର' ଚଳଚ୍ଚିତ୍ରରେ ଦେଖାଯାଇଥିଲା। ଏହା ପରେ ୨୦୨୩ ମସିହାରେ ତାଙ୍କ ଚଳଚ୍ଚିତ୍ର 'ବ୍ଲାଇଣ୍ଡ' ରିଲିଜ ହୋଇଥିଲା।

## ସାମାଜିକ ଗଣମାଧ୍ୟମରେ ଶିଶୁ ସୁରକ୍ଷା ଓ 'ମେଟା'ର ଦାୟିତ୍ୱ




ମାନସ କୁମାର କର
କୋଡାଙ୍ଗ, କୋଣାର୍କ
୭୩୮୧୩୮୨୨୧୦


ଆଜିର ଯୁଗ ଡିଜିଟାଲ୍ ଯୁଗ। ସ୍ମାର୍ଟଫୋନ୍, ଇଣ୍ଟରନେଟ୍ ଓ ସାମାଜିକ ଗଣମାଧ୍ୟମ ଆମ ଜୀବନକୁ ଯେତିକି ସହଜ କରିଛି, ସେତିକି ନୂଆ ଆହ୍ୱାନ ମଧ୍ୟ ସୃଷ୍ଟି କରିଛି। ବିଶେଷକରି ଶିଶୁ ଓ କିଶୋରମାନଙ୍କ ପାଇଁ ଡିଜିଟାଲ୍ ଜଗତ ଏକପଟେ ଜ୍ଞାନ, ଶିକ୍ଷା ଓ ସୃଜନଶୀଳତାର ବିଶାଳ ଦ୍ୱାର ଖୋଲିଥିବା ବେଳେ ଅନ୍ୟପଟେ ଶୋଷଣ, ପ୍ରତାରଣା, ଅଶ୍ଳୀଳତା, ଡିଜିଟାଲ୍ ମାଧ୍ୟମରେ ନିର୍ଯାତନା ଓ ଗୋପନୀୟତା ଉଲ୍ଲଂଘନ ଭଳି ବିପଦର ଆଶଙ୍କା ମଧ୍ୟ ବଢ଼ାଇଛି।

ଜୁଲାଇ ୨୦୨୬ରେ ଇନ୍‌ଷ୍ଟାଗ୍ରାମ୍‌ରେ ଶିଶୁ ଯୌନ ଶୋଷଣ ସହ ଜଡ଼ିତ କିଛି ଆପତ୍ତିଜନକ ବିଜ୍ଞାପନ ପ୍ରକାଶ ପାଇବା ଘଟଣା ଏହି ଚିନ୍ତାକୁ ଆହୁରି ଗଭୀର କରିଛି। ମେଟା କହିଛି ଯେ ଏପରି ବିଷୟବସ୍ତୁ ତାହାର ନୀତିର ବିରୋଧୀ ଏବଂ ଘଟଣା ସାମ୍ନାକୁ ଆସିବା ପରେ ଅତିରିକ୍ତ ବିଜ୍ଞାପନ, ଆକାଉଣ୍ଟ ଓ ସମ୍ପୃକ୍ତ ଲିଙ୍କ ବିରୋଧରେ ପଦକ୍ଷେପ ନିଆଯାଇଥିଲା। ଭାରତ ସରକାର ମଧ୍ୟ ଏହି ଅଭିଯୋଗକୁ ଗୁରୁତ୍ୱ ଦେଇ ସମ୍ପୃକ୍ତ ପ୍ଲାଟଫର୍ମଠାରୁ ବିସ୍ତୃତ ରିପୋର୍ଟ ମାଗିଥିଲେ।

ଏହି ଘଟଣା ଆମକୁ ଏକ ମୌଳିକ ପ୍ରଶ୍ନ ସାମ୍ନାରେ ଠିଆ କରାଏଶିଶୁଙ୍କ ଅନଲାଇନ୍ ସୁରକ୍ଷାର ଦାୟିତ୍ୱ କେବଳ ପରିବାର ଓ ଅଭିଭାବକଙ୍କର କି ? ନିଶ୍ଚିତ ଭାବରେ ଅଭିଭାବକଙ୍କ ଭୂମିକା ରହିଛି। କିନ୍ତୁ ଯେଉଁ ପ୍ଲାଟଫର୍ମରେ କୋଟି କୋଟି ଲୋକ ପ୍ରତିଦିନ ସମୟ ବିତାଉଛନ୍ତି, ସେହି ପ୍ଲାଟଫର୍ମର ଦାୟିତ୍ୱ ମଧ୍ୟ କମ୍ ନୁହେଁ।

ଆଜି ସାମାଜିକ ଗଣମାଧ୍ୟମ କେବଳ ଏକ ନିଷ୍କ୍ରିୟ ମଞ୍ଚ ନୁହେଁ। ଆଲଗୋରିଦମ୍ ନିର୍ଣ୍ଣୟ କରୁଛି କେଉଁ ବିଷୟବସ୍ତୁ କାହା ସାମ୍ନାକୁ ଯିବ, କେଉଁ ବିଜ୍ଞାପନ କାହାକୁ ଦେଖାଯିବ ଏବଂ କେଉଁ ବିଷୟ ପୁନଃପୁନଃ ଦେଖାଯିବ। ତେଣୁ ଶିଶୁ ସୁରକ୍ଷାର ଦାୟିତ୍ୱ କେବଳ ବ୍ୟବହାରକାରୀଙ୍କ ଉପରେ ଛାଡ଼ିଦେବା ଯଥେଷ୍ଟ ନୁହେଁ। ପ୍ଲାଟଫର୍ମର ଡିଜାଇନ୍, ଆଲଗୋରିଦମ୍ ଓ ବିଜ୍ଞାପନ ବ୍ୟବସ୍ଥାରେ ମଧ୍ୟ ଶିଶୁ ସୁରକ୍ଷାକୁ ମୂଳ ନୀତି କରିବାକୁ ପଡ଼ିବ।

କୃତ୍ରିମ ବୁଦ୍ଧିମତ୍ତା ଏହି ସମସ୍ୟାକୁ ଆହୁରି ଗମ୍ଭୀର କରିଛି। ଏହାର ସାହାଯ୍ୟରେ ମିଥ୍ୟା କିମ୍ବା ଅପମାନଜନକ ଚିତ୍ର ଓ ଭିଡିଓ ତିଆରି କରିବା ଏବେ ଅଧିକ ସହଜ ହୋଇଛି। ବିଶେଷକରି ଶିଶୁମାନଙ୍କୁ ନେଇ ଅଶ୍ଲୀଳ ବା କ୍ଷତିକାରକ ବିଷୟବସ୍ତୁ ତିଆରି ଓ ପ୍ରସାରଣ ରୋକିବା ପାଇଁ ୨୦୨୬ରେ ଭାରତର ସୂଚନା ପ୍ରଯୁକ୍ତି ନିୟମରେ ଅନଲାଇନ୍ ମଞ୍ଚଗୁଡ଼ିକର ଦାୟିତ୍ୱକୁ ଆହୁରି ସ୍ପଷ୍ଟ ଓ କଠୋର କରାଯାଇଛି।

ଶିଶୁ ସୁରକ୍ଷାର ଅର୍ଥ କେବଳ ଆପତ୍ତିଜନକ ବିଷୟବସ୍ତୁ ହଟାଇବା ନୁହେଁ। ଶିଶୁଙ୍କ ଡିଜିଟାଲ୍ ଗୋପନୀୟତା ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ। ତାଙ୍କ ଫଟୋ, ବୟସ, ଅବସ୍ଥାନ, ରୁଚି ଓ ଅନଲାଇନ୍ ଆଚରଣ ଭଳି ବ୍ୟକ୍ତିଗତ ତଥ୍ୟ କିପରି ସଂଗ୍ରହ, ବ୍ୟବହାର ଓ ପ୍ରସାରଣ ହେଉଛି, ତାହା ନେଇ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ଆବଶ୍ୟକ। ବିଶେଷକରି ଶିଶୁଙ୍କ ତଥ୍ୟ ବ୍ୟବହାର ସମୟରେ ତାଙ୍କ ସୁରକ୍ଷା, ଗୋପନୀୟତା ଓ ସର୍ବୋତ୍ତମ ସ୍ୱାର୍ଥକୁ ପ୍ରାଥମିକତା ଦିଆଯିବା ଦରକାର। ଅଭିଭାବକଙ୍କ ସଚେତନ ସମ୍ମତି, ତଥ୍ୟର ସୀମିତ ବ୍ୟବହାର ଓ ତାହାର ଅନଧିକୃତ ପ୍ରସାରଣ ରୋକିବା ଭଳି ବ୍ୟବସ୍ଥା ଡିଜିଟାଲ୍ ପରିବେଶରେ ଶିଶୁଙ୍କ ସୁରକ୍ଷାକୁ ଆହୁରି ମଜବୁତ କରିପାରିବ।

ତେବେ ସମସ୍ତ ଦାୟିତ୍ୱକୁ କେବଳ ପ୍ରଯୁକ୍ତି କମ୍ପାନୀ କିମ୍ବା ସରକାରଙ୍କ ଉପରେ ଛାଡ଼ିଦେବା ମଧ୍ୟ ଠିକ୍ ନୁହେଁ। ଘର ହେଉଛି ଶିଶୁର ପ୍ରଥମ ଡିଜିଟାଲ୍ ପାଠଶାଳା। ଅଭିଭାବକମାନେ ପିଲା କ'ଣ ଦେଖୁଛି, କାହା ସହ କଥା ହେଉଛି ଓ କେଉଁ ତଥ୍ୟ ସେୟାର କରୁଛିସେ ବିଷୟରେ ତାଙ୍କ ସହ ଖୋଲା ଆଲୋଚନା କରିବା ଦରକାର। ଭୟ ଦେଖାଇ ମୋବାଇଲ୍ ଛଡ଼ାଇ ନେବା ଠାରୁ ଡିଜିଟାଲ୍ ବିପଦ ବିଷୟରେ ବୁଝାଇବା ଅଧିକ ଫଳପ୍ରଦ।

ସେହିପରି ଶିଶୁଙ୍କ ସୁରକ୍ଷା ପାଇଁ ଅଭିଯୋଗ ବ୍ୟବସ୍ଥା ମଧ୍ୟ ସରଳ ଓ ଦ୍ରୁତ ହେବା ଆବଶ୍ୟକ। ଅଭିଯୋଗ ଆସିବା ପରେ ଦୀର୍ଘ ସମୟ ଧରି ଯାଞ୍ଚ ଚାଲିବା କିମ୍ବା ଦାୟିତ୍ୱ ଏଡ଼ାଇବାର ସୁଯୋଗ ରହିବା ଉଚିତ ନୁହେଁ। ଭାରତୀୟ ନିୟମରେ ଅବୈଧ ବିଷୟବସ୍ତୁ ଓ ସମ୍ବେଦନଶୀଳ ଅଭିଯୋଗ ପାଇଁ ଶୀଘ୍ର ପଦକ୍ଷେପର ବ୍ୟବସ୍ଥା ରହିଛି।

ପ୍ରଯୁକ୍ତି ଦ୍ରୁତ ବଦଳୁଥିବାରୁ ଆଇନ ମଧ୍ୟ ସମୟୋପଯୋଗୀ ହେବା ଦରକାର। କିନ୍ତୁ ଆଇନ ଥିବା ଯଥେଷ୍ଟ ନୁହେଁ। ତାହାର କାର୍ଯ୍ୟକାରୀ ପ୍ରୟୋଗ ମଧ୍ୟ ଆବଶ୍ୟକ। ସରକାର, ପ୍ରଯୁକ୍ତି କମ୍ପାନୀ, ଆଇନ ପ୍ରବର୍ତ୍ତନକାରୀ ସଂସ୍ଥା, ବିଦ୍ୟାଳୟ ଓ ପରିବାରସମସ୍ତଙ୍କ ମଧ୍ୟରେ ସମନ୍ୱୟ ବିନା ଏହି ଲଢ଼େଇ ସଫଳ ହେବ ନାହିଁ। ଭାରତ ସରକାର ମଧ୍ୟ ଶିଶୁଙ୍କ ଅନଲାଇନ୍ ଯୌନ ଶୋଷଣ ବିରୋଧରେ ବିଭିନ୍ନ ମନ୍ତ୍ରଣାଳୟ ଓ ସଂସ୍ଥା ମଧ୍ୟରେ ସମନ୍ୱିତ ବ୍ୟବସ୍ଥା ଉପରେ ଜୋର ଦେଇଛନ୍ତି।

ଡିଜିଟାଲ୍ ଦୁନିଆ ଶିଶୁଙ୍କ ପାଇଁ ଏକ ବିଶାଳ ସୁଯୋଗ। ସେମାନଙ୍କୁ ଇଣ୍ଟରନେଟ୍‌ରୁ ଦୂରେଇ ରଖିବା ସମାଧାନ ନୁହେଁ। ବରଂ ଇଣ୍ଟରନେଟ୍‌କୁ ସେମାନଙ୍କ ପାଇଁ ନିରାପଦ କରିବା ହିଁ ଲକ୍ଷ୍ୟ ହେବା ଉଚିତ। ଶିଶୁଙ୍କ ହାତରେ ଆମେ କେବଳ ଏକ ମୋବାଇଲ୍ ଦେଉନାହୁଁ ତାଙ୍କୁ ଏକ ବିଶାଳ ଦୁନିଆ ସହ ଯୋଡ଼ି ଦେଉଛୁ। ସେହି ଦୁନିଆରେ ଜ୍ଞାନ ଓ ସୃଜନଶୀଳତାର ଦ୍ୱାର ଖୋଲା ରହୁ, କିନ୍ତୁ ଶୋଷଣ ଓ ଅପରାଧର ଦ୍ୱାର ବନ୍ଦ ରହୁ।

ଶିଶୁ ସୁରକ୍ଷା କୌଣସି କମ୍ପାନୀର କେବଳ ବ୍ୟବସାୟିକ ଦାୟିତ୍ୱ ନୁହେଁ। ଏହା ସାମାଜିକ ଓ ନୈତିକ ଦାୟିତ୍ୱ। ଡିଜିଟାଲ୍ ସ୍ୱାଧୀନତାର ଅର୍ଥ ଅନିୟନ୍ତ୍ରିତ ପ୍ରବେଶ ନୁହେଁ। ସୁରକ୍ଷିତ ପରିବେଶରେ ଶିଖିବା, ଭାବିବା ଓ ବଢ଼ିବାର ଅଧିକାର। ଆମେ ଯେଉଁ ଡିଜିଟାଲ୍ ପରିବେଶ ଆଜି ଗଢୁଛୁ, ଆସନ୍ତା ପିଢ଼ି ସେହି ପରିବେଶରେ ବଢ଼ିବ। ତେଣୁ ଆମର ଲକ୍ଷ୍ୟ ହେଉପ୍ରଯୁକ୍ତି ଶିଶୁଙ୍କୁ ନିୟନ୍ତ୍ରଣ କରିବାର ମାଧ୍ୟମ ନହୋଇ, ସେମାନଙ୍କୁ ଏକ ସୁରକ୍ଷିତ, ସୁସ୍ଥ ଓ ସୃଜନଶୀଳ ଡିଜିଟାଲ୍ ପରିବେଶ ଦେବାର ମାଧ୍ୟମ ହେଉ। କାରଣ ଶିଶୁଙ୍କ ସୁରକ୍ଷା କେବଳ ଆଜିର ଦାୟିତ୍ୱ ନୁହେଁ। ଏହା ଆସନ୍ତା ପିଢ଼ି ପ୍ରତି ଆମର ନୈତିକ କର୍ତ୍ତବ୍ୟ। ଡିଜିଟାଲ୍ ଦୁନିଆ ଯେତେ ଦ୍ରୁତ ବଦଳିବ, ଶିଶୁଙ୍କ ସୁରକ୍ଷା ପ୍ରତି ଆମର ସଚେତନତା ଓ ଦାୟିତ୍ୱ ମଧ୍ୟ ସେତେ ଦୃଢ଼ ହେବା ଆବଶ୍ୟକ। ଶିଶୁମାନେ ଯେପରି ନିର୍ଭୟରେ ଡିଜିଟାଲ୍ ଦୁନିଆକୁ ଜାଣିପାରିବେ, ଶିଖିପାରିବେ ଓ ନିଜ ଭବିଷ୍ୟତ ଗଢ଼ିପାରିବେସେହି ପରିବେଶ ତିଆରି କରିବା ହିଁ ଆମ ସମସ୍ତଙ୍କ ସାମୂହିକ କର୍ତ୍ତବ୍ୟ।

## ପଣ୍ଡିତ ଦିନ ଦୟାଲ ଉପାଧ୍ୟାୟ ଏକାତ୍ମ ମାନବବାଦର ପ୍ରଣେତା




ଶୁଭ୍ରଜିତ୍ ଦାଶ
୯୩୪୮୪୪୧୮୩୪


ଭାରତୀୟ ରାଜନୀତିର ପୃଷ୍ଠଭୂମି କୁ ଦେଖିଲେ ଆମେ ଅନେକ ବଡ଼ ବଡ଼ ନେତା ଓ ତାଙ୍କର ବିଜୟ ଗାଥା ତଥା କାର୍ଯ୍ୟପଦ୍ଧତି କଥା ମନେ ପକାଇ ଥାଉ। କିନ୍ତୁ ଏମିତି କିଛି ଜନନେତା ଅଛନ୍ତି ଯାହାଙ୍କ ଜୀବନକୁ କେବଳ ରାଜନେତା ଭାବେ ବୁଝି ହେବ ନାହିଁ ତାଙ୍କର ଦେଶ ପ୍ରତି ଅବଦାନ ତଥା ନିଜର ସଂଘର୍ଷ ର କାହାଣୀ ଦେଖିଲେ ଆମେ ଦେଶ ପ୍ରତି ତାଙ୍କର ସମର୍ପଣ ଭାବନାକୁ ସଠିକ୍ ରୂପେ ବୁଝି ପାରିବା। ତାଙ୍କ ଜୀବନର ଶୈଳୀକୁ ଆମେ ଯଦି ସଠିକ୍ ରୂପେ ତର୍ଜମା କରିବା ତେବେ ଜାଣିପାରିବା କି ତାଙ୍କର ଜୀବନରେ ନିଜର ଆଶା, ଆକାଂକ୍ଷା ବୋଲି କିଛି ନ ଥିଲା କେବଳ ଥିଲା ତ କେବଳ ରାଷ୍ଟ୍ର ପ୍ରତି ସମର୍ପିତ ଭାବନା ଓ ଅଖଣ୍ଡ ଭାରତର ସ୍ୱପ୍ନ।

ପଣ୍ଡିତ ଜି ୨୫ ସେପ୍ଟେମ୍ବର ୧୯୧୬ ମସିହାରେ ଜନ୍ମ ଗ୍ରହଣ କରିଥିଲେ ସେହି ମହାନ୍ ଆତ୍ମା। ଛୋଟ ପିଲା ଅବସ୍ଥାରେ ଯେମିତି ଗୋଟିଏ ଶିଶୁର କାର୍ଯ୍ୟକଳାପ ହିଁ ସେ ଶିଶୁର ପରବର୍ତ୍ତୀ ଅବସ୍ଥାକୁ ପରିପ୍ରକାଶ କରେ ପଣ୍ଡିତ ଜି ଥିଲେ ସେମିତି ଜଣେ ଶିଶୁ। ପିଲାବେଳୁ ତୁଳସୀ ଦୁଇ ପତ୍ରରୁ ବାସିଲା ପରି ନିଜର କଥା ରେ ସମସ୍ତଙ୍କୁ ବିମୋହିତ କରୁଥିଲେ। ପରବର୍ତ୍ତୀ ସମୟରେ ସେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (RSS) ରେ ଯୋଗଦାନ କରନ୍ତି ଓ ରାଷ୍ଟ୍ର ଭବନରେ ବିମୋହିତ ହୋଇ ଦେଶ ସେବାରେ ନିଜକୁ ସମର୍ପିତ କରନ୍ତି।

ପଣ୍ଡିତ ଜି ଙ୍କ ମତରେ ରାଜନୀତି ସତ୍ତା ବା ପଦବୀ ପାଇଁ ନୁହେଁ ବରଂ ରାଜନୀତି ସମାଜର ଉନ୍ନତି ଓ ସମାଜର ତଳ ସ୍ତରରେ ଥିବା ବ୍ୟକ୍ତିର ଉତ୍‌ଥାନ କୁ ହିଁ ବୁଝାଏ। ତାଙ୍କର ଜୀବନର ସବୁଠାରୁ ମହତ୍ୱ ବାଣୀ ଯଦି ଆମେ ଚିନ୍ତା କରିବା ତାହେଲେ ସେ ସବୁବେଳେ ଏକାତ୍ମ ମାନବ ବାଦ ଉପରେ ଗୁରୁତ୍ୱ ଦେଉଥିଲେ। ସେ କହୁଥିଲେ କି ଦେଶରେ ବଡ଼ବଡ଼ ଅଟ୍ଟାଳିକା, ରାସ୍ତା ନିର୍ମାଣ କରି ଦେଶକୁ ବିକଶିତ କରିହେବ କିନ୍ତୁ ସାଧାରଣ ମଣିଷ ଉପରେ ତାହାର ପ୍ରଭାବ କେତେ ପଡୁଛି, ସେ କେତେ ନିଜକୁ ଦେଶର ବିକରେ ସାମିଲ କରିପାରୁଛି ତାହା ମଧ୍ୟ ଆମକୁ ଚିନ୍ତା କରିବାକୁ ହେବ।

ଯଦି ଆମେ ପଣ୍ଡିତ ଦୀନଦୟାଲଜୀଙ୍କ ଆଉ ଏକ ବିଷୟ ଉପରେ ଚିନ୍ତା କରିବା ତାହେଲେ ସେ କହୁଥିଲେ ଅନ୍ତୋଦୟ ଅର୍ଥାତ୍ ସମାଜର ଶେଷ ବର୍ଗର ଲୋକ ର ଉନ୍ନତି ଓ ପ୍ରଗତି। ସମାଜର ଶେଷ ଧାଡ଼ି ରେ ଛିଡା ହୋଇଥିବା ବ୍ୟକ୍ତି କୁ କିପରି ସମାଜର ଆଗ ଧାଡ଼ି ର ଲୋକଙ୍କ ସହ ସମାନ କରିହେବ ସେଥିପାଇଁ ରାଜନୀତିକ ନେତୃତ୍ୱ ମାନେ ଚିନ୍ତା କରିବାକୁ ହେବ।

ପଣ୍ଡିତ ଜି ସବୁବେଳେ ନିଜର କାମ ଉପରେ ଗୁରୁତ୍ୱ ଦେଉଥିଲେ। କହୁଥିଲେ କି ପ୍ରଥମେ କାମ ତା ପରେ ପରିଚୟ। ତେଣୁ ଯଦି କର୍ମ ନିଜର ସଠିକ୍ ରହିଛି ତାହେଲେ ପରିଚୟ ଆପେ ଆପେ ବନିଯିବ। ଏ ଉକ୍ତି କୁ ମଧ୍ୟ ଆଜି ଅନେକ ବ୍ୟକ୍ତି ନିଜର ଜୀବନ ଚର୍ଯ୍ୟରେ ପ୍ରତିଫଳିତ କରୁଛନ୍ତି। ଏବେ ଆସନ୍ତୁ ଆମେ ଜାଣିବା ଏ ସବୁ କଥା କୁ ନେଇ କିପରି ଦେଶରେ ଆଜି ପ୍ରଗତି ହୋଇଛି। ପଣ୍ଡିତ ଜି ଏକାତ୍ମ ମାନବ ବାଦ ର କଥା କହିଥିଲେ, ଆଜିର କେନ୍ଦ୍ର ଓ ପ୍ରତ୍ୟେକ ରାଜ୍ୟ ସରକାର ଦେଶର ସାଧାରଣ ଜନତାଙ୍କ ପାଇଁ ଅନେକ ଯୋଜନା କରି ସେମାନଙ୍କୁ ଦେଶର ବିକାଶ ର ସ୍ରୋତ ରେ ସାମିଲ କରିବା ପାଇଁ କାର୍ଯ୍ୟରତ ଅଛନ୍ତି। ପଣ୍ଡିତ ଜି କହିଥିଲେ ଅନ୍ତୋଦୟ। ଅର୍ଥାତ ଶେଷ ଧାଡ଼ି ରେ ଥିବା ବ୍ୟକ୍ତି ର ଉଦ୍ଧାର ବା ଉନ୍ନତିକରଣ। ଏ କ୍ଷେତ୍ରରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀ ଅନେକ ଯୋଜନା ଦେଶର ଜନତାଙ୍କ ସାମ୍ନାରେ ଆଣିଥିଲେ ଯାହାକି ଆଜି ମଧ୍ୟ ବଳବତ୍ତର ରହିଛି। ତାଙ୍କରି କହିବା ଆଧାରରେ ଆରମ୍ଭ ହୋଇଥିବା ଅନ୍ତୋଦୟ ଯୋଜନା ହେଉଛି ସମାଜର ସବୁଠାରୁ ଗରିବ ଓ ମଧ୍ୟବିତ୍ତ ପରିବାରଙ୍କୁ ପ୍ରାଥମିକତା ଦେଇ ସାମାଜିକ-ଆର୍ଥିକ ସୁରକ୍ଷା ଦେବାର ଏକ ପ୍ରମୁଖ ସରକାରୀ ପଦକ୍ଷେପ। ମାନନୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ବିଭିନ୍ନ ଅବସରରେ ଦୀନଦୟାଳଜୀଙ୍କ ଏହି ଚିନ୍ତାଧାରାକୁ ସ୍ମରଣ କରିଛନ୍ତି। ୨୦୨୫ରେ ଦୀନଦୟାଳଜୀଙ୍କ ଜୟନ୍ତୀରେ ମୋଦୀଜୀ ତାଙ୍କର ଏକାତ୍ମ ମାନବବାଦ ଓ ଅନ୍ତ୍ୟୋଦୟର ଦର୍ଶନକୁ ଭାରତର ବିକାଶ ଓ ରାଷ୍ଟ୍ର ନିର୍ମାଣ ପାଇଁ ପ୍ରେରଣାଦାୟୀ ବୋଲି ଉଲ୍ଲେଖ କରିଥିଲେ। ଦେଶର ଏପରି ଜଣେ ମହାନ୍ ଆଦର୍ଶବାଦୀ ତଥା ଚିନ୍ତାଶୀଳ ନେତାଙ୍କ ଜନ୍ମ ଜୟନ୍ତୀରେ ତାଙ୍କୁ ମୋର ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି।

## ଉତ୍ତରଦାୟିତ୍ୱ ସନ୍ଧାନରେ ସାଧାରଣ ନାଗରିକ




ଡକ୍ଟର ଲକ୍ଷ୍ମଣ ସାହୁ
ଅଧକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ-୪, ମୋ- ୯୦୪୦ ୧୫୧୪୭୫


ଏକ ଆଧୁନିକ ରାଷ୍ଟ୍ର କେବଳ ରାସ୍ତାରେ ଚଳାଚଳ କରୁଥିବା ଯାନବାହାନ ସଂଖ୍ୟା ଦ୍ୱାରା ପରିଭାଷିତ ହୁଏ ନାହିଁ, ବରଂ ଏହାର ନାଗରିକମାନେ ରାସ୍ତାରେ ଚାଲିବା ସମୟରେ କେତେ ସୁରକ୍ଷିତ ଏବଂ ନିରାପଦ ଅନୁଭବ କରନ୍ତି ତାହା ଦ୍ୱାରା ପରିଭାଷିତ ହୁଏ। ଏହାର ସମାଧାନ ଉପରେ ଆଧାରିତ ଆଜିର ଆଲେଖ୍ୟ।

ପ୍ରତିବର୍ଷ, ମୌସୁମୀ ବର୍ଷା ଯୋଗୁଁ ରାସ୍ତାଗୁଡ଼ିକ ବନ୍ୟା ପରିଲକ୍ଷିତ ହୁଏ, ଯାହା ପ୍ରାୟତଃ ବିକାଶର ଚମକଦାର ଦାବି ଦ୍ୱାରା ଲୁଚାଇ ରଖାଯାଏ। ଯେତେବେଳେ ରାସ୍ତାଗୁଡ଼ିକ ବନ୍ୟା ପରିଲକ୍ଷିତ ହୁଏ, ସେତେବେଳେ କେବଳ ଯାନବାହାନ ଫସିଯାଏ ନାହିଁ, ବରଂ ନାଗରିକଙ୍କ ଅଧିକାର ଓ ବିଶ୍ୱାସ ମଧ୍ୟ ବୁଡ଼ିଯାଏ। ମଧ୍ୟପ୍ରଦେଶର ଗ୍ୱାଲିୟରରେ ଏକ ସାମ୍ପ୍ରତିକ ଘଟଣା ଏହାର ଜ୍ୱଳନ୍ତ ଉଦାହରଣ। ବର୍ଷା ପାଣିରେ ଫସି ରହିବା ପରେ ଏକ କାରର ଇଞ୍ଜିନ କ୍ଷତିଗ୍ରସ୍ତ ହୋଇଥିଲା ଓ ଗାଡ଼ିଟି କ୍ଷତିଗ୍ରସ୍ତ ହୋଇଥିଲା। ପ୍ରାୟ ଦଶ ମାସ ପରେ, ଜିଲ୍ଲା ଗ୍ରାହକ ବିବାଦ ସମାଧାନ କମିଶନ ଜାଣିବାକୁ ପାଇଲେ ଯେ ବୀମା କମ୍ପାନୀ ତାଙ୍କ ଅଭିଯୋଗକୁ ପ୍ରମାଣିତ କରିପାରିଲା ନାହିଁ ଓ ଶେଷରେ ପ୍ରାୟ ୬.୦୨ ଲକ୍ଷ ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଛି।

ଏହା ଏକ ସରଳ ଗ୍ରାହକ ବିବାଦ ପରି ମନେହୁଏ, କିନ୍ତୁ ଏହା ଆମର ଶାସନ ବ୍ୟବସ୍ଥା ବିଷୟରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନକୁ ଲୁଚାଇ ରଖିଛି। ରାସ୍ତା, ଯାନବାହନ, ଇନ୍ଧନ, ବୀମା ଓ ନାଗରିକଙ୍କ ମଧ୍ୟରେ ଆନ୍ତଃସଂବନ୍ଧ ଗଭୀର ଭାବରେ ଜଡିତ। ତଥାପି ଦାୟୀମାନେ ପୃଥକ କୋଠରୀରେ ସୀମିତ। ଭାରତରେ ରାସ୍ତାରେ ଯାଉଥିବା ପ୍ରତ୍ୟେକ ନାଗରିକ ନିୟମ ଓ ଦାୟିତ୍ୱ ବିଷୟରେ ଅବଗତ। ମୋଟର ଯାନ ଆଇନ ଅନୁଯାୟୀ ଡ୍ରାଇଭିଂ ଲାଇସେନ୍‌ସ, ପ୍ରଦୂଷଣ ପ୍ରମାଣପତ୍ର ଓ ବାଧ୍ୟତାମୂଳକ ବୀମା ଭଳି ବ୍ୟବସ୍ଥା ସ୍ପଷ୍ଟ ଭାବରେ ନାଗରିକଙ୍କ ଉପରେ ଦାୟିତ୍ୱ ଲଦିଥାଏ। ଏହି ପରିପ୍ରେକ୍ଷୀରେ, 'ନୋ ଇନସ୍ୟୁରାନ୍ସ, ନୋ ଓ୍ୱେଲ' ମଡେଲ ଉପରେ ଆଧାରିତ ଏକ ପାଇଲଟ୍ ପ୍ରକଳ୍ପ ବିକଶିତ କରିବା ପାଇଁ ସୁପ୍ରିମକୋର୍ଟଙ୍କ କେନ୍ଦ୍ର ସରକାର, ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଓ ଭାରତୀୟ ବୀମା ନିୟାମକ ଏପରିକି ବିକାଶ ପ୍ରାଧିକରଣଙ୍କୁ ଅନୁରୋଧ ଗୁରୁତ୍ୱପୂର୍ଣ୍ଣ।

ପ୍ରଶ୍ନ ହେଉଛି, ଯଦି ରାଜ୍ୟ ନାଗରିକଙ୍କ ଉପରେ ଦାୟିତ୍ୱ ଲଦିଥାଏ, ତେବେ କ'ଣ ଏହା ତାର ସଂସ୍ଥାଗୁଡ଼ିକ ପାଇଁ ସମାନ କଠୋର ଉତ୍ତରଦାୟିତ୍ୱ ସୁନିଶ୍ଚିତ କରେ ? ଯଦି ଯାନବାହନ ବୀମା ଯାଞ୍ଚ କରାଯାଏ, ତେବେ କ'ଣ ପୌର ସଂସ୍ଥାକୁ ପଚରାଯିବ ଯେ ରାସ୍ତାଟି ଆଣ୍ଠୁଏ ଗଭୀର ପାଣିରେ କାହିଁକି ବୁଡ଼ିଗଲା ? କ'ଣ ରାସ୍ତା ନିର୍ମାଣ ସଂସ୍ଥାକୁ ବୁଝାଇବାକୁ କୁହାଯିବ ଯେ ଡ୍ରେନେଜ୍ ବ୍ୟବସ୍ଥା କାହିଁକି ବିଫଳ ହେଲା ? ଏବଂ, କ'ଣ ଯାନବାହନ ନିର୍ମାତାମାନେ ମଧ୍ୟ ବୁଝାଇବେ ଯେ ଭାରତୀୟ ପରିସ୍ଥିତି ପାଇଁ ଉପଯୁକ୍ତ ବୋଲି କୁହାଯାଉଥିବା ପ୍ରଯୁକ୍ତିବିଦ୍ୟା ସାଧାରଣ ଜଳବନ୍ଦୀରେ କାହିଁକି ବିଫଳ ହୁଏ ? ମୋଟର ବୀମା ଭାରତରେ ଆର୍ଥିକ ସୁରକ୍ଷାର ଏକ ମାଧ୍ୟମ। କିନ୍ତୁ ବାସ୍ତବରେ, ବୀମା ଦାବି ଉପରେ ବିବାଦ ଅସାଧାରଣ ନୁହେଁ। କମ୍ପାନୀଗୁଡ଼ିକ ପ୍ରାୟତଃ 'ଅବହେଳା, 'ପରିଣାମସ୍ୱରୂପ କ୍ଷତି, କିମ୍ବା 'ଇଚ୍ଛାକୃତ ବିପଦ' ଭଳି ଆଧାରରେ ଦାବିଗୁଡ଼ିକୁ ପ୍ରତ୍ୟାଖ୍ୟାନ କରନ୍ତି। କମ୍ପାନୀର ନିଜର ପକ୍ଷ ଉପସ୍ଥାପନ କରିବାର ଅଧିକାର ଅଛି, କିନ୍ତୁ ଅଭିଯୋଗଗୁଡ଼ିକୁ ପ୍ରମାଣ ଦ୍ୱାରା ସମର୍ଥନ କରାଯିବା ଆବଶ୍ୟକ।

ପ୍ରକୃତରେ, ସହରାଞ୍ଚଳରେ ଜଳବନ୍ଦୀ କୌଣସି ବ୍ୟତିକ୍ରମ ନୁହେଁ, ବରଂ ଏକ ନିୟମିତ ମୌସୁମୀ ଦୁର୍ଘଟଣା। ଦିଲ୍ଲୀରୁ ମୁମ୍ବାଇ, ବେଙ୍ଗାଲୁରୁ ଚେନ୍ନାଇ, ଗୁରୁଗ୍ରାମରୁ ହାଇଦ୍ରାବାଦ, ଓଡ଼ିଶା, ପାଟନାରୁ ଗ୍ୱାଲିୟର ପର୍ଯ୍ୟନ୍ତ, ପ୍ରାୟ ପ୍ରତ୍ୟେକ ସହର ପ୍ରତିବର୍ଷ ସମାନ ଦୃଶ୍ୟର ସମ୍ମୁଖୀନ ହୁଏ। ଅଣ୍ଡରପାସ୍ ପୋଖରୀରେ ପରିଣତ ହୁଏ, ମୁଖ୍ୟ ରାସ୍ତାଗୁଡ଼ିକ ଘଣ୍ଟା ଘଣ୍ଟା ଧରି ବନ୍ଦ ରହିଥାଏ ଓ ଯାନବାହାନ ପାଣିର ପ୍ରବାହରେ ଭାସିଯାଏ। ଜଳ ନିଷ୍କାସନର ଅଭାବ, ଅବୈଧ ଜବରଦଖଲ, ଯୋଜନାହୀନ ନିର୍ମାଣ, ଦୁର୍ବଳ ଜଳ ନିଷ୍କାସନ ଓ ଦୁର୍ବଳ ଭିତ୍ତିଭୂମି ଏକ ସଙ୍କଟ ସୃଷ୍ଟି କରେ ଯାହା ସାଧାରଣ ନାଗରିକଙ୍କୁ ଆକ୍ରାନ୍ତ କରେ। ଅନିୟମିତ ବର୍ଷା ବୃଦ୍ଧି ପାଉଥିଲେ ମଧ୍ୟ, ଆମର ସହରଗୁଡ଼ିକର ଗଠନ ବିଗତ ଦଶନ୍ଧିର ଆବଶ୍ୟକତା ଓ ମାନଦଣ୍ଡରେ ବୁଡ଼ି ରହିଛି। ଫଳସ୍ୱରୂପ, ବର୍ଷା ଏକ ପ୍ରାକୃତିକ ଘଟଣା କମ୍ ଓ ପ୍ରଶାସନିକ ପରୀକ୍ଷା ହୋଇଯାଏ।

ସଡ଼କ ପରିବହନ ମନ୍ତ୍ରଣାଳୟ ରାସ୍ତା ପରିଚାଳନା କରେ, ପେଟ୍ରୋଲିୟମ୍ ମନ୍ତ୍ରଣାଳୟ ଇନ୍ଧନ ପରିଚାଳନା କରେ, ବୀମା ନିୟାମକ ବୀମା ପରିଚାଳନା କରେ, ନଗର ନିଗମ ଜଳ ନିଷ୍କାସନ ପରିଚାଳନା କରେ। ଯାନବାହାନ ନିର୍ମାତାମାନେ ବୈଷୟିକ ମାନଦଣ୍ଡ ପରିଚାଳନା କରନ୍ତି। କିନ୍ତୁ ନାଗରିକମାନଙ୍କ ପାଇଁ, ଏହା ଏକକ ବ୍ୟବସ୍ଥା। ଯଦି ଏହି ଉପାଦାନଗୁଡ଼ିକ ମଧ୍ୟରୁ ଗୋଟିଏ ବିଫଳ ହୁଏ, ତେବେ ନାଗରିକମାନେ ଶେଷରେ ଏହାର ପରିଣାମ ଭୋଗ କରନ୍ତି।

ଯଦି ସେ ଏହାକୁ ପ୍ରୟୋଗ କରନ୍ତି, ତେବେ ସେ କରିବେ କି ? ଉଦାହରଣ ସ୍ୱରୂପ, ପେଟ୍ରୋଲରେ ୨୯ ପ୍ରତିଶତ ଇଥାନଲ୍ ମିଶ୍ରଣ ନୀତିକୁ ଶକ୍ତି ସୁରକ୍ଷା, ଆମଦାନୀ ହ୍ରାସ ଓ ପରିବେଶଗତ ଲକ୍ଷ୍ୟ ସହିତ ଯୋଡାଯାଇଛି। ଅଧିକାଂଶ ନୂତନ ଯାନବାହନ ପୁରୁଣା ଯାନଗୁଡ଼ିକୁ A-୨୦ (E-୨୦) ଅନୁପାଳନ କରାଯାଉଛି। କିନ୍ତୁ ନିର୍ମାତାଙ୍କ ପରାମର୍ଶ ଭିନ୍ନ ହୋଇପାରେ। ସରକାର A-୨୦ ( E-୨୦) ବିଷୟରେ ଭ୍ରାମକ ଦାବିକୁ ଖାରଜ କରିଛନ୍ତି। କିନ୍ତୁ ପ୍ରଶ୍ନ ରହିଛି। ଭବିଷ୍ୟତରେ ଇନ୍ଧନ କିମ୍ବା ଇଞ୍ଜିନ ଓ୍ୱାରେଣ୍ଟି ସମସ୍ୟା ଦେଖାଦେଲେ କିଏ ଦାୟୀ ରହିବ ?

ପ୍ରଶାସନିକ ଦୃଷ୍ଟିରୁ, ସମାଧାନ 'ସମ୍ପୂର୍ଣ୍ଣ ସରକାରୀ ଆଭିମୁଖ୍ୟ'ରେ ନିହିତ। ଯେଉଁ ସମସ୍ୟାଗୁଡ଼ିକର ସମାଧାନ ଗୋଟିଏ ବିଭାଗ ଦ୍ୱାରା କରାଯାଇପାରିବ ନାହିଁ, ସେଗୁଡ଼ିକ ପାଇଁ ସାଂଗଠନିକ ନ୍ୟାୟ ଆବଶ୍ୟକ। ଯଦି ରାସ୍ତା ସୁରକ୍ଷିତ ଅଛି କିନ୍ତୁ ଯାନବାହନ ବୈଷୟିକ ଭାବରେ ଅସୁରକ୍ଷିତ, ତେବେ ଦୁର୍ଘଟଣା ସମ୍ଭବ। ଯଦି ଯାନବାହନ ସୁରକ୍ଷିତ ଅଛି କିନ୍ତୁ ରାସ୍ତା ଜଳମଗ୍ନ, ତେବେ ବିପଦ ରହିଥାଏ। ଦୁର୍ଘଟଣା ପରେ ଯଦି ବୀମା ବ୍ୟବସ୍ଥା ନିରପେକ୍ଷ ନ ହୁଏ, ତେବେ ନାଗରିକମାନେ ଆର୍ଥିକ ସଙ୍କଟରେ ବୁଡ଼ିଯିବେ। ତେଣୁ, ବିଭାଗୀୟ ସୀମା ମଧ୍ୟରେ ସୁରକ୍ଷାକୁ ଦେଖାଯାଇପାରିବ ନାହିଁ। ଯଦି ପ୍ରତିବର୍ଷ ଏକ ନିର୍ଦ୍ଦିଷ୍ଟ ରାସ୍ତା ଜଳମଗ୍ନ ହୁଏ, ତେବେ ଏକ ଡିଜିଟାଲ୍ ରେକର୍ଡ ବଜାୟ ରଖିବା ଉଚିତ୍। ଯଦି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଯାନବାହନ ବାରମ୍ବାର କ୍ଷତିଗ୍ରସ୍ତ ହୁଏ, ତେବେ ସମ୍ପୃକ୍ତ ସଂସ୍ଥାକୁ ଦାୟୀ କରିବା ପାଇଁ ଏକ ପ୍ରକ୍ରିୟା ବିକଶିତ କରାଯିବା ଉଚିତ୍। ଯାନବାହନ କ୍ଷତି ଓ ଦୁର୍ଘଟଣା ସମ୍ପର୍କରେ ବୀମା କମ୍ପାନୀଗୁଡ଼ିକର ତଥ୍ୟ ସହରାଞ୍ଚଳ ଯୋଜନା ତଥା ସଡ଼କ ସୁରକ୍ଷା ସଂଗଠନ ସହିତ ସେୟାର କରାଯାଇପାରିବ।

ଆଜି, ଏକ ବ୍ୟାପକ ଜାତୀୟ ଅଟୋମୋବାଇଲ ଦାୟିତତ୍ୱ ନୀତିର ଆବଶ୍ୟକତା ରହିଛି। ରାସ୍ତା ଏଜେନ୍‌ସି, ପୌର ସଂସ୍ଥା, ସଡ଼କ ପରିବହନ ମନ୍ତ୍ରଣାଳୟ, ପେଟ୍ରୋଲିୟମ ମନ୍ତ୍ରଣାଳୟ, ବୀମା ନିୟାମକ, ଯାନବାହନ ନିର୍ମାତା ଓ ଗ୍ରାହକ ସଂଗଠନଗୁଡ଼ିକୁ ଏକାଠି କରିବାକୁ ପଡ଼ିବ। ଦୁର୍ଘଟଣା କିମ୍ବା ଯାନବାହନ କ୍ଷତି ପରେ, ନାଗରିକମାନଙ୍କୁ ବିଭିନ୍ନ କାର୍ଯ୍ୟାଳୟକୁ ଦୌଡ଼ିବାକୁ ପଡ଼ିବ ନାହିଁ। ସେମାନଙ୍କର ଅଭିଯୋଗ ଗୋଟିଏ ଡିଜିଟାଲ୍ ପ୍ଲାଟଫର୍ମରେ ପଞ୍ଜିକୃତ ହେବା ଉଚିତ। ସମ୍ପୃକ୍ତ ସଂସ୍ଥାଗୁଡ଼ିକ ମିଳିତ ଭାବରେ ଦାୟିତ୍ୱ ନିର୍ଣ୍ଣୟ କରିବା ଉଚିତ୍। ବାରମ୍ବାର ବନ୍ୟା ଓ ବୀମା ସଙ୍କଟ ପରେ ବ୍ରିଟେନ, ସରକାର ଓ ବୀମା ଶିଳ୍ପକୁ ଜଡ଼ିତ କରି ଏକ ବିପଦ-ବଣ୍ଟନ ମଡେଲ୍ ବିକଶିତ କରିଥିଲା। ଅନେକ ୟୁରୋପୀୟ ଦେଶରେ, ଖରାପ ରାସ୍ତା, ଜଳବନ୍ଦୀ, ଅପର୍ଯ୍ୟାପ୍ତ ସାଇନେଜ୍ କିମ୍ବା ଭିତ୍ତିଭୂମି ଅବହେଳା ଯୋଗୁଁ ଘଟୁଥିବା ଦୁର୍ଘଟଣା ପାଇଁ ସରକାରୀ କର୍ତ୍ତୃପକ୍ଷଙ୍କ ଦାୟିତ୍ୱ ସ୍ପଷ୍ଟ ଭାବରେ ପରିଭାଷିତ ହୋଇଛି।

ଭାରତ ମଧ୍ୟ ଏପରି ଏକ ବ୍ୟବସ୍ଥା ବିକଶିତ କରିବାର କ୍ଷମତା ଓ ବୈଷୟିକ ସମର୍ଥନ ରଖିଛି। କଳ୍ପନା କରନ୍ତୁ ଯଦି ପ୍ରତ୍ୟେକ ପ୍ରମୁଖ ସହରରେ ଜଳବନ୍ଦୀ ଅଞ୍ଚଳଗୁଡ଼ିକର ପ୍ରକୃତ-ସମୟ ତଥ୍ୟ ଥାଆନ୍ତା। ନଗର ନିଗମ, ଟ୍ରାଫିକ୍ ପୋଲିସ, ପାଣିପାଗ ବିଭାଗ, ବୀମା କମ୍ପାନୀ ଓ ନାଭିଗେସନ୍ ପ୍ଲାଟଫର୍ମଗୁଡ଼ିକୁ ଏକ ସେୟାର ସୂଚନା ପ୍ରଣାଳୀ ସହିତ ସଂଯୁକ୍ତ କରାଯାଏ। ରାସ୍ତାରେ ଜଳସ୍ତର ବିପଦପୂର୍ଣ୍ଣ ସ୍ତରରେ ପହଞ୍ଚିବା ମାତ୍ରେ, ଏକ ତୁରନ୍ତ ଚେତାବନୀ ଜାରି କରାଯିବ। ସେହି ମାର୍ଗକୁ ବିପଦପୂର୍ଣ୍ଣ ଘୋଷଣା କରାଯିବ ଓ ନାଗରିକମାନଙ୍କୁ ବିକଳ୍ପ ରାସ୍ତା ପ୍ରଦାନ କରାଯିବ। ଭାରତ ବିଶ୍ୱର ପ୍ରମୁଖ ଅଟୋମୋବାଇଲ୍ ଅର୍ଥନୀତି ମଧ୍ୟରୁ ଗୋଟିଏ ଭାବରେ ନିଜର ସ୍ଥିତିକୁ ସୁଦୃଢ଼ କରୁଛି। ତେଣୁ, ପରିବହନ ନୀତି କେବଳ ଯାନବାହାନ ଉତ୍ପାଦନ, ଇନ୍ଧନ ଉପଲବ୍ଧତା କିମ୍ବା ନିୟମ ପାଳନ ଉପରେ କେନ୍ଦ୍ରିତ ହୋଇପାରିବ ନାହିଁ। ଏକ ଆଧୁନିକ ରାଷ୍ଟ୍ର କେବଳ ରାସ୍ତାରେ ଥିବା ଯାନବାହାନ ସଂଖ୍ୟା ଦ୍ୱାରା ପରିଭାଷିତ ନୁହେଁ। ବରଂ ଏହାର ନାଗରିକମାନେ ଏଥିରେ ଚାଲିବା ସମୟରେ କେତେ ସୁରକ୍ଷିତ ଓ ଆତ୍ମବିଶ୍ୱାସୀ ଅନୁଭବ କରନ୍ତି ତାହା ଦ୍ୱାରା ପରିଭାଷିତ ହୁଏ। ଯେପର୍ଯ୍ୟନ୍ତ ବ୍ୟବସ୍ଥା ଏହାର ନାଗରିକମାନଙ୍କୁ ଦାୟିତ୍ୱହୀନତାକୁ ଏଡ଼ାଇ ଯାଇ ସେମାନଙ୍କର କର୍ତ୍ତବ୍ୟ ପାଳନ କରିବାକୁ ଆଶା କରେ, ସେପର୍ଯ୍ୟନ୍ତ ପ୍ରତ୍ୟେକ ବର୍ଷା କେବଳ ରାସ୍ତାକୁ ପାଣିରେ ବୁଡ଼ାଇ ଦେବ ନାହିଁ, ବରଂ ଶାସନ ଉପରେ ଜନସାଧାରଣଙ୍କ ବିଶ୍ୱାସକୁ ମଧ୍ୟ ହ୍ରାସ କରିବ।

## ଈଶ୍ୱର ଯାହା କରନ୍ତି...




ନିର୍ବିକାର ପ୍ରଭାତ
ହାପିକଲୋନୀ, ଗୋପ, ପୁରୀ
ଶୂନ୍ୟଭାଷ : ୭୯୭୮୬୩୫୨୭୬


ଚୁନି ଆଉ ମୁନା ଭିତରେ ଲାଗେ ବଚସା। ଟଙ୍କା ପଇସା କି ଖିଆ ପିଆକୁ ନେଇ ଝଗଡା ସୃଷ୍ଟି ହୁଏ ନାହିଁ। କେବଳ ମର୍ମଭେଦୀ କଥାକୁ ନେଇ ହୁଏ ଟଣା ଓଟରା। ମୁନା ପରିବାରର ପୂର୍ବାବସ୍ଥା ଓ ଚୁନି ବାପଘରେ ବର୍ତ୍ତମାନର ଆର୍ଥିକ ସ୍ୱଚ୍ଛଳତାକୁ ନେଇ କଥା କଟାକଟି ଓ ଝମେଲାର ସୂତ୍ରପାତ ହୁଏ। ଅବଶ୍ୟ ଦୁହିଁଙ୍କ ମଧ୍ୟରେ ମତାନ୍ତର ହୋଇଛି ମନାନ୍ତର ହୋଇ ନାହିଁ। ଉଭୟଙ୍କ ମଧ୍ୟରେ ତମେ ତମେରୁ ବେଳେବେଳେ ତୁ ତା ପର୍ଯ୍ୟନ୍ତ କଥା ଲମ୍ବିଯାଏ।

ମୁନା ପରିବାରର ଦୁଃସ୍ଥିତି ଏଯାବତ୍ ରହିଛି। ଶିକ୍ଷିତ ଭାଇ ଦୁହେଁ ବେପାରରେ ଉପରକୁ ଉଠି ପାରିଲେ ନାହିଁ। ଦାଣ୍ଡରୁ ଆଣି ହାଣ୍ଡିରେ ଥୋଇ ଢୋକେ ପିଇ ଦଣ୍ଡେ ଜିଇଁ ସେମାନେ କାଳାତିପାତ କରୁଥିଲେ। ବାପା ଚାକିରିକୁ ରିହାବିଲେସନରେ ହାତେଇ ଥିବା ମୁନା ଉପରେ ସେମାନେ ଆସ୍ଥା ରଖିଥିଲେ। ମୁନା ଆଖି ଦୃଶିଆ ସାହାଯ୍ୟ କରି ନପାରିବାରୁ ସେମାନେ ସଭିଏଁ ଖଡଗହସ୍ତ। ଉଚ୍ଚ ଶିକ୍ଷିତ ହୋଇ ସେ ସରକାରଙ୍କ ଦୟାରୁ ପିଅନ ଚାକିରି କରିଛି। ଅନ୍ୟ ଭାଇମାନଙ୍କୁ ମାସିକିଆ ବଟି ଦେଉନଥିବାରୁ ଭାଉଜମାନେ ହିଂସାରେ ଜଳୁଛନ୍ତି। କଥାରେ କୁହନ୍ତି, 'ଗଛର ଛାଇ ମଣିଷ ହାଇଁ, ସେଥିରେ କେହି ଉଧାଏ ନାହିଁ'। ଚୁନି ଆସି ମୁନାକୁ ହାତ ମୁଠାରେ ରଖିବାରୁ ଅନ୍ୟ ଭାଇ ଭାଉଜ ଆର୍ଥିକ ସୁବିଧା ପାଇ ପାରୁନଥିଲେ। ସବୁବେଳେ ଅଭାବ ଅଭାବ କହି ଫାଇଦା ହାସଲ କରିବାକୁ ଭାଉଜମାନେ ଓର ଉଣ୍ଟୁଥାନ୍ତି। ଭାଇମାନେ କେବେ ତା ଘରକୁ ଆସନ୍ତି ନାହିଁ କି ଫୋନ କରନ୍ତି ନାହିଁ। ଚୁନି ସେମାନଙ୍କ ଉଦ୍ଦେଶ୍ୟ ବୁଝି ସ୍ୱାର୍ଥପର ହେବାକୁ ବାଧ୍ୟ ହୋଇଛି। 'ଦିଆକୁ ଦିଆ, ଅଦିଆକୁ ଜାଣ ଦୁଆର ଦିଆ' ନୀତିରେ ଚୁନି ମୁନାକୁ ନିୟନ୍ତ୍ରଣ କରୁଥିଲା। ଭଲମନ୍ଦ ଦିନରେ, ପର୍ବ ପର୍ବାଣୀରେ କେହି ଏକାଠି ହୁଅନ୍ତି ନାହିଁ। ସେଥିପାଇଁ ଚୁନି ରାଗି କଡମଡ ହୁଏ।

ବର୍ଷକୁ ଥରେ ଅଧେ ଚୁନି ବାପଘରକୁ ଯାଏ। ଭାଇ ତିନୋଟିଯାକ ପାଠ ପଢି ଛୋଟ ମୋଟ ବେପାର କରି ଚଳୁଥିଲେ। ଚୁନିବାପା କମ୍ପାନୀ ଚାକିରିଆ ଥିଲେ। ପୁଅମାନେ କୌଣସି ଚାକିରି ନକରି ପାରିଥିବାରୁ ମୁନା କଥା ପ୍ରସଙ୍ଗରେ ଥଟା କରିବାକୁ ଯାଇ 'ଅଯୋଗ୍ୟ ପୁତ୍ର' ବୋଲି ସେମାନଙ୍କୁ ସମ୍ବୋଧନ କରେ। ଏଇଥିରୁ ଆରମ୍ଭ ହୁଏ ବାକ୍ ବିତଣ୍ଡା। ତାପରେ ଝିମିଟିଖେଳ। ଅବଶ୍ୟ କେବେ ବି ମହାଭାରତ ସୃଷ୍ଟି ହୋଇନାହିଁ। ଚୁନିବାପା ମରିବାର ତିନିବର୍ଷ ପରେ ମନ୍ଦିର ରାସ୍ତାର ସଂପ୍ରସାରଣ ପାଇଁ ତାଙ୍କର ଜାଗା ସହିତ ଘରୁ କିଛି ଅଂଶ ଚାଲିଗଲା। ସେମାନେ ଅନୁକମ୍ପାମୂଳକ ରାଶି ହିସାବରେ ପ୍ରାୟ ଦେଢକୋଟି ଟଙ୍କା ସହାୟତା ପାଇଲେ। ତିନି ଭାଇ ମିଶି ଟଙ୍କା ଭାଗଭାଗ ନକରି ଗୋଟିଏ ଯୌଥ ବ୍ୟବସାୟ କରିବାକୁ ମନସ୍ଥ କଲେ। ଏଥିରେ ଯାହା ଲାଭ ହେବ ତାହା ତିନି ଭାଗ ହୋଇ ମାସିକିଆ ଦରମା ଭଳି ବଣ୍ଟା ଯିବ। ବର୍ଷ ଦୁଇଟାରେ ପାଞ୍ଚ ମହଲା ଘର ନିର୍ମାଣ କରି ହୋଟେଲ କରି ସେମାନେ ବସିଲେ ଏବଂ ପାଳିକରି ଲଜିଂର ଦାୟିତ୍ୱ ନେଲେ। ବ୍ୟବସାୟରେ ଆଶାନୁରୂପ ଲାଭ ହେଲା। ଚୁନି ଗର୍ବରେ ଫୁଲି ଯାଇ ଦୁନିଆ ମାନିଲା ନାହିଁ। ତା ଭାଇମାନଙ୍କୁ ଆଉ ନିକୁଛିଆ କଥା କହିବାକୁ ମୁନା ଜିଭରେ ହାଡ ନଥିଲା।

ରାକ୍ଷୀ ପୂର୍ଣ୍ଣିମାରେ ରାକ୍ଷୀ ପିନ୍ଧାଇବ ବୋଲି ଚୁନି ବାହାରିଲା। ମୁନା ରାଗରେ ଗରଗର ହେଲା। ରାକ୍ଷୀ କିଣି ପିନ୍ଧିବାକୁ ଟଙ୍କା ପଠାଇବା ପରେ ପୁନର୍ବାର ଚୁନି ଭାଇମାନଙ୍କ ପାଖକୁ ଯିବାକୁ ବାହାରୁଛି। ପୁଣି ଗାଡିରେ ତେଲ ଖର୍ଚ୍ଚ ସହିତ ମିଠା କିଣିବାକୁ ପଡିବ। -'ରୋଜଗାର କରିବି ମୁଁ, ଭାଇମାନଙ୍କ ପାଖକୁ ଭଲମନ୍ଦ ନେବ ଇଏ।' ମୁନା କଥାରେ ନରାଗି ଚୁନି କହିଲା, 'ତମର କ'ଣ ମନ ହେଉନି ତମ ଶଳାମାନଙ୍କ ହୋଟେଲ ଦେଖିବାକୁ ? ଛୁଟି ଅଛି ଘେରାଏ ବୁଲି ଆସିବାକୁ ତମର ଏତେ କୁଣ୍ଠାବୋଧ ? ନା ମୋ ଭାଇମାନେ ଭଲରେ ରହିଲେ ବୋଲି ତମର ଈର୍ଷା ହେଉଛି ?' କ'ଣ ଭାବିଲା କେଜାଣି ବିନା ବାକ୍ୟ ବ୍ୟୟରେ ମୁନା ବାହାରିଗଲା।

ମେଇନ୍ ରୋଡ୍ ଉପରେ ବିରାଟ ଲଜିଂ। ତିନିଭାଇ ଅଲଗା ଅଲଗା ରହୁଥିଲେ ବି ଗୋଟିଏ ହୋଟେଲକୁ ନେଇ ବେପାର ଚାଲିଛି। ମିଲୁ, ସିଲୁ, ଦିଲୁଙ୍କ ଭିତରୁ ମିଲୁ ବଡ। ବୁଝିବା ଶକ୍ତି ତାର ପ୍ରଖର। ସିଲୁ, ଦିଲୁ ସାନ ଓ ବଦରାଗୀ। ପିଲାବେଳେ ପ୍ରବଳ ଦୁଷ୍ଟ ଥିବା ମିଲୁ ଏବେ କଷ୍ଟମର ଡିଲ୍ ଭଲ କରୁଥିବାରୁ ପୁରୁଣା ଗେଷ୍ଟ ତାକୁ ଆଗ ଖୋଜନ୍ତି। ଚିନୁକୁ ଫୋନରେ ପଚାରିବାରୁ ସେ କହିଲା ତା ସ୍ତ୍ରୀ ରାକ୍ଷୀ ବାନ୍ଧିବାକୁ ତା ବାପଘରକୁ ଯାଇଛି। ଲଜିଂରେ ମୁନା ଚିନୁକୁ ପହଞ୍ଚାଇ ଦେଲା। ବଡ ଭଉଣୀ ଭିଣୋଇଙ୍କୁ ଯଥାରୀତି ସମ୍ମାନ ପ୍ରଦାନ କଲା ମିଲୁ। ସିଲୁ ତା ଘରେ ଅଛି ଆଉ ଦିଲୁ କଲିକତାରୁ ଆଜି ଫେରୁଛି ବୋଲି ସୂଚନା ମିଳିଲା। ସବୁଥର ଚିନୁ ତିନି ଭାଇଙ୍କ ପାଖକୁ ରାକ୍ଷୀ ପଠାଏ। ସାନଦୁହେଁ ରାକ୍ଷୀର ମହତ ପ୍ରଦାନ କରନ୍ତି ନାହିଁ କିନ୍ତୁ ମିଲୁ ମୁନା ଆକାଉଣ୍ଟକୁ ପାଞ୍ଚଶହ ଲେଖା ଟଙ୍କା ପଠାଇ ଦିଏ। କାଳ ବିଳମ୍ବ ନକରି ଚିନୁ ବିରକ୍ତ ହେବା ଆଶଙ୍କାରେ ମୁନା ନିଜ ସ୍ତ୍ରୀ ହାତକୁ ନୋଟ୍ ବଢ଼ାଇ ଦିଏ। ଅବଶ୍ୟ ଦରକାର ବେଳେ ମୁନାକୁ ଦେଇ ପରେ ଆଦାୟ କରେ।

ଚମତ୍କାର ଲାଗୁଥିଲା ଲଜିଂର ପରିବେଶ। ପାଞ୍ଚ ମହଲାକୁ ଲିଫ୍‌ଟ କନେକ୍ସନ ହୋଇଛି। ସବା ଉପରେ ରହିଛି କ୍ୟାଣ୍ଟିନ୍। ଖାଇବା ଶୋଇବା ସୁବିଧାଜନକ ହୁଏ। ସେଠାରେ ସାମାନ ରଖି ଭକ୍ତମାନେ ଖାଲିପାଦରେ ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ କରନ୍ତି। ମେଘନାଦ ପାଚେରୀକୁ ଲଜିଂ ଲାଗିଥିବାରୁ ତାହାର ଡିମାଣ୍ଡ ଅଧିକ ହୁଏ। ପରିଷ୍କାର ପରିଚ୍ଛନ୍ନତାକୁ ମାନିବାକୁ ପଡିବ। ବଙ୍ଗାଳୀ ପର୍ଯ୍ୟଟକ ରାତ୍ରିଯାପନ କରି ଖୁସିରେ ଫେରନ୍ତି।

ମୁନା ଭାବୁଥିଲା, ସମୟ ବଡ ବଳବାନ୍। କାହାକୁ ନେଇ ଠାକୁର କେଉଁଠି ଥୋଇବେ ତାହା ରହସ୍ୟମୟ। ଦିନେ ବାପା ପେନସନକୁ ଚାହିଁ ବସିଥିବା ପୁଅମାନଙ୍କର ଏବେର ଆରେବା ଦେଖିବା ପରି ହୋଇଛି। ଚିନୁ ସାମାନ୍ୟ ଭାବପ୍ରବଣ ହେଲା। ବୋଉ ନାମରେ ଥିବା ଜାଗାରେ ତାର ବି ଅଧିକାର ଥିଲା। ବୋଉ ଜୀବିତ ଥିବାବେଳେ ଜାଗା ତିନିଭାଇଙ୍କ ନାମରେ ଉଇଲ୍ ହେଲା। କଥା ପ୍ରସଙ୍ଗରେ ଚିନୁକୁ ପଚରା ଯାଇଥିଲା, ସେ ବୋଉ ଜାଗାରେ ଅଂଶିଦାର ହେବ କି ନାହିଁ। ମୁନାର ସାମାନ୍ୟ ଲୋଭ ଥିଲା କିନ୍ତୁ ଚିନୁ ସେ ଜାଗାରେ ଭାଗ ବସାଇଲେ ଭାଇମାନେ ଆଗକୁ ପଚରା ଲୋଡା କରି ନପାରନ୍ତି। ଏହି ଆଶଙ୍କାରେ ସେ କମ୍ପ୍ରମାଇଜ୍ କଲା। ସ୍ୱାମୀ ସ୍ତ୍ରୀଙ୍କ ବୁଝାମଣାରେ ଚିନୁ ନିଜର କୌଣସି ଅଧିକାର ନାହିଁ ବୋଲି ହାତ କାଟି ଲେଖିଦେଲା। ବୋଉ ସମ୍ପତ୍ତିରୁ ସେ ଅଧିକାର ହରାଇଲା କେବଳ ଭାଇ ଭାଉଜଙ୍କ ସହିତ ସମ୍ପର୍କର ଦ୍ୱାହି ଦେଇ। ନହେଲେ ସେ ସେହି ପ୍ଲଟରୁ ଚଉଠେ ଆଉ ଅନୁକମ୍ପା ରାଶିରୁ ଏକ ଚତୁର୍ଥାଂଶ ତାର ହୋଇ ଥାନ୍ତା। ସମୟ ସହିତ ତାଳଦେଇ ସେ ସମ୍ପର୍କର ମାୟାରେ ବିବେକାନୁମୋଦିତ କାର୍ଯ୍ୟ କରିଥିଲା।

ଗୋଟିଏ ରୁଉମ ଭିତରେ ସମସ୍ତେ ବସିଲେ। ଚିନୁ ମିଲୁ ହାତରେ ରାକ୍ଷୀ ପିନ୍ଧାଇ ମିଠା ଖୁଆଇ ଦେଲା। ବିଭିନ୍ନ ଆଡୁ କଥାବାର୍ତ୍ତାରେ ଭାଇ ଭଉଣୀ ମଜ୍ଜିଗଲେ। ତାଆରି ଭିତରେ ମିଲୁ ଫୋନ୍ ପେ ମାଧ୍ୟମରେ କିଛି ଟଙ୍କା ମୁନା ପାଖକୁ ଛାଡ଼ିଲା। ବିବେକ ଦୃଷ୍ଟିରୁ ମୁନା ନିଜ ମୋବାଇଲରେ ଆକାଉଣ୍ଟ ବାଲାନ୍ସ ଚେକ୍ ନକରି ରହିଲା। କିଛି ସମୟ ପରେ ଲଜିଂ ଛାଡି ସେମାନେ ସିଲୁ ଦିଲୁ ଘରକୁ ଯିବାକୁ ବାହାରିଲେ। ବାଟରେ ମିଠା କିଣିବାକୁ ଫୋନ ପେ ଖୋଲିବାରୁ ମୁନା ଆକାଉଣ୍ଟକୁ ମିଲୁ ପଚାଷ ହଜାର ଟଙ୍କା ପଠାଇଛି। 'ପଚାଷ ହଜାର ! ଚିନୁ ଆଶ୍ଚର୍ଯ୍ୟ ହୋଇଗଲା। ମିଲୁ ଭାରି ହିସାବୀ। ଟଙ୍କା ଦେଣ ନେଣରେ ଭାରି ଯତ୍ନଶୀଳ। ତଥାପି ସେ ମୁନାଠାରୁ ଫୋନ୍ ନେଇ ମିଲୁକୁ ପଚାରିଲା, 'ତୁ ଏତେ ଟଙ୍କା କ'ଣ ପଠାଇଛୁ ? ବାଉଳାରେ ପାଞ୍ଚରେ ଦୁଇଟା ଶୂନ ବଦଳରେ ଚାରିଟା ଶୂନ ବସାଇ ଦେଇନୁ ତ ? ପାଞ୍ଚଶହ ରଖି ତୋ ପାଖକୁ ବଳକା ଟଙ୍କା ପଠାଇବାକୁ ଭାଇକୁ କହୁଛି....।' କଥା ଶେଷ ହେବା ପୂର୍ବରୁ ମିଲୁ କହିଲା, 'ବାଉଳାରେ ନୁହେଁ ନାନୀ। ତୋର ବି ଏ ଲଜିଂରେ ସେୟାର ଅଛି ଭାବି ଟଙ୍କା ରଖ୍। କୋଠ ସମ୍ପତ୍ତିର ଲାଭାଂଶରୁ ତତେ କିଛି ଦେଉଛି। ତୁ କାହାକୁ କିଛି କହିବୁନି। ଦରକାର ପଡିଲେ ଝିଅ ନାମରେ ଫିକ୍ସ ଡିପୋଜିଟ କରିଦବୁ ....। ଚୁନି ଆଖିରୁ ଲୁହ ବୋହି ଆସିବା ବେଳକୁ ଗୁଡୁଲି କହିଲା, 'ମାମା, ମାମୁଙ୍କୁ ବାପା ଆଉ କେବେ ଖରାପ କରି କହି ପାରିବେ ନାହିଁ। ସେମାନଙ୍କୁ ଏତେ ଅପଦାର୍ଥ, କୋଢିଆ କହିବାକୁ ମନ କରିବେନି।' ମୁନା ସ୍ମିତହାସ୍ୟ କରି କଥା ଯୋଡିଲା, 'ଆଲ୍ଲା ଜବ୍ ଦେଗା ଛାପରା ଫାଡ୍ କେ ଦେଗା। ଈଶ୍ୱରଯାହା କରନ୍ତି ପ୍ରାଣୀର ମଙ୍ଗଳ ପାଇଁ।' ଚିନୁ ଭାବୁଥିଲା ମିଲୁ ସ୍ତ୍ରୀ, ସିଲୁ ଓ ଦିଲୁ ପରିବାର ମିଲୁ ପ୍ରଦତ୍ତ ଟଙ୍କା କଥା ଜାଣିବା ଠିକ୍ ହେବ କି ନାହିଁ। ଝିମିଟିଖେଳ ନହେଲେବି ତିନି ଯାଆଙ୍କ ପ୍ରରୋଚନାରେ ଭାଇମାନଙ୍କ ମଧ୍ୟରେ ମହାଭାରତ ସୃଷ୍ଟି ହେବା ଅସମ୍ଭବ ନୁହେଁ !

# ଜରିମୂଳ ଗହଣା ଦୋକାନରୁ ସୁନା ରୂପା ଚୋରି

ରାଜନଗର, ୨୫/୦୯(ଅକ୍ଷର ଓଡ଼ିଶା)ରାଜନଗର ବ୍ଲକ ଚାନ୍ଦି ବାଉଁଶମୂଳ ଅନନ୍ତ ଶୟନ ବଜାର ଉପରେ ଥିବା ଜୟଗୁରୁ ଜୁଏଲାରୀ ଦୋକାନରୁ ଗତ ୨୪ ତାରିଖ ବିଳମ୍ବିତ ରାତ୍ରିରେ କିଛି ଚୋର ଦୋକାନ ତାଡ଼ି ଟଙ୍କା ପଇସା, ସୁନା ଓ ରୂପା ଚୋରି କରି ନେଇଥିବା ଦୋକାନ ମାଲିକ ଜ୍ୟୋତି ରଞ୍ଜନ ସାହୁ ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ଜ୍ୟୋତି ରଞ୍ଜନ ସାହୁ ଗତ ୨୪ ତାରିଖ ଦିନ ରାତ୍ର ସମୟରେ ନିଜର ଗହଣା ଦୋକାନ ବନ୍ଦ କରି ତାଲା ପକାଇ ଘରକୁ ଫେରିଥିଲେ। ସକାଳ ୮ ଘଟିକା ସମୟରେ ପାଖ ଦୋକାନୀ ଜ୍ୟୋତି ରଞ୍ଜନ ସାହୁଙ୍କୁ ଦୋକାନ ଚୋରି ହୋଇଥିବା ଖବର ଦେବା ପରେ ଜ୍ୟୋତି ରଞ୍ଜନ ସାହୁ ନିଜ ଗହଣା ଦୋକାନ ରେ ପହଂଚି ସବୁ ଦେଖି ଜାଣିବାକୁ ପାଇଲେ ଚୋର ଗ୍ୟାଙ୍ଗ ବିଳମ୍ବିତ ରାତିରେ ସଟର ତାଲା ତାଡ଼ି ଦୋକାନରେ ପସି ନଗଦ ୩,୫୦୦ ଟଙ୍କା ସହିତ ୨୫ ଗ୍ରାମ ସୁନା,ଦେଢ଼ କେଜି ନୂଆ ରୂପା ଓ ଅଧ କେଜି ରୁ ଉର୍ଦ୍ଧ ପୁରୁଣା ରୂପା ଚୋରି କରି ନେଇଛନ୍ତି। ଚୋର ଉକ୍ତ ଗହଣା ଦୋକାନର ସଟର ତାଲା ତାଡୁଥିବା ସମୟରେ ଏହି ଘଟଣାର ଦୃଶ୍ୟ ସିସିଟିଭି ରେକର୍ଡ ହୋଇଛି। ଜ୍ୟୋତି ରଞ୍ଜନ ରାଜନଗର ଥାନାରେ ଏହି ଘଟଣାର ଅଭିଯୋଗ ଦେବା ପରେ ରାଜନଗର ପୋଲିସ ତଦନ୍ତ ଆରମ୍ଭ କରିଛି।

# ଲଗାଣ ବର୍ଷାରେ ଭାସ୍କେଲ୍ ନଦୀର ଜଳସ୍ତର ବୃଦ୍ଧି

## ଡାବୁଗାଁ - ଘୋଡାଖୁଣ୍ଟା ବିଚ୍ଛିନ୍ନ , ଘର କାନ୍ଥ ପଡ଼ି ବୃଦ୍ଧ ଗୁରୁତର



ଡାବୁଗାଁ୨୫/୦୯ (ଅକ୍ଷର ଓଡିଶା) ବଙ୍ଗୋପସାଗରରେ ସୃଷ୍ଟି ଲଘୁଚାପ ପ୍ରଭାବରେ ଡାବୁଗାଁ ବ୍ଲକ ରେ ବିଭିନ୍ନ ସ୍ଥାନରେ ଘର ଭାଙ୍ଗିବା ସହ ଗଛ ପଡି ରାସ୍ତା ଅବରୋଧ ହୋଇଛି। ଲଗାଣ ବର୍ଷା ଯୋଗୁଁ ଭାସ୍କେଲ ନଦୀର ଜଳସ୍ତର ବୃଦ୍ଧି ଫଳରେ ଡାବୁଗାଁ - ଘୋଡାଖୁଣ୍ଟା କୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ବୋରିଗାଁ ନିକଟରେ ଭାସ୍କେଲ ନଦୀ ର ପାଣି ରାସ୍ତା ଉପରେ ଆସି ୩ ଫୁଟ ଉଚ୍ଚରେ ପ୍ରବାହିତ ହେଉଛି। ଶହ ଶହ ଏକର ଚାଷ ଜମିରେ ବନ୍ୟା ଜଳ ପ୍ରବେଶ କରି ଜମି ବୁଡି ରହିଛି। ବ୍ଲକ ର ଅଞ୍ଜଳା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସିନ୍ଧିକା ଗୁଡା ଗ୍ରାମରେ ଲଗାଣ ବର୍ଷାରେ ଘର କାନ୍ଥ ପଡି ଜଣେ ବୃଦ୍ଧ ଗୁରୁତର ଆହତ ହୋଇଛନ୍ତି। ବୃଦ୍ଧ ଜଣକ ନନ୍ଦ ମାଝି (୬୫) ବୋଲି ଜଣା ପଡିଛି। ଅଞ୍ଜଳା ଗ୍ରାମ ପଞ୍ଚାୟତ ସରପଞ୍ଚ ରମେଶ ଚନ୍ଦ୍ର ମାଝୀ ଙ୍କ ସହାୟତାରେ ବୃଦ୍ଧ ଙ୍କୁ ପ୍ରଥମେ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ସରକାରୀ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସେହି ପରି ସେହି ଗ୍ରାମର ଜଗନ୍ନାଥ ପୂଜାରୀଙ୍କ ଘର ମଧ୍ୟ ଭାଙ୍ଗି ଯାଇଛି। କୋଇଲାରି ଗ୍ରାମର ଡମ୍ବରୁ ଗୌଡଙ୍କ ଘର ଭାଙ୍ଗି ଯାଇଛି। ବ୍ଲକ ର ପଖନା ଗୁଡା ଗ୍ରାମ, ଛେଳି ବେଡା, ଗୀର୍ଲା ଗ୍ରାମ ସହ ଡାବୁଗାଁ - ମେଦନା ରାସ୍ତା ଧବଳେଶ୍ୱର ଶିବ ମନ୍ଦିର ନିକଟ ମୁଖ୍ୟ ରାସ୍ତାରେ ଗଛ ପଡି ରାସ୍ତା ଅବରୋଧ ହୋଇଛି। ଯୋ ଦ୍ୱାରା ଡାବୁଗାଁ ରୁ ମେଦନା ଓ ଝରିଗାଁ କୁ ଯାତାୟତ ବନ୍ଦ ରହିଛି। ରାଜସ୍ୱ ବିଭାଗ ତରଫରୁ ମିଳିଥିବା ସୂଚନା ଅନୁଯାଇ ବ୍ଲକ ର ବହୁ ଘର ଭାଙ୍ଗିଥିବା ଜଣା ପଡିଛି । ବିଦ୍ୟୁତ ବିଭାଗ ର ବି କ୍ଷତି ହୋଇ ଥିବା ସୁଚନା ମିଳିଛି । ବ୍ଲକ ପ୍ରଶାସନ, ରାଜସ୍ୱ ବିଭାଗ, ବନ ବିଭାଗ, ବିଦ୍ୟୁତ ବିଭାଗ ଓ ଅଗ୍ନିଶମ ବାହିନୀ ତରଫରୁ ବିଭିନ୍ନ ସ୍ଥାନରେ ଉଦ୍ଧାର କାର୍ଯ୍ୟ ସହ କ୍ଷତିଗ୍ରସ୍ତ ପରିବାରଙ୍କୁ ସହାୟତା ପ୍ରଦାନ କରାଯାଉଛି। ତେବେ ଗତ ତିନିଦିନ ହେଲା ଜାରି ରହିଥିବା ଲଗାଣ ବର୍ଷା ଯୋଗୁଁ ଅଙ୍ଗି ଓ ଭସ୍କେଲ ନଦୀର ଜଳସ୍ତର ଅହେତୁକ ବୃଦ୍ଧି ପାଇଛି। ନଦୀ ତଟ ବର୍ତ୍ତି ଅଞ୍ଚଳ ଚାଷ ଜମିରେ ବନ୍ୟାଜଳ ପଶି ଚାଷ ନଷ୍ଟ ହେବା ସମ୍ଭାବନା ଦେଖା ଦେଇଛି। ଜନ ଜୀବନ ଅସ୍ତ ବ୍ୟସ୍ତ ହୋଇ ପଡିଛି।

# ରାସ୍ତା ମଝିରେ ବୃହତ୍ ଗର୍ତ୍ତ, ଯାତାୟାତ ବାଧାପ୍ରାପ୍ତ

## ଦୁର୍ଘଟଣା ଆଶଙ୍କା ଚିନ୍ତାରେ ଅଞ୍ଚଳବାସୀ



ଫୁଲବାଣୀ ୨୫/୯ :(ଅକ୍ଷର ଓଡିଶା)ରାସ୍ତା ମଝିରେ ସୃଷ୍ଟି ହୋଇଥିବା ବୃହତ୍ ଗର୍ତ୍ତ ଯୋଗୁଁ ଯାତାୟାତ ବାଧାପ୍ରାପ୍ତ ହେବା ସହ ଦୁର୍ଘଟଣାର ଆଶଙ୍କା ରହୁଥିବା ଦେଖିବାକୁ ମିଳିଛି। ଘଟଣା ଟି ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବ୍ଲକ ବୁଡୁକିଆ ପଞ୍ଚାୟତ ର ପେନାମୁଣ୍ଡା ଅଞ୍ଚଳରେ। ଦୀର୍ଘ ଦିନ ହେବ ପେନାମୁଣ୍ଡା ଗ୍ରାମ କୁ ଯିବା ରାସ୍ତାରେ ଏକ ବୃହତ ଗର୍ତ୍ତ ରାସ୍ତା ଉପରେ ହୋଇଥିବା ହେତୁ ବିପଦ ସଙ୍କୁଳ ଅବସ୍ଥାରେ ଯାତାୟାତ କରୁଛନ୍ତି ଅଞ୍ଚଳବାସୀ। ଦିନକୁ ଦିନ ଗର୍ତ୍ତଟି ବଡ଼ ହେଉଥିବାରୁ ଦୁଇଚକିଆ ଓ ଚାରିଚକିଆ ଯାନ ଚଳାଚଳରେ ଚାଳକମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଥିବାଦେଖିବାକୁ ମିଳିଛି।ଏହି ଗ୍ରାମରେ ପାଖାପାଖି ୨୦ ଉର୍ଦ୍ଧ ପରିବାର ବସବାସ କରନ୍ତି। ଛୋଟ ପିଲା ଠୁ ନେଇ ବୃଦ୍ଧ ସମସ୍ତେ ଏହି ବିପଦସଙ୍କୁଳ ରାସ୍ତା ରେ ଯିବାଆସିବା କରନ୍ତି ଏହି ରାସ୍ତା ଦେଇ। ସ୍ଥାନୀୟ ପ୍ରଶାସନ ଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରୋକଷ୍ଟ ପର୍ଯ୍ୟନ୍ତ ଅଭିଯୋଗ କରି ସାରିଲେଣି ଅଞ୍ଚଳବାସୀ ହେଲେ ସମସ୍ୟାର ସମାଧାନ ଆଜି ପର୍ଯ୍ୟନ୍ତ ହୋଇନାହିଁ। ବିଶେଷକରି ରାତି ସମୟରେ ଗର୍ତ୍ତଟି ଠିକ୍ ଭାବେ ଦେଖାଯାଉନଥିବାରୁ ଦୁର୍ଘଟଣା ଘଟିବାର ଆଶଙ୍କା ବହୁତ ରହିଥାଏ। ଏହି ରାସ୍ତା ଦେଇ ପ୍ରତିଦିନ ବହୁ ସଂଖ୍ୟକ ଲୋକ ଯାତାୟାତ କରୁଥିବାରୁ ଶୀଘ୍ର ଗର୍ତ୍ତଟିକୁ ମରାମତି କରିବା ପାଇଁ ସ୍ଥାନୀୟ ଲୋକେ ସମ୍ପୃକ୍ତ ବିଭାଗ ନିକଟରେ ଦାବି କରିବା ସହ ତୁରନ୍ତ ପଦକ୍ଷେପ ନିଆନଗଲେ ଆଗାମୀ ଦିନରେ ବଡ଼ ଦୁର୍ଘଟଣା ଘଟିବାର ଆଶଙ୍କା ରହିଥିବା କହିଛନ୍ତି ଅଞ୍ଚଳବାସୀ।

# ଚାଷଜମି ଜଳାର୍ଣ୍ଣବ ଗ୍ରାଉଣ୍ଡ ଜିରୋରେ ବିଡ଼ିଓ ଓ ତହସିଲଦାର



ହିଞ୍ଜିଳିକାଟୁ ,୨୫/୯(ଅବନି କାନ୍ତ ପଟ୍ଟନାୟକ)ତିନି ଦିନ ହେଲା ଲଗାଣ ବର୍ଷା ଫଳରେ ହିଞ୍ଜିଳିକାଟୁ ବ୍ଲକର ବିଭିନ୍ନ ଅଞ୍ଚଳରେ ହଜାର ହଜାର ହେକ୍ଟର ଚାଷଜମି ଜଳମଗ୍ନ ହୋଇଛି । ଚାଷଜମିରେ ଲହଡ଼ି ମାରୁଛି ବନ୍ୟାପାଣି । ଫଳରେ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି । ବର୍ଷାପାଣି ମାଡ଼ି ଆସିବାରୁ ଧାନ ସମେତ ବିଭିନ୍ନ ଫସଲ ପାଣିରେ ବୁଡ଼ି ରହିଛି । ଚାଷଜମିରେ ଦୀର୍ଘ ସମୟ ଧରି ପାଣି ଜମି ରହିଲେ ଫସଲ ନଷ୍ଟ ହେବାର ଆଶଙ୍କା ରହିଛି । ବର୍ଷା ଓ ବନ୍ୟାକୁ ନେଇ ଚାଷୀ ଯେଉଁ ଆଶାରେ ଚାଷ କରିଥିଲେ, ଏବେ ସେହି ଫସଲ ଆଖି ଆଗରେ ବୁଡ଼ିଯାଉଥିବା ଦେଖି ଚିନ୍ତାରେ ପଡ଼ିଛନ୍ତି । ଏନେଇ ଆଜି ହିଞ୍ଜିଳିକାଟୁ ବିଡ଼ିଓ ସୁଶ୍ରୀ ସାଗରିକା ଷଡ଼ଙ୍ଗୀ ଓ ତହସିଲଦାର ତପନ କୁମାର ମହାପାତ୍ର ବ୍ଲକର ବିଭିନ୍ନ ଅଂଚଳ ବୁଲି ସ୍ଥିତି ଅନୁଧ୍ୟାନ କରିଛନ୍ତି । ପରିସ୍ଥିତି ଉପରେ ପ୍ରଶାସନ ସମ୍ପୂର୍ଣ୍ଣ ଦୃଷ୍ଟି ରଖିଛି ଏବଂ ଆମେ ସମସ୍ତେ ସଜାଗ ଅଛୁ' ବୋଲି କହିଛନ୍ତି ବିଡ଼ିଓ । ଯଥାଶୀଘ୍ର ଆମେ କ୍ଷୟକ୍ଷତିର ଆସେସମେଣ୍ଟ କରିକି ଜିଲ୍ଲା ପ୍ରଶାସନ ସହ ସିଧାସଳଖ ଆଲୋଚନା କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ସରକାରୀ ସହାୟତା ଓ କ୍ଷତିପୂରଣ କିପରି ଚାଷୀଙ୍କୁ ଯୋଗାଇ ଦିଆଯିବ ସେନେଇ ଆଲୋଚନା କରିବେ ବୋଲି ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି ।

### ଶାସନ ବ୍ୟବସ୍ଥାରେ ପ୍ରଶାସନର ମାର୍ଗଦର୍ଶକ ଗଣମାଧ୍ୟମ

# ନନ୍ଦପୁରରେ କୋରାପୁଟ ଜିଲ୍ଲା ସାମ୍ବାଦିକ ସଂଘର କାର୍ଯ୍ୟକାରିଣୀ ବୈଠକ

ନନ୍ଦପୁର ୨୫/୯ (ଶ୍ରୀରାମ ଖରା)ଶାସନ ବ୍ୟବସ୍ଥାରେ ପ୍ରଶାସନର ମାର୍ଗଦର୍ଶକ ଗଣମାଧ୍ୟମ। ଲୋକଙ୍କ ସମସ୍ୟା ଓ ପ୍ରଶାସନିକ ତ୍ରୁଟିକୁ ଲୋକ ଲୋଚନକୁ ଆଣି ପୁନଃ ପ୍ରଶାସନର ସହଭାଗିତାରେ ସୁ-ଶାସନ ବ୍ୟବସ୍ଥିତ କରିବାରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଶୁକ୍ରବାର ନନ୍ଦପୁର ବ୍ଲକ ସଦର ମହକୁମାରେ ଅନୁଷ୍ଠିତ କୋରାପୁଟ ଜିଲ୍ଲା ସାମ୍ବାଦିକ ସଂଘର କାର୍ଯ୍ୟକାରିଣୀ ବୈଠକରେ ମଞ୍ଚାସୀନ ଅତିଥି ଗଣ ଏଭଳି ମତ ପ୍ରକାଶ କରିଛନ୍ତି। ସୂଚନା ମୁତାବକ ଓୟୁଜେ ଅନୁବନ୍ଧିତ କୋରାପୁଟ ଜିଲ୍ଲା ସାମ୍ବାଦିକ ସଂଘର କାର୍ଯ୍ୟକାରିଣୀ ବୈଠକ ଶୁକ୍ରବାର ନନ୍ଦପୁର ବ୍ଲକ ସଦର ମହକୁମା ସ୍ଥିତ ଶ୍ରୀ କଲ୍ୟାଣ ମଣ୍ଡପରେ ଜିଲ୍ଲା ସଭାପତି ଶଶଧର ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ମୁଖ୍ୟ ଅତିଥି ଭାବେ ଓୟୁଜେ ରାଜ୍ୟ ସମ୍ପାଦକ ଦେବ ପ୍ରସାଦ ଦାସ, ରାଜ୍ୟ ସମ୍ବିଧାନ ସଂଶୋଧନ କମିଟି ସଦସ୍ୟ ଶିବ ପ୍ରସାଦ କୀର୍ତ୍ତନିଆ, ନନ୍ଦପୁର ବିଡିଓ ଦୁର୍ଗା ପ୍ରସାଦ ଦୋରା, ତହସିଲଦାର ଦେବବ୍ରତ ମହାରଣା, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଦିଲୀପ ମହାନ୍ତି, ଜିଲ୍ଲା ସାଧାରଣ ସମ୍ପାଦକ ରଞ୍ଜନ ଦାସ, ଉପ ସଭାପତି ଜଗତ ଜୀବନ କୋଟିମ୍, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତୁଷାର କାନ୍ତ ମହାନ୍ତିଙ୍କ ସମେତ ୧୪ ବ୍ଲକର ସଂଘ ସଦସ୍ୟ, ସ୍ଥାନୀୟ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ସାଂଗଠନିକ ବୈଠକରେ ଯୁଗ୍ମ ସମ୍ପାଦକ ଶରତ ଧଳ ସଂଘର ଦୁଇବର୍ଷର କାର୍ଯ୍ୟ ବିବରଣୀ ପାଠ କରିଥିଲେ। ଆଗାମୀ ଅକ୍ଟୋବର ମାସ ଶେଷ ସୁଦ୍ଧା ସମସ୍ତ ସଦସ୍ୟଙ୍କ ସଦସ୍ୟତା ନବୀକରଣ କରାଯାଇ ନଭେମ୍ବର ଶେଷ ସୁଦ୍ଧା ନିର୍ବାଚନ କରାଯାଇ ଜିଲ୍ଲା ସଂଘର ନବ କଳେବର କରାଯିବ ବୋଲି ରାଜ୍ୟ ସମ୍ପାଦକ ଦେବୁ ପ୍ରସାଦ ଓ ଜିଲ୍ଲା ସଭାପତି ଶଶଧର ଘୋଷଣା କରିଥିଲେ। ଦ୍ୱିତୀୟ ଅଧିବେଶନରେ ସୁସ୍ଥ ସମାଜ ଗଠନରେ ଗଣମାଧ୍ୟମ ଓ ପ୍ରଶାସନର ସହଭାଗିତା ବିଷୟରେ ଆଲୋଚନା ହୋଇଥିଲା। ଉପସ୍ଥିତ ପ୍ରଶାସନିକ ଅଧିକାରୀ ବିଡିଓ ଓ ତହସିଲଦାର ଶାସନ ବ୍ୟବସ୍ଥାରେ ପ୍ରଶାସନର ମାର୍ଗଦର୍ଶକ ଗଣମାଧ୍ୟମ ବୋଲି କହିଥିଲେ। ସେହିଭଳି ଉପସ୍ଥିତ ବୁଦ୍ଧିଜୀବୀ ଲୋକଙ୍କ ସମସ୍ୟା ଓ ପ୍ରଶାସନିକ ତ୍ରୁଟିକୁ ଲୋକ ଲୋଚନକୁ ଆଣି ପୁନଃ ପ୍ରଶାସନର ସହଭାଗିତାରେ ସୁ-ଶାସନ ବ୍ୟବସ୍ଥିତ କରିବାରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତପ୍ରକାଶ କରିଥିଲେ। ସଂଘ ତରଫରୁ ନନ୍ଦପୁର ଓ ଲମତାପୁଟ ବ୍ଲକ ଅଞ୍ଚଳର ୧୨ ଜଣ ପାଠକ, ସମୀକ୍ଷକ ଓ ପରାମର୍ଶଦାତା ଭାବେ ଗୋପାଳ କୃଷ୍ଣ ବେବର୍ତ୍ତା, ଜଗନ୍ନାଥ ପାଙ୍ଗି, ଏସ କେ ଗଫୁର, ସରୋଜ ମିଶ୍ର, ଗୋପାଳ ମାଟାମ, ଜଗନ୍ନାଥ ହନ୍ତାଳ, ମାଧବ ଦୋରା, କାମାୟା ପାଙ୍ଗି, ମଦନ ସୁନ୍ଦର ଖିଲ, ଭଗବାନ ପେଟିଆ ଓ କବି ବିଚିତ୍ରାନନ୍ଦ ପଣ୍ଡାଙ୍କୁ ଅଞ୍ଚଳର ବିକାଶ ଚିନ୍ତକ ଭାବେ ମାନପତ୍ର, ଉପଢୌକନ ଓ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ୫୦କେଜି ଗଞ୍ଜେଇ ସହ ଅଟୋ ଜବତ ଜଣେ ଗିରଫ

ବାଲିମେଳା ୨୫/୯/(ପ୍ରଦୀପ ରାଉଳ)ଗଞ୍ଜେଇ ଚୋରା ଚାଲାଣ ବେଳେ ଓର୍କେଲ ପୋଲିସ ଦ୍ୱାରା ୫୦କେଜି ଗଞ୍ଜେଇ ସହ ଅଟୋ ଜବତ ଜଣେ ଗିରଫ ।ଗିରଫ ବ୍ୟକ୍ତି ଜଣକ ହେଲେ ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ ଖାଲପଦର ଗ୍ରାମର ଇନ୍ଦ୍ର ଖେମୁଡୁଙ୍କ ପୁଅ ବିଶ୍ୱନାଥ ଖେମୁଡୁ(୧୯) ।ମିଳିଥିବା ସୂଚନା ଅନୁଯାୟୀ ଗତ କାଲି ମଧ୍ୟାନ ସମୟରେ ଏସଆଇ ଅଜିତ ସିଂ ବାରିହା, ହାବିଲଦାର ପ୍ରଶାନ୍ତ କୁମାର ଖୋସଲା, କନଷ୍ଟେବଳ ଦଣ୍ଡପାଣି ମଲ୍ଲିକ ଓ ଇନ୍ଦ୍ରଜିତ ମୁସାକି ମିଶି ଚିତ୍ରକୋଣ୍ଡା ଛକ ନିକଟରେ ପେଟ୍ରୋଲିଂ କରୁଥିଲେ ଏହି ସମୟରେ ଚିତ୍ରକୋଣ୍ଡା ପଟୁ ଅଟୋ ଦ୍ରୁତ ଗତିରେ ଆସୁଥିବା ଦେଖି ଅଟକାଇ ଯାଞ୍ଚ କରିବା ସମୟରେ ଅଟୋରେ ଡିକିରେ ଦୁଇଟି ବେଗରେ ଗଞ୍ଜେଇ ଥିବା ଜଣାପଡିଥିଲା ।ଅଟୋ ଜବତ କରିବା ସହ ଚାଳକ ବିଶ୍ୱନାଥ ଗିରଫ କରି ଥାନାକୁ ଆଣିଥିଲେ ।ଅଧିକ ଯାଞ୍ଚ କରିବା ସମୟରେ ଅଟୋରେ ଲାଗିଥିବା ନ ପ୍ଲେଟ ଠିକ ନଥିବା ଜଣାପଡିଥିଲା ।ଜବତ ଗଞ୍ଜେଇ ଓଜନ କରିବାରୁ ଏହା ୫୦କେଜି ଥିବା ଜଣାପଡିଛି ।ଏନେଇ ଓର୍କେଲ ଥାନାରେ ମାମଲା ରୁଜୁ କରି ଆଜି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ରିଗାନ କିଣ୍ଡୋ କହିଛନ୍ତି ।

# ଶିଶୁ ବିଦ୍ୟା ମନ୍ଦିରରେ 'ନମାମି ଭାରତମ୍' କାର୍ଯ୍ୟକ୍ରମ



ବୁଗୁଡ଼ା : ୨୫/୦୯/(ଅକ୍ଷର ଓଡିଶା ) : ରାଷ୍ଟ୍ରୀୟ ଗାନ ବନ୍ଦେ ମାତରଂର ୧୫୦ ପୂର୍ତ୍ତି ଉପଲକ୍ଷେ 'ନମାମି ଭାରତମ୍' କାର୍ଯ୍ୟକ୍ରମ ଅବସରରେ ସାରା ଦେଶରେ ଏକ ସମୟ , ଏକ ଲୟ, ଏକ ସ୍ୱର ବନ୍ଦେ ମାତରମ୍ ଗାୟନ ହୋଇଥିଲା ବେଳେ ଏ ପ୍ରିପ୍ରେକ୍ଷୀରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ସ୍ୱପରିସରରେ ଆଜି ଦିବା ୧୧ ଘଣ୍ଟ ସମୟରେ 'ନମାମି ଭାରତମ୍' କାର୍ଯ୍ୟକ୍ରମ ମଧ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ପ୍ରଧାନାଚାର୍ଯ୍ୟ ଚଣ୍ଡି ପ୍ରସାଦ ବେହେରା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ ସହ ବନ୍ଦେ ମାତରମ୍ ଗାୟନ ସମ୍ପର୍କେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପରିଚାଳନା ସମିତି ସଭାପତି ପ୍ରମୋଦ ଚନ୍ଦ୍ର ସେନାପତି, ସମ୍ପାଦକ ବିଶ୍ୱ ମୋହନ ମିଶ୍ର, କୋଷାଧକ୍ଷ ତ୍ରିଲୋଚନ ସାହୁ, ସଦସ୍ୟା ମଧୁସ୍ମିତା ତ୍ରିପାଠୀ, ବୁଗୁଡ଼ା ପ୍ରଖଣ୍ଡ ବିଶ୍ୱ ହିନ୍ଦୁ ପରିଷଦ ସଭାପତି ଟି.ସୁଦର୍ଶନ ପାତ୍ରଙ୍କ ସମେତ ଶିଶୁ ମନ୍ଦିରର ସମସ୍ତ ଗୁରୁଜୀ, ଗୁରୁମା ଓ ସେବାବ୍ରତୀ ଉପସ୍ଥିତ ରହି ପୂର୍ଣ୍ଣ ବନ୍ଦେ ମାତରମ୍ ଗାନ କରିଥିଲେ।

# ସମବାୟ ସଦସ୍ୟତା ମହାଅଭିଯାନ 'ସମ୍ବନ୍ଧ' ଶୁଭାରମ୍ଭ



ନୟାଗଡ଼ ୨୫/୦୯(ଅକ୍ଷର ଓଡ଼ିଶା) : ନୟାଗଡ଼ ଜିଲ୍ଲା ସମବାୟ ବିଭାଗ ପକ୍ଷରୁ ପଠାଣି ସାମନ୍ତ ସଂସ୍କୃତି ଭବନ ଠାରେ ସମବାୟ ସଦସ୍ୟତା ମହାଅଭିଯାନ 'ସମ୍ବନ୍ଧ' ଶୁଭାରମ୍ଭ କରାଯାଇଛି । ନୟାଗଡ଼ ଜିଲ୍ଲା ସମବାୟ ସମିତି ସମୂହ ଉପ -ନିବନ୍ଧକ ଅନନ୍ତ କୁମାର ନାୟକଙ୍କ ତତ୍ୱାବଧାନରେ ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷ ଜିଲ୍ଲା ପରିଷଦ,ନୟାଗଡ଼ ଇଂ ଦେବାଶିଷ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ମାନନୀୟା ଜିଲ୍ଲାପାଳ ଶ୍ରୀମତୀ ମଧୁମିତା ରଥ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ସମବାୟ ସମିତି ସମୂହ ସହକାରୀ ନିବନ୍ଧକ ପ୍ରାର୍ଥନା ପ୍ରିୟଦର୍ଶନୀ, ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ବାହୀ ଅଧିକାରୀ ଅଜୟ କୁମାର ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମର ସିଧା ପ୍ରସାରଣ ମଧ କରାଯାଇଥିଲା । ଏହି ଅବସରରେ ନୟାଗଡ଼ ସମବାୟ ସମିତି ଉପ-ନିବନ୍ଧକ ଅନନ୍ତ କୁମାର ନାୟକ ସ୍ୱାଗତ ଅଭିଭାଷଣ ରଖିବା ସହ ପ୍ୟାକ୍ସ ଗୁଡ଼ିକରେ ହେବାକୁ ଥିବା ସଦସ୍ୟତା ଅଭିଯାନ ବିଷୟରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ । ସିଏସ୍‌ସି ଜରିଆରେ ଚାଷୀଙ୍କୁ ପ୍ୟାକ୍ସ ଦ୍ୱାରା ମିଳୁଥିବା ସୁବିଧା ବିଷୟରେ ଆଲୋଚନା କରିଥିଲେ । ପ୍ୟାକ୍ସ ଜରିଆରେ ଚାଷୀଙ୍କ ଉନ୍ନତୀ ବିଷୟରେ ମଧ ଅବଗତ କରାଇଥିଲେ । ଜିଲ୍ଲାପାଳ ତାଙ୍କ ବକ୍ତବ୍ୟରେ ପ୍ୟାକ୍ସ ଗୁଡ଼ିକୁ ଅଧିକ କ୍ରିୟାଶୀଳ କରିବାକୁ ସମବାୟ ବିଭାଗ ଦ୍ୱାରା ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ । ଏହା ସହିତ ରାଜ୍ୟ ସରକାର ପ୍ୟାକ୍ସ ଗୁଡ଼ିକର ଭିତ୍ତିଭୂମୀ ସୁଦୃଢ଼ କରିବାକୁ ନେଉଥିବା ପଦକ୍ଷେପ ଓ ସହାୟତା ସମ୍ପର୍କରେ କହିଥିଲେ । ସମବାୟ ସଦସ୍ୟତା ମହାଅଭିଯାନ ଦ୍ୱାରା ଜିଲ୍ଲାରେ ୬୦ ହଜାର ନୂତନ ସଦସ୍ୟ ଗ୍ରହଣ ପାଇଁ ଟାର୍ଗେଟ ରହିଥିବା କହିଥିଲେ । ସେହିଭଳି ଭାବେ ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ, ଚାଷୀଟିଏ ସଦସ୍ୟ ହେବା ଅର୍ଥ ସମବାୟ ସଂସ୍ଥାରେ ସେ ନିଜର ଅଂଶୀଦାରକୁ ଜାହିରି କରିବା ବୋଲି କହିଥିଲେ । କେବଳ ସଂଖ୍ୟା ବୃଦ୍ଧି ପାଇଁ ନୁହେଁ, ସଚେତନ ହୋଇ ସକ୍ରିୟ ଅଂଶ ଗ୍ରହଣ କରିବା ନିହାତି ଆବଶ୍ୟକ ବୋଲି କହିଥିଲେ । ସମବାୟରେ ଅଂଶଦାର ହୋଇ ନିଜର ସହଭାଗିତା ରଖିବା ପାଇଁ ସେ ନୟାଗଡ଼ ଜିଲ୍ଲାର ଚାଷୀମାନଙ୍କୁ ଆହ୍ୱାନ ଦେଇଥିଲେ । କୃଷକଟିଏ ସମବାୟ ସମିତିକୁ ଆସିବା ସମୟରେ ସମ୍ମାନର ସହ ଚୌକି ଓ ପାଣି ଗ୍ଲାସଟିଏ ଦେବାକୁ ସେ ସମିତି କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ । ନୂତନ ଭାବେ ଗଠିତ ପ୍ୟାକ୍ସ ଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ସାମ୍ବାଦିକ ରାମକୃଷ୍ଣ ରଥ ସଂଯୋଜନା କରିଥିବା ବେଳେ ସମବାୟ ବିଭାଗ କର୍ମଚାରୀ ଓ କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀମାନେ ମିଳିତ ଭାବେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ନୟାଗଡ଼ ଜିଲ୍ଲାରେ ସମବାୟ ବିଭାଗ ଦ୍ୱାରା ନୂତନ ଭାବେ ନିର୍ମାଣ କରାଯାଇଥିବା ୨୩ଟି ଭିତ୍ତିଭୂମୀକୁ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ ଲୋକାର୍ପଣ କରିଛନ୍ତି । ଏହାପରେ ନୟାଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ଜିଲ୍ଲାପାଳ ମଧୁମିତା ରଥ ଓ ଅନ୍ୟ ଅତିଥି ବୃନ୍ଦ ଫଳକ ଉନ୍ମୋଚନ କରିଛନ୍ତି । ନୟାଗଡ଼ ଜିଲ୍ଲାର ଭାପୁର, କଇଥପଲ୍ଲୀ, ଗୁମ୍ମୀ, ଦର୍ପନାରାୟଣପୁର, ଦହିଖାଇ, ବଡ଼ପୁଟ, ଭାଡ଼ିକିଳା, ମାଛିପଡ଼ା, ଜେମାଦେଇପୁରପାଟଣା ଧାନ ସଂଗ୍ରହ କେନ୍ଦ୍ର ଏବଂ ନଡ଼ିଆଳି, ନୟାଗଡ଼, ଖମାରିସାହି, ଜେମାଦେଇପୁର, ବାଲୁଗାଁ, ଡିହଗାଁ ଜଳେଶ୍ୱର, ଖମାରିସାହି, ମଧଖଣ୍ଡ, ସୋଲପଟା, ବାଉଁଶଗାଡ଼ିଆ, ଓଡ଼ଗାଁ, ହରିହରପୁର, ସାକେରୀ ସମବାୟ ସମିତି କାର୍ଯ୍ୟାଳୟ ଗୃହ ଏବଂ ଗୋଦାମ ଗୃହକୁ ଲୋକାର୍ପଣ କରାଯାଇଛି । ଏହି ଅବସରରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରଦୀପ୍ତ କୁମାର ସେନାପତି, ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ, ଗଣମାଧ୍ୟମର ପ୍ରତିନିଧିମାନେ ଏବଂ ବହୁ ମାତ୍ରାରେ ଜନ ସାଧାରଣ ଉପସ୍ଥିତ ଥିଲେ ।

# ନୀଳମାଧବ ପୀଠରେ ଅନନ୍ତବ୍ରତ ପାଳିତ



କଣ୍ଟିଲୋ, ୨୫/୯(ଅକ୍ଷର ଓଡ଼ିଶା): ଭାଦ୍ରବ ଶୁକ୍ଳ ଚତୁର୍ଦ୍ଦଶୀ ରେ ନୀଳମାଧ୍ୱ ପୀଠ ରେ ଅନନ୍ତବ୍ରତ ପାଳିତ ହୋଇଯାଇଛି। ବହୁ ପୁରୁଷ ମହିଳା ମାନସିକଧାରୀ ଶ୍ରଦ୍ଧାଳୁ ନୀଳମାଧ୍ୱ ମନ୍ଦିରରେ ଏକତ୍ର ହୋଇ ପୂଜାର୍ଚ୍ଚନା କରିଥିଲେ। ଭୋଗ ମଣ୍ଡପ ନିକଟରେ ଆନନ୍ତମୁଖୀ ଯଜ୍ଞ ଅନୁଷ୍ଠିତ ହୋଇଥିଲା । ଆଜିର ଦିନରେ ବିଷ୍ଣୁ ଙ୍କ ଉପାସନା କଲେ ମନୋସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଏଥିପାଇଁ ନୀଳମାଧ୍ୱ ପୀଠ ରେ ବହୁଳ ମାତ୍ରାରେ ଭକ୍ତ ମାନଙ୍କ ର ସମାଗମ ହୋଇଥିଲା।

# ବାତ୍ୟା ପ୍ରଭାବରେ ଗମ୍ଭାରୀମୁଣ୍ଡା -ବାଣପୁର ମୁଖ୍ୟ ରାସ୍ତା ବେହାଲ



ବାଣପୁର,୨୫/୯(ଅକ୍ଷର ଓଡିଶା ):- ବାତ୍ୟା ଅର୍ଣ୍ଣବ ପ୍ରଭାବରେ ଲଗାଣ ବର୍ଷା ଲାଗିରହିଛି ।ଚାରିଆଡ଼େ ଜଳାର୍ଣ୍ଣବ ପରିସ୍ଥିତି ଉପୁଜିଥିବା ବେଳେ ଗମ୍ଭାରୀମୁଣ୍ଡା -ବାଣପୁର ମୁଖ୍ୟ ରାସ୍ତା ଅବସ୍ଥା ସମ୍ପୂର୍ଣ୍ଣ ବେହାଲ ହୋଇପଡ଼ିଛି ।ମୁଖ୍ୟ ରାସ୍ତାରେ ବର୍ଷା ପାଣି ପ୍ରବାହିତ ହେଉଥିବାରୁ ଗମନାଗମନ ଏକ ରକମ ଠପ୍ ହୋଇଯାଇଛି ।ଏପରିକି ବାତ୍ୟା ପ୍ରଭାବରେ ସମଗ୍ର ଅଞ୍ଚଳରେ ବିଦ୍ୟୁତ୍ ବିଚ୍ଛିନ୍ନ ହୋଇଯାଇଥିବାରୁ ସାଧାରଣ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।ଗାଁ ଗଣ୍ଡାରେ ବର୍ଷା ଜଳ ପଶିବା ସହ ଚାଷ ଜମି ସବୁ ପାଣି ଘେରରେ ରହିଛି ।ପୂର୍ତ୍ତ ବିଭାଗ ପକ୍ଷରୁ ଗତବର୍ଷ ଉକ୍ତ ରାସ୍ତାର ମରାମତି ହୋଇଥିଲେ ସୁଦ୍ଧା ନିମ୍ନ ମାନର କାମ ଯୋଗୁଁ ଏହି ରାସ୍ତା ପ୍ରବଳ କ୍ଷୟକ୍ଷତି ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି ।ଉକ୍ତ ସମସ୍ୟା ଉପରେ ଉଚ୍ଚ ପଦସ୍ଥ ଅଧିକାରୀ ଦୃଷ୍ଟି ଦେବାକୁ ଜନସାଧାରଣ ଅନୁରୋଧ କରିଛନ୍ତି ।

# ବେଲଗୁଣ୍ଠା ଏନ୍ଏସି ଉପାଧ୍ୟକ୍ଷା ପଦବୀ ପାଇଁ ଉପ-ନିର୍ବାଚନ ୨୯ ରେ

ବେଲଗୁଣ୍ଠା ୨୫/୦୯(ଅକ୍ଷର ଓଡ଼ିଶା) ଗତ ୨୦୨୪ ନଭେମ୍ବର ୧୯ ରେ ବେଲଗୁଣ୍ଠା ଏନ୍ଏସିର ପୂର୍ବତନ ଉପାଧ୍ୟକ୍ଷା ଟି. ବବିତା କୁମାରୀଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଥିଲା ।ଭୋଟ୍‌ରେ ସମସ୍ତ ୧୨ ଜଣ କାଉନସିଲର ଅନାସ୍ଥା ସପକ୍ଷରେ ଭୋଟ ଦେଇଥିଲେ। ଏହା ଫଳରେ ଟି ବବିତା କୁମାରୀ ଉପାଧ୍ୟକ୍ଷା ପଦବୀ ହରାଇଥିଲେ । ସେହିଦିନ ଠାରୁ ବେଲଗୁଣ୍ଠା ଏନ ଏ ସି ର ଉପାଧ୍ୟକ୍ଷା ପଦ ଖାଲି ପଡ଼ିଥିବା ବେଳେ, ଏହି ପଦବୀ ପୂରଣ ପାଇଁ ରାଜ୍ୟ ନିର୍ବାଚନ ଆୟୋଗଙ୍କ ପତ୍ର ସଂଖ୍ୟା ୨୦୮୩/ଝରଉ ଏବଂ ଗଞ୍ଜାମ ଜିଲ୍ଲାପାଳଙ୍କ ପତ୍ର ସଂଖ୍ୟା ନିର୍ବାଚନ ଅନୁସାରେ ଉପ-ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ଉପ-ନିର୍ବାଚନ ପରିଚାଳନା ପାଇଁ ଗଞ୍ଜାମ ଜିଲ୍ଲାପାଳଙ୍କ ପତ୍ର ସଂଖ୍ୟା ୧୯୭୩/ଟଖଇ ଅନୁଯାୟୀ ବୁଗୁଡ଼ା ତହସିଲଦାର ତାପସ ରାଉତଙ୍କୁ ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି। ନିର୍ବାଚନ ସୂଚୀ ଅନୁସାରେ,୨୨ ସେପ୍ଟେମ୍ବର ୨୦୨୬ରେ ନୋଟିସ ଜାରି କରାଯାଇଛି ।ବର୍ତ୍ତମାନ ୨୯ ସେପ୍ଟେମ୍ବର ୨୦୨୬ରେ ସକାଳ ୧୦ଟାରୁ ୧୧ଟା ମଧ୍ୟରେ ନାମାଙ୍କନ ପତ୍ର ଦାଖଲ, ୧୧ଟା ରୁ ୧୨ ଟା ମଧ୍ୟରେ ଯାଞ୍ଚ, ଅପରାହ୍ନ ୧:୦୦ ପୂର୍ବରୁ ପ୍ରାର୍ଥୀପତ୍ର ପ୍ରତ୍ୟାହାର ଏବଂ ଆବଶ୍ୟକ ସ୍ଥଳେ ଅପରାହ୍ନ ୧:୩୦ରୁ ୩:୩୦ ମଧ୍ୟରେ ଭୋଟ ଗ୍ରହଣ ଅନୁଷ୍ଠିତ ହେବ ବୋଲି ଜଣାପଡିଛି ।

# ଯାଜପୁରରେ ଅବକାରୀ ବିଭାଗର ମିଳିତ ଚଢ଼ାଉ: ୫ ଗିରଫ

ଯାଜପୁର, ୨୫/୦୯ (ଅକ୍ଷର ଓଡ଼ିଶା): ଯାଜପୁର ଜିଲ୍ଲା ଅବକାରୀ ଅଧୀକ୍ଷକ ଅଜୟ କୁମାର ବେହେରାଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଏକ ବ୍ୟାପକ ମିଳିତ ଚଢ଼ାଉ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୋବାଇଲ ସ୍କ୍ୱାଡ୍ ଅବକାରୀ ନିରୀକ୍ଷକ କେଶବ ଚନ୍ଦ୍ର ଦାସ ଏବଂ ଯାଜପୁର ରେଞ୍ଜ ଅବକାରୀ ନିରୀକ୍ଷିକା ଶ୍ରୀମତୀ ଶସ୍ମିତା ହୋତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଚଢ଼ାଉ କରାଯାଇଥିଲା ।ଦଶରଥପୁର, କୁଆଖିଆ ଏବଂ ଯାଜପୁର ଟାଉନ୍ ଥାନା ଅନ୍ତର୍ଗତ ରାଧାବଲ୍ଲଭପୁର, ଭଗତ ଭଗବାନପୁର, ମନସାଦାବିନ୍ଧା, ବଡ଼କାଇଚି ଓ ମେରଦା ଗ୍ରାମରେ ଜିଲ୍ଲା ମୋବାଇଲ୍ ସ୍କ୍ୱାଡ୍, ଯାଜପୁର ରେଞ୍ଜ ଏବଂ ଯାଜପୁର ଅବକାରୀ ଥାନାର କର୍ମଚାରୀମାନେ ଏକକାଳୀନ ଚଢ଼ାଉ କରିଥିଲେ ।ଏହି ଚଢ଼ାଉ ବେଳେ ମୋଟ ୫ଟି ମାମଲା ରୁଜୁ କରାଯାଇ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଗୌରାଙ୍ଗ ସେଠୀ, ବୁଦ୍ଧିରାମ ରାଉତ, ଦୀପକ କୁମାର ଜେନା, ସୁରେନ୍ଦ୍ର ରଥ ଏବଂ ପ୍ରଶାନ୍ତ ସାମଲ ।ଅବକାରୀ ଟିମ୍ ସେମାନଙ୍କ ନିକଟରୁ ସମୁଦାୟ ୪୦.୨୫ ଲିଟର ବିୟର, ୧୦ ଲିଟର ଦେଶୀ ମଦ ଏବଂ ୩.୨୪ ଲିଟର ବିଦେଶୀ ମଦ ଜବତ କରିଛି। ଏଥିମଧ୍ୟରୁ ଜିଲ୍ଲା ମୋବାଇଲ ସ୍କ୍ୱାଡ୍ ୧୮.୨୦ ଲିଟର ବିୟର, ୧୦ ଲିଟର ଦେଶୀ ମଦ ଓ ୩.୨୪ ଲିଟର ବିଦେଶୀ ମଦ ଜବତ କରିଥିବା ବେଳେ ଯାଜପୁର ରେଞ୍ଜ ୨୨.୦୫ ଲିଟର ବିୟର ଜବତ କରିଛି ।ଏହି ଚଢ଼ାଉରେ ଅବକାରୀ ଉପ-ନିରୀକ୍ଷିକା ଶ୍ରୀମତୀ ଭାରତୀ ନାୟକ, ଉପ-ନିରୀକ୍ଷକ ଅଭୟ କୁମାର ନାୟକ, ଯାଜପୁର ଅବକାରୀ ଥାନା ଓଆଇସି କୁମାରୀ ଶୁଭଦର୍ଶିନୀ ସାହୁ, ଏଏସଆଇ ଦେବକାନ୍ତ ଆଚାର୍ଯ୍ୟଙ୍କ ସମେତ କନଷ୍ଟେବଲ ସ୍ୱର୍ଣ୍ଣଲତା ଦାସ, ରାକେଶ କୁମାର ମୁର୍ମୁ ଏବଂ ଧବଳେଶ୍ୱର ମହାନ୍ତି ପ୍ରମୁଖ ସାମିଲ ଥିଲେ। ଅଞ୍ଚଳରେ ବେଆଇନ ମଦ କାରବାର ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଆଗକୁ ମଧ୍ୟ ଜାରି ରହିବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି।

# ରାୟଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୋଗ ଓ ଧ୍ୟାନ ଶିବିର

ରାୟଗଡ଼: ୨୫/୯ (କୈଳାସ ସ୍ୱାଇଁ )ରାୟଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟରେ ସେବା ସଂକଳ୍ପ ଅଭିଯାନ-୨୦୨୬ ଅନ୍ତର୍ଗତ ଏକ ଦିବସୀୟ ଯୋଗ ଓ ଧ୍ୟାନ ଶିବିର ଶୁକ୍ରବାର ଗୋଲଡ୍ଡେନ୍ ଜୁବିଲି କନଫରେନ୍ସ ହଲ୍‌ରେ ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସରସ୍ୱତୀ ରାୟଙ୍କ ପରିଚାଳନା ଓ ମାର୍ଗଦର୍ଶନରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା ।କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଯୋଗ, ଧ୍ୟାନ ଓ ମାନସିକ ସୁସ୍ଥତା ସମ୍ପର୍କରେ ସଚେତନତା ସୃଷ୍ଟି କରିବା। ଏହି ଅବସରରେ ଅଧ୍ୟକ୍ଷା ଡ. ସରସ୍ୱତୀ ରାୟ ଛାତ୍ରଛାତ୍ରୀଙ୍କ ମାନସିକ ସ୍ୱାସ୍ଥ୍ୟ, ଏକାଗ୍ରତା ଓ ସୁସ୍ଥ ଜୀବନ ପାଇଁ ଯୋଗ ଓ ଧ୍ୟାନର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ବର୍ତ୍ତମାନ ସମୟରେ ଶିକ୍ଷା ଓ ବ୍ୟକ୍ତିଗତ ଜୀବନର ବିଭିନ୍ନ ଚାପ ମଧ୍ୟରେ ଛାତ୍ରଛାତ୍ରୀମାନେ ମାନସିକ ଭାବେ ସୁସ୍ଥ ରହିବା ସହିତ ନିଜର ଶାରୀରିକ ଫିଟ୍‌ନେସ୍ ପ୍ରତି ମଧ୍ୟ ଯତ୍ନବାନ ହେବା ଆବଶ୍ୟକ ବୋଲି ସେ କହିଥିଲେ। ନିୟମିତ ଯୋଗାଭ୍ୟାସ ଓ ଧ୍ୟାନ ଦ୍ୱାରା ମନକୁ ଶାନ୍ତ ରଖିବା, ଚିନ୍ତା ଓ ମାନସିକ ଚାପ କମାଇବା ସହିତ ଏକାଗ୍ରତା ବୃଦ୍ଧି କରାଯାଇପାରିବ ବୋଲି ସେ ମତ ପ୍ରକାଶ କରିଥିଲେ।ବିରରେ ୨୦୦ରୁ ଅଧିକ ଛାତ୍ରଛାତ୍ରୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ଅଂଶଗ୍ରହଣକାରୀଙ୍କ ମଧ୍ୟରେ ଏନ୍‌ସିସି କ୍ୟାଡେଟ୍‌ଙ୍କ ସଂଖ୍ୟା ଅଧିକ ଥିଲା। ଛାତ୍ରଛାତ୍ରୀମାନେ ଯୋଗ ଓ ଧ୍ୟାନର ବିଭିନ୍ନ ଦିଗ ସମ୍ପର୍କରେ ଜାଣିବା ସହିତ ଏହାକୁ ନିଜ ଦୈନନ୍ଦିନ ଜୀବନର ଅଂଶ କରିବା ପାଇଁ ପ୍ରେରଣା ପାଇଥିଲେ ।କାର୍ଯ୍ୟକ୍ରମକୁ ଡ. ଲିଜାରାଣୀ ଶତପଥୀ ଓ ଲେଫ୍ଟନାଣ୍ଟ ଉଦୟ ନାଏକ ସଂଯୋଜନା କରିଥିଲେ। ଶ୍ରୀମତୀ କେ.କେ. ଜାନି, ଅଶୋକ ସାହୁ ଓ ରମେଶ ଚନ୍ଦ୍ର ହୁଇକାଙ୍କ ସମେତ ମହାବିଦ୍ୟାଳୟର ବିଭିନ୍ନ ବିଭାଗର ଅଧ୍ୟାପକ-ଅଧ୍ୟାପିକାମାନେ ଶିବିରରେ ଯୋଗଦେଇ କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ ।ଶିବିରରେ ଯୋଗ ଓ ଧ୍ୟାନକୁ କେବଳ ଶାରୀରିକ ବ୍ୟାୟାମ ଭାବେ ନୁହେଁ, ବରଂ ଶାରୀରିକ ସୁସ୍ଥତା, ମାନସିକ ଶାନ୍ତି, ଆତ୍ମନିୟନ୍ତ୍ରଣ ଓ ଏକାଗ୍ରତା ବୃଦ୍ଧିର ଏକ ପ୍ରଭାବଶାଳୀ ମାଧ୍ୟମ ଭାବେ ଗ୍ରହଣ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ସକ୍ରିୟ ଅଂଶଗ୍ରହଣ ଯୋଗୁଁ ଶିବିରଟି ସଫଳତାର ସହ ସମ୍ପନ୍ନ ହୋଇଥିଲା।

# ରୋଷେଇ ନକରିବାରୁ ସ୍ତ୍ରୀକୁ କାଠଫାଳିଆରେ ହତ୍ୟା



ହରିଚନ୍ଦନପୁର, ୨୫/୦୯ (ଶୂନ୍ୟରଞ୍ଜନ ଘଣା ): ରୋଷେଇ ନକରିବାକୁ କେନ୍ଦ୍ର କରି ଜଣେ ସ୍ୱାମୀର କାଠଫାଳିଆ ମାଡରେ ସ୍ତ୍ରୀର ମୃତ୍ୟୁ ଘଟିଛି । ମୃତା ଜଣଙ୍କ ହେଲେ ବାଲିସାହିର ସୁଶୀଲ ଜୁଆଙ୍ଗଙ୍କ ସ୍ତ୍ରୀ ସୁନିଆରୀ ଜୁଆଙ୍ଗ( ୨୨ ) । କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ଥାନା ସୁନାପେଣ୍ଠ ପଞ୍ଚାୟତର କଣ୍ଟଲା ବାଲିସାହିରେ ଘଟିଛି ଏହି ହତ୍ୟାକାଣ୍ଡ ।କଣ୍ଟଲା ବାଲିସାହିର ସୁଶୀଲ ଜୁଆଙ୍ଗ ୪ ବର୍ଷ ତଳେ ଦୈତାରୀ ଥାନା ଅଞ୍ଚଳର ସୁନିଆରୀ ଜୁଆଙ୍ଗକୁ ଭଲ ପାଇ ବିବାହ କରିଥିଲେ । ବିବାହ ପରେ ଉଭୟେ ଭଲରେ ଚଳୁଥିବା ବେଳେ ସେପଟେମ୍ବର ୨୦ ସନ୍ଧ୍ୟାରେ ସୁନିଆରୀ ରୋଷେଇ କରିବାକୁ ମନା କରିଥିଲା । ରୋଷେଇ କାହିଁ କି କରିବୁନି କହି ସୁଶୀଲ ସ୍ତ୍ରୀକୁ । ଗୋଇଠା ମାରିଥିଲେ ।ସୁନିଆରୀ ତଳେ ପଡି ଚିତ୍କାର କରୁଥିବା ବେଳେ ସୁଶୀଲ ଏକ କାଠଫାଳିଆରେ ବାଡେଇ ଥିଲା । ସୁନିଆରୀ ଗୁରୁତର ହୋଇପଡିଥିବା ବେଳେ ପରଦିନ ସୁଶୀଲ ତାକୁ ପ୍ରାଥମିକ ଚିକିତ୍ସା ନିମନ୍ତେ ହରିଚନ୍ଦନପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲା ।ପ୍ରାଥମିକ ଚିକିତ୍ସା ପରେ ଜିଲ୍ଲା ମୁଖ୍ୟଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ବେଳେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ୨୨ ତାରିଖ ସୁନିଆରୀ ଜୁଆଙ୍ଗର ମୃତ୍ୟୁ ହୋଇଥିଲା । ଏହା ଜାଣିବା ପରେ ସୁଶୀଲ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲା ।ହରିଚନ୍ଦନପୁର ପୁଲିସ ଥାନା କେଶ ନଂ ୨୫୯/ ୨୨-୦୯ ମୂଳେ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଥିଲା ଓ ଥାନାଧିକାରୀ ସୁଶାନ୍ତ କୁମାର ପ୍ରଧାନ ଏକ ପୁଲିସ ଟିମ ନେଇ ଫେରାର ସୁଶୀଲକୁ ଧରିବା ସହ ଥାନାକୁ ଆଣି ପଚରାଉଚୁରା କରିବା ପରେ ସେ ସତକଥା ମାନିଥିଲା । ଏନେଇ ଦଫା ୮୫, ୧୦୩ (୧) ବିଏସ୍ଏସ୍ ଆଧାରରେ ଆଜି ଅଭିଯୁକ୍ତ ସୁଶୀଲକୁ କୋର୍ଟ ଚାଲାଣ କରାଯିବା ସହ ହତ୍ୟାରେ ବ୍ୟବହୃତ କାଠଫାଳିଆକୁ ପୁଲିସ ଜବତ କରିଥିବା ସୂଚନା ଦେଇଛନ୍ତି ଥାନାଧିକାରୀ ।

## ଉତ୍ସାହର ସହ ଚାଲିଛି ଜିଲ୍ଲାସ୍ତରୀୟ 'ସେବା ସଂକଳ୍ପ ଅଭିଯାନ'

# ଛାତ୍ରଛାତ୍ରୀଙ୍କ ସୃଜନଶୀଳ ଅଭିବ୍ୟକ୍ତି

କେନ୍ଦୁଝର:୨୫/୦୯(ଦିଲ୍ଲୀପ କୁମାର ସାହୁ) - ଛାତ୍ରଛାତ୍ରୀଙ୍କ ମଧ୍ୟରେ ସେବା ମନୋଭାବ, ସାମାଜିକ ଦାୟିତ୍ୱବୋଧ, ସୃଜନଶୀଳତା ଓ ନିଜସ୍ୱ ଚିନ୍ତନଶକ୍ତିର ବିକାଶ ଉଦ୍ଦେଶ୍ୟରେ ସମଗ୍ର ଶିକ୍ଷା, କେନ୍ଦୁଝର ପକ୍ଷରୁ ଜିଲ୍ଲାସ୍ତରୀୟ 'ସେବା ସଂକଳ୍ପ ଅଭିଯାନ-୨୦୨୬' ଆଜି କେନ୍ଦୁଝର ସହରସ୍ଥିତ ପିଏମ୍ ଶ୍ରୀ ଡି.ଏନ୍. ହାଇସ୍କୁଲ ପରିସରରେ ଉତ୍ସାହ ଓ ଉଦ୍ଦୀପନାର ସହିତ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ୧୩ଟି ବ୍ଲକରୁ ଆସିଥିବା ଛାତ୍ରଛାତ୍ରୀମାନେ ଏହି ଜିଲ୍ଲାସ୍ତରୀୟ ଆୟୋଜନରେ ଯୋଗଦେଇଥିଲେ । ଚିତ୍ରାଙ୍କନ ଓ ବିତର୍କ ପ୍ରତିଯୋଗିତା ମାଧ୍ୟମରେ ଛାତ୍ରଛାତ୍ରୀମାନେ ସେବା, ସମାଜ, ପରିବେଶ, ଦାୟିତ୍ୱ ଓ ସଚେତନତା ସମ୍ପର୍କିତ ବିଭିନ୍ନ ବିଷୟ ଉପରେ ନିଜର ଚିନ୍ତାଧାରା ଓ ସୃଜନଶୀଳ ପ୍ରତିଭାର ପରିପ୍ରକାଶ କରିଥିଲେ । ପ୍ରତିଯୋଗୀମାନଙ୍କ ଉତ୍ସାହଜନକ ଓ ସକ୍ରିୟ ଅଂଶଗ୍ରହଣ ଯୋଗୁଁ ବିଦ୍ୟାଳୟ ପରିସର ଉତ୍ସବମୁଖର ହୋଇଉଠିଥିଲା ।ଉଦ୍‌ଘାଟନୀ ସମାରୋହରେ କେନ୍ଦୁଝରଗଡ଼ ପୌରପାଳିକାର ପୌରାଧ୍ୟକ୍ଷା ନିକୁ ସାହୁ ଅଧ୍ୟକ୍ଷତା କରିଥିଲେ । ଏଥିରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ପ୍ରତିନିଧି ଅନୁବ୍ରତ ବେହେରା ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ସେବା ଓ ସାମାଜିକ ଦାୟିତ୍ୱର ମହତ୍ତ୍ୱ ସମ୍ପର୍କରେ ପ୍ରେରଣାଦାୟୀ ବକ୍ତବ୍ୟ ଦେଇଥିଲେ ।ଦିନବ୍ୟାପୀ ଚାଲିଥିବା ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟରୁ ପ୍ରାୟ ୨୦୦ ଜଣ ଛାତ୍ରଛାତ୍ରୀ ସାମିଲ ହୋଇ ନିଜ ନିଜ ଅଭିଜ୍ଞତା, କଳ୍ପନା ଓ ଚିନ୍ତାଧାରାକୁ ଆଧାର କରି ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ ।କାର୍ଯ୍ୟକ୍ରମର ଉଦ୍‌ଯାପନୀ ତଥା ପୁରସ୍କାର ବିତରଣ ସମାରୋହରେ ମାନ୍ୟବର ସାଂସଦ ଅନନ୍ତ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ ଓ ସମ୍ମାନିତ କରିଥିଲେ । ସେ ଛାତ୍ରଛାତ୍ରୀଙ୍କ ପ୍ରତିଭା ଓ ଉତ୍ସାହର ପ୍ରଶଂସା କରିବା ସହ ଶିକ୍ଷା ସହିତ ସେବା, ଶୃଙ୍ଖଳା, ସାମାଜିକ ସଚେତନତା ଓ ଦାୟିତ୍ୱବୋଧକୁ ଜୀବନର ଅଂଶ କରିବା ପାଇଁ ଆହ୍ୱାନ ଦେଇଥିଲେ । ଏହି ସମାରୋହରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବାରିହା, ଏଡିଇଓ ସତ୍ୟନାରାୟଣ ମହାନ୍ତ ଓ ଏଡିଇଓ ରୁଦ୍ରନାରାୟଣ ସାମଲଙ୍କ ସମେତ ବିଭିନ୍ନ ଶିକ୍ଷା ଅଧିକାରୀ, ଶିକ୍ଷକ, ଅଭିଭାବକ ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।'ସେବା ସଂକଳ୍ପ'ର ମୂଳ ଭାବନାକୁ ଛାତ୍ରଛାତ୍ରୀଙ୍କ ସୃଜନଶୀଳ ଅଭିବ୍ୟକ୍ତି ସହ ଯୋଡ଼ିବା ଏହି କାର୍ଯ୍ୟକ୍ରମର ଏକ ପ୍ରମୁଖ ବିଶେଷତ୍ୱ ଥିଲା । ଏପରି ଆୟୋଜନ ମାଧ୍ୟମରେ ଶିଶୁ ଓ କିଶୋରମାନଙ୍କ ମଧ୍ୟରେ 'ମୁଁ ଓ ମୋ ସମାଜ'ର ସମ୍ପର୍କକୁ ଅଧିକ ଦୃଢ଼ କରିବା ସହ ଦାୟିତ୍ୱଶୀଳ ନାଗରିକ ଭାବେ ନିଜକୁ ଗଢ଼ି ତୋଳିବାର ସୁଯୋଗ ସୃଷ୍ଟି ହୋଇଛି ।ସମଗ୍ର ଶିକ୍ଷା, କେନ୍ଦୁଝର ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପିଏମ୍ ଶ୍ରୀ ଡି.ଏନ୍. ହାଇସ୍କୁଲର ପ୍ରଧାନଶିକ୍ଷକ ଓ ବିଦ୍ୟାଳୟର ଶିକ୍ଷକମଣ୍ଡଳୀ ସୁଚାରୁ ରୂପେ ପରିଚାଳନା କରିଥିଲେ । ଛାତ୍ରଛାତ୍ରୀଙ୍କ ସକ୍ରିୟ ଅଂଶଗ୍ରହଣ ଓ ଶିକ୍ଷକମାନଙ୍କ ସହଯୋଗ ଯୋଗୁଁ ଜିଲ୍ଲାସ୍ତରୀୟ ସେବା ସଂକଳ୍ପ ଅଭିଯାନ-୨୦୨୬ ଏକ ସଫଳ ଓ ସାର୍ଥକ ଶିକ୍ଷାମୂଳକ ଆୟୋଜନ ଭାବେ ସମ୍ପନ୍ନ ହୋଇଛି ।



# ପିଠାଗୋଳା ଓ ମିଶ୍ରମାଳ ଡାକ୍ତରଖାନାରେ ଆୟୁର୍ବେଦ ଦିବସ

ହରିଚନ୍ଦନପୁର, ୨୫/୦୯(ଶୂନ୍ୟରଞ୍ଜନ ଘଣା ): ହରିଚନ୍ଦନପୁର ବ୍ଲକ୍ ପିଠାଗୋଳା ଓ ମିଶ୍ରମାଳ ଆୟୁର୍ବେଦିକ ଚିକିତ୍ସାଳୟରେ ଆଜି ଆୟୁର୍ବେଦ ଦିବସ ପାଳିତ ହୋଇଛି । ପିଠାଗୋଳାରେ ଆୟୋଜିତ ସଭାରେ ଡାକ୍ତର ସୋମନାଥ ମିଶ୍ର ସଭାପତିତ୍ୱ କରିଥିଲେ । ସୁସ୍ଥ ଭବିଷ୍ୟତ ପାଇଁ ଆୟୁର୍ବେଦ' ସଂପର୍କରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ସରପଞ୍ଚ ଦିଗାମ୍ବର ନାୟକ ମୁଖ୍ୟଅତିଥି, ପୂର୍ବତନ ସରପଞ୍ଚ କ୍ଷେତ୍ରମୋହନ ପାଇକରାୟ, ରତ୍ନାକର ସାହୁ ଓ ମଧୁସୂଦନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ଅତିଥିମାନେ ଚିକିତ୍ସାଳୟ ପରିସରରେ ବୃକ୍ଷରୋପଣ କରିଥିଲେ । ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଥିଲା । ଏଥିରେ ଡାକ୍ତର ଶ୍ରୀ ମିଶ୍ର ୬୮ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣା ଔଷଧ ବଣ୍ଟନ କରିଥିଲେ । ମନୀଷା ନାଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସେହିପରି ମିଶ୍ରମାଳରେ ଆୟୁର୍ବେଦ ଦିବସ ପାଳନ ଅବସରରେ ଡାକ୍ତର ଛବିରାଣୀ ସିଂହ ଗ୍ରାମର ଅଙ୍ଗନବାଡ଼ି କେନ୍ଦ୍ରର ସମସ୍ତ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ସ୍ୱାସ୍ଥ୍ୟ ଶିବିରରେ ୪୮ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣା ଔଷଧ ବଣ୍ଟନ କରାଯାଇଥିଲା

# ଧନ୍ୟବାଦ ଲୋକଙ୍କ ମୁଖ୍ୟମନ୍ତ୍ରୀ, ଧନ୍ୟବାଦ କେନ୍ଦୁଝର ଜିଲ୍ଲା ପ୍ରଶାସନ

## ଗାଁ ସାଥୀ ମେଟ୍‌ମାନଙ୍କ ତାଲିମ୍ ଦାବିକୁ ମିଳିଲା ସକାରାତ୍ମକ ପଦକ୍ଷେପ



କେନ୍ଦୁଝର ସଦର ୨୫/୦୯: ( ମନୋଜ କୁମାର ପଟେଲ)ଗାଁ ସାଥୀ ମେଟ୍‌ମାନଙ୍କ ଦୀର୍ଘଦିନର ଦାବି ମଧ୍ୟରୁ ଠଇ-ଏ ଜଇଗ ଏ ସମ୍ପର୍କିତ ତାଲିମ୍ ପ୍ରଦାନ ଦାବି ନେଇ ଏକ ସକାରାତ୍ମକ ପଦକ୍ଷେପ ନିଆଯାଇଥିବାରୁ ଗାଁ ସାଥୀ ମେଟ୍ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦୁଝର ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଜଣାଯାଇଛି ।ଗତ ୧୦ ସେପ୍ଟେମ୍ବର ୨୦୨୬ ତାରିଖରେ ଗାଁ ସାଥୀ ମେଟ୍ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ଏହି ସ୍ମାରକପତ୍ରକୁ କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ଉଗଡ ଙଯସଷ୍ୱଷବ କାର୍ଯ୍ୟାଳୟକୁ ପଠାଯାଇ ଆବଶ୍ୟକ ପଦକ୍ଷେପ ପାଇଁ ଅନୁରୋଧ କରାଯାଇଥିବା କୁହାଯାଇଛି ।ଏହାର ପରିପ୍ରେକ୍ଷୀରେ ୨୪/୦୯/୨୦୨୬ ଚିଠି ନଂ ୨୭୧୯୭ ରେ କାର୍ଯ୍ୟରତ ମେଟ୍‌ମାନଙ୍କୁ ଠଇ-ଏ ଜଇଗ ଏ ବିଷୟରେ ତାଲିମ୍ ପ୍ରଦାନ କରିବା ନେଇ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଏବଂ ୨୬ ସେପ୍ଟେମ୍ବର ଦିନ ପୂର୍ବାହ୍ନ ୧୧ଟାରେ ତାଲିମ୍ ପ୍ରଦାନ କରାଯିବାକୁ ବ୍ୟବସ୍ଥା ହୋଇଥିବା ସଂଘ ପକ୍ଷରୁ କୁହାଯାଇଛି ।ଗାଁ ସାଥୀ ମେଟ୍‌ମାନଙ୍କ କହିବା ଅନୁଯାୟୀ, ଏହି ତାଲିମ୍ ଦ୍ୱାରା ମେଟ୍‌ମାନଙ୍କ ଦକ୍ଷତା ବୃଦ୍ଧି ପାଇବା ସହିତ ଠଇ-ଏ ଜଇଗ ଏ ଅଧୀନରେ ନିଜ ଦାୟିତ୍ୱ ଓ କାର୍ଯ୍ୟ ସମ୍ପାଦନରେ ଅଧିକ ସକ୍ଷମ ହୋଇପାରିବେ । ଦୀର୍ଘଦିନ ଧରି ତାଲିମ୍ ପ୍ରଦାନ ନେଇ ଦାବି ରହିଥିବା ବେଳେ ଏହି ପଦକ୍ଷେପକୁ ମେଟ୍‌ମାନେ ସ୍ୱାଗତ କରିଛନ୍ତି ।ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଶ୍ରୀ ମୋହନ ଚରଣ ମାଝୀଙ୍କ ସରକାରୀ ପ୍ରୋଫାଇଲରେ ମଧ୍ୟ ଜନସାଧାରଣଙ୍କ ଅଭିଯୋଗର ଶୀଘ୍ର ସମାଧାନ ଓ ଜନକେନ୍ଦ୍ରିକ ପ୍ରଶାସନ ଉପରେ ଗୁରୁତ୍ୱର ଉଲ୍ଲେଖ ରହିଛି ।

# ଜିଲ୍ଲାରେ ଲାଗାଣ ବର୍ଷା ଜାରି ରହିଛି

କେନ୍ଦୁଝର:୨୫/୦୯(ଦିଲ୍ଲୀପ କୁମାର ସାହୁ) - ବାତ୍ୟା ଅର୍ଣ୍ଣବ ପ୍ରଭାବରେ ରାଜ୍ୟର ବିଭିନ୍ନ ଅଞ୍ଚଳ ସହିତ ଗତ ବୁଧବାର ଠାରୁ କେନ୍ଦୁଝର ଜିଲ୍ଲାରେ ଲଗାଣ ବର୍ଷା ଜାରି ରହିଛି । ଚଳିତ ସେପ୍ଟେମ୍ବର ମାସରେ ଡିଷ୍ଟ୍ରିକ୍ଟ ଏମରଜେନ୍ସୀ ଅପରେସନ ସେଣ୍ଟର (ଡିଇଓସି), କେନ୍ଦୁଝର ଦ୍ୱାରା ଜିଲ୍ଲାରେ ହୋଇଥିବା ବର୍ଷାର ପରିମାଣ ରେକର୍ଡ କରାଯାଇଅଛି । କେନ୍ଦୁଝର ଜିଲ୍ଲାରେ ଚଳିତ ସେପ୍ଟେମ୍ବର ମାସ ୧୫ ତାରିଖରେ ହାରାହାରି ବର୍ଷାର ପରିମାଣ ୧.୩୪ ମିଲିମିଟର ରେକର୍ଡ କରାଯାଇଥିବାବେଳେ, ୧୬ ତାରିଖରେ ୦.୭୨ ମିଲିମିଟର, ୧୭ ତାରିଖରେ ୧୨.୮୨ ମିଲିମିଟର, ୧୮ ତାରିଖରେ ୩.୧୮ ମିଲିମିଟର, ୧୯ ତାରିଖରେ ୮.୫୯ ମିଲିମିଟର, ୨୦ ତାରିଖରେ ୨.୧୪ ମିଲିମିଟର, ୨୧ ତାରିଖରେ ୬.୯୯ ମିଲିମିଟର, ୨୨ ତାରିଖରେ ୬.୫୫ ମିଲିମିଟର, ୨୩ ତାରିଖରେ ୩୦.୫୮ ମିଲିମିଟର ଏ୍ଂ ୨୪ ତାରିଖରେ ୪୫.୭୫ ମିଲିମିଟର ରେକର୍ଡ କରାଯାଇଛି । ସେହିଭଳି ଆଜି ସେପ୍ଟେମ୍ବର ୨୫ ତାରିଖରେ କେନ୍ଦୁଝର ସଦର ବ୍ଲକରେ ୧୨୫.୫ ମିଲିମିଟର, ବାଂଶପାଳ ବ୍ଲକରେ ୪୭.୩ ମିଲିମିଟର, ତେଲକୋଇ ବ୍ଲକରେ ୨୨.୦ ମିଲିମିଟର, ପାଟଣା ବ୍ଲକରେ ୪୬.୬ ମିଲିମିଟର, ସାହାରପଡ଼ା ବ୍ଲକରେ ୯୨.୨ ମିଲିମିଟର, ଘଟଗାଁ ବ୍ଲକରେ ୭୨.୨ ମିଲିମିଟର, ଆନନ୍ଦପୁର ବ୍ଲକରେ ୭୪.୪ ମିଲିମିଟର, ଘଷିପୁରା ବ୍ଲକରେ ୧୦୮.୬ ମିଲିମିଟର, ହାଟଡିହି ବ୍ଲକରେ ୭୧.୩ ମିଲିମିଟର, ଚମ୍ପୁଆ ବ୍ଲକରେ ୫୦.୨ ମିଲିମିଟର, ଯୋଡ଼ା ବ୍ଲକରେ ୯୨.୬ ମିଲିମିଟର, ଝୁମ୍ପୁରା ବ୍ଲକରେ ୫୩.୪ ମିଲିମିଟର ଏ୍ଂ ହରିଚନ୍ଦନପୁର ବ୍ଲକରେ ସର୍ବାଧିକ ୧୪୪.୬ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି । ଜିଲ୍ଲାରେ ଆଜି ସମୁଦାୟ ୧୦୦୦.୯ ମିଲିମିଟର ବର୍ଷା ହୋଇଥିବା ବେଳେ, ହାରାହାରି ବର୍ଷାର ପରିମାଣ ୭୭.୦ ବୋଲି ଡିଇଓସି, କେନ୍ଦୁଝର ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

# ଟ୍ରକ୍‌ରୁ ଡିଜେଲ ଚୋରି ଉଦ୍ୟମ ବେଳେ ଗୁଳିମାଡ଼, ଜଣେ ଅଭିଯୁକ୍ତ ଗିରଫ

ଯୋଡ଼ା ୨୫/୦୯(ଅକ୍ଷର ଓଡ଼ିଶା) : ଯୋଡ଼ା ଥାନା ଅଞ୍ଚଳରେ ଟ୍ରକ୍‌ରୁ ଡିଜେଲ ଚୋରି ଉଦ୍ୟମ ବେଳେ ଗୁଳି ଚଳାଇବା ଅଭିଯୋଗରେ ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି । ଏନେଇ ଯୋଡ଼ା ଥାନାରେ କେସ୍ ନମ୍ବର ୩୪୭, ତାରିଖ ୨୩.୦୯.୨୦୨୬ରେ ଇଘଝ ଧାରା ୩୦୯(୬) ଏବଂ ଇକ୍ସଙ୍କଷ୍ୱ ଇମଷ୍ୱର ଧାରା ୨୫ ଓ ୨୭ରେ ମାମଲା ରୁଜୁ ହୋଇଛି ।ପୁଲିସ ସୂଚନା ଅନୁସାରେ, ୨୩ ତାରିଖ ରାତିରେ କାଟାମାଟି ମାଇନ୍ସ ଅଞ୍ଚଳରେ ବସନ୍ତ କୁମାର ମହାନ୍ତଙ୍କ ଟ୍ରକ୍ ନମ୍ବର ଡଓ-୦୯-ଏ-୫୩୫୬ ଲୋଡିଂ ପାଇଁ ରହିଥିଲା । ରାତି ପ୍ରାୟ ବିଳମ୍ବିତ ରାତ୍ରି ରେ ୪ ଜଣ ଯୁବକ ବାଇକ୍‌ରେ ସେଠାରେ ପହଞ୍ଚି ଟ୍ରକ୍‌ରୁ ଡିଜେଲ ଚୋରି କରୁଥିବା ବେଳେ ଟ୍ରକ୍ ଡ୍ରାଇଭରମାନେ ଘଟଣା ଦେଖି ସେମାନଙ୍କୁ ଧରିବାକୁ ଉଦ୍ୟମ କରିଥିଲେ । ଏହି ସମୟରେ ଅଭିଯୁକ୍ତମାନଙ୍କ ମଧ୍ୟରୁ ଜଣେ ବନ୍ଧୁକ ବାହାର କରି ଗୁଳି ଚଳାଇଥିବା ବେଳେ ପରେ ଅନ୍ୟ ୩ ଜଣ ଏକ ବାଇକ୍‌ରେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ କ୍ଷ ଅଭିଯୁକ୍ତ ଯୁବକଙ୍କୁ ଉପସ୍ଥିତ ଡ୍ରାଇଭରମାନେ କାବୁ କରିଥିଲେ ।ଗିରଫ ଯୁବକଙ୍କ ନାମ ଶାବନ ଚତାର (୨୪) ପିତାଙ୍କ ନାମ ବିନୁ ସିଂ ଚତାର । ତାଙ୍କ ଘର ଯୋଗିନନ୍ଦ, ଜଗନ୍ନାଥପୁର ପଶ୍ଚିମ ସିଂହଭୂମ ଅଞ୍ଚଳରେ ବୋଲି ଜଣାପଡ଼ିଛି ।ଘଟଣା ସମୟରେ ବ୍ୟବହୃତ ଗୋଟିଏ ମୋଟରସାଇକେଲ, ବ୍ୟାଗ୍‌ରେ ଥିବା ଡିଜେଲ, ଡିଜେଲ ପାଇପ୍ ଓ ଗୋଟିଏ ପିସ୍ତଲ ଜବତ କରାଯାଇଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି । ଅନ୍ୟ ଅଭିଯୁକ୍ତମାନେ ଫେରାର ଥିବା ବେଳେ ସେମାନଙ୍କୁ ଧରିବା ପାଇଁ ପୁଲିସ ତଦନ୍ତ ଜାରି ରଖିଛି ।

# ବର୍ଷାଜଳରେ ଉବୁଟୁବୁ କେନ୍ଦୁଝରଗଡ଼ ସହର

## ଲଗାଣ ବର୍ଷାରେ ପୋଲ ଉପରେ ପାଣି; ବିକଳ୍ପ ରାସ୍ତା ବ୍ୟବହାର ପାଇଁ ନିବେଦନ



କେନ୍ଦୁଝର:୨୫/୦୯(ଦିଲ୍ଲୀପ କୁମାର ସାହୁ) - ବାତ୍ୟା ଅର୍ଣ୍ଣବ ପ୍ରଭାବରେ ଗତ ବୁଧବାର ଠାରୁ ଲଗାଣବର୍ଷା ଯୋଗୁଁ କେନ୍ଦୁଝରଗଡ଼ ସହରର ବିଭିନ୍ନ ଜନବସତି ଅଞ୍ଚଳ, ରାସ୍ତାଘାଟ ଆଦି ଜଳମଗ୍ନ ହେବା ସହିତ ବଡଦାଣ୍ଡ-ସିଦ୍ଧ ମଠ ରାସ୍ତାରେ ଜଳସ୍ତର ବୃଦ୍ଧି ପାଇଛି । ଉକ୍ତ ରାସ୍ତାର ଏକ ପୋଲ ଉପରେ ବର୍ଷାଜଳ ପ୍ରବାହିତ ହେଉଥିବାରୁ ଯାତାୟାତକୁ ନେଇ ସତର୍କତା ଅବଲମ୍ବନ କରାଯାଇଛି । ବର୍ଷା ଜାରିରହିଥିବାରୁ ପୋଲର ସ୍ଥିତି ଦୁର୍ବଳ ହୋଇଥିବା ଆଶଙ୍କା ପ୍ରକାଶ ପାଇଛି । ଏପରି ପରିସ୍ଥିତିରେ ସମ୍ଭାବ୍ୟ ବିପଦକୁ ଏଡ଼ାଇବା ପାଇଁ ପୋଲ ନିକଟରେ ସତର୍କତାମୂଳକ ବ୍ୟାରିକେଡିଂ କରାଯାଇଛି । ଏଥିସହ ସାଧାରଣ ଲୋକଙ୍କୁ ଉକ୍ତ ରାସ୍ତାରେ ଯାତାୟାତ ସମୟରେ ସତର୍କ ରହିବା ସହ ସମ୍ଭବ ହେଲେ ବିକଳ୍ପ ରାସ୍ତା ବ୍ୟବହାର କରିବାକୁ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି । ବିଶେଷକରି ଲଗାଣ ବର୍ଷା ସମୟରେ ପୋଲ ଉପରେ ଜଳପ୍ରବାହ ବଢ଼ିଲେ ଯାନବାହନ ଚଳାଚଳ ଓ ପଥଚାରୀଙ୍କ ଯାତାୟାତ ପ୍ରଭାବିତ ହୋଇପାରେ । ତେଣୁ ବ୍ୟାରିକେଡିଂ ଅଞ୍ଚଳକୁ ଅତିକ୍ରମ କରି ଯାତାୟାତ ନକରିବାକୁ ସ୍ଥାନୀୟ ଲୋକଙ୍କୁ ସତର୍କ କରାଯାଇଛି । ବର୍ଷା ପରିସ୍ଥିତି ଓ ପୋଲର ସ୍ଥିତି ଉପରେ ସଂପୃକ୍ତ ବିଭାଗର ନଜର ରହିଥିବା ବେଳେ ଆବଶ୍ୟକ ହେଲେ ଯାତାୟାତ ନିୟନ୍ତ୍ରଣ ସମ୍ପର୍କରେ ପରବର୍ତ୍ତୀ ପଦକ୍ଷେପ ନିଆଯାଇପାରେ । ଏହି ସମୟରେ ଅନାବଶ୍ୟକ ଭାବେ ଉକ୍ତ ରାସ୍ତା ବ୍ୟବହାର ନକରି ସୁରକ୍ଷିତ ବିକଳ୍ପ ରାସ୍ତା ବ୍ୟବହାର କରିବାକୁ ନାଗରିକମାନଙ୍କୁ ଅନୁରୋଧ କରାଯାଇଛି ।

# ସଡ଼କ ଦୁର୍ଘଟଣାରେ ଲିଭିଗଲା କଂଗ୍ରେସ ଯୁବନେତାଙ୍କ ଜୀବନଦୀପ



କେନ୍ଦୁଝର:୨୫/୦୯(ଦିଲ୍ଲୀପ କୁମାର ସାହୁ) - କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ୍ କଂଗ୍ରେସର ଯୁଗ୍ମ ସମ୍ପାଦକ ତଥା ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ଓଡ଼ାପଡ଼ା ଗ୍ରାମର ପ୍ରଶାନ୍ତ କୁମାର ନାୟକ (୪୦)ଙ୍କର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଅକାଳ ବିୟୋଗ ଘଟିଛି, ଯାହା ସମଗ୍ର ଘଷିପୁରା ବ୍ଲକ ଅଞ୍ଚଳକୁ ସ୍ତବ୍ଧ କରିଦେଇଛି । ପ୍ରାପ୍ତ ସୂଚନାନୁଯାୟୀ, ଗତ ଗୁରୁବାର ସନ୍ଧ୍ୟା ସମୟରେ ସ୍ୱର୍ଗତ ନାୟକ ଆନନ୍ଦପୁରରୁ ନିଜ ବାଇକ ଯୋଗେ ଘରକୁ ଫେରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା । ଫେରିବା ବାଟରେ ନିଜ ବାଇକରୁ ଭାରସାମ୍ୟ ହରାଇ ସେ ଟୋଲ୍‌ଗେଟ୍ ସମ୍ମୁଖରେ ଥିବା ଏକ ସୂଚନାଫଳକ (ସାଇନ୍ ବୋର୍ଡ) ସହ ପିଟି ହୋଇଯାଇଥିଲେ । ଧକ୍କା ଏତେ ଜୋରଦାର୍ ଥିଲା ଯେ, ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଦୁର୍ଘଟଣା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ପରବର୍ତ୍ତୀ ସମୟରେ ଶବ ବ୍ୟବଚ୍ଛେଦ ପାଇଁ ମୃତକର ଶବକୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଛି । ଏହି ଦୁଃଖଦ ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଘସିପୁରା ବ୍ଲକ୍ କଂଗ୍ରେସ ସଭାପତି ତ୍ରିଲୋଚନ ପରିଡ଼ାଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଓ ସ୍ଥାନୀୟ ଅଞ୍ଚଳବାସୀ ପହଞ୍ଚି ତାଙ୍କର ଶେଷଦର୍ଶନ କରିବା ସହ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି । ସନ୍ଦେହ ଓ ହତ୍ୟା ଅଭିଯୋଗ । ଏହି ଘଟଣାକୁ କେବଳ ଏକ ଦୁର୍ଘଟଣା ଭାବେ ଗ୍ରହଣ କରିବାକୁ ମୃତକଙ୍କ ପରିବାର ଲୋକେ ସହଜରେ ସ୍ୱୀକାର କରିପାରିନାହାନ୍ତି । ପ୍ରଶାନ୍ତ ଦୀର୍ଘ ଦିନରୁ ସ୍ଥାନୀୟ ଅଞ୍ଚଳରେ ଚାଲିଥିବା ବେଆଇନ୍ ବାଲି ଚୋରା ଚାଲାଣକୁ ଦୃଢ଼ ବିରୋଧ କରିଆସୁଥିଲେ । ଏହି କାରଣରୁ ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇ ଦୁର୍ଘଟଣାର ରୂପ ଦିଆଯାଇଥିବା ନେଇ ତାଙ୍କ ପରିବାର ପକ୍ଷରୁ ଗମ୍ଭୀର ସନ୍ଦେହ ପ୍ରକାଶ ପାଇଛି ।

# ନମାମି ଭାରତମ୍ କାର୍ଯ୍ୟକ୍ରମ ଶିଶୁ ବିଦ୍ୟା ମନ୍ଦିରରେ ଅନୁଷ୍ଠିତ




କେନ୍ଦୁଝର /ଚମ୍ପୁଆ, ୨୫ /୦୯ :( ରାଜକିଶୋର ଶତପଥି ) ଚମ୍ପୁଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ବିଦ୍ୟା ଭାରତୀ ଶିକ୍ଷା ସଂସ୍ଥାନ ଦ୍ୱାରା ଆୟୋଜିତ 'ନମାମି ଭାରତମ୍' କାର୍ଯ୍ୟକ୍ରମ ଭବ୍ୟ ରୂପେ ଅନୁଷ୍ଠିତ ହୋଇଯାଇଛି । ରାଷ୍ଟ୍ରୀୟ ସଂଗୀତ 'ବନ୍ଦେ ମାତରଂ'ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଦେଶର ସମସ୍ତ ଶିଶୁ ବିଦ୍ୟା ମନ୍ଦିରରେ ଏକ ସମୟରେ ଏହି ଗୀତ ଗାନ କରାଯାଇଥିଲା । ଚମ୍ପୁଆର ଏହି ବିଦ୍ୟାଳୟରେ ମଧ୍ୟ ସମାନ ଉତ୍ସାହ ଓ ଭାବନାରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । ଏହି ଅବସରରେ ମୁଖ୍ୟ ଅତିଥି ଓ ବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ତଥା ବନବାସୀ କଲ୍ୟାଣ ଆଶ୍ରମର ଜିଲ୍ଲା ସମ୍ପାଦକ ଘନଶ୍ୟାମ ମହାନ୍ତ ଯୋଗ ଦେଇଥିଲେ । ସେ ବନ୍ଦେ ମାତରଂ ସଂଗୀତର ଗୌରବମୟ ଇତିହାସ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଏହି ଗୀତ କିପରି ଭାରତର ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଉଦ୍ବୁଦ୍ଧ କରିଥିଲା ଏବଂ ଦେଶପ୍ରେମର ଭାବନା ଜାଗ୍ରତ କରିଥିଲା, ସେ ବିଷୟରେ ସେ ବିଶେଷ ଭାବେ ଉଲ୍ଲେଖ କରିଥିଲେ । ତାଙ୍କ ବକ୍ତବ୍ୟ ଶ୍ରୋତାମାନଙ୍କ ମନରେ ଦେଶଭକ୍ତିର ଗଭୀର ଅନୁଭୂତି ସୃଷ୍ଟି କରିଥିଲା ।କାର୍ଯ୍ୟକ୍ରମରେ ପ୍ରଧାନ ଆଚାର୍ଯ୍ୟ ଶରତ ଚନ୍ଦ୍ର ପ୍ରଧାନ, ଉମେଶ ଚନ୍ଦ୍ର ମହାନ୍ତ, ଚିତ୍ତରଞ୍ଜନ ମହାନ୍ତ, ଗୋପବନ୍ଧୁ ମହାନ୍ତ, ସତ୍ୟଜିତ ପ୍ରଧାନ, ଭାସ୍କର ଚନ୍ଦ୍ର ମହାକୁଡ଼, ନିର୍ମଳ ଚନ୍ଦ୍ର ମହାନ୍ତ, ରବିନ କୁମାର ମହାନ୍ତ ଓ ସ୍ୱରୂପ ଚନ୍ଦ୍ର ବାରିକ ସମେତ ସମସ୍ତ ଆଚାର୍ଯ୍ୟ, ଆଚାର୍ଯ୍ୟା, ସେବକ-ସେବିକା, ଅଭିଭାବକ-ଅଭିଭାବିକା ଏବଂ ଛାତ୍ର-ଛାତ୍ରୀ ଉପସ୍ଥିତ ରହିଥିଲେ । ସମସ୍ତେ ଏକତ୍ର ହୋଇ ସାମୂହିକ ଭାବେ ବନ୍ଦେ ମାତରଂ ଗାନ କରିଥିଲେ । ଏହି ଗାନ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ଏବଂ ଉପସ୍ଥିତ ସମସ୍ତଙ୍କ ମଧ୍ୟରେ ଏକତା ଓ ଦେଶପ୍ରେମର ଭାବନା ବ୍ୟାପ୍ତ କରିଥିଲା ।ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀମାନେ ରାଷ୍ଟ୍ରୀୟ ସଂଗୀତର ଗୁରୁତ୍ୱ ବୁଝିପାରିଥିଲେ ଏବଂ ଭାରତର ସ୍ୱାଧୀନତା ସଂଗ୍ରାମର ଇତିହାସ ସହିତ ପରିଚିତ ହୋଇଥିଲେ । ବିଦ୍ୟାଳୟ ପରିବାର ଏହି ସଫଳ କାର୍ଯ୍ୟକ୍ରମ ପାଇଁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲା ।

# କାନ୍ଥ ପଡ଼ି ବାଇକ୍, ଅଟୋ ନଷ୍ଟ

ହରିଚନ୍ଦନପୁର, ୨୫/୯(ଶୂନ୍ୟରଞ୍ଜନ ଘଣା ) : ବାତ୍ୟା ଅର୍ଣ୍ଣବ ପ୍ରଭାବରେ ବୁଧବାର ରାତିରେ ହରିଚନ୍ଦନପୁର ବ୍ଲକ୍ ଠାକୁରପଡ଼ା



ପଞ୍ଚାୟତ ଗଣ୍ଡଡିହା ଗାଁ ଝାଟିଆଳି ସାହିର ଦିବାକର ମହାନ୍ତଙ୍କ ଦୁଇବଖରା ଘରର କାନ୍ଥ ଭୁଶୁଡ଼ିବା ସହ ଟାଇଲ ଛପର ଭାଙ୍ଗି ଯାଇଛି ।ଘର ଭିତରେ ଥିବା ଏକ ଅଟୋରିକ୍ସା ସହ ଦୁଇଟି ବାଇକ୍ ଉପରେ ଘରର କାନ୍ଥ ଓ ଛପର ପଡ଼ିବାରୁ ସେ ସବୁ ଭାଙ୍ଗି ଯାଇଛି ।କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ସାହିବାସୀ ଦାବି କରିଛନ୍ତି ।

# ରାସ୍ତା ଉପରେ ପାଣି, ଫେରିଗଲା ଆମ୍ବୁଲାନ୍ସ

ହରିଚନ୍ଦନପୁର, ୨୫/୯(ଶୂନ୍ୟରଞ୍ଜନ ଘଣା ) : ରାସ୍ତା ଉପରେ ୨ଫୁଟ ଉଚ୍ଚରେ ବହୁଛି ବନ୍ୟାଜଳ। ଫଳରେ ଆମ୍ବୁଲାନ୍ସ ଯାଇ ନପାରି ଫେରିଗଲା । କେନ୍ଦୁଝର ଜିଲ୍ଲା ହରିଚନ୍ଦପୁର ବ୍ଲକ୍‌ରୁ ଆସିଛି ଏହି ଚିତ୍ର ହରିଚନ୍ଦନପୁର ବ୍ଲକ୍ ଜିରାଙ୍ଗ ଗାଁ ନିକଟରେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷ ପକ୍ଷରୁ ବଡ଼ପୋଲ ନାଳ ଉପରେ ୪ବର୍ଷ ପୂର୍ବରୁ ଏକ ଆଡ଼ିବନ୍ଧ ନିର୍ମାଣ କରାଯାଇଛି । ଲଘୁଚାପ ଜନିତ ଲଗାଣ ବର୍ଷାରେ ଏହି ଆଡ଼ିବନ୍ଧର ପାର୍ଶ୍ୱ ସୁରକ୍ଷାବାଡ଼ ଏକ ମାସ ପୂର୍ବରୁ ଭାଙ୍ଗିଯାଇଛି । ଫଳରେ ଅଧିକ ବର୍ଷା ହେଲେ ଆଡ଼ିବନ୍ଧର ପାଣି ମନୋହରପୁର -ପିଠାଗୋଳା ପୂର୍ବ ବିଭାଗର ରାସ୍ତା ଉପରେ ପ୍ରବାହିତ ହେଉଛି । ବୁଧବାରରୁ ପୁଣି ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଗୁରୁବାର ସକାଳୁ ରାସ୍ତା ଉପରେ ପାଣି ଚାଲିଛି । ହରିଚନ୍ଦନପୁରରୁ ପିଠାଗୋଳା ଅଭିମୁଖେ ଗୁରୁବାର ପୂର୍ବାହ୍ନରେ ଏକ ୧୦୮ ଆମ୍ବୁଲାନ୍ସ ରୋଗୀ ଆଣିବାକୁ ଯାଉଥିବା ବେଳେ ରାସ୍ତାରେ ପାଣି ଚାଲିଥିବାରୁ ପିଠାଗୋଳା ଯାଇ ନପାରି ଫେରି ଆସିଥିଲା । ପାଣି ପ୍ରବାହିତ ହେଉଥିବାରୁ ରାସ୍ତା ଧୋଇ ହୋଇଯିବା ସହ ଲୋକମାନେ ଯାତାୟାତ ପାଇଁ ହଇରାଣ ହେଉଛନ୍ତି ।




ଶନିବାର ୨୬।୦୯।୨୦୨୬

ଅକ୍ଷର

AKHYARA ODISHA ଓଡ଼ିଶା


# ମା ଦୁର୍ଗାଙ୍କ ଶାରଦୀୟ ପୂଜା ନିମନ୍ତେ ମାଟି ଅନୁକୂଳ



ନିଶ୍ଚିନ୍ତକୋଇଲି ୨୫/୦୯(ଅକ୍ଷର ଓଡ଼ିଶା) ନିଶ୍ଚିନ୍ତକୋଇଲି ବ୍ଲକ କେଂଟାଲୋ ଗ୍ରାମପଂଚାୟତ କୁଳବଡଖିର ଗ୍ରାମରେ ମା ଦୁଆରଶୁଣି ପୂଜା କମିଟି ତରଫରୁ ଚଳିତ ବର୍ଷ ପ୍ରଥମ ଥର ପାଇଁ ମା ଦୁର୍ଗାଙ୍କ ପୂଜା ଉତ୍ସବ ଆଡମ୍ବର ସହକାରେ ପାଳନ କରାଯିବାକୁ କମିଟି ତରଫରୁ ନିଷ୍ପତି ଗ୍ରହଣ କରାଯାଇଛି। ତେବେ ଗତକାଲି ପବିତ୍ର ସୁନିଆ ତିଥିରେ ମାଙ୍କ ପୂଜକଙ୍କ ଦ୍ୱାରା ମଣ୍ଡପରେ ଯଥାବିଧି ପୂଜାର୍ଚ୍ଚନା କରାଯାଇଥିଲା। ଏକ ଆଧ୍ୟାତ୍ମିକ ଶୋଭାଯାତ୍ରାରେ ମାଟି ଉତୋଳନ କରାଯାଇଥିଲା। ପୂଜାକମିଟିର କର୍ମକର୍ତା,ସର୍ବୋପରି ଗ୍ରାମବାସୀ ଲୁଣା ନଦୀର କୁଳବଡଖିର ଘାଟରୁ ମାଟି ଉତୋଳନ କରିଥିଲେ। ସେଠାରେ ସମସ୍ତ ପ୍ରକାର ପୂଜାର୍ଚ୍ଚା କରାଯିବା ସହ ହରିବୋଲ ହୁଳହୁଳୀ ଓ ଶଙ୍ଖ କାହାଳୀ ଧ୍ୱନୀରେ ସମଗ୍ର ଅଂଚଳ କମ୍ପି ଉଠିଥିଲା। ଏଥିରେ କର୍ତାଭାବେ ସୁଧାକର ପଣ୍ଡା ଓ ତାଙ୍କର ଧର୍ମପତ୍ନୀ ମଞ୍ଜୁପ୍ରଭା ପଣ୍ଡା,ଜ୍ୟୋତିପ୍ରକାଶ ମିଶ୍ର ଏବଂ ତାଙ୍କର ଧର୍ମପତ୍ନୀ ଜ୍ଞାନମୟୀ ମିଶ୍ର, ଅନୁଷ୍ଠାନର ସଭାପତି ନିଶିକାନ୍ତ ସାହୁ, ଉପସଭାପତି ସୌମ୍ୟଜିତ ନାୟକ,ସନ୍ତୋଷ କୁମାର ବେହେରା ଏବଂ ପୂଜକ ଚୌତନ୍ୟ ପ୍ରସାଦ ନନ୍ଦ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

# ବେଟି ବଞ୍ଚାଓ, ବେଟି ପଢ଼ାଓ କାର୍ଯ୍ୟକ୍ରମ ଅନୁଷ୍ଠିତ




ରାଜକନିକା, ୨୫ . ୯. (ନୁରେଇ ଖାନ )କେନ୍ଦ୍ରାପଡା ଜିଲ୍ଲା ରାଜକନିକା ବ୍ଲକ ରେ ପ୍ରଥମ ଥର ବେଟି ବଞ୍ଚାଓ , ବେଟି ପଢ଼ାଓ ଯୁଗ ଉପଯୋଗୀ କାର୍ଯ୍ୟକ୍ରମ ସ୍ଥାନୀୟ ଓଲାଭର କଲେଜରେ ଅନୁଷ୍ଠିତ ହୋଇ ଯାଇଛି. କଲେଜ ଅଧକ୍ଷ ନୃଶିଂଘ ଚରଣ ସାମନ୍ତରାୟଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବେ କନିକା ବି. ଡ଼ି. ଓ କୈଳାସ ମହାଳିକ , ସମ୍ମାନିତ ଅତିଥି ଭାବେ ଜିଲ୍ଲା ସାମାଜିକ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ସୁଷମା ମହାନ୍ତି, ଓ ଭାରପ୍ରାପ୍ତ କନିକା ସି. ଡ଼ି. ପି. ଓ ଯୋଗ ଦେଇଥିଲେ. ମୁଖ୍ୟ ଅତିଥି ମହାଳିକ କନ୍ୟାରତ୍ନମାନଙ୍କ ଉଦେଶ୍ୟରେ ଉତ୍ତମ ଶିକ୍ଷା, ଉତ୍ତମ ଚରିତ୍ର ଗଠନ ସହ ସାମାଜିକ ଗଣମାଧ୍ୟମ ରେ ପ୍ରଚାର ପ୍ରସାର ହେଉଥିବା ଅମୁଳକ ଖବର ଉପରେ ଗୁରୁତ୍ୱ ନଦେଇ ନିଜ କୁ ସ୍ୱାବଲମ୍ବି କରିବାକୁ ଆହ୍ୱାନ ଦେଇଥିଲେ. ସେହି ପରି ସମ୍ମାନିତ ଅତିଥି ଜିଲ୍ଲା ଅଧିକାରିଣୀ ଦୀକ୍ଷାନ୍ତ ଭାଷଣ ଦେଇ ଯୌତୁକ, ଅଳ୍ପ ବୟସରେ ବିବାହ, କନ୍ୟା ଭ୍ରୂଣ ହତ୍ୟା ଆଦି ସାମାଜିକ ବ୍ୟାଧି ବୋଲି କହିବା ସହ ଜଣେ ନାରୀ ସଶକ୍ତ ହେଲେ ଦେଶ ସଶକ୍ତ ହେବ କହିବା ସହ ଭାରତ ର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ଉଦାହରଣ ଦେଇଥିଲେ ଏବଂ ନିକଟ ରେ ଅପରେସନ ସିନ୍ଦୁର ସମୟରେ ଯୁଦ୍ଧ ଜାହାଜ ର ଲେଡି ପାଇଲଟ ଙ୍କ କଥା କହି ସଭାରେ ଏକ ସୁନ୍ଦର ସଚେତନ ବାର୍ତା ଦେଇ ଥିଲେ. ବିଧାନସଭା ଓ ଲୋକ ସଭା ରେ ନାରୀଙ୍କ ସ୍ୱତନ୍ତ୍ର ଅଂଶୀଦାରୀ କଥା ମଧ୍ୟ ଆଲୋଚନା ହୋଇଥିଲା ଏହି କାର୍ଯ୍ୟକ୍ରମ ରେ ବାଳକ ପିଲାଙ୍କ ହାତ ଗଣତି ଉପସ୍ଥିତି ଦେଖି ଅତିଥି ମାନେ ବାଳକ ଓ ବାଳିକା ଗୋଟିଏ ଟଙ୍କାର ଉଭୟ ପାର୍ଶ୍ୱ ବୋଲି କହିବା ସମୟରେ ପଥ ଭ୍ରଷ୍ଟ ନହୋଇ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ. ଏପରିକି ଗରିବ ପରିବାର ର ଝିଅ ମାନଙ୍କୁ ପ୍ରାପ୍ତ ବୟସ ପରେ କିପରି ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ସରକାର କରି ଝିଅ ମାନଙ୍କୁ ବିବାହ କରେଇବା ରେ ସହଯୋଗ ହେଉଛି ଓ ଏଇଥିରୁ ସ୍ପଷ୍ଟ ପ୍ରମାଣ ଭାବେ ବେଶ ଆଦୃତ ହୋଇପାରିଛି ।

# ଦୁଇ ଟ୍ରକ୍ ମୁହାଁମୁହିଁ ଧକ୍କା ଜଣେ ଗୁରୁତର, ଡ୍ରାଇଭର ଫେରାର

ସୁବର୍ଣ୍ଣପୁର: ୨୫।୯(ସଂଗ୍ରାମ ମହାପାତ୍ର) ଆଜି ସଖାଳୁ ସଖାଳୁ ସୁବର୍ଣ୍ଣପୁର ଜିଲ୍ଲା ବିନିକା ଥାନା ଅନ୍ତର୍ଗତ ଚେରୁପାଲି ଛକ ନିକଟରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି । ଦୁଇଟି ମାଲବାହୀ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଜୋରଦାର ଧକ୍କା ହୋଇଛି ।ଧକ୍କା ଏତେ ଜୋରଦାର ଥିଲା ଯେ ଟ୍ରକର ସମ୍ମୁଖ ଭାଗ ଚୂରମାର ହୋଇଯାଇଛି ।ଏହି ଦୁର୍ଘଟଣାରେ ଜଣେ ଟ୍ରକ୍ ଡ୍ରାଇଭର ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଦୁର୍ଘଟଣା ଘଟାଇବା ପରେ ଅନ୍ୟ ଏକ ଟ୍ରକର ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ସୂଚନା ମିଳିଛି । ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ଦୁଇଟି ରାସ୍ତା ମଝିରେ ରହିଥିବାରୁ ସୁବର୍ଣ୍ଣପୁର-ସମ୍ବଲପୁର ମୁଖ୍ୟ ରାସ୍ତାରେ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଗାଡ଼ି ଅଟକି ରହି ତୀବ୍ର ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଛି ।ସ୍ଥାନୀୟ ବିନିକା ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଡ୍ରାଇଭରଙ୍କ ଚିକିତ୍ସା ବ୍ୟବସ୍ଥା କରିବା ସହ ରାସ୍ତାରୁ ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌କୁ ହଟାଇ ଯାତାୟାତ ସ୍ୱାଭାବିକ କରିବାକୁ ଉଦ୍ୟମ ଚଳାଇଛି । ଏହା ସହିତ ଫେରାର ଡ୍ରାଇଭରଙ୍କୁ ଧରିବା ପାଇଁ ତଦନ୍ତ ଆରମ୍ଭ ହୋଇଛି ।

# ସାଂସଦଙ୍କୁସାକ୍ଷାତ କଲେ ଜିଲ୍ଲା ପୋଲିସ ହାବିଲଦାର ଓ କନେଷ୍ଟବଳ ସଂଘ



ପଦ୍ମପୁର୨୫/୦୯ ,(ଭେଙ୍କଟ ରମଣ ପ୍ରଧାନ )ବରଗଡ଼ ଜିଲ୍ଲା ପୋଲିସ ହାବିଲଦାର ଓ କନେଷ୍ଟବଳ ଶାଖା ସଂଘର ସମସ୍ତ ସଦସ୍ୟ ଆଜି ମାନ୍ୟବର ସାଂସଦ ପ୍ରଦୀପ କୁମାର ପୁରୋହିତଙ୍କ ବାସ ଭବନରେ ସୌଜନ୍ୟ ମୂଳକ ସାକ୍ଷାତ କଲେ କ୍ଷ ମାନ୍ୟବର ସାଂସଦ ତାଙ୍କ ବାସ ଭବନରେ ନବ ନିର୍ବାଚିତ ସମସ୍ତ ସଦସ୍ୟଙ୍କୁ ସମ୍ମାନିତ କଲେ ଏବଂ ସାଂସଦ ପାଣ୍ଠି ରୁ ନିର୍ମାଣ ଧିନ ନୂତନ ସଂଘ ଗୃହ କୁ ସମ୍ପୂର୍ଣ୍ଣ କରିବା ପାଇଁ ସାଂସଦ ପାଣ୍ଠି ରୁ ଜଷ୍ମ ୫,୦୦୦୦୦( ପାଞ୍ଚ ଲକ୍ଷ ଟଙ୍କା) ଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ଏହି ସୌଜନ୍ୟମୂଳକ ସାକ୍ଷାତ ସମୟରେ ଜିଲ୍ଲା ପୋଲିସ ହାବିଲଦାର ଓ କନେଷ୍ଟବଳ ଶାଖା ସଂଘ ର ସଭାପତି । ସନତ କୁମାର ହୋତା,ଉପ ସଭାପତି ଧନେଶ୍ୱର ମେହେର, ସାଧାରଣ ସମ୍ପାଦକ ଉମାକାନ୍ତ ସାହୁ, କୋଷାଧ୍ୟକ୍ଷ ସନ୍ତୋଷ କୁମାର ପଧାନ, ଯୁଗ୍ମସଂପାଦକ ରବି ନାଥ ବାଗ ଏବଂ କାର୍ଯ୍ୟ କାରିଣୀ ସଦସ୍ୟ ନୃପ ରାଜ ବେହେରା ଉପସ୍ଥିତ ଥିଲେ କ୍ଷ ସାଂସଦ ଙ୍କ ପ୍ରତିଶ୍ରୁତି ପାଇବା ପରେ ସଂଘର ସମସ୍ତ କର୍ମକର୍ତ୍ତା ମାନେ ଉତ୍ସାହିତ ହୋଇଥିଲେ ।

# ଡିମିରି ନାଳ ବ୍ରିଜ୍ ଉପରେ ପାଞ୍ଚ ଫୁଟ୍ ପାଣି
# କରତପଟା-ଟିକରପଡ଼ା ରାସ୍ତା ବନ୍ଦ



ବନ୍ତଳା ୨୫ /୦୯ (ଯୋଗେନ୍ଦ୍ର ସାହୁ) ଅନୁଗୋଳ ଜିଲ୍ଲାରେ ଲଗାଣ ବର୍ଷା ଯୋଗୁଁ ଅଞ୍ଚଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଲଗାତାର ବର୍ଷା ଫଳରେ ବିଭିନ୍ନ ନାଳ ଓ ଜଳାଶୟର ଜଳସ୍ତର ବୃଦ୍ଧି ପାଇଥିବା ବେଳେ କରତପଟା-ଟିକରପଡ଼ା ରାସ୍ତାରେ ଯାତାୟତ ଠପ୍ ହୋଇଯାଇଛି ।କରତପଟା ଠାରୁ ଟିକରପଡ଼ା ଯିବା ବେଳେ ରାସ୍ତାର ଡିମିରି ନାଳ ବ୍ରିଜ୍ ଉପରେ ପ୍ରାୟ ପାଞ୍ଚ ଫୁଟ୍ ଉଚ୍ଚର ପାଣି ପ୍ରବାହିତ ହେଉଥିବାରୁ ଉଭୟ ପାର୍ଶ୍ୱରୁ ଯାନବାହନ ଚଳାଚଳ ବନ୍ଦ ରହିଛି। ଫଳରେ ଏହି ରାସ୍ତା ଉପରେ ନିର୍ଭରଶୀଳ ଲୋକମାନେ ଯାତାୟତ ସମସ୍ୟାରେ ପଡ଼ିଛନ୍ତି।

## ଯାନ୍ତ୍ରିକ ବେସରକାରୀ ମହାବିଦ୍ୟାଳୟ ଛାତ୍ରାବାସରେ ଦିଆଯାଉଛି ନିମ୍ନମାନର ଖାଦ୍ୟ

# ଭାଇରାଲ ଭିଡିଓକୁ ନେଇ ଛାତ୍ର-ଅଭିଭାବକଙ୍କ ମଧ୍ୟରେ ଉଦ୍‌ବେଗ



ଖୋର୍ଦ୍ଧା, ୨୫/୦୯(ଅକ୍ଷର ଓଡ଼ିଶା): ଜଟଣୀ ନିକଟବର୍ତି ମଦନପୁର ଅଂଚଳରେ ଥିବା ଏକ ନାମୀ ଯାନ୍ତ୍ରିକ ମହାବିଦ୍ୟାଳୟର ଛାତ୍ରାବାସରେ ଛାତ୍ରଛାତ୍ରୀଙ୍କୁ ପରିବେଷଣ କରାଯାଉଥିବା ଖାଦ୍ୟର ମାନକୁ ନେଇ ଗୁରୁତର ଅଭିଯୋଗ ଉଠିଛି । ଛାତ୍ରାବାସ ମେସରେ ପରିବେଷଣ କରାଯାଉଥିବା ଖାଦ୍ୟରେ ପୋକ ଠାରୁ ଆରମ୍ଭ କରି ଭାତ, ଡାଲି ଓ ତରକାରିର ଗୁଣବତା ନିମ୍ନମାନର ଥିବା ଅଭିଯୋଗ ସୋସିଆଲ ମିଡିଆରେ ଘୁରି ବୁଲୁଥିବା ଏକ ଭିଡିଓ ମାଧ୍ୟମରେ ସାମ୍ନାକୁ ଆସିଛି। ଭିଡିଓଟିକୁ ନେଇ ଛାତ୍ରଛାତ୍ରୀ ଓ ଅଭିଭାବକ ମହଲରେ ଉଦବେଗ ପ୍ରକାଶ ପାଇଛି। ପ୍ରସାରିତ ଭିଡିଓରେ ହଷ୍ଟେଲ ମେସରେ ପରିବେଷଣ କରାଯାଉଥିବା ଖାଦ୍ୟକୁ ନେଇ ବିଭିନ୍ନ ଅଭିଯୋଗ ଉଠାଯାଇଛି । ଭାତ, ଡାଲି ଓ ତରକାରିରେ ପୋକ ଥିବା ଭଳି ଦୃଶ୍ୟ ଦେଖାଯାଉଥିବା ଦାବି କରାଯାଇଛି । ଏଥିସହ ଡାଲି ଅତ୍ୟଧିକ ପାଣିଆ, ଭାତ ଠିକ୍ ଭାବେ ପ୍ରସ୍ତୁତ ହୋଇନଥିବା ଏବଂ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀର ମାନ ନେଇ ମଧ୍ୟ ଅଭିଯୋଗ ଉଠିଛି। ତେବେ ଭିଡିଓଟି କେବେ ଓ କେଉଁ ପରିସ୍ଥିତିରେ ରେକର୍ଡ କରାଯାଇଛି ଏବଂ ଏଥିରେ ଦେଖାଯାଉଥିବା ଖାଦ୍ୟ ବାସ୍ତବରେ ସମ୍ପୃକ୍ତ ଛାତ୍ରାବାସ ମେସ୍‌ର କି ନୁହେଁ, ତାହା ଅଧିକୃତ ଭାବେ ସ୍ପଷ୍ଟ ହୋଇନାହିଁ । ଛାତ୍ରାବାସ ରେ ରହୁଥିବା କେତେକ ଅନ୍ତେବାସୀଙ୍କ ଅଭିଯୋଗ ଅନୁଯାୟୀ, ଦୀର୍ଘଦିନ ଧରି ମେସର ଖାଦ୍ୟର ମାନକୁ ନେଇ ଅସନ୍ତୋଷ ରହିଛି । ଖାଦ୍ୟର ସ୍ୱାଦ ଓ ଗୁଣବତା ସହ ରନ୍ଧନ ଓ ପରିବେଷଣ ସ୍ଥାନର ପରିଷ୍କାର-ପରିଚ୍ଛନ୍ନତାକୁ ନେଇ ମଧ୍ୟ ପ୍ରଶ୍ନ ଉଠୁଥିବା ସେମାନେ ଦାବି କରିଛନ୍ତି । ଛାତ୍ରଛାତ୍ରୀମାନେ ଛାତ୍ରାବାସ ରେ ରହି ନିୟମିତ ଭାବେ ମେସର ଖାଦ୍ୟ ଉପରେ ନିର୍ଭର କରୁଥିବାରୁ ଏଭଳି ଅଭିଯୋଗ ସ୍ୱାଭାବିକ ଭାବେ ଗୁରୁତ୍ୱ ବହନ କରୁଛି । ଅନ୍ତେବାସୀଙ୍କ ଆଉ ଏକ ଅଭିଯୋଗ ହେଉଛି, ଶିକ୍ଷା ଓ ହଷ୍ଟେଲ ବାବଦରେ ଛାତ୍ରଛାତ୍ରୀଙ୍କଠାରୁ ବହୁ ଅର୍ଥ ଆଦାୟ କରାଯାଉଥିବା ସତ୍ତ୍ୱେ ଖାଦ୍ୟର ମାନ ଓ ପରିଷ୍କାର-ପରିଚ୍ଛନ୍ନତା ପ୍ରତି ଆଶାନୁରୂପ ଧ୍ୟାନ ଦିଆଯାଉନାହିଁ। ଘଟଣା ସମ୍ପର୍କିତ ଭିଡିଓ ସୋସିଆଲ ମିଡିଆରେ ପ୍ରସାରିତ ହେବା ପରେ ଛାତ୍ରାବାସ ରେ ରହୁଥିବା ଛାତ୍ରଛାତ୍ରୀଙ୍କ ଅଭିଭାବକମାନଙ୍କ ମଧ୍ୟରେ ମଧ୍ୟ ଚିନ୍ତା ବଢ଼ିଛି। ନିଜ ସନ୍ତାନମାନେ ଯେଉଁ ଖାଦ୍ୟ ନିୟମିତ ଭାବେ ଖାଉଛନ୍ତି, ତାହାର ଗୁଣବତା ଓ ସୁରକ୍ଷା ନେଇ ସ୍ୱଷ୍ଟତା ରହିବା ଆବଶ୍ୟକ ବୋଲି ଅଭିଭାବକ ମହଲରୁ ଦାବି ହୋଇଛି। ବିଶେଷକରି ଆବାସିକ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ଦୈନନ୍ଦିନ ଖାଦ୍ୟ ବ୍ୟବସ୍ଥା ମେସ ଉପରେ ନିର୍ଭରଶୀଳ ଥିବାରୁ ଖାଦ୍ୟ ପ୍ରସ୍ତୁତିରୁ ପରିବେଷଣ ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ତରରେ ଆବଶ୍ୟକ ସ୍ୱଚ୍ଛତା ଓ ସୁରକ୍ଷା ମାନଦଣ୍ଡ ପାଳନ ହେବା ଜରୁରୀ। ଏଥିରେ ସାମାନ୍ୟ ଅବହେଳା ମଧ୍ୟ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ସମସ୍ୟା ସୃଷ୍ଟି କରିପାରେ ବୋଲି ଅଭିଭାବକମାନେ ମତ ଦେଇଛନ୍ତି । ଏହି ଘଟଣା ପରେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନର ଛାତ୍ରାବାସ ମେସରେ ଅଚାନକ ଯାଂଚ କରାଯିବାକୁ ଦାବି ହୋଇଛି । ଖାଦ୍ୟ ପ୍ରସ୍ତୁତି ସ୍ଥାନ, ରନ୍ଧନଶାଳା, ଖାଦ୍ୟ ସଂରକ୍ଷଣ ବ୍ୟବସ୍ଥା, ବ୍ୟବହୃତ କଂଚାମାଲ, ପାନୀୟ ଜଳର ମାନ, ରନ୍ଧନ ଉପକରଣ ଓ ପରିବେଷଣ ବ୍ୟବସ୍ଥା ଯାଂଚ କରାଯିବା ଆବଶ୍ୟକ ବୋଲି ଦାବି ଉଠିଛି । ଏଥିସହ ମେସରେ କାର୍ଯ୍ୟରତ କର୍ମଚାରୀଙ୍କ ସ୍ୱଚ୍ଛତା ବ୍ୟବସ୍ଥା, ଖାଦ୍ୟ ସଂରକ୍ଷଣ ପ୍ରଣାଳୀ ଓ ରୋଷେଇ ଘରର ନିୟମିତ ପରିଷ୍କାର ହେଉଛି କି ନାହିଁ, ସେନେଇ ମଧ୍ୟ ଯାଂଚ କରାଯିବାକୁ ଦାବି ହୋଇଛି । ଆବଶ୍ୟକ ହେଲେ ଖାଦ୍ୟର ନମୁନା ସଂଗ୍ରହ କରି ପରୀକ୍ଷାଗାରରେ ଯାଞ୍ଚ କରାଯିବା ଦ୍ୱାରା ଅଭିଯୋଗର ବାସ୍ତବତା ସ୍ପଷ୍ଟ ହୋଇପାରିବ ବୋଲି ମଧ୍ୟ ଦାବି ହୋଇଛି । ସହର ଓ ସହର ଉପକଣ୍ଠର ବିଭିନ୍ନ ହୋଟେଲ, ରେଷ୍ଟୁରାଣ୍ଟ ଓ ଖାଦ୍ୟ ବିକ୍ରୟ କେନ୍ଦ୍ରରେ ଖାଦ୍ୟର ମାନ ଯାଂଚ ପାଇଁ ଚଢ଼ାଉ ଓ ନମୁନା ସଂଗ୍ରହ କରାଯାଉଥିବା ବେଳେ ଛାତ୍ରାବାସ ଓ ଶିକ୍ଷାନୁଷ୍ଠାନର ମେସଗୁଡ଼ିକ ମଧ୍ୟ ନିୟମିତ ଯାଂଚ ପରିସରକୁ ଆସିବା ଆବଶ୍ୟକ ବୋଲି ଦାବି ହୋଇଛି । ଛାତ୍ରଛାତ୍ରୀଙ୍କ ଖାଦ୍ୟ ସୁରକ୍ଷା ସହ ସମ୍ପୃକ୍ତ ଥିବାରୁ ଏଭଳି ମେସରେ ମଧ୍ୟ ଖାଦ୍ୟ ସୁରକ୍ଷା ଓ ସ୍ୱଚ୍ଛତା ସମ୍ପର୍କିତ ମାନଦଣ୍ଡ ପାଳନ ହେଉଛି କି ନାହିଁ, ତାହା ଯାଞ୍ଚ କରିବା ଜରୁରୀ ବୋଲି ସାଧାରଣ ମହଲରୁ ମତ ପ୍ରକାଶ ପାଇଛି ।

# ତୃତୀୟ ଦିନରେ ବଢ଼ିଲା ବର୍ଷାର ପରିମାଣ
## ବିପଦ ସଂକେତ ନିକଟରେ ଜଳସ୍ତର, ଚିନ୍ତାରେ ଚାଷୀ



ବେଲଗୁଣ୍ଠା, ୨୫ /୯(ଅକ୍ଷର ଓଡିଶା ): ଅବପାତ ପ୍ରଭାବରେ ବେଲଗୁଣ୍ଠା ଅଞ୍ଚଳରେ ତିନି ଦିନ ଧରି ଲଗାଣ ବର୍ଷା ଜାରି ରହିଛି। ପ୍ରଥମ ଦୁଇ ଦିନ ତୁଳନାରେ ତୃତୀୟ ଦିନରେ ବର୍ଷାର ପରିମାଣ ବୃଦ୍ଧି ପାଇଛି। ପ୍ରଥମ ଦୁଇ ଦିନରେ ମୋଟ ୬୦ ମିଲିମିଟର ବର୍ଷା ହୋଇଥିବାବେଳେ ଗୁରୁବାର ୩୫ ମିଲିମିଟର ବର୍ଷା ରେକର୍ଡ ହୋଇଛି। ଫଳରେ ତିନି ଦିନରେ ମୋଟ ବର୍ଷା ପରିମାଣ ପାଖାପାଖି ୧୦୦ ମିଲିମିଟରରେ ପହଞ୍ଚିଛି ।ଲଗାଣ ବର୍ଷା ଯୋଗୁଁ ବଡ଼ନଦୀରେ ଜଳସ୍ତର ମଧ୍ୟ ବଢ଼ିବାରେ ଲାଗିଛି। ମାଧବରୀଡା ଅନିକଟର ସହକାରୀ ଯନ୍ତ୍ରୀ ସଞ୍ଜୀବ କୁମାର ସାହୁଙ୍କ ସୂଚନାନୁସାରେ, ଅନିକଟର ବିପଦ ସଂକେତ ୬୦.୬୬ ମିଟର ଥିବାବେଳେ ଗୁରୁବାର ଜଳସ୍ତର ୫୯.୪୨ ମିଟରରେ ପହଞ୍ଚିଛି। ନଦୀରେ ପ୍ରାୟ ୪୭୦ କ୍ୟୁମେକ୍ସ ଜଳ ପ୍ରବାହିତ ହେଉଛି। ବର୍ତ୍ତମାନ ଜଳସ୍ତର ବିପଦ ସଂକେତଠାରୁ ତଳେ ରହିଥିବାରୁ ଲୋକେ ଭୟଭୀତ ନହେବାକୁ ବିଭାଗୀୟ ଯନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସହକାରୀ ନିର୍ବାହୀ ଯନ୍ତ୍ରୀ ସନ୍ତୋଷ କୁମାର ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନିକଟ ଓ ନଦୀଜଳ ସ୍ଥିତି ଉପରେ ବିଭାଗ ପକ୍ଷରୁ ତୀକ୍ଷ୍ଣ ନଜର ରଖାଯାଇଛି। ଅନ୍ୟପକ୍ଷରେ ଲଗାଣ ବର୍ଷା ଧାନ ଫସଲକୁ ନେଇ ଚାଷୀଙ୍କ ଚିନ୍ତା ବଢ଼ାଇଛି। ବର୍ତ୍ତମାନ ଧାନ ଗଛରେ ଫୁଲ ଧରିବା ସମୟ ହୋଇଥିବାରୁ ଜମିରେ ଦୀର୍ଘ ସମୟ ପାଣି ଜମି ରହିଲେ ଫସଲ ପ୍ରଭାବିତ ହେବାର ଆଶଙ୍କା ରହିଛି। ଆଗକୁ ବର୍ଷା ପରିମାଣ ବଢ଼ିଲେ ଜମିରୁ ବର୍ଷାଜଳ ନିଷ୍କାସନ କଷ୍ଟକର ହୋଇପାରେ ବୋଲି ଚାଷୀମାନେ ଆଶଙ୍କା କରିଛନ୍ତି। ଦୀର୍ଘ ସମୟ ଧରି ମୂଳରେ ପାଣି ଜମି ରହିଲେ ଧାନ ଗଛର ବୃଦ୍ଧି ଓ ଉତ୍ପାଦନ ପ୍ରଭାବିତ ହୋଇପାରେ।

## ଅନ୍ଧାରରେ ହାତୀର ହଠାତ୍ ଆକ୍ରମଣ
# ଘଟଣାସ୍ଥଳରେ ଚାଷୀଙ୍କ ମୃତ୍ୟୁ



କେସିଙ୍ଗା, ୨୫।୯ (ଅକ୍ଷର ଓଡ଼ିଶା):ଜମିକୁ ଯାଇଥିଲେ ଚାଷୀ। ହେଲେ ଆଉ ଘରକୁ ଫେରିପାରିଲେ ନାହିଁ। ଅନ୍ଧାରରେ ହଠାତ୍ ସାମ୍ନାକୁ ଆସିଥିବା ହାତୀ ଆକ୍ରମଣରେ ଜଣେ ଚାଷୀଙ୍କ ଦୁଃଖଦ ମୃତ୍ୟୁ ଘଟିଛି। କେସିଙ୍ଗା ବନଖଣ୍ଡ ଅଧୀନ ସିରୋଲ ଗ୍ରାମପଞ୍ଚାୟତର ପୋଢ଼ଖମ ଗ୍ରାମରେ ଘଟିଥିବା ଏହି ଘଟଣା ଅଞ୍ଚଳରେ ଶୋକ ଓ ଆତଙ୍କର ବାତାବରଣ ସୃଷ୍ଟି କରିଛି ।ମୃତକ ହେଲେ ପୋଢ଼ଖମ ଗ୍ରାମର ଅକ୍ରୁର ହେର୍ନା (୫୦) ।ସୂଚନା ଅନୁଯାୟୀ, ଗୁରୁବାର ରାତି ପ୍ରାୟ ୯ଟା ସମୟରେ ଅକ୍ରୁର ନିଜ ଜମିକୁ ଯାଇଥିଲେ। ରାତିର ଅନ୍ଧାର ମଧ୍ୟରେ ନିକଟରେ ଥିବା ହାତୀଟିକୁ ସେ ଦେଖିପାରି ନଥିଲେ। ହଠାତ୍ ଜଙ୍ଗଲ ପଟୁ ଏକ ହାତୀ ଦୌଡ଼ି ଆସି ତାଙ୍କ ଉପରେ ଆକ୍ରମଣ କରିଥିଲା। ହାତୀ ତାଙ୍କୁ ଦଳିଦେବାରୁ ଘଟଣାସ୍ଥଳରେ ହିଁ ଅକ୍ରୁରଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି ।ଘଟଣା ଜଣାପଡ଼ିବା ପରେ ପରିବାର ପକ୍ଷରୁ ବନ ବିଭାଗକୁ ସୂଚନା ଦିଆଯାଇଥିଲା। ବିଳମ୍ବିତ ରାତିରେ ମୃତଦେହ ଉଦ୍ଧାର କରାଯାଇ ପ୍ରାୟ ରାତି ୧ଟା ସମୟରେ ଶବ ବ୍ୟବଚ୍ଛେଦ ପାଇଁ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା ।ଅକ୍ରୁରଙ୍କ ପରିବାରରେ ତିନି ଝିଅ ଓ ଜଣେ ପୁଅ ଅଛନ୍ତି। ସେ ପରିବାରର ଏକମାତ୍ର ରୋଜଗାରିଆ ଥିବାରୁ ତାଙ୍କ ଅକାଳ ମୃତ୍ୟୁ ପରେ ପରିବାର ଉପରେ ଆର୍ଥିକ ସଙ୍କଟ ଘନେଇ ଆସିଛି ।ବନପାଳ ଯଶୋବନ୍ତ ନାଏକଙ୍କ ସୂଚନା ଅନୁଯାୟୀ, ସରକାରୀ ନିୟମ ଅନୁସାରେ ହାତୀ ଆକ୍ରମଣରେ ମୃତ୍ୟୁ ଘଟିଥିବା ପରିବାରକୁ ପ୍ରାୟ ୧୦ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ ପାଇଁ ବ୍ୟବସ୍ଥା ରହିଛି। ଅନ୍ୟପଟେ କେସିଙ୍ଗା ତହସିଲଦାର ପ୍ରଶାନ୍ତ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ରେଡକ୍ରସ ପକ୍ଷରୁ ଶୁକ୍ରବାର ମୃତକଙ୍କ ପରିବାରକୁ ତତ୍କାଳ ସହାୟତା ଭାବେ ୩୦ ହଜାର ଟଙ୍କା ପ୍ରଦାନ କରାଯାଇଛି।

# ଯାଜପୁର ରୋଡ୍-ଧାମରା ପ୍ରସ୍ତାବିତ ରେଳପଥ
## ପୂରଣ ହେବାକୁ ଯାଉଛି ଜିଲ୍ଲାବାସୀଙ୍କ ବହୁପ୍ରତୀକ୍ଷିତ ସ୍ୱପ୍ନ



ଯାଜପୁର ୨୫/୦୯ (ଅକ୍ଷର ଓଡ଼ିଶା):ଯାଜପୁରବାସୀଙ୍କ ଦୀର୍ଘଦିନର ବହୁପ୍ରତୀକ୍ଷିତ ରେଳ ସ୍ୱପ୍ନ ସାକାର ହେବା ଦିଗରେ ଆଉ ଏକ ପାଦ ଆଗେଇଛି। ଯାଜପୁର ରୋଡ୍‌ରୁ ଧାମରା ପର୍ଯ୍ୟନ୍ତ ପ୍ରସ୍ତାବିତ ନୂଆ ରେଳପଥ ପ୍ରକଳ୍ପ ଏବେ କାର୍ଯ୍ୟକାରୀ ହେବା ଦିଗରେ ଦ୍ରୁତ ଗତିରେ ଅଗ୍ରସର ହେଉଥିବାରୁ ସମଗ୍ର ଜିଲ୍ଲାବାସୀଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି ।ଏହି ପ୍ରସ୍ତାବିତ ରେଳ ଲାଇନ୍ ନିର୍ମାଣ ହେଲେ ପ୍ରସିଦ୍ଧ ଶକ୍ତିପୀଠ ମା' ବିରଜା ମନ୍ଦିର, ଆରଡ଼ିର ବାବା ଆଖଣ୍ଡଳମଣି ପୀଠ, ବିଶ୍ୱପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନ ଏବଂ ଧାମରା ବନ୍ଦର ଭଳି ପ୍ରମୁଖ ଧାର୍ମିକ, ପର୍ଯ୍ୟଟନ ତଥା ବାଣିଜ୍ୟିକ କେନ୍ଦ୍ରଗୁଡ଼ିକ ସିଧାସଳଖ ଭାରତୀୟ ରେଳ ମାନଚିତ୍ର ସହିତ ଯୋଡ଼ି ହୋଇପାରିବ। ଫଳରେ ସାଧାରଣ ଯାତ୍ରୀ ଯାତାୟାତ ସୁଗମ ହେବା ସହିତ ମାଲ ପରିବହନ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆସିବ ଏବଂ ଅଞ୍ଚଳର ବାଣିଜ୍ୟିକ ତଥା ଶିଳ୍ପ ବିକାଶ ଆହୁରି ତ୍ୱରାନ୍ୱିତ ହେବ ।ଏହି ଗୁରୁତ୍ୱପୂର୍ଣ୍ଣ ରେଳ ପ୍ରକଳ୍ପକୁ କେନ୍ଦ୍ର ରେଳ ମନ୍ତ୍ରଣାଳୟ ଜରିଆରେ ଆଗେଇ ନେବାରେ ତତ୍ପରତା ପ୍ରକାଶ କରିଥିବାରୁ ଯାଜପୁର ସାଂସଦ ଡକ୍ଟର ରବୀନ୍ଦ୍ର ନାରାୟଣ ବେହେରାଙ୍କୁ ଜିଲ୍ଲା ବିଜେପି ପକ୍ଷରୁ କୃତଜ୍ଞତା ଓ ସାଧୁବାଦ ଜ୍ଞାପନ କରାଯାଇଛି। ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ତପନ ନନ୍ଦଙ୍କ ନେତୃତ୍ୱରେ ସାଂସଦଙ୍କ ପ୍ରତିନିଧି କାଳିଙ୍ଗ କେଶରୀ ମହାନ୍ତିଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତା ଓ ନେତୃବୃନ୍ଦ ଏକତ୍ରିତ ହୋଇ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଛନ୍ତି। ଆଗାମୀ ଦିନରେ ଏହି ପ୍ରକଳ୍ପ ସମଗ୍ର ଜିଲ୍ଲା ତଥା ଉପକୂଳ ଓଡ଼ିଶାର ଅର୍ଥନୈତିକ ପ୍ରଗତିରେ ଏକ ଐତିହାସିକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ନେତୃବୃନ୍ଦ ମତବ୍ୟକ୍ତ କରିଛନ୍ତି।

# ଲଗାଣ ବର୍ଷାରେ ଚିତ୍ରକୋଣ୍ଡା ଘାଟି ବନ୍ଦ
## ଭାଲବ ହାଉସ୍‌ରେ ଫସିଲେ ଓଏଚ୍‌ପିସି କର୍ମଚାରୀ, ରାସ୍ତା ସଫେଇରେ ଲାଗିଲା ଜେସିବି



ମାଲକାନଗିରି/ବାଲିମେଳା, ୨୫ /୯(ପ୍ରଦୀପ ରାଉଳ)ଲଗାଣ ବର୍ଷା ଓ ଭୂସ୍ଖଳନ ଆଶଙ୍କା ମଧ୍ୟରେ ବାଲିମେଳା-ଚିତ୍ରକୋଣ୍ଡା ମୁଖ୍ୟ ରାସ୍ତାର ଚିତ୍ରକୋଣ୍ଡା ଘାଟି ରାସ୍ତାକୁ ପ୍ରଶାସନ ପକ୍ଷରୁ ଗତ ୨୩ ତାରିଖ ରାତିରୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ଚିତ୍ରକୋଣ୍ଡା ଛକ ଓ ଟନେଲ କ୍ୟାମ୍ପ ନିକଟରେ ବ୍ୟାରିକେଡ୍ ଲଗାଯାଇ ପୁଲିସ ମୁତୟନ କରାଯାଇଥିବା ବେଳେ ସମସ୍ତ ପ୍ରକାର ଯାନବାହନ ଚଳାଚଳ ଉପରେ କଟକଣା ଜାରି ହୋଇଛି ।ଅନ୍ୟପକ୍ଷରେ ଘାଟି ରାସ୍ତାର ବିଭିନ୍ନ କଜ୍‌ୱେ ଉପରେ ବର୍ଷାଜଳ ଉଚ୍ଚସ୍ତରରେ ପ୍ରବାହିତ ହେଉଥିବାରୁ ସୁରକ୍ଷା ଦୃଷ୍ଟିରୁ ଯାତାୟାତ ବନ୍ଦ ରଖାଯାଇଛି। ଏହି ରାସ୍ତା ଦେଇ ବାଲିମେଳା ଜଳବିଦ୍ୟୁତ କେନ୍ଦ୍ରର କର୍ମଚାରୀମାନେ ଦୈନିକ ଭାଲବ ହାଉସ୍‌କୁ ଯାତାୟାତ କରୁଥିବାରୁ ବର୍ତ୍ତମାନର ପରିସ୍ଥିତି ସେମାନଙ୍କ ଦୈନିକ କାର୍ଯ୍ୟକୁ ପ୍ରଭାବିତ କରିଛି ।ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ବୁଧବାର ରାତିରୁ ହୋଇଥିବା ଲଗାଣ ବର୍ଷା ଓ ପବନ ଯୋଗୁଁ ଭାଲବ ହାଉସ୍ ରାସ୍ତାରେ ମାଟି ଅତଡ଼ା ଖସିବା ସହ ବଡ଼ ବଡ଼ ପଥର ରାସ୍ତା ଉପରେ ପଡ଼ି ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଏଥିସହ କଜ୍‌ୱେ ଉପରେ ବନ୍ୟାଜଳ ପ୍ରବାହିତ ହେବାରୁ ଡ୍ୟୁଟିରେ ଥିବା ଓଏଚ୍‌ପିସି କର୍ମଚାରୀମାନେ ଭାଲବ ହାଉସ୍‌କୁ ଯାତାୟାତ କରିପାରିନଥିବା ଜଣାପଡ଼ିଛି। ଫଳରେ ବୁଧବାରଠାରୁ ସେଠାରେ କିଛି କର୍ମଚାରୀ ଅଟକି ରହିଥିବା ସୂଚନା ମିଳିଛି ।କର୍ମଚାରୀମାନଙ୍କ ଖାଦ୍ୟ ଓ ଆବଶ୍ୟକ ସାମଗ୍ରୀ ଯୋଗାଣ ନେଇ ଓରକେଲ ପୁଲିସ ପକ୍ଷରୁ ବନ୍ଦୋବସ୍ତ କରାଯାଇଥିବା ବେଳେ ଓଏଚ୍‌ପିସି ପକ୍ଷରୁ ଚାଉଳ, ଡାଲି, ଅଣ୍ଡା ସମେତ ଆବଶ୍ୟକୀୟ ରାସନ ସାମଗ୍ରୀ ଭାଲବ ହାଉସ୍‌ରେ ପହଞ୍ଚାଇ ଗଚ୍ଛିତ ରଖାଯାଇଛି। ଏ ସମ୍ପର୍କରେ ଓଏଚ୍‌ପିସି ଏଜିଏମ୍ ମାଟା ଆନନ୍ଦ ରାଓ କହିଛନ୍ତି, ମାଟି ଅତଡ଼ା ଓ ପଥର ଖସି ରାସ୍ତା ଅବରୋଧ ହୋଇଥିଲା। ତୁରନ୍ତ ଜେସିବି ଲଗାଇ ରାସ୍ତା ସଫା କରାଯାଇଛି। ଯାତାୟାତକୁ ସ୍ୱାଭାବିକ କରିବା ପାଇଁ ସମସ୍ତ ପ୍ରୟାସ ଜାରି ରହିଛି। ଆଗାମୀ ପରିସ୍ଥିତିକୁ ଦୃଷ୍ଟିରେ ରଖି କର୍ମଚାରୀମାନଙ୍କ ପାଇଁ ପର୍ଯ୍ୟାପ୍ତ ରାସନ ସାମଗ୍ରୀ ମଧ୍ୟ ମହଜୁଦ ରଖାଯାଇଛି। ତେବେ ପାଣିପାଗ ପରିସ୍ଥିତି ସ୍ୱାଭାବିକ ନହେବା ପର୍ଯ୍ୟନ୍ତ ଘାଟି ରାସ୍ତାରେ ଯାତାୟାତ କରିବାରେ ଲୋକେ ସତର୍କତା ଅବଲମ୍ବନ କରିବା ଆବଶ୍ୟକ।

## ଛାତରୁ ଡ଼େଇଁ ଯୁବକଙ୍କ ଆତ୍ମହତ୍ୟା

ଅନୁଗୋଳ ୨୫/୦୯ (ଅଜିତ )ତାଳଚେର ଦେଖିବାକୁ ମିଳିଛି ଏକ ଅଭାବନୀୟ ଘଟଣା । ତାଳଚେର ବ୍ଲକ ଅନ୍ତର୍ଗତ ପଦ୍ମାବତୀପୁର ଗ୍ରାମର ସୁଧିର ବାରିକ ଡ଼େରା ସ୍ଥିତ ଏକ ଭଡ଼ାଘରେ ରହୁଥିଲେ । ସେ ଆଜି ସକାଳୁ ହଠାତ୍ କୌଣସି କାରଣବଶତଃ ଛାତ ଉପରୁ ତାଳ ଡ଼େଇଁ ଆତ୍ମହତ୍ୟା କରିଥିବା ଘଟଣା ଅଂଚଳରେ ଚାଂଚଲ୍ୟ ସୃଷ୍ଟି କରିଛି । ସେ କାହିଁକି ଏପରି କାଣ୍ଡ ଭିଆଇଲେ ତା ପଛରେ କ'ଣ ଥାଇପାରେ ବୋଲି ସେହି ଅଂଚଳରେ ଚର୍ଚ୍ଚା ହେଉଥିବା ବେଳେ ଖବର ପ୍ରଚାରିତ ହେବା ପରେ ସେଠାରେ ପୋଲିସ୍ ପଂହଚି ଶବକୁ ଜବତ କରିଥିବା ଜଣାପଡ଼ିଛି । ଖବର ଲେଖାହେଲା ବେଳକୁ ଏସମ୍ପର୍କରେ ଅଧିକ କୌଣସି ତଥ୍ୟ ହସ୍ତଗତ ହୋଇନାହିଁ ।

## ବିଦ୍ୟୁତ ଆଘାତରେ ଷଣ୍ଢର ମୃତ୍ୟୁ

ହିଞ୍ଜିଳିକାଟୁ ୨୫/୦୯ (ଅବନି କାନ୍ତ ପଟ୍ଟନାୟକ)ସ୍ଥାନୀୟ ପୌରାଞ୍ଚଳସ୍ଥିତ ପାଟଣା ସାହି ଅଞ୍ଚଳରେ ରାତିରେ ଷ୍ଟ୍ରିଟ ଲାଇଟ ବିଦ୍ୟୁତ ଖୁଣ୍ଟକୁ ଷଣ୍ଢ ଲାଗି ମୃତ୍ୟୁ ବରଣ କରିଛି ।ପୂର୍ବରୁ ଏହା ସ୍ମାର୍ଟ ସାହି ପରିଗଣିତ ହୋଇଥିବା ବେଳେ ବିଦ୍ୟୁତ ତାର ଭୂମି ତଳେ ଯାଇ କୌଣସି କାରଣରୁ ଖୁଣ୍ଟ ନିକଟକୁ ଲାଗି ଛିଡା ହୋଇ ଥିବା ଷଣ୍ଢଟିର ମୃତ୍ୟୁ ଘଟିଛି । ବିଦ୍ୟୁତ ବିଭାଗୀୟ ଅଧିକାରୀମାନେ ପହଞ୍ଚି ଲୋକଙ୍କୁ ସଚେତନ କରିଥିଲେ ।ଲୋକଙ୍କ ମନରେ ଭୟ ସୃଷ୍ଟି ହୋଇଛି ।

## ବାବାଙ୍କ ଦେହାନ୍ତ ଶୋକାକୂଳ ପରିବେଶରେ ଦିଆଗଲା ସମାଧି

ନିଶ୍ଚିନ୍ତକୋଇଲି ୨୫/୦୯(ଅକ୍ଷର ଓଡ଼ିଶା)ନିଶ୍ଚିନ୍ତକୋଇଲି ବ୍ଲକ ବୁହାଲୋ ଗ୍ରାମପଂଚାୟତ ବରପଡା ହରିବୋଲ ମଠର ବାବା ବଂଶୀଧର ଦାସଙ୍କର ଦେହାନ୍ତ ହୋଇଛି। ମୃତ୍ୟୁବେଳକୁ ତାଙ୍କୁ ୭୦ ବର୍ଷ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ମଠରେ ପହଂଚି ତାଙ୍କର ଶେଷ ଦର୍ଶନ କରିଥିଲେ। ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ସମାଧି ଦିଆଯାଇଥିଲା। ତାଙ୍କ ବିୟୋଗରେ ସରପଂଚ ରମାକାନ୍ତ ମହାନ୍ତି , ପ୍ରଶାନ୍ତ କୁମାର ପଣ୍ଡା, ଭାବଗ୍ରାହି ପଣ୍ଡା , ଆଶିଷ କୁମାର ସାହୁ, ମାନସ କୁମାର ସାହୁ, ପ୍ରମୋଦ କୁମାର ସାହୁ, ରଞ୍ଜନ କୁମାର ଓଝା,ଲକ୍ଷ୍ମୀଧର ଦାସ,ପୂର୍ବତନ ସମିତି ସଭ୍ୟ ନିଗମ ପ୍ରସାଦ ଭଙ୍ଗ ,ଭାସ୍କର ସାହୁ, ସାରଦା ମହାପାତ୍ର ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଗଭୀର ଶୋକବ୍ୟକ୍ତ କରିଛନ୍ତି।





### ◆ କମଲଜିତ-ସୁରୁଚିଙ୍କୁ ସ୍ୱର୍ଣ୍ଣ

# ପୁରୁଷ ୫୦ ମିଟର ରାଇଫଲ୍ ୩ ପୋଜିସନ୍ ଦଳକୁ ରୌପ୍ୟ





ଆଇଚି, ୨୫/୦୯ : ଚଳିତ ଏସୀୟ କ୍ରୀଡ଼ାରେ ଶୁକ୍ରବାର ବନ୍ଧୁକଚାଳନାରୁ ଭାରତକୁ ଯୁଗଳ ଖୁସି ମିଳିଛି। ୧୦ ମିଟର ଏୟାର ପିସ୍ତଲ ମିଶ୍ରିତ ଯୋଡ଼ି କମଲଜିତ ଓ ସୁରୁଚି ସିଂହ ଏସୀୟ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ଜିତିଥିଲା ବେଳେ ପୁରୁଷ ୫୦ ମିଟର ରାଇଫଲ ୩ ପୋଜିସନ୍ ଦଳକୁ ରୌପ୍ୟ ମିଳିଛି। ଚଳିତ ଏସୀୟ କ୍ରୀଡ଼ା ବନ୍ଧୁକଚାଳନାରେ ଭାରତର ପ୍ରଥମ ଏବଂ ମୋଟ ଉପରେ ଦ୍ୱିତୀୟ ସ୍ୱର୍ଣ୍ଣ। ପୂର୍ବରୁ ମହିଳା କ୍ରିକେଟ୍ ଦଳ ଭାରକୁ ପ୍ରଥମ ସ୍ୱର୍ଣ୍ଣ ପଦକ ଭେଟି ଦେଇଥିଲା।

ବ୍ୟକ୍ତିଗତ ବର୍ଗରେ ନିରାଶ ହୋଇଥିବା କମଲଜିତ ଓ ସୁରୁଚି ଶୁକ୍ରବାର ମିଶ୍ରିତ ଯୁଗଳରେ ଚମତ୍କାର ପ୍ରତ୍ୟାବର୍ତ୍ତନ କରିଥିଲେ। ୪ ଜଣିଆ ଫାଇନାଲ୍‌ରେଏହି ଭାରତୀୟ ଯୋଡ଼ି (୪୮୪.୬ ସଟ୍) ଏସୀୟ ରେକର୍ଡ ସହ ସ୍ୱର୍ଣ୍ଣ ପଦକ କରାୟତ୍ତ କରିଥିଲେ। ପୂର୍ବରୁ ଏସୀୟ ରେକର୍ଡ ଉଜବେକିସ୍ତାନର ମୁଖାମ୍ମଦ କାମାଲେଭା ଓ ନିଗିନା ସୟଦକୁଲୋଭା (୪୮୧.୩)ଙ୍କ ନାମରେ ଥିଲା। ଭାରତୀୟ ଯୋଡ଼ିଙ୍କଠୁ ୬.୬ ସଟ୍ ପଛରେ ରହି ଦକ୍ଷିଣ କୋରିଆର ସୁହିଓନ୍ ହଙ୍ଗ ଓ ଜାଏଉନ୍ ଚୋ (୪୭୮.୦) ରୌପ୍ୟ ଜିତିଥିଲେ। ଇରାନର ବାହିଦ ଗୋଲଖାନ୍ଦନ ଓ ହାନିୟେ ରୋଷ୍ଟାମିୟାଁ (୪୧୫.୮) କାଂସ୍ୟ ଜିତିଥିଲେ।

ଯୋଗ୍ୟତା ପର୍ଯ୍ୟାୟରେ କମଲଜିତ ଓ ସୁରୁଚି ୫୮୭ (୨୯ ଇନର୍ ୧୦ଏସ୍) ସ୍କୋର୍ ସହ ଶୀର୍ଷ ସ୍ଥାନ ଅଧିକାର କରିଥିଲେ। ଏଥିରେ ମଧ୍ୟ ଏହି ଭାରତୀୟ ଯୋଡ଼ି ନିଜ ଦେଶର ସରବଜୋତ ସିଂହ ଓ ଦିବ୍ୟା ସୁବାରାଜୁ (୫୭୭)ଙ୍କ ନାମରେ ଥିବା ଏସୀୟ କ୍ରୀଡ଼ା ଯୋଗ୍ୟତା ପର୍ଯ୍ୟାୟ ରେକର୍ଡ ଭାଙ୍ଗିଥିଲେ। ସରବଜୋତ ଓ ଦିବ୍ୟା ୨୦୨୩ ହାଙ୍ଗଝୌରେ ଏହି ରେକର୍ଡ କରିଥିଲେ। କମଲଜିତ ଓ ସୁରୁଚି ମଧ୍ୟ ୨୦୨୧ରେ ସୌରଭ ଚୌଧୁରୀ ଓ ମନୁ ଭାକରଙ୍କ ଏସୀୟ ରେକର୍ଡର ସମକକ୍ଷ ହୋଇଥିଲେ। ଯୋଗ୍ୟତା ପର୍ଯ୍ୟାୟରେ ଇରାନ (୫୮୪), କୋରିଆ (୫୮୨) ଓ ଇଣ୍ଡୋନେସିଆ (୫୮୦) ଯଥାକ୍ରମେ ଦ୍ୱିତୀୟରୁ ଚତୁର୍ଥ ସ୍ଥାନରେ ରହି ଭାରତ ସହ ପଦକ ଦୌଡ଼ରେ ସାମିଲ ହୋଇଥିଲେ। ୫୦ ମିଟର ରାଇଫଲ ୩ ପୋଜିସନ୍‌ରେ ଐଶ୍ୱର୍ଯ୍ୟ ପ୍ରତାପ ସିଂହ ତୋମାର, ରୁଦ୍ରାକ୍ଷ ପାଟିଲ ଓ ନୀରଜ କୁମାରଙ୍କୁ ନେଇ ଗଠିତ ଭାରତୀୟ ଦଳ ୧୭୬୨ ସ୍କୋର୍ ସହ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ଜିତିଥିଲା। ଚୀନ୍ (୧୭୬୬) ସ୍ୱର୍ଣ୍ଣ ଓ କୋରିଆ (୧୭୫୧) କାଂସ୍ୟ ପାଇଥିଲେ। ତୋମାର (୫୮୯) ଓ ନୀରଜ (୫୮୮) ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନରେ ବ୍ୟକ୍ତିଗତ ଫାଇନାଲ୍‌ରେ ପହଞ୍ଚିଛନ୍ତି। ରୁଦ୍ରାକ୍ଷ (୫୮୫) ନବମ ସ୍ଥାନରେ ରହି ଫାଇନାଲ୍‌ରୁ ଅଳ୍ପକେ ବଞ୍ଚିତ ହୋଇଥିଲେ।

# ଭାରତୀୟ ମହିଳା ଦଳ ସେମିର ନିକଟତର





ଗିଫୁ, ୨୫/୦୯ : ଭାରତୀୟ ମହିଳା ହକି ଦଳ ଚଳିତ ଏସୀୟ କ୍ରୀଡ଼ାରେ ଲଗାତାର ୪ ବିଜୟ ସହ ସେମିଫାଇନାଲ୍‌ର ନିକଟତର ହୋଇଛି। ଗ୍ରୁପ୍-ବିରେ ଉଜବେକିସ୍ତାନକୁ ୧୯-୦, ଇଣ୍ଡୋନେସିଆକୁ ୧୭-୧ ଓ ଥାଇଲାଣ୍ଡକୁ ୨୦-୧ରେ ହରାଇଥିବା ଭାରତ ଶୁକ୍ରବାର ନିଜର ଚତୁର୍ଥ ମ୍ୟାଚ୍‌ରେ ଆୟୋଜକ ଜାପାନକୁ ୩-୧ ଗୋଲ୍‌ରେ ପରାସ୍ତ କରିଛି। ମ୍ୟାଚ୍‌ର ପଞ୍ଚମ ମିନିଟ୍‌ରେ ଲାଲରେମସିଆମିଙ୍କ ଫିଲ୍ଡ ଗୋଲ୍‌ରେ ଭାରତ ପ୍ରାରମ୍ଭିକ ଅଗ୍ରଣୀ ନେଇଥିଲା। ପ୍ରଥମ କ୍ୱାର୍ଟର ୧-୦ରେ ଶେଷ ହେବା ପରେ ଦ୍ୱିତୀୟ କ୍ୱାର୍ଟରର ଶେଷ ମିନିଟ୍‌ରେ ଭାରତକୁ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ଗୋଲ୍‌ରେ ପରିଣତ କରି ଈଶିକା (୩୦ ମିନିଟ୍) ଦଳକୁ ୨-୦ରେ ଆଗରେ ରଖିଥିଲେ। ତୃତୀୟ କ୍ୱାର୍ଟରରେ ନବନୀତ କୌର (୩୬ ମିନିଟ୍)ଙ୍କ ଫିଲ୍ଡ ଗୋଲ୍‌ରେ ଭାରତ ସ୍ଥିତି ୩-୦ କରିଥିଲା। ହେଲେ ଚତୁର୍ଥ କ୍ୱାର୍ଟର ଆରମ୍ଭରୁ ଜାପାନର ଶିହୋ କୋବାୟାକାୱା (୪୬ ମିନିଟ୍) ଗୋଟିଏ ଗୋଲ୍ ଶୁଝି ପରାଜୟ ବ୍ୟବଧାନକୁ କମାଇଥିଲେ। ସଂପ୍ରତି ୧୨ ପଏଣ୍ଟ ସହ ଟେବୁଲ ଶୀର୍ଷରେ ଥିବା ଭାରତ ରବିବାର ଶେଷ ଗ୍ରୁପ୍ ମ୍ୟାଚ୍‌ରେ ସିଙ୍ଗାପୁରକୁ ଭେଟିବ।

# ମନୁଷ-ଦିୟାଙ୍କୁ ଟେବୁଲ ଟେନିସ୍‌ରେ କାଂସ୍ୟ





**ଏସୀୟ କ୍ରୀଡ଼ା ୨୦୨୬**

ନାଗୋୟା, ୨୫/୦୯: ଚଳିତ ଏସୀୟ କ୍ରୀଡ଼ାରେ ଭାରତୀୟ ମିଶ୍ରିତ ଯୁଗଳ ଟେବୁଲ ଟେନିସ୍ (ଟିଟି) ଯୋଡ଼ି ମନୁଷ ଶାହ ଓ ଦିୟା ଚିତାଲେ କାଂସ୍ୟ ପଦକ ଜିତିଛନ୍ତି। ଶୁକ୍ରବାର ସେମିଫାଇନାଲ୍‌ରେ ଏହି ଭାରତୀୟ ଯୋଡ଼ି ୦-୪ (୮-୧୧, ୫-୧୧, ୮-୧୧, ୨-୧୧ )ରେ ଚୀନ୍‌ର ସୁନ୍ ୟିଙ୍ଗଶା ଓ ୱାଙ୍ଗ ଚୁକ୍‌ବିନ୍‌ଙ୍କଠୁ ହାରିଯାଇଥିଲେ। ଏଥିସହ ମନୁଷ ଓ ଦିୟା ଦ୍ୱିତୀୟ ଭାରତୀୟ ମିଶ୍ରିତ ଯୁଗଳ ଯୋଡ଼ି ଭାବେ ଏସୀୟ କ୍ରୀଡ଼ାରେ ପଦକ ଜିତିବାର ଗୌରବ ପାଇଛନ୍ତି। ପୂର୍ବରୁ ଶରତ କମଲ ଓ ମନିକା ବାତ୍ରା ୮ ବର୍ଷ ତଳେ ଜାକର୍ତ୍ତାରେ କାଂସ୍ୟ ଜିତିଥିଲେ। ଶୁକ୍ରବାର ସକାଳେ କ୍ୱାର୍ଟରଫାଇନାଲ୍‌ରେ ମନୁଷ ଓ ଦିୟା ୩-୧ (୧୧-୬, ୧୩-୧୫, ୧୧-୯, ୧୧-୫)ରେ ବିଶ୍ୱର ୪ ନମ୍ବର ହଂକଂ ଯୋଡ଼ି ୱୁ ହୋଇ କେମ୍ ଓ ୱଙ୍ଗ ଚୁନ୍ ଟିଙ୍ଗ୍‌ଙ୍କୁ ପରାସ୍ତ କରିଥିଲେ। ପୁରୁଷ ଏକକରେ ମନୁଷ ୪-୦ରେ ଇରାନର ବେନ୍ୟାମିନ ଫରାଜିଙ୍କୁ ଏବଂ ମହିଳା ଏକକରେ ଯଶସ୍ୱିନୀ ୪-୧ରେ ସିରିଆର ହେଣ୍ଡ ଜାଜାଙ୍କୁ ହରାଇ ରାଉଣ୍ଡ ୧୬ରେ ପହଞ୍ଚିଛନ୍ତି।

### ଭାରତର ଉଭୟ ପୁରୁଷ ଓ ମହିଳା କବାଡ଼ି ଦଳ

# ଯୁଗଳ ସ୍ୱର୍ଣ୍ଣ ଦୌଡ଼ରେ ଭାରତ



ଆଇଚି, ୨୫/୦୯ :ଭାରତର ଉଭୟ ପୁରୁଷ ଓ ମହିଳା କବାଡ଼ି ଦଳ ଫାଇନାଲ୍‌ରେ ପହଞ୍ଚି ଦେଶ ପାଇଁ ୨ ସ୍ୱର୍ଣ୍ଣ ପଦକ ଜିତିବାର ଆଶା ସଞ୍ଚାର କରିଛନ୍ତି। ଗ୍ରୁପ୍ ପର୍ଯ୍ୟାୟରେ ଅପରାଜେୟ ଥିବା ଭାରତୀୟ ପୁରୁଷ ଓ ମହିଳା ଦଳ ନିଜ ନିଜ ସେମିଫାଇନାଲ୍ ମ୍ୟାଚ୍‌କୁ ସହଜରେ ଜିତି ସ୍ୱର୍ଣ୍ଣ ଦୌଡ଼ରେ ସାମିଲ ହୋଇଛନ୍ତି। ୮ ସ୍ୱର୍ଣ୍ଣ ବିଜେତା ପୁରୁଷ ଦଳ ଶୁକ୍ରବାର ସେମିଫାଇନାଲ୍‌ରେ ଥାଇଲାଣ୍ଡକୁ ୬୬-୨୮ରେ ପରାସ୍ତ କରିଛି। ମ୍ୟାଚ୍ ଆରମ୍ଭରୁ ଭାରତ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲା। ଦଳର ରେଡରମାନେ ଲଗାତାର ବୋନସ୍ ପଏଣ୍ଟ ହାସଲ କରି ଥାଇଲାଣ୍ଡକୁ ଚାପରେ ରଖିଥିଲେ। ଦେବାଙ୍କ ଦଲାଲଙ୍କ ଚମତ୍କାର ପ୍ରଦର୍ଶନ ଯୋଗୁଁ ଭାରତ ଆରମ୍ଭରୁ ଥାଇଲାଣ୍ଡକୁ ଅଲ୍‌ଆଉଟ୍ କରି ଦେଇଥିଲା। ଏହାପରେ ଭାରତକୁ ଥାଇଲାଣ୍ଡ ଅଲ୍‌ଆଉଟ୍ କରି ମ୍ୟାଚ୍‌କୁ ଫେରିଥିଲା। ପ୍ରଥମାର୍ଦ୍ଧର ଶେଷ ସମୟରେ ଭାରତ ପୁଣି ଥରେ ଥାଇଲାଣ୍ଡକୁ ଅଲ୍‌ଆଉଟ କରି ୩୭-୧୮ରେ ଆଗୁଆ ହୋଇଥିଲା। ଦ୍ୱିତୀୟାର୍ଦ୍ଧରେ ଦେବାଙ୍କ ଚମକରେ ପୁଣି ଥରେ ଥାଇଲାଣ୍ଡକୁ ଅଲ୍‌ଆଉଟ୍ କରିବାକୁ ଭାରତ ସକ୍ଷମ ହୋଇଥିଲା। ଶେଷରେ ଭାରତ ୬୬-୨୮ରେ ଥାଇଲାଣ୍ଡକୁ ମାତ୍ ଦେଇ ନବମ ସ୍ୱର୍ଣ୍ଣ ପଦକ ଦିଗରେ ଆଉ ଗୋଟିଏ ପାଦ ବଢ଼ାଇଥିଲା। ଭାରତର ୬୬ ପଏଣ୍ଟ ୪୩ ଆଉଟ୍, ୧୫ ବୋନସ ଓ ୮ ଅଲ୍‌ଆଉଟ୍‌ରୁ ଆସିଥିଲା। ସେହିଭଳି ଥାଇଲାଣ୍ଡ ୨୦ ଆଉଟ୍, ୫ ବୋନସ, ୨ ଅଲ୍‌ଆଉଟ୍ ସହ ମୋଟ ୨୮ ପଏଣ୍ଟ ପାଇଥିଲା। ସେହିପରି ମହିଳା ଦଳ ୪୮-୨୪ରେ ନେପାଳକୁ ପରାସ୍ତ କରିଥିଲା। ଭାରତୀୟ ରେଡର୍‌ଙ୍କ ଚମତ୍କାର ପ୍ରଦର୍ଶନ ଯୋଗୁଁ ଭାରତ ୩ ଥର ନେପାଳକୁ ଅଲ୍‌ଆଉଟ୍ କରିବା ସହ ୩୫ ଆଉଟ୍ ପଏଣ୍ଟ ଅର୍ଜନ କରିଥିଲା। ହେଲେ ନେପାଳ ମାତ୍ର ୧୮ ଆଉଟ୍ ପଏଣ୍ଟ ପାଇଥିଲା। ପ୍ରଥମାର୍ଦ୍ଧରେ ୨୩ ଆଉଟ୍ ଓ ୪ ବୋନସ ଓ ୨ ଅଲ୍‌ଆଉଟ୍‌ରୁ ୩୧ ପଏଣ୍ଟ ପାଇଥିଲା। ନେପାଳ ୧୩ ଟଚ୍, ଗୋଟିଏ ସୁପର ଟ୍ୟାକଲ୍ ସହ ୧୭ ପଏଣ୍ଟ ପାଇଥିଲା। ଦ୍ୱିତୀୟାର୍ଦ୍ଧରେ ଗୋଟିଏ ଅଲ୍‌ଆଉଟ୍ ସହ ୧୭ ପଏଣ୍ଟ ଯୋଡ଼ି ମ୍ୟାଚକୁ ୪୮-୨୪ରେ ଭାରତ ଜିତିଥିଲା।

# ସ୍କ୍ୱାସ୍‌ରୁ ୩ ପଦକ ପକ୍କା

ନାଗୋୟା, ୨୫/୦୯ : ଚଳିତ ଏସୀୟ କ୍ରୀଡ଼ାରେ ଭାରତୀୟ ସ୍କ୍ୱାସ୍ ଖେଳାଳି ୩ ପଦକ ପକ୍କା କରିଛନ୍ତି। ଜ୍ୟୋତ୍ସ୍ନା ଚିନାପ୍ପା-ଭେଲାଭାନ ସେନ୍ଥିଲକୁମାର ମିଶ୍ରିତ ଯୁଗଳ, ଅନାହାତ ସିଂହ ଓ ଅଭୟ ସିଂହ ଏକକ ସେମିଫାଇନାଲ୍‌ରେ ପହଞ୍ଚି ଅତିକମ୍‌ରେ କାଂସ୍ୟ ପଦକ ନିଶ୍ଚିତ କରିଛନ୍ତି। ଶୁକ୍ରବାର ମିଶ୍ରିତ ଯୁଗଳ କ୍ୱାର୍ଟରଫାଇନାଲ୍‌ରେ ରେକର୍ଡ ସପ୍ତମ ଏସୀୟ କ୍ରୀ ?ାରେ



ଅଂଶଗ୍ରହଣ କରିଥିବା ଜ୍ୟୋତ୍ସ୍ନା ଓ ତାଙ୍କ ସାଥୀ ଭେଲାଭାନ ୧୧-୩, ୧୧-୫ରେ ଫିଲିପାଇନ୍ସର ଡେଭିଡ୍ ପେଲିନୋ ଓ ଜେମିକା ଆରିବାଡ଼ୋଙ୍କୁ ହରାଇଥିଲେ। ଶନିବାର ଏହି ଭାରତୀୟ ଯୋଡ଼ି ସେମିଫାଇନାଲ୍‌ରେ ହଂକଂର ୟୋ କା ଲି ଓ ମିଙ୍ଗ ହଙ୍ଗ ଟାଙ୍ଗଙ୍କୁ ଭେଟିବେ। ୪୦ ବର୍ଷୀୟା ଜ୍ୟୋତ୍ସ୍ନା ଏସୀୟ କ୍ରୀଡ଼ାରେ ୨ ରୌପ୍ୟ ଓ ୩ କାଂସ୍ୟ ପଦକ ଜିତି ସାରିଛନ୍ତି। ଏବେ ସେ ୨୮ ବର୍ଷୀୟ ଭେଲାଭାନଙ୍କ ସହ ସ୍ୱର୍ଣ୍ଣ ଲକ୍ଷ୍ୟରେ ରହିଛନ୍ତି। ୨୦୦୨ ବୁସାନ ଏସୀୟ କ୍ରୀଡ଼ାରେ ପଦାର୍ପଣ କରିଥିବା ଜ୍ୟୋତ୍ସ୍ନା ୨୦୧୮ରେ ଏକକ ବର୍ଗରେ କାଂସ୍ୟ ଜିତିଥିଲେ। ୨୦୧୪ ଓ ୨୦୧୮ରେ ରୌପ୍ୟ ଏବଂ ୨୦୧୦ ଓ ୨୦୨୨ କାଂସ୍ୟ ବିଜେତା ଭାରତୀୟ ଦଳରେ ସେ ସଦସ୍ୟ ରହିଥିଲେ। କ୍ୱର୍ଟର ଫାଇନାଲ୍‌ରେ ଅନାହାତ ଅନ୍ୟପକ୍ଷରେ ଦୁଇ ଭାରତୀୟଙ୍କ ମଧ୍ୟରେ ଖେଳାଯାଇଥିବା ମହିଳା ଏକକ କ୍ୱାର୍ଟରଫାଇନାଲ୍‌ରେ ଅନାହାତ ୧୧-୨, ୧୧-୫, ୧୧-୩ରେ ତନ୍ୱୀ ଖାନ୍ନାଙ୍କୁ ପରାସ୍ତ କରିଥିଲେ। ସେମିଫାଇନାଲ୍‌ରେ ସେ ହାଙ୍ଗଝୌ କାଂସ୍ୟ ବିଜୟନୀ ବିଶ୍ୱର ୬ ନମ୍ବର ଖେଳାଳି ସାତୋମି ୱାତାନାବେଙ୍କୁ ଭେଟିବେ। ପୁରୁଷ ଏକକରେ ଅଭୟ ୧୧-୪, ୧୧-୩, ୧୧-୬ରେ ଜାପାନର ରିଓନୋସୁକେ ଟିସୁକୋଏଙ୍କୁ ହରାଇଥିଲେ। ଅଭୟ ସେମିଫାଇନାଲ୍‌ରେ ପାକିସ୍ତାନର ଇର୍ଫାନ ମୁହାମ୍ମଦଙ୍କୁ ଭେଟିବେ। ଇର୍ଫାନ ଭାରତର ବୀର ଚୋଟରାଣୀଙ୍କୁ ୬-୧୧, ୧୧-୮, ୧୧-୩, ୧୧-୩ରେ ହରାଇଥିଲେ।

# ବାତ୍ୟା କ୍ଷତିଗ୍ରସ୍ତ ପରିବାର ପାଖରେ ଓଏମଡବ୍ଲ୍ୟୁୟୁ : ଆର୍ଥିକ ସହାୟତା ପ୍ରଦାନ





ଯାଜପୁର,୨୫/୦୯ (ଅକ୍ଷର ଓଡ଼ିଶା):ବାତ୍ୟା 'ଅର୍ଣ୍ଣବ'ରେ ସର୍ବସ୍ୱ ହରାଇଥିବା କ୍ଷତିଗ୍ରସ୍ତ ପରିବାରଙ୍କ ସହାୟତା ପାଇଁ ଆଗେଇ ଆସିଛି ଓଡ଼ିଶା ମାଇନିଂ ୱାର୍କର୍ସ ୟୁନିୟନ । ମନ୍ତ୍ରୀ ଡକ୍ଟର ପ୍ରଦୀପ ବଳସାମନ୍ତଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶକ୍ରମେ ଗୁରୁଜଙ୍ଗ ଗ୍ରାମର ବାତ୍ୟା ପ୍ରଭାବିତ ପରିବାର ନିକଟରେ ୟୁନିୟନର ପ୍ରତିନିଧି ଦଳ ପହଞ୍ଚି ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି। ସୂଚନା ଅନୁଯାୟୀ, କାଳିଆପାଣି ପଞ୍ଚାୟତ ଅନ୍ତର୍ଗତ ଗୁରୁଜଙ୍ଗ ଗ୍ରାମର କୃଷ୍ଣ ମହାରଣାଙ୍କ ପରିବାର ନିକଟରେ ଓଏମଡବ୍ଲ୍ୟୁୟୁର କାର୍ଯ୍ୟକାରୀ ସଭାପତି ନାରାୟଣ ଚନ୍ଦ୍ର ଧୀରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ପହଞ୍ଚିଥିଲେ। ବାତ୍ୟା ଯୋଗୁଁ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଥିବା ଏହି ପରିବାରର ଦୁଃଖ ବୁଝିବା ସହ ସେମାନଙ୍କୁ ତୁରନ୍ତ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଥିଲା।ଏହି କାର୍ଯ୍ୟକ୍ରମରେ ଓଏମଡବ୍ଲ୍ୟୁୟୁ ଅଫିସ୍ ସଚିବ ଲମ୍ବୋଦର ମହାନ୍ତ, ରାଁସୋଳ ପଞ୍ଚାୟତର ସଭାପତି ନରୋତ୍ତମ ମହାନ୍ତ , ସମାଜସେବୀ ବୈକୁଣ୍ଠ ମହାନ୍ତ, ଅଶୋକ ପ୍ରଧାନ, ଦେବେନ୍ଦ୍ର ମହାନ୍ତ, ବାବୁ ସିଂହଙ୍କ ସମେତ ୟୁନିୟନର ବହୁ ନେତୃବୃନ୍ଦ ଓ କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ। ଦୁର୍ଦ୍ଦିନରେ ସହାୟତାର ହାତ ବଢ଼ାଇଥିବାରୁ ସ୍ଥାନୀୟ ଅଞ୍ଚଳବାସୀ ଓଡ଼ିଶା ମାଇନିଂ ୱାର୍କର୍ସ ୟୁନିୟନ ଏବଂ ମନ୍ତ୍ରୀଙ୍କ ଏହି ପଦକ୍ଷେପକୁ

# ରାଜ୍ୟସ୍ତରୀୟ WUSHU ପ୍ରତିଯୋଗିତାରେ ବାରଗୌଣିଆ ହାଇସ୍କୁଲ ଛାତ୍ରଙ୍କ ସଫଳତା





ବନ୍ତଲା, ୨୫/୦୯ (ଯୋଗେନ୍ଦ୍ର ସାହୁ) ଅନୁଗୋଳ ଜିଲ୍ଲା ବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତାରେ ଅନୁଗୋଳ ବ୍ଲକର ବାରଗୌଣିଆ ଗ୍ରାମ ପଞ୍ଚାୟତ ହାଇସ୍କୁଲର ଛାତ୍ରମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। କେନ୍ଦୁଝର ଜିଲ୍ଲାର ବଡ଼ବିଲଠାରେ ଅନୁଷ୍ଠିତ ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ବିଦ୍ୟାଳୟର ଚାରିଜଣ ଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ର ଶୁଭମ୍ ସାହୁ ନିଜର ଉତ୍କୃଷ୍ଟ ପ୍ରଦର୍ଶନ ବଳରେ ଜାତୀୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ତାଙ୍କ ଏହି ସଫଳତାରେ ବିଦ୍ୟାଳୟ ସମେତ ସମଗ୍ର ଅଞ୍ଚଳ ଓ ଜିଲ୍ଲା ପାଇଁ ଗୌରବ ଆସିଛି। ସେହିପରି ବିଦ୍ୟାଳୟର ଅନ୍ୟ ଛାତ୍ର ସୁଭାସିସ ଦେହୁରୀ ମଧ୍ୟ ନିଜର ପ୍ରତିଭା ପ୍ରଦର୍ଶନ କରି ବ୍ରୋଞ୍ଜ ମେଡାଲ ହାସଲ କରିଛନ୍ତି। ଦୁଇ ଛାତ୍ରଙ୍କ ସଫଳତା ପରେ ବିଦ୍ୟାଳୟରେ ଖୁସିର ମାହୋଲ ସୃଷ୍ଟି ହୋଇଛି।ଛାତ୍ରମାନଙ୍କ ଏହି ସଫଳତା ପାଇଁ ବିଦ୍ୟାଳୟର ଶିକ୍ଷକ, ଅଭିଭାବକ ଓ ଅଞ୍ଚଳବାସୀ ଶୁଭେଚ୍ଛା ଜଣାଇବା ସହ ଆଗାମୀ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଶୁଭମ୍ ସାହୁ ଉତ୍କୃଷ୍ଟ ପ୍ରଦର୍ଶନ କରି ଅଞ୍ଚଳର ନାମ ଉଜ୍ଜ୍ୱଳ କରିବେ ବୋଲି ଆଶା ପ୍ରକାଶ କରିଛନ୍ତି।

# ଲଗାଣ ବର୍ଷାରେ ଭାଙ୍ଗିଲା ଗରିବର ଘର, ସରକାରୀ ସହାୟତା ପାଇଁ ଦାବି



ରାୟଗଡା , ୨୫/୦୯ (କୈଳାସ ସାଇଁ): ରାୟଗଡା ଜିଲ୍ଲା ବିଷମ କଟକ ବ୍ଲକ ଚାଞ୍ଚରାଗୁଡା ପଞ୍ଚାୟତ ନୁଆଁଗାଁ ଗ୍ରାମରେ ଲଗାଣ ବର୍ଷାର ତାଣ୍ଡବ ଦେଖିବାକୁ ମିଳିଛି ।ଲଗାଣ ବର୍ଷା ଯୋଗୁଁ ଗ୍ରାମର କଣ୍ଠ ଟାକ୍ରୀଙ୍କ କଚ୍ଛା ଘରର କାନ୍ଥ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ଘର ଭିତରେ ଥିବା ତିନି ଜଣ ଅଳ୍ପକେ ବର୍ତି ଯାଇଛନ୍ତି। ମୁଣ୍ଡ ଗୁଞ୍ଜିବାକୁ ଥିବା ଏକମାତ୍ର ଆଶ୍ରୟସ୍ଥଳୀ ବିପଦସଙ୍କୁଳ ହୋଇପଡ଼ିଥିବା ବେଳେ ପରିବାର ଏବେ ଖୋଲା ଆକାଶ ତଳେ ରହିବାକୁ ବାଧ ହୋଇଛି ।କଣ୍ଠ ଟାକ୍ରୀ ଗରିବ ଓ ନିଃସହାୟ ହୋଇଥିବାରୁ ନିଜ ଖର୍ଚ୍ଚରେ ଘର ମରାମତି କରିବା ତାଙ୍କ ପକ୍ଷେ ସମ୍ଭବ ନୁହେଁ। ଲଗାଣ ବର୍ଷା ଲାଗି ରହିଥିବାରୁ ଭଙ୍ଗା ଘରେ ରହିବା ଅତ୍ୟନ୍ତ ବିପଦପୂର୍ଣ୍ଣ ହୋଇପଡ଼ିଛି ।ତେଣୁ ସ୍ଥାନୀୟ ପ୍ରଶାସନ ତଥା ରାଜସ୍ୱ ବିଭାଗ ତୁରନ୍ତ କ୍ଷୟକ୍ଷତିର ଆକଳନ କରି ଉପଯୁକ୍ତ ସରକାରୀ ସହାୟତା ଏବଂ ଆବାସ ଯୋଜନାରେ ପକ୍କା ଘର ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ସେବା ସଂକଳ୍ପ ଅଭିଯାନ-୨୦୨୬

# ୧୩୧ ଗ୍ରାମ ପଞ୍ଚାୟତରେ ରୋପଣ ହେଲା ୯୧,୭୦୦ ବୃକ୍ଷ



ନୂଆପଡ଼ା, ୨୫/୦୯( ଅକ୍ଷର ଓଡିଶା ) 'ସେବା ସଂକଳ୍ପ ଅଭିଯାନ-୨୦୨୬' ଅନ୍ତର୍ଗତ 'ଏକ ପେଡ୍ ମା' କେ ନାମ୍ ୩.୦' କାର୍ଯ୍ୟକ୍ରମ ଅବସରରେ ନୂଆପଡ଼ା ବ୍ଲକର ଡୁମେରପାଣି ଗ୍ରାମ ପଞ୍ଚାୟତରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାପାଳ ମଧୁସୂଦନ ଦାଶ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଅତିରିକ୍ତ ମୁଖ୍ୟ ନିର୍ବାହୀ ଅଧିକାରୀ ଖ୍ୟାମାନିଧି ଭୋଇଙ୍କ ସମେତ ନୂଆପଡ଼ା ବ୍ଲକ ଅଧକ୍ଷା ତାରେଶ୍ୱରୀ ସାହୁ, ଜିଲ୍ଲା ପରିଷଦ ସଦସ୍ୟା ଉମା ଠାକୁର, ସମିତି ସଭ୍ୟ ଚୂରଣ ମାଝୀ, ସରପଞ୍ଚ ଟେକରାମ ସାହୁ ଓ ବିଡିଓ ରୋହିତ ଭୋଇ ପ୍ରମୁଖ ଉପସ୍ଥିତ ରହି ବୃକ୍ଷରୋପଣ କରିଥିଲେ। ଅଭିଯାନ ଅନ୍ତର୍ଗତ ଜିଲ୍ଲାର ସମସ୍ତ ୧୩୧ଟି ଗ୍ରାମ ପଞ୍ଚାୟତରେ ୭୦୦ଟି ଲେଖାଏଁ, ମୋଟ ୯୧,୭୦୦ଟି ବୃକ୍ଷ ରୋପଣ କରାଯାଇଛି। ପରିବେଶ ସୁରକ୍ଷା, ଜଳବାୟୁ ସନ୍ତୁଳନ ଓ ସବୁଜ ଆବରଣ ବୃଦ୍ଧି ଲକ୍ଷ୍ୟରେ ବୃକ୍ଷରୋପଣ କରାଯାଇଥିବା ବେଳେ ରୋପିତ ଚାରାଗୁଡ଼ିକର ଯତ୍ନ ଓ ସୁରକ୍ଷା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତ କରି ଜିଲ୍ଲାପାଳ ଶ୍ରୀ ଦାଶ ପରିବେଶ ସୁରକ୍ଷା ପାଇଁ ଅଧିକରୁ ଅଧିକ ଗଛ ଲଗାଇବା ସହ ରୋପିତ ଚାରାଗୁଡ଼ିକର ଯତ୍ନ ନେବାକୁ ଆହ୍ୱାନ ଦେଇଥିଲେ। ଏଥିସହ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକର ବ୍ୟବହାରରୁ ବିରତ ରହି ପରିବେଶ ସୁରକ୍ଷାରେ ସମସ୍ତେ ସହଭାଗୀ ହେବାକୁ ସେ ଆହ୍ୱାନ ଦେଇଥିଲେ। ଗଛ ଆମ ପରିବେଶର ସୁରକ୍ଷା କବଚ ହୋଇଥିବାରୁ ଏହାର ସୁରକ୍ଷାକୁ ସାମୂହିକ ଦାୟିତ୍ୱ ଭାବେ ଗ୍ରହଣ କରିବାକୁ ସେ କହିଥିଲେ।

# ଲଗାଣ ବର୍ଷାରେ ମାଟିଘର ଭୁଶୁଡ଼ି ବୃଦ୍ଧା ମୃତ



ବେଲଗୁଣ୍ଠା, ୨୫/୦୯:(ଅକ୍ଷର ଓଡିଶା ) ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବରେ ଗଞ୍ଜାମ ଜିଲ୍ଲାରେ ତିନି ଦିନ ଧରି ଲଗାଣ ବର୍ଷା ଜନଜୀବନକୁ ପ୍ରଭାବିତ କରିଥିବାବେଳେ ବେଲଗୁଣ୍ଠା ବ୍ଲକ୍‌ରେ ମାଟି କାନ୍ଥ ଭୁଶୁଡ଼ି ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ଉଦ୍ଧୁରା ପଞ୍ଚାୟତ ଅନ୍ତର୍ଗତ ପୁରୁଣା ଉଦ୍ଧୁରା ଗ୍ରାମର ହରିଜନ ସାହିରେ ଗୁରୁବାର ରାତିରେ ଏହି ଅଘଟଣ ଘଟିଛି। ମୃତକ ହେଲେ ରାମ ନାଇକଙ୍କ ସ୍ତ୍ରୀ ହେମ ନାଇକ (୭୦)। ସୂଚନାନୁସାରେ, ହେମ ନିଜ ଝିଅ ଦୁଃଖୀଙ୍କ ସହ ମାଟି ଛପର ଘରେ ଶୋଇଥିଲେ। ରାତି ପ୍ରାୟ ୧୧ଟା ୩୦ ମିନିଟ୍ ସମୟରେ ଲଗାଣ ବର୍ଷା ଓ ପବନ ଯୋଗୁଁ ଘରର ମାଟି କାନ୍ଥ ଭୁଶୁଡ଼ି ପଡ଼ିଥିଲା। କାନ୍ଥକୁ ଲାଗି ଶୋଇଥିବା ହେମ ଏହାତଳେ ଚାପି ଗୁରୁତର ହୋଇଥିଲେ। ଗ୍ରାମର ମନ୍ମୟ ଖଟେଇ, ଆକାଶ ଓ ରାଜେନ୍ଦ୍ରଙ୍କ ସହାୟତାରେ ହେମଙ୍କ ଦୁଇ ପୁଅ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଭଞ୍ଜନଗର ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ହେମଙ୍କୁ ମୃତ ଘୋଷଣା କରିଥିଲେ।ଶୁକ୍ରବାର ଶବ ବ୍ୟବଚ୍ଛେଦ ପରେ ଅପରାହ୍ଣ ପ୍ରାୟ ୧ଟା ସମୟରେ ଶବକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଶବ ଗ୍ରାମରେ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶରେ ଅନ୍ତିମ ସଂସ୍କାର କରାଯାଇଥିଲା। ଘଟଣା ସମ୍ପର୍କରେ ଖବର ପାଇ ଗୁରୁବାର ରାତିରେ ବେଲଗୁଣ୍ଠା ତହସିଲଦାର କଳାକୃଷ୍ଣ ପ୍ରଧାନ, ରାଜସ୍ୱ ନିରୀକ୍ଷକ ଶିବଶଙ୍କର ସାହୁ, ବିଡିଓ ସିଙ୍ଗାପୁରମ୍ ହରି ଓ ଏସ୍‌ଆଇ ଜ୍ୟୋତ୍ସ୍ନାରାଣୀ ପ୍ରଧାନ ଭଞ୍ଜନଗର ମେଡିକାଲରେ ପହଞ୍ଚି ପରିସ୍ଥିତି ସମ୍ପର୍କରେ ବୁଝିଥିଲେ। ଏହି ଘଟଣା ପରେ ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ, ଘଟଣାର ପୂର୍ବଦିନ ବିଡିଓ, ତହସିଲଦାର, ପିଇଓ ଓ ରାଜସ୍ୱ ନିରୀକ୍ଷକ ଗାଁକୁ ଯାଇ ହେମଙ୍କୁ ତାଙ୍କ ଦୁଇ ପୁଅଙ୍କ ପକ୍କା ଘରକୁ ଯିବାକୁ ପରାମର୍ଶ ଦେଇଥିଲେ। ସେମାନେ ଯିବାକୁ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ଏହାଛଡ଼ା ଲଗାଣ ବର୍ଷାକୁ ଦୃଷ୍ଟିରେ ରଖି ତହସିଲଦାର ଓ ରାଜସ୍ୱ ନିରୀକ୍ଷକଙ୍କ ପକ୍ଷରୁ କେତେକ ଘରକୁ ପାଲ ଯୋଗାଇ ଦିଆଯାଇଥିଲା। ହେମଙ୍କୁ ମଧ୍ୟ ଏକ ପାଲ ଦିଆଯାଇଥିଲା, ଯାହାକୁ ସେ ଘର ଚାଳ ଉପରେ ଘୋଡ଼ାଇଥିଲେ। ତେବେ ଲଗାଣ ବର୍ଷା ଓ ପବନରେ ଘରର ମାଟି ଦୁର୍ବଳ ହୋଇ କାନ୍ଥ ଭୁଶୁଡ଼ିଥିବା ଅନୁମାନ କରାଯାଉଛି ।ସରକାରଙ୍କ ପକ୍ଷରୁ ବର୍ଷା ଓ ବାତ୍ୟା ସମୟରେ 'ଶୂନ୍ୟ ମୃତାହତ' ଲକ୍ଷ୍ୟ ନେଇ ପଦକ୍ଷେପ ନିଆଯାଉଥିବାବେଳେ ଏହି ଘଟଣା ପ୍ରଶାସନିକ ପ୍ରସ୍ତୁତି ଓ ବିପଦପ୍ରବଣ ମାଟିଘରଗୁଡ଼ିକର ସୁରକ୍ଷା ନେଇ ପ୍ରଶ୍ନ ଉଠାଇଛି। ଅନ୍ୟପକ୍ଷରେ, ଅତ୍ୟନ୍ତ ଗରିବ ପରିବାରର ହେମଙ୍କ ମୃତ୍ୟୁ ପରେ ତାଙ୍କ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଯୁବ ସମାଜସେବୀ ମନ୍ମୟ ଖଟେଇ ଓ ସମିତି ସଭ୍ୟ ସୁଧାଂଶୁ ପୋଲାଇ ଦାବି କରିଛନ୍ତି।

ମୁଖ୍ୟ ସମ୍ପାଦକ- ଚୌଧୁରୀ ରମାକାନ୍ତ ଦାସ
Chief Editor- Chaudhury Ramakanta Das

କାର୍ଯ୍ୟକାରୀ ସମ୍ପାଦକ- ଭରତ ଚନ୍ଦ୍ର ବେହେରା
Executive Editor- Bharat Chandra Behera

Published & Owned by **BHARAT KUMAR BEHERA**, Published at -99/6, Kalinga Vihar, Bhubaneswar-751019. Printed at **PRINT-TECH OFFSET PVT. LTD.**, F-66/1 & 2, Chandaka Industrial Area, Bhubaneswar-751024.
T- 0674-3595878, M-9937223063/9937053063, E-akhyaraodisha@gmail.com

ସମ୍ପାଦକ: ଭରତ କୁମାର ବେହେରା
Editor: Bharat Kumar Behera